# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୦/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, October 10/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୩୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 314 | ମୂଲ୍ୟ ₹୭/-




**ମାଳଦ୍ୱୀପରେ ରଶ୍ମିକା**

ବଲିଉଡ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନାୟକ ବିଜୟ ଦେବରକୋଣ୍ଡାଙ୍କ ସହ ମାଳଦ୍ୱୀପରେ ଛୁଟି କାଟୁଛନ୍ତି।

୧୦

୧୪

**ଜାପାନିଜ ଗ୍ରାଁପ୍ରି ଜିତିଲେ ଭର୍ଷ୍ଟାପେନ୍**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ସୁଜୁକାଠାରେ ଜାପାନିଜ ଫର୍ମୁଲା ୱାନ ଗ୍ରାଁପ୍ରିରେ ବିଜୟ ହାସଲ କରିଛନ୍ତି।



# ଭାରତରେ ୪୬୨ ବିଷାକ୍ତ ଔଷଧ

**୨୦୧୯-୨୦ରେ ଭାରତରେ ମୋଟ ୮୧,୩୨୯ ଔଷଧର ନମୁନା ଯାଞ୍ଚ କରାଯାଇଥିଲା। ସେଥିରୁ ୨,୪୯୭ ନମୁନା ଉପଯୁକ୍ତ ମାନର ହୋଇ ନ ଥିବା ଜଣାପଡ଼ିଥିଲା। ୧୯୯ ଔଷଧର ନମୁନାରେ ବିଷାକ୍ତ ପଦାର୍ଥ ଥିବା ସ୍ପଷ୍ଟ ହୋଇଥିଲା। ସେହିପରି ୨୦୨୦-୨୧ରେ ଯାଞ୍ଚ କରାଯାଇଥିବା ୮୪,୮୭୪ ନମୁନାରୁ ୨,୬୫୨ ଉପଯୁକ୍ତ ମାନର ହୋଇ ନ ଥିବାବେଳେ ୨୬୩ ବିଷାକ୍ତ ହୋଇଥିବା କୁହାଯାଇଛି। ଭେଜାଲ ମେଡିସିନ କାରବାର ଅଭିଯୋଗରେ ୨୦୧୯-୨୦ରେ ୨୨୦ ଓ ୨୦୨୦-୨୧ରେ ୧୬୪ ଜଣଙ୍କୁ ଗିରଫ କରାଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।**

ନୂଆଦିଲ୍ଲୀ,୯।୧୦

ହରିୟାଣାର ଏକ ଫାର୍ମା କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ୍ ସିରପ୍ ସେବନ କରି ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ୬୬ ଶିଶୁଙ୍କ ମୃତ୍ୟୁ ଘଟିଥିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସ୍ପଷ୍ଟ କରାଯିବା ପରେ ଦେଶରେ ଧରପଗଡ଼ ଆରମ୍ଭ ହୋଇଛି। ଏଭଳି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାର ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଉକ୍ତ ତଥ୍ୟ ଅନୁଯାୟୀ



୨୦୧୯-୨୧ ମଧ୍ୟରେ ଦେଶର ୪୬୨ ଔଷଧ ନମୁନାରେ ବିଷାକ୍ତ ପଦାର୍ଥ ଠାବ କରାଯାଇଥିଲା। ଏହି ଭେଜାଲ ଓ ଅପମିଶ୍ରିତ ଔଷଧ କାରବାର କରିବା ଅଭିଯୋଗରେ ୩୮୪ ଜଣଙ୍କୁ ଗିରଫ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ କେନ୍ଦ୍ର ସରକାର ଔଷଧ ବ୍ୟବସାୟର ଆଇନଗତ ନିୟମଗୁଡ଼ିକୁ ଶକ୍ତ କରିବା ସମେତ ଅନେକ ପଦକ୍ଷେପ ନେଇଛନ୍ତି। ଔଷଧ ଉତ୍ପାଦନକାରୀ କମ୍ପାନୀ ଓ ନିୟନ୍ତ୍ରକ ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ କର୍ମଶାଳା, ତାଲିମ କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ କରାଯାଉଛି।

ନିକଟରେ ପାର୍ଲାମେଣ୍ଟରେ ସରକାରଙ୍କ ପକ୍ଷରୁ ଉପସ୍ଥାପିତ ତଥ୍ୟ ଅନୁଯାୟୀ ୨୦୧୯ ପରଠାରୁ ଦେଶରେ ଔଷଧର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଅନେକ ନିୟାମକ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତରେ ଉତ୍ପାଦିତ କିମ୍ବା ଏଠାରୁ ଅନ୍ୟ ଦେଶକୁ ରପ୍ତାନି ହେଉଥିବା ପ୍ରତ୍ୟେକ ଆକ୍ଟିଭ୍ ଫାର୍ମାସ୍ୟୁଟିକାଲ୍ ଇନ୍‌ଗ୍ରେଡିଏଣ୍ଟ(ବଲ୍କ ଡ୍ରଗ୍)ର ଲେବେଲ୍‌ରେ କୁଇକ୍ ରେସ୍‌ପନ୍ସ କୋଡ୍ ରଖିବା ପାଇଁ ଡ୍ରଗ୍ସ ରୁଲ୍ସ, ୧୯୪୯ରେ ସଂଶୋଧନ ଅଣାଯାଇଛି। ମେଡିସିନ୍‌ରେ ପ୍ରଦତ୍ତ ତଥ୍ୟରେ ୟୁନିକ୍ ପ୍ରଡକ୍ଟ ଆଇଡେଣ୍ଟିଫିକେଶନ୍ କୋଡ୍, ବ୍ୟାଚ୍ ନମ୍ବର, ମାନୁଫାକ୍ଚରିଂ ଡେଟ୍, ଏକ୍ସପାଏରି ଡେଟ୍ ଆଦି ରହିବା ବାଧ୍ୟତାମୂଳକ କରାଯାଇଛି। କୌଣସି ଔଷଧର ଗୁଣବତ୍ତା ପାଇଁ ତାକୁ ବିକ୍ରି ବା ବିତରଣ କରୁଥିବା ବ୍ୟକ୍ତି ଉତ୍ତରଦାୟୀ ରହିବେ ବୋଲି ଏଥିରେ ଦର୍ଶାଯାଇଛି। ଯେଉଁ କ୍ଷେତ୍ରରେ ଆବେଦନକାରୀ ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ ଅଧୀନରେ ଏକ ଉତ୍ପାଦକୁ ବିକ୍ରି ପାଇଁ ଅନୁମତି ମାଗିବେ, ସେ ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଫର୍ମ ୫୧ରେ ଅଣ୍ଡରଟେକିଂ ଦାଖଲ କରିବେ। ପୂର୍ବରୁ କୌଣସି ଟ୍ରେଡ୍‌ମାର୍କ ରେଜେଷ୍ଟ୍ରି, ସେଣ୍ଟ୍ରାଲ ଡାଟାବେସ୍‌ରେ ଗବେଷଣା ପାଇଁ କିମ୍ବା ବ୍ୟବସାୟ ସକାଶେ ସମ୍ପୃକ୍ତ ଟ୍ରେଡ୍ ନେମ୍ ବା ଔଷଧର ନାମ ବ୍ୟବହୃତ ହୋଇ ନ ଥିବା ସେ ନିଜ ଅଣ୍ଡରଟେକିଂରେ ଉଲ୍ଲେଖ କରିବେ। ଭାରତର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍, କୌଣସି ଆଲେଖ୍ୟ ଓ ରେଫରେନ୍ସ ବୁକ୍‌ରେ ଡ୍ରଗ୍ସ ପ୍ରସ୍ତୁତିର ବିବରଣୀ ନ ଥିବା ନେଇ ତାଙ୍କୁ ଲିଖିତ ଭାବେ ଜଣାଇବାକୁ ପଡ଼ିବ। ଏହାଦ୍ୱାରା ବଜାରରେ ପୂର୍ବରୁ ଉପଲବ୍ଧ ଔଷଧକୁ ନେଇ କୌଣସି ପ୍ରକାର ଦ୍ୱନ୍ଦ୍ୱ ଉପୁଜିବ ନାହିଁ। ଏଥିସହ ଜାଲିଆତିକୁ ମଧ୍ୟ ରୋକାଯାଇପାରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଦିଆଯାଇଥିବା ଉତ୍ତରରୁ ସ୍ପଷ୍ଟ ହୋଇଛି।

## ଓଡ଼ିଶାରେ ନକଲି ଟେଲ୍‌ମା-୪୦

କଟକ ଅଫିସ,୯।୧୦

ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ ପାଇଁ ବ୍ୟବହୃତ ହେଉଥିବା ଟେଲମା-୪୦ ଓ ଟେଲ୍‌ମା- ଏଲଏମ ଟାବଲେଟକୁ ନକଲି କରି ଓଡ଼ିଶାରେ ବିକ୍ରି କରାଯାଉଥିବା ଗତ ମାସରେ ଜଣାପଡ଼ିଥିଲା। ଜନୈକ ବ୍ୟକ୍ତିଙ୍କ ଅଭିଯୋଗକୁ ଭିତ୍ତିକରି ଗତ ସେପ୍ଟେମ୍ବର ୭ ତାରିଖରେ କଟକ ପୁରୀଘାଟ ଥାନା ଅନ୍ତର୍ଗତ ମାଣିକ ଘୋଷ ବଜାରସ୍ଥିତ ୨ ମେଡିସିନ୍ ଷ୍ଟକିଷ୍ଟଙ୍କ ଗୋଦାମରେ ଡ୍ରଗ୍ସ କଣ୍ଟ୍ରୋଲ ଅଧିକାରୀ ଚଢ଼ାଉ କରିଥିଲେ। କ୍ୟୁଆର୍ କୋଡ୍ ଯାଞ୍ଚ ସମୟରେ ଗୋଟିଏ ମେଡିସିନର ଲୋଗୋକୁ ଅବିକଳ ନକଲି କରାଯାଇଥିବା ଜଣାପଡ଼ିବା ପରେ ନମୁନା ସଂଗ୍ରହ କରିବା ସହ ପରୀକ୍ଷା ପାଇଁ ପଠାଯାଇଥିଲା। ଉକ୍ତ ନକଲି ମେଡିସିନ୍ ଉପରେ ଏକ ନାମୀ କମ୍ପାନୀର ନାମକୁ ମଧ୍ୟ ବ୍ୟବହାର କରାଯାଇଥିବା ଜଣାପଡ଼ିବା ପରେ ୨ଷ୍ଟକିଷ୍ଟଙ୍କ ☞ପୃଷ୍ଠା-୪

## ଖେଳପଡ଼ିଆରେ ବଜ୍ରପାତ, ୨ ମୃତ

ସୁନ୍ଦରଗଡ଼/ନୂଆଗାଁ, ୯।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ କନ୍ଦରକେଲା ପଞ୍ଚାୟତର ବନେଇଲତା ଗ୍ରାମରେ ରବିବାର ଅପରାହ୍ନରେ ଫୁଟ୍‌ବଲ ଟୁର୍ନାମେଣ୍ଟ ଚାଲିଥିବାବେଳେ ବଜ୍ରପାତ ଘଟି ୨ ଖେଳାଳିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ନାବାଳକ ଓ ଜଣେ ଯୁବକ ରହିଛନ୍ତି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଖେଳାଳି ଓ ଦର୍ଶକ ରହିଛନ୍ତି।

**୨୦ରୁ ଊର୍ଦ୍ଧ୍ୱ ଆହତ**

ସେମାନଙ୍କୁ ରାଉରକେଲାସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ମୃତକ ହେଲେ ମାଇକେଲ ସୁରିନ (୧୫) ଓ ଅଜୟ ଲାଖୁଆ(୨୪)। ଉଭୟଙ୍କ ଘର ନିକଟସ୍ଥ କୁଆଁରମୁଣ୍ଡା ବ୍ଲକ ପୁଟରିଖମଣ ପଞ୍ଚାୟତର ବାରତାଗୁଟୁ ଗ୍ରାମରେ। ବନେଇଲତା ଗ୍ରାମ ଖେଳପଡ଼ିଆରେ ପ୍ରତି ରବିବାର ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ଟୁର୍ନାମେଣ୍ଟ ହୋଇଥାଏ। ଅପରାହ୍ନରେ ଖେଳ ଚାଲିଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ତେଲଙ୍ଗାନାରୁ ଭାରତ

## ମୁଲାୟମଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର



ନୂଆଦିଲ୍ଲୀ,୯।୧୦

ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ରବିବାର ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଇଣ୍ଟେନ୍‌ସିଭ କେୟାର ୟୁନିଟ୍ (ଆଇସିୟୁ)ରେ ଥିବା ମୁଲାୟମଙ୍କୁ ଜୀବନ ରକ୍ଷାକାରୀ ଔଷଧ ଦିଆଯାଉଛି। ☞ପୃଷ୍ଠା-୪






# ଅର୍ଚ୍ଚନା ଏବଂ ଅଧିକାରୀ

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ରାଜ୍ୟର ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ଗିରଫ ଘଟଣାକୁ ନେଇ ବର୍ତ୍ତମାନ ଗୋଟିଏ ପରେ ଗୋଟିଏ କଥା ସାମ୍ନାକୁ ଆସିବାରେ ଲାଗିଛି। ବଡ଼ବଡ଼ିଆଙ୍କୁ ପ୍ରେମ ଜାଲରେ ପକାଇ ସେମାନଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତ ସମୟର ଭିଡିଓ କରିବା ପରେ ତାକୁ ଧରି ଅର୍ଚ୍ଚନା ବ୍ଲାକ୍‌ମେଲ୍ କରୁଥିବା କୁହାଯାଉଛି। ଏହାରି ଭିତରେ ବିଜେଡି ନେତା ସୂର୍ଯ୍ୟନାରାୟଣ ପାତ୍ର, ଏମ୍‌ପି ଜୁଏଲ ଓରାମଙ୍କ ସହ ତାଙ୍କର ଫଟୋକୁ ନେଇ କେତେକ ଗଣମାଧ୍ୟମ ଖବର ପ୍ରସାରଣ କରୁଛନ୍ତି। ଏବେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ଅର୍ଚ୍ଚନାଙ୍କ ସ୍ୱାମୀ ଉଠାଇଥିବା ଏକ ଫଟୋ ମଧ୍ୟ ଭାଇରାଲ ହେଉଥିବା ବେଳେ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂ ଦେଓ ମଧ୍ୟ ଅର୍ଚ୍ଚନାଙ୍କ ବ୍ଲାକମେଲିଂର ଶିକାର ହୋଇଥିବା ନେଇ ନିର୍ଦ୍ଦିଷ୍ଟ କେତେକ ଗଣମାଧ୍ୟମ ଖବର ପ୍ରସାରଣ କରିସାରିଲେଣି। ଏବେ ଦେଖାଯାଉଛି କେବଳ କେତେଜଣ ରାଜନୈତିକ ବ୍ୟକ୍ତି ଏବଂ ଏକ ବୃହତ୍ ଗହଣା ଦୋକାନୀଙ୍କ ପୁଅଙ୍କ ସମ୍ପର୍କରେ ଖବର ପ୍ରକାଶ କରାଯାଉଛି। ତେବେ ତାଲିକା ସେଇଠି



ଅର୍ଚ୍ଚନା ନାଗ

ସରୁନାହିଁ। ଅର୍ଚ୍ଚନା ଅନେକ ଝିଅଙ୍କୁ ହାତେଇ ବିଭିନ୍ନ ଲୋକଙ୍କ ସେବା କରାଉଥିଲେ। ଅର୍ଚ୍ଚନାଙ୍କ ଜାଲରେ ପ୍ରଶାସନିକ ଅଧିକାରୀ ମଧ୍ୟ ପଡ଼ିଥିଲେ ବୋଲି କୁହାଯାଉଛି। ନେତାଙ୍କ ସହ ଅର୍ଚ୍ଚନାଙ୍କ ସମ୍ପର୍କ ଥିଲା ବୋଲି ଦର୍ଶାଯାଇ ସେମାନଙ୍କ ଫଟୋ ବାହାରକୁ ଆସୁଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ସମ୍ପର୍କରେ ପଦୁଟିଏ କଥା ବାହାରକୁ ଛଡ଼ାଯାଉ ନ ଥିବା ଏବେ ପରିଲକ୍ଷିତ ହେଉଛି। ଯେଉଁ କେତୋଟି ଓଡିଆ ଗଣମାଧ୍ୟମ ଜନତାଙ୍କ ଦୃଷ୍ଟିକୁ ଭିନ୍ନବାଟରେ ନେବା ପାଇଁ ଲାଗିପଡିଛନ୍ତି ସେମାନଙ୍କ ମାଲିକମାନେ ରାଜନୈତିକ ଦୃଷ୍ଟିକୋଣରୁ ଏକଘରିଆ ହୋଇପଡିଥିବାରୁ କ୍ଷମତାର ନିକଟତର ହେବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ଜାଣିଶୁଣି ପ୍ରଶାସନିକ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ନେତାଙ୍କ ସମ୍ପର୍କରେ କେତେକ ଗଣମାଧ୍ୟମ ଜରିଆରେ ଖବର ପ୍ରସାରଣ କରାଯାଉଛି ବୋଲି ଚର୍ଚ୍ଚା ହେଉଛି। ଏହାରି ଭିତରେ ରବିବାର ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି, ଏହି ଘଟଣାରେ କେଉଁ ଆଇପିଏସ୍ ଓ ଆଇଏଏସ୍ ଅଧିକାରୀ ସମ୍ପୃକ୍ତ ଅଛନ୍ତି ତା'ର ତଦନ୍ତ ହେବା ଦରକାର।

ଅନ୍ୟପଟେ ଯଦି ଏହି ଘଟଣାରେ ପ୍ରଶାସନିକ ଅଧିକାରୀ କିମ୍ବା ଆଇପିଏସ୍ ଅଧିକାରୀଙ୍କ ସମ୍ପୃକ୍ତି ନାହିଁ ତେବେ କାହିଁକି ଏ କଥାରେ ପୋଲିସ ପାଟି ☞ପୃଷ୍ଠା-୪

# ଆଖିରୁ ଜଣାପଡ଼ିବ ହୃଦ୍‌ଘାତ ଆଶଙ୍କା

## ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଆଖି ଟେଷ୍ଟ କରିବ 'କ୍ୱାର୍ଜ'

ଲଣ୍ଡନ, ୯।୧୦

ବିଶ୍ୱରେ ହୃଦ୍‌ଘାତଜନିତ ମୃତ୍ୟୁସଂଖ୍ୟା ଉଦ୍‌ବେଗଜନକ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁସାରେ ପ୍ରତିବର୍ଷ ବିଶ୍ୱବ୍ୟାପୀ ପ୍ରାୟ ୧ କୋଟି ୮୦ ଲକ୍ଷ ଲୋକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟୁଛି। ଭାରତରେ ଯୁବବର୍ଗଙ୍କଠାରେ ଏଭଳି ସ୍ୱାସ୍ଥ୍ୟସଙ୍କଟ ଚିନ୍ତାର କାରଣ ପାଲଟିଥିବାବେଳେ ସମୟ ଆଗରୁ ଲୋକଙ୍କ ହୃଦ୍‌ରୋଗ ଆଶଙ୍କା କିମ୍ବା ଏଥିରେ କେହି ପୀଡ଼ିତ ଅଛନ୍ତି କି ନାହିଁ ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାର କରିଛନ୍ତି। ଏଆଇ ସକ୍ଷମ ଏକ ଉପକରଣ ଦ୍ୱାରା କେବଳ ଆଖି ପରୀକ୍ଷାରୁ ଜଣଙ୍କଠାରେ ହୃଦ୍‌ରୋଗ ଆଶଙ୍କା କେତେ ତାହା ଜଣାପଡ଼ିବ। ଏହାଦ୍ୱାରା ସମୟ ପୂର୍ବରୁ ଜଣେ ଆବଶ୍ୟକ ଚିକିତ୍ସା ଏବଂ ଜୀବନଶୈଳୀ ଆପଣାଇପାରିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତୀୟ ଏକ ଗବେଷଣା ରିପୋର୍ଟ ବ୍ରିଟିଶ ଜର୍ନାଲ ଅଫ୍





ଅପ୍‌ଥାଲ୍‌ମୋଲୋଜିରେ ପ୍ରକାଶ ପାଇଛି।

ଏଆଇ ଟେକ୍ନୋଲୋଜି ସକ୍ଷମ ଏକ ଉପକରଣ 'କ୍ୱାର୍ଜ' ରେଟିନା ସ୍କାନ୍ କରି ୧ ମିନିଟ୍‌ରୁ ବି କମ୍ ସମୟରେ ହୃଦ୍‌ରୋଗ ବିଷୟରେ କହିପାରିବ ବୋଲି ଗବେଷଣାରୁ ଜଣାପଡ଼ିଛି। କୌଣସି ରକ୍ତ ପରୀକ୍ଷା କିମ୍ବା ରକ୍ତଚାପ ଟେଷ୍ଟ ବିନା ମଧ୍ୟ ଏହି ସ୍କାନିଂ ରିପୋର୍ଟ ହୃଦ୍‌ରୋଗ ସମ୍ବନ୍ଧୀୟ ଠିକ୍ ତଥ୍ୟ ଦେଇପାରିବ। ରେଟିନା ସ୍କାନ୍‌ରେ ଆଖିରେ ରକ୍ତ ସଞ୍ଚାଳନର ମାତ୍ରାରୁ ଜଣଙ୍କ ହୃଦ୍‌ଘାତ ହେବା ଆଶଙ୍କା କେତେ ରହିଛି ତାହା ଜଣାପଡ଼ିବ ବୋଲି ଗବେଷକମାନେ କହିଛନ୍ତି। ବ୍ରିଟେନ ବାୟୋବ୍ୟାଙ୍କରେ ଭାଗ ନେଇଥିବା ୮୮,୦୫୨ ଜଣଙ୍କ ଉପରେ ଏହି ଉପକରଣ ଦ୍ୱାରା ପରୀକ୍ଷଣ କରାଯାଇଥିଲା। ୪୦ରୁ ୬୯ ବର୍ଷୀୟ ଏହି ଅଂଶଗ୍ରହଣକାରୀଙ୍କ ଆଖି ସ୍କାନ୍ କରାଯାଇଥିଲା। ରେଟିନାରେ ରକ୍ତ ସଞ୍ଚାଳନ, ଶିରା ଧମନୀର ଆକାର ତଥା ଏଥିରେ ରକ୍ତ ପ୍ରବାହ ବେଳେ ଏହାର ଚଉଡ଼ା କେତେ ରହୁଛି ତାହା ନିରୀକ୍ଷଣ ☞ପୃଷ୍ଠା-୪




**ପାଉଁଜି ପାଇଁ ବୃଦ୍ଧାଙ୍କ ପାଦ କାଟିଦେଲେ**

ରାଜସ୍ଥାନ ଜୟପୁରର ମିନା କଲୋନୀରେ ରହୁଥିବା ୧୦୦ ବର୍ଷୀୟା ଯମୁନା ଦେବୀଙ୍କ ପାଦ ହାଣି ଦେଇଛନ୍ତି କେତେଜଣ ଦୁର୍ବୃତ୍ତ। ରବିବାର ସକାଳେ ଯମୁନା ରକ୍ତାକ୍ତ ଅବସ୍ଥାରେ ଘର ବାହାରେ ପଡ଼ିଥିବାର ସେ ରହୁଥିବା ଘରର ମାଲିକ ଦେଖିଥିଲେ। ପରେ ବୃଦ୍ଧାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯମୁନା ଦେବୀ କୌଣସି କାମରେ ଘର ବାହାରେ ଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ପାଉଁଜି ନେବା ପାଇଁ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ପାଦ କାଟି ଦେଇଥିବା ସ୍ଥାନୀୟ ପୋଲିସ କହିଛି। ସିସିଟିଭି ଫୁଟେଜ୍ ଆଧାରରେ ଘଟଣାର ତଦନ୍ତ ଜାରି ରହିଛି।



ନ୍ୟୁୟର୍କ ସିଟିର ଫୋଲେ ସ୍କୋୟାରରେ ମହିଳାଙ୍କ ଗର୍ଭପାତ ଅଧିକାର ସପକ୍ଷରେ ବିଶାଳ ଶୋଭାଯାତ୍ରା।

# ଗର୍ଭପାତ ଅଧିକାର ଫେରାଇଦିଅ

ନ୍ୟୁୟର୍କ,୯।୧୦

ନଭେମ୍ବର ୮ରେ ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ବିକ୍ଷୋଭକାରୀମାନେ ନିଜ ଶରୀର ସମ୍ପର୍କିତ ନିଷ୍ପତ୍ତି ନିଜେ ନେବା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। କଂଗ୍ରେସ ଉପରେ ଶାସକ ଡେମୋକ୍ରାଟମାନେ ନିଜ ନିୟନ୍ତ୍ରଣକୁ ମଜଭୁତ କରିବା ପାଇଁ ସଂଘର୍ଷ ଜାରି ରଖିଥିବାବେଳେ ଏହି ନିର୍ବାଚନ ଏପରି ଅଧିକାରର ଭବିଷ୍ୟତ ଉପରେ ନିର୍ଣ୍ଣାୟକ ପ୍ରଭାବ ପକାଇପାରେ। ଏହି ପରିପ୍ରେକ୍ଷୀରେ ଅଣଲାଭକାରୀ ସଙ୍ଗଠନ ଓମେନ୍ସ ମାର୍ଚ୍ଚ ଅର୍ଗାନାଇଜେଶନ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ରଚେଲ ଓ'ଲେଆରି କାର୍‌ମୋନା ଟୁଇଟ୍ କରିଛନ୍ତି, ପ୍ରତ୍ୟେକ ଗର୍ଭପାତ ବିରୋଧୀ ରାଜନେତାଙ୍କ ପାଇଁ ମହିଳାମାନଙ୍କ ହ୍ୱାଓ୍ୱା ବହିବାକୁ ଆସୁଛି। ପ୍ରକାଶ ଯେ, ମହିଳାଙ୍କ ଗର୍ଭପାତ ଅଧିକାର ନେଇ ରହିଆସିଥିବା ଅର୍ଦ୍ଧଶତାବ୍ଦୀ ପୁରୁଣା ସାମ୍ବିଧାନିକ ଅଧିକାରକୁ ଗତ ଜୁନ୍‌ରେ ଆମେରିକା ସୁପ୍ରିମକୋର୍ଟ ଉଚ୍ଛେଦ କରିଥିଲେ। ଏହା ଉପରେ ରାଜ୍ୟଗୁଡ଼ିକର ନିଜସ୍ୱ ନିୟମ ଅନୁସାରେ ମହିଳାମାନେ ପରିଚାଳିତ ହେବେ ବୋଲି ଅଦାଲତ ରୋ ବନାମ ୱେଡ୍ ମାମଲାର ରାୟରେ ସ୍ପଷ୍ଟ କରିବା ପରଠୁ ଦେଶରେ ଗର୍ଭପାତ ସପକ୍ଷବାଦୀଙ୍କ ଆନ୍ଦୋଳନ ମୁଣ୍ଡ ଟେକିଛି। ଏକ ସଦ୍ୟ ଘଟଣାକ୍ରମରେ ଶୁକ୍ରବାର ଆରିଜୋନାସ୍ଥିତ ଏକ ଅପିଲ କୋର୍ଟ ଏହି ଦକ୍ଷିଣପଶ୍ଚିମ ରାଜ୍ୟରେ ଗର୍ଭପାତ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି।

## 'ମୋ ସ୍ତ୍ରୀଙ୍କୁ ମାରନାହିଁ, ସେ ଗର୍ଭବତୀ'

ତେହରାନ,୯।୧୦

ଇରାନର ରଫସାନଜାନ୍ ସହରରେ ଜଣେ ବ୍ୟକ୍ତି ପୋଲିସ ବର୍ବରତାରୁ ନିଜ ସ୍ତ୍ରୀଙ୍କୁ ରକ୍ଷା କରିବାକୁ ଯାଇ ଚିତ୍କାର କରୁଛନ୍ତି, ମୋ ସ୍ତ୍ରୀଙ୍କୁ ମାରନାହିଁ, ସେ ଗର୍ଭବତୀ ଅଛନ୍ତି। ରାଜଧାନୀ ତେହରାନସ୍ଥିତ ଏକ ହାଇସ୍କୁଲରେ ସୁରକ୍ଷା ବଳ ଛାତ୍ରୀମାନଙ୍କ ଉପରେ ଦମନଲୀଳା ଚଳାଇଥିବା ଅନେକ ଭିଡିଓ ଟୁଇଟରରେ ବହୁଳ ପ୍ରସାରିତ ହୋଇଛି। ନରୱେର ଇରାନ ହ୍ୟୁମାନ୍ ରାଇଟ୍ସ ପକ୍ଷରୁ କୁହାଯାଇଛି ଯେ, ଦେଶବ୍ୟାପୀ ସରକାର ବିରୋଧୀ ଆନ୍ଦୋଳନ ବେଳେ ଅନ୍ୟୁନ ୧୯ ଶିଶୁଙ୍କ ସମେତ ୧୮୫ ଜଣଙ୍କ ମୃତ୍ୟୁ ଘଟିଲାଣି, ଯାହାଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା। ଅନ୍ୟପକ୍ଷେ ଇରାନର ଇବ୍ରାହିମ୍ ରଇସି ସରକାର ଏହି ବିକ୍ଷୋଭକୁ ଆମେରିକା ସମେତ ଅନ୍ୟ ଶତ୍ରୁରାଷ୍ଟ୍ରଗୁଡ଼ିକର ଷଡ଼ଯନ୍ତ୍ର ବୋଲି ଅଭିହିତ କରିଛନ୍ତି। ପ୍ରକାଶ ଯେ, ଉଚିତ ଢଙ୍ଗରେ ହିଜାବ ପିନ୍ଧି ନ ଥିବା ଦର୍ଶାଇ ଇରାନର ଧର୍ମୀୟ ବ୍ୟାପାର ପୋଲିସ ୨୨ ବର୍ଷୀୟା ମହସା ଅମିନୀଙ୍କୁ ପିଟି ହତ୍ୟା କରିବା ପରଠାରୁ ମୁଣ୍ଡ ଟେକିଥିବା ଆନ୍ଦୋଳନ ଏବେ ବିଭିନ୍ନ ଦେଶକୁ ବ୍ୟାପିସାରିଲାଣି। ବିକ୍ଷୋଭକାରୀମାନେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିବାବେଳେ ପୋଲିସ ସେମାନଙ୍କୁ ଖୋଜି ଖୋଜି ଗୁଳି କରୁଛି। ଏହି ପରିପ୍ରେକ୍ଷୀରେ ଆମେରିକା ଓ କାନାଡା ଇରାନୀୟ କର୍ତ୍ତୃପକ୍ଷଙ୍କ ବିରୋଧରେ କଟକଣା ଜାରି କରିଥିବାବେଳେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ସହ ଯାତ୍ରା ଉପରେ କଟକଣା ଲଗାଇବାକୁ ୟୁରୋପୀୟ ସଂଘ (ଇୟୁ) ବିଚାର କରୁଛି। ଯେଉଁମାନେ ମହିଳା ଓ ଝିଅଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ପିଟୁଛନ୍ତି, ଅପହରଣ କରି ମନମୁଖି ଜେଲରେ ଭରୁଛନ୍ତି ସେମାନେ ଇତିହାସର ଭୁଲ୍ ପାର୍ଶ୍ୱରେ ଛିଡ଼ା ହୋଇଛନ୍ତି ବୋଲି ଜର୍ମାନ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବେରବୋକ୍ ନିନ୍ଦା କରିଛନ୍ତି।

**ଇରାନ ଉପରେ କଟକଣା ଲଗାଇବ ଜର୍ମାନୀ**


ଜର୍ମାନ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବେରବୋକ୍

## ଦେଶର ପ୍ରଥମ ୨୪ ଘଣ୍ଟିଆ ସୌର ଶକ୍ତିସମ୍ପନ୍ନ ଗ୍ରାମ ମୋଧେରା

**ଗାନ୍ଧୀନଗର,୯।୧୦:** ଗୁଜରାଟର ମୋଧେରା ଦେଶର ପ୍ରଥମ ସୌର ଶକ୍ତିସମ୍ପନ୍ନ ଗ୍ରାମ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ରବିବାର ମୋଦି ଏକ ଦଳୀୟ ରାଲିକୁ ସମ୍ବୋଧନବେଳେ କହିଛନ୍ତି ଗୁଜରାଟର ମୋଧେରା ସୂର୍ଯ୍ୟମନ୍ଦିର ପାଇଁ ବେଶ୍ ପରିଚିତ କିନ୍ତୁ ବର୍ତ୍ତମାନ ଏହି ଗ୍ରାମ ସୌର ଶକ୍ତି ପାଇଁ ମଧ ଦେଶରେ ଜଣାଶୁଣା ହେବ। ସପ୍ତାହ ତମାମ ଦିନରାତି ୨୪ ଘଣ୍ଟା ଏଠାରେ ସୌର ଶକ୍ତି ଉତ୍ପନ୍ନ ହେବ। ଏ ନେଇ ଗ୍ରାମରେ ଏକ ଗ୍ରାଉଣ୍ଡ ମାଉଣ୍ଟେଡ୍ ସୋଲାର ପାୱାର ପ୍ଲାଣ୍ଟ ତିଆରି କରାଯାଇଥିବାବେଳେ ସରକାରୀ କାର୍ଯ୍ୟାଳୟ ଓ ଲୋକଙ୍କ ଘର ଛାତରେ ୧୩ ଶହ ସୋଲାର ସିଷ୍ଟମ ଖଞ୍ଜା ଯାଇଛି। ଚଳିତବର୍ଷ ଶେଷରେ ଭାଜପା ଶାସିତ ରାଜ୍ୟ ଗୁଜରାଟରେ ଆସେମ୍ବ୍ଲି ଇଲେକ୍ସନ କରାଯିବାର ସମ୍ଭାବନା ରହିଛି।

## ଛାତ ଭୁଶୁଡ଼ି ପରିବାରର ୯ ଜଣଙ୍କ ମୃତ୍ୟୁ

**ଇସ୍‌ଲାମାବାଦ,୯।୧୦:** ପାକିସ୍ତାନର ଗିଲ୍‌ଗିଟ ବାଲ୍ଟିସ୍ତାନ ଅନ୍ତର୍ଗତ ଚିଲାସ ସହରରେ ରବିବାର ସକାଳେ ଏକ ଘରର ଛାତ ଭୁଶୁଡ଼ି ପଡ଼ିବାରୁ ପରିବାରର ୯ ଜଣ ସଦସ୍ୟ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଜଣେ ରେଷ୍ଟୁରାଣ୍ଟର ୱେଟରଙ୍କ ସ୍ତ୍ରୀ, ତାଙ୍କର ୪ ପୁଅ ଓ ୪ ଝିଅ। ଘର ଛାତ ଭୁଶୁଡ଼ିବା ସମୟରେ ୱେଟର ଜଣକ ରେଷ୍ଟୁରାଣ୍ଟରେ ଥିବାରୁ ବର୍ତ୍ତିଯାଇଛନ୍ତି। ଘର ଭୁଶୁଡ଼ିବା ଶବ୍ଦ ଶୁଣି ପଡୋଶୀମାନେ ଧାଇଁଯାଇଥିଲେ ହେଁ ପରିବାର ଲୋକଙ୍କୁ ଉଦ୍ଧାର କରିପାରି ନ ଥିଲେ।

# ଗର୍ଭବତୀ ପୀଡ଼ିତାଙ୍କୁ ଜାଳିଦେଲେ

**ୟୁପିରେ ଅମୁନି ବର୍ବରତା**

ଲକ୍ଷ୍ନୌ/ଜୟପୁର,୯।୧୦



- ଚଳନ୍ତା କାର୍‌ରେ ଛାତ୍ରୀଙ୍କୁ ବଳାତ୍କାର କଲେ ଡ୍ରାଇଭର
- ୨ ବର୍ଷ ପରେ ପ୍ରେମିକ ଘରୁ ଯୁବତୀଙ୍କ କଙ୍କାଳ ଜବତ
- ରାଜସ୍ଥାନରେ ଦଳିତ ମହିଳାଙ୍କୁ ନିଶା ଦେଇ ଗଣବଳାତ୍କାର

ଉତ୍ତରପ୍ରଦେଶର ମୈନପୁରୀ ଜିଲାରେ ଜଣେ ଗର୍ଭବତୀ ଝିଅଙ୍କୁ ପୋଡ଼ି ମାରିଦିଆଯାଇଛି। ସେ ୩ ମାସ ପୂର୍ବରୁ ବଳାତ୍କାରର ଶିକାର ହୋଇ ଗର୍ଭବତୀ ହୋଇଥିଲେ। ପୋଲିସ ୩ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୀଡ଼ିତାଙ୍କ ମା'ଙ୍କ କହିବା ଅନୁଯାୟୀ ୩ ମାସ ତଳେ ତାଙ୍କ ଝିଅଙ୍କୁ ଅଭିଷେକ ନାମକ ଯୁବକ ବଳାତ୍କାର କରିଥିଲେ। ଝିଅ ଏନେଇ ଘରେ ଜଣାଇ ନ ଥିଲେ। ପେଟରେ ଯନ୍ତ୍ରଣା ହେବାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଗତ ୬ ତାରିଖରେ ପଞ୍ଚାୟତ ବସି ପୀଡ଼ିତାଙ୍କୁ ବିବାହ କରିବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଅଭିଯୁକ୍ତଙ୍କ ମା' ପୀଡ଼ିତାଙ୍କୁ ନିଜ ଘରକୁ ନେଇ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ହସ୍ପିଟାଲ ଓ ପରେ ସଇଫାଇ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଆଇପିସିର ଦଫା ୩୦୭, ୩୭୬ ଏବଂ ପୋକ୍ସୋ ଆଇନରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଛି। ସେହିପରି ସୁଲତାନପୁର ଅନ୍ତର୍ଗତ ଜୟସିଂପୁର ଅଞ୍ଚଳରେ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଚଳନ୍ତା କାର୍‌ରେ ବଳାତ୍କାର କରାଯାଇଛି। ୨୩ ବର୍ଷୀୟା ବି.ଟେକ୍ ଛାତ୍ରୀ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫେରିବା ପାଇଁ ରାସ୍ତାରେ ଏକ ଏସ୍‌ୟୁଭିକୁ ଲିଫ୍ଟ ମାଗିଥିଲେ। ଡାଇଭର ତାଙ୍କୁ କାର୍ ଭିତରେ ବଳାତ୍କାର କରି ଏକ କେନାଲକୁ ଫିଙ୍ଗିଦେଇଥିଲେ। ଅନ୍ୟ ଏକ ଘଟଣାରେ ଫିରୋଜାବାଦ ଜିଲା କିଥାଉତ୍ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ତାଙ୍କ ପ୍ରେମିକାଙ୍କ କଙ୍କାଳ ରବିବାର ଜବତ ହୋଇଛି। ୨୦୨୦ ନଭେମ୍ବର ୨୦ରେ ନିଜ ୨୨ ବର୍ଷୀୟା ଝିଅ ନିଖୋଜ ହୋଇଯାଇଥିବା ନେଇ ବିକ୍ରମ ସିଂ ଥାନାରେ ଏତଲା ଦେଇଥିଲେ। ସେବେଠୁ ଝିଅ ଓ ତାଙ୍କ ପ୍ରେମିକ ଗୌରବଙ୍କୁ ପୋଲିସ ଖୋଜୁଥିଲା। ଶନିବାର ଗୌରବ ଗିରଫ ହେବା ପରେ ନିଜ ଦୋଷ ମାନିଛନ୍ତି। ପ୍ରେମିକା ବିବାହ ପାଇଁ ତାଙ୍କ ଉପରେ ଚାପ ପକାଉଥିବାରୁ ସେ ତାଙ୍କୁ ଅପହରଣର ଦିନକ ପରେ ବିଷଦେଇ ହତ୍ୟା କରିଥିଲେ। ତାଙ୍କ ମୃତଦେହକୁ ନିଜ ଘର ଭିତରେ ପୋତିଦେଇ ଫେରାର ହୋଇଯାଇଥିବା ସ୍ୱୀକାର କରିଛନ୍ତି। ରାଜସ୍ଥାନରେ ମଧ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ଆଜମେରରେ ଜଣେ ୨୫ ବର୍ଷୀୟା ଦଳିତ ମହିଳାଙ୍କୁ କିଛିଦିନ ଧରି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପୂଜକ ଅଛନ୍ତି। ମହିଳାଙ୍କୁ ଅନେକ ଦିନ ଧରି ଏକ ଘରେ ଅଟକ ରଖାଯାଇଥିଲା। ପୀଡ଼ିତାଙ୍କ ପରିବାରର ପୁରୋହିତ ସଞ୍ଜୟ ଶର୍ମା ଅପରାଧ ଘଟଣାର ଭିଡିଓ ରେକର୍ଡିଂ କରାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ମହିଳା ଜଣକ ଘରେ ଏକାକୀ ଥିବାବେଳେ ସଞ୍ଜୟ ପ୍ରଥମେ ବଳାତ୍କାର କରି ଏହାର ଭିଡିଓ ରେକର୍ଡିଂ କରାଇଥିଲେ। ପରେ ସେ ଉକ୍ତ ଭିଡିଓ ଦେଖାଇ ପୀଡ଼ିତାଙ୍କୁ ବ୍ଲାକ୍‌ମେଲିଂ କରିବା ସହ ଅର୍ଥ ଆଦାୟ କରୁଥିଲେ। ସେ ପୁଣିଥରେ କେତେଜଣଙ୍କ ସହ ମିଶି ପୀଡ଼ିତାଙ୍କୁ ନିଶା ଦେଇ ଗଣବଳାତ୍କାର କରିଥିବା ଆଜମେର ନର୍ଥର ଡିଏସ୍‌ପି ଛବି ଶର୍ମା କହିଛନ୍ତି।

**ଭିଏଚ୍‌ପି ରାଲିରେ ଘୃଣା ମନ୍ତବ୍ୟ**

## 'ଆକ୍ରମଣକାରୀଙ୍କ ମୁଣ୍ଡ ହାତ କାଟିଦିଅ'

ନୂଆଦିଲ୍ଲୀ,୯।୧୦

ଦିଲ୍ଲୀରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ଏକ ରାଲି ଘୃଣା ଭାଷଣ ମଞ୍ଚରେ ପରିଣତ ହୋଇଛି। ଯେଉଁମାନେ ତୁମକୁ ଆକ୍ରମଣ କରୁଛନ୍ତି ସେମାନଙ୍କ ମୁଣ୍ଡ କାଟିବା ସହ ହାତ ହାଣିଦିଅ ବୋଲି ରାଲିରେ ଯୋଗଦେଇଥିବା ଜଗଦ୍‌ଗୁରୁ ଯୋଗେଶ୍ୱର ଆଚାର୍ଯ୍ୟ କହିଥିଲେ। କିଛିଦିନ ପୂର୍ବରୁ ଦିଲ୍ଲୀରେ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ମୁସଲମାନ ସମ୍ପ୍ରଦାୟର କେତେଜଣ ହତ୍ୟା କରିଥିଲେ। ଏହାକୁ ଲକ୍ଷ୍ୟକରି ଜଗଦ୍‌ଗୁରୁ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଆକ୍ରମଣକାରୀଙ୍କୁ ଚିହ୍ନଟ କରି ମାର। ଆବଶ୍ୟକ ହେଲେ ସେମାନଙ୍କ ହାତ ଓ ମୁଣ୍ଡ କାଟିଦିଅ। ଏଥିପାଇଁ ଜେଲ ଯିବାକୁ ପଡ଼ିବ। କିନ୍ତୁ ଏହା ସେହି ତତ୍ତ୍ୱମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବ ବୋଲି ଯୋଗେଶ୍ୱର କହିଛନ୍ତି। ସେହିପରି ଅନ୍ୟତମ ବକ୍ତା ମହନ୍ତ ନୱାଲ କିଶୋର ଦାସ୍ ହିନ୍ଦୁମାନଙ୍କୁ ବନ୍ଧୁକ ରଖିବାକୁ କହିଛନ୍ତି। ଲାଇସେନ୍ସ ଥାଉ କି ନ ଥାଉ ବନ୍ଧୁକ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଏହା ଏକ ଜନଆକ୍ରୋଶ ରାଲି। ଏଠାରେ କୌଣସି ସମ୍ପ୍ରଦାୟ ନୁହେଁ, ଜିହାଦି ତତ୍ତ୍ୱଙ୍କ ବିରୋଧରେ ବାର୍ତ୍ତା ଦିଆଯାଉଛି ବୋଲି ଭିଏଚ୍‌ପି ମୁଖପାତ୍ର ବିନୋଦ ବଂଶଲ କହିଛନ୍ତି। ଜିହାଦି ତତ୍ତ୍ୱଙ୍କଠାରୁ ରକ୍ଷା ପାଇବା ପାଇଁ ଆତ୍ମରକ୍ଷା କୌଶଳ ଆପଣାଇବା ଜରୁରୀ ବୋଲି ସେ ମତ ଦେଇଛନ୍ତି।

## ସ୍ପେସ୍‌ୱାକ୍ କରିବେ ଟମ୍ କ୍ରୁଶ୍

**ୱାଶିଂଟନ୍, ୯।୧୦:** ପୃଥିବୀରେ ଅନେକ ରିଅଲ୍ ଷ୍ଟଣ୍ଟ ଦେଖାଇସାରିଥିବା ହଲିଉଡ୍ ଷ୍ଟାର ଟମ୍ କ୍ରୁଶ୍ (୬୦) ଏବେ ତାଙ୍କ ପ୍ରଶଂସକଙ୍କୁ ଆହୁରି ଆଶ୍ଚର୍ଯ୍ୟ କରିବାକୁ ଯାଉଛନ୍ତି। ନିଜ ଆକ୍ସନ ପାଇଁ ପ୍ରସିଦ୍ଧ ଏହି ଅଭିନେତା ନିଜ ଆଗାମୀ ଫିଲ୍ମ ପାଇଁ ଅର୍ନ୍ତଜାତୀୟ ସ୍ପେସ୍ ଷ୍ଟେଶନ ଯିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ସେଠାରେ ସେ ସ୍ପେସ୍ ୱାକ୍ କରିବେ। ଏପରି କରିବାରେ ଟମ୍ ପ୍ରଥମ ନାଗରିକ ତଥା ପ୍ରଥମ ଅଭିନେତା ହେବେ ବୋଲି କୁହାଯାଉଛି। ୟୁନିଭର୍ସାଲ ଷ୍ଟୁଡିଓର ଚେୟାରପର୍ସନ ଡାମେ ଡୋନା ଏକ ସାକ୍ଷାତ୍‌କାରରେ ଏହି ସୂଚନା ଦେଇଛନ୍ତି। ଟମ୍ ଫିଲ୍ମରେ ଜଣେ ସୁପରହିରୋ ଭୂମିକାରେ ନଜର ଆସିବେ ବୋଲି ଡୋନା କହିଛନ୍ତି।



## ୩୫ ବର୍ଷ ପରେ ବନ୍ଦ ଘରୁ ମୁକୁଳିଲେ ମହିଳା

ଲକ୍ଷ୍ନୌ,୯।୧୦

ଉତ୍ତର ପ୍ରଦେଶର ଫିରୋଜାବାଦ୍‌ରେ ଦୀର୍ଘ ୩୫ ବର୍ଷ ଧରି ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଏକ ଅଣସରକାରୀ ସଂଗଠନ (ଏନ୍‌ଜିଓ) ଉଦ୍ଧାର କରିଛି। ଚିକିତ୍ସା ପାଇଁ ମହିଳାଙ୍କୁ ଆଗ୍ରା ସ୍ଥିତ ମେଣ୍ଟାଲ ହସ୍ପିଟାଲରେ ଭର୍ତ୍ତିକରାଯାଇଛି। ସେବା ଭାରତୀ ଏନ୍‌ଜିଓକୁ ଭାଜପା ବିଧାୟିକା ଅଞ୍ଜୁଲା ମାହୋର ସାହାଯ୍ୟ କରିଥିବା କୁହାଯାଉଛି। ୧୭ ବର୍ଷ ବୟସରେ ମହିଳାଙ୍କ ରୋଗ ବିଷୟରେ ତାଙ୍କ ପରିବାର ଅବଗତ ହୋଇଥିଲେ। ସେମାନେ ତାଙ୍କୁ ଏକ ବନ୍ଦ କୋଠରିରେ ଶିକୁଳିରେ ବାନ୍ଧି ରଖିଥିଲେ। ଗାଧୋଇବା ପାଇଁ ଝରକା ବାଟେ ପାଣି ଏବଂ କବାଟ ଫାଙ୍କରେ ତାଙ୍କୁ ଖାଦ୍ୟ ଦିଆଯାଉଥିଲା।

# ବୈଷୟିକ ଶିକ୍ଷାରେ ଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଭାରତର ପ୍ରଗତିକୁ ଗତିଶୀଳ କରାଇବ

ଚଣ୍ଡିଗଡ଼,୯।୧୦(ପି.ଟି.)



ଦେଶର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ ଅଧିକରୁ ଅଧିକ ଛାତ୍ରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖାଇବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରବିବାର ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଇଞ୍ଜିନିୟରିଂ କଲେଜ୍ (ପିଇସି)ର ୫୨ତମ ସମାବର୍ତ୍ତନ ଉତ୍ସବ ଏବଂ ଶତବାର୍ଷିକୀର ଉଦ୍‌ଯାପନୀ ଉତ୍ସବରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଏଭଳି ପରାମର୍ଶ ଦେଇଛନ୍ତି। ଦେଶକୁ ବହୁସଂଖ୍ୟାରେ ମେଧାବୀ ଛାତ୍ରୀଛାତ୍ର ପ୍ରଦାନ କରିଥିବା ପିଇସିକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଥିଲେ। ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ଭାରତରେ ଫ୍ଲୁଇଡ୍ ଡାଇନାମିକ୍ସ ଗବେଷଣାର ଜନକ ପ୍ରଫେସର ସତୀଶ ଧାୱନ, ବିଶିଷ୍ଟ ଶିକ୍ଷାବିତ୍ ତଥା ଆଇଆଇଟି ଦିଲ୍ଲୀର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଆର୍.ଏନ. ଡୋଗ୍ରା ଏବଂ ମିସାଇଲ୍ ଟେକ୍‌ନୋଲୋଜି ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍ ବିଶେଷଜ୍ଞ ଡ. ସତୀଶ କୁମାର ପଞ୍ଜାବ ଇଞ୍ଜିନିୟରିଂ କଲେଜର ପୂର୍ବତନ ଛାତ୍ର। ମହାକାଶକୁ ଯାଇଥିବା ଭାରତୀୟ ବଂଶୋଦ୍ଭବ ପ୍ରଥମ ମହିଳା କଳ୍ପନା ଚାୱଲା ପିଇସି ଏରୋନଟିକାଲ ଇଞ୍ଜିନିୟରିଂର ପୂର୍ବତନ ଛାତ୍ରୀ। ତାଙ୍କ ନାମରେ ଉକ୍ତ କଲେଜରେ କଳ୍ପନା ଚାୱଲା ଚେୟାର ଅଫ୍ ଜିଓସ୍ପାଟିଆଲ୍ ଟେକ୍‌ନୋଲୋଜି ସ୍ଥାପନ କରାଯାଇଥିବା ମୁର୍ମୁ କହିଥିଲେ। ଛାତ୍ରୀଛାତ୍ରମାନେ ଆଗାମୀ ଭାରତର ନିର୍ମାତା। ସେମାନେ ଜୀବନରେ ଯାହା ହେବାକୁ ନିଷ୍ପତ୍ତି ନିଅନ୍ତୁ ନା କାହିଁକି ମାତୃଭୂମି ପ୍ରତି ସେମାନଙ୍କ କର୍ତ୍ତବ୍ୟ କଦାପି ଭୁଲିଯିବା ଉଚିତ ନୁହେଁ ବୋଲି ରାଷ୍ଟ୍ରପତି କହିଛନ୍ତି।

# ଜାପୋରିଝିଆରେ ରକେଟ୍ ମାଡ଼: ୧୭ ମୃତ

ଜାପୋରିଝିଆ, ୯।୧୦

ରୁଷିଆକୁ କ୍ରିମିଆ ଉପଦ୍ୱୀପ ସହ ଯୋଡୁଥିବା ୟୁରୋପର ଦୀର୍ଘତମ କେରଚ୍ ବ୍ରିଜ୍ ଶନିବାର ବିସ୍ଫୋରଣରେ କ୍ଷତିଗ୍ରସ୍ତ ହେବା ପରେ ମସ୍କୋ ୟୁକ୍ରେନ୍‌ର ଜାପୋରିଝିଆ ସହର ଉପରେ ରକେଟ ମାଡ଼ କରିଛି। ଏଥିରେ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ଜାପୋରିଝିଆକୁ ରୁଷିଆରେ ସାମିଲ କରାଯାଇଥିବା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ ହେଁ ସେଠାରେ ୟୁକ୍ରେନ୍ ରୁଷୀୟ ସୈନ୍ୟଙ୍କୁ ଘଉଡ଼ାଇବା ପାଇଁ ପ୍ରତିଆକ୍ରମଣ ଜାରି ରଖିଛି। ଶନିବାର ରାତିରେ ସେଠାରେ ରୁଷିଆ ରକେଟ ମାଡ଼ କରିବା ଯୋଗୁ ପ୍ରାୟ ୨୦ ଘର ଏବଂ ୫୦ ଆପାର୍ଟମେଣ୍ଟ ବିଲ୍ଡିଂ ଭାଙ୍ଗି ଯାଇଛି। ୪୦ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି।


ରୁଷିଆର ରକେଟ ମାଡ଼ରେ ଜାପୋରିଝିଆରେ ଥିବା ଏକ ବିଲ୍ଡିଂ ଭାଙ୍ଗିଯାଇଛି।

## ଇତିହାସରୁ ଶିଖ: ପୋପ୍



ୟୁକ୍ରେନ୍ ଉପରେ ଆଣବିକ ଅସ୍ତ୍ର ପ୍ରୟୋଗ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ବାରମ୍ବାର ଧମକ ଦେଉଥିବାବେଳେ କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ଏ ନେଇ ସାରା ବିଶ୍ୱକୁ ବାର୍ତ୍ତା ଦେଇଛନ୍ତି। ଏହାକୁ ସେ 'ହିଂସା ପାଗଳାମି' କହିବା ସହ ଆଣବିକ ଯୁଦ୍ଧର ଭୟାବହତା ଉପରେ ଇତିହାସରୁ ଶିକ୍ଷା ଲାଭ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଆମେ ନ୍ୟୁକ୍ଲିୟର ଯୁଦ୍ଧକୁ ଭୁଲିଯିବା କଥା ନୁହେଁ। ବିବାଦ ଭିତରେ ବି ଆମକୁ ଶାନ୍ତିର ରାସ୍ତା ବାଛିବାକୁ ପଡ଼ିବ ବୋଲି ପୋପ୍ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୬୫,୬୨,୭୪୩ | ୬୫,୬୦,୮୭୦ | ୬୦,୬୧,୩୭,୯୨୮ |
| ଭାରତ | ୪,୪୬,୧୨,୦୧୩ | ୫,୨୮,୭୯୯ | ୪,୪୦,୫୪,୬୨୧ |
| ଓଡ଼ିଶା | ୧୩,୩୪,୮୭୬ | ୯୧୯୯(+୫୩) | ୧୩,୨୫,୧୧୧ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ଦେଶୀ ଧାନ ସଂରକ୍ଷକ ରାଇମତି



ବିଭିନ୍ନ ପ୍ରକାର ଦେଶୀ ଧାନ ସହ ରାଇମତି ଘିଉରିଆ।

- ୧୩୬ କିସମର ଧାନ ସାଇତି ରଖିଛନ୍ତି
- ୭୦କିସମରୁ ଜୈବିକ ପଦ୍ଧତିରେ ହୋଇପାରୁଛି ଚାଷ

ସନ୍ତୋଷ ପ୍ରହରାଜ
କୁନ୍ଦୁରା,୯।୧୦ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଅନ୍ତର୍ଗତ ନୂଆଁଗୁଡା ଗ୍ରାମର ଆଦିବାସୀ ମହିଳା ରାଇମତି ଘିଉରିଆ। ୧୩୬ କିସମର ଦେଶୀ ଧାନ ସଂଗ୍ରହ କରି ସେ ସଂରକ୍ଷିତ ରଖିଛନ୍ତି। ସେଥିମଧ୍ୟରୁ ୭୦ଟି କିସମର ଜୈବିକ ପଦ୍ଧତିରେ ଚାଷ କରିଛନ୍ତି। ୧୯୯୮ରେ ବିବାହ କରିବା ପରେ ସେ ଦେଶୀ ଧାନ ସଂଗ୍ରହ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏକ୍ଷେତ୍ରରେ ବଡ଼ ମାଉସୀ ପଦ୍ମଶ୍ରୀ କମଳା ପୂଜାରୀ ତାଙ୍କୁ ପ୍ରେରଣା ଦେଇଥିଲେ। ତେବେ ଏହି କାର୍ଯ୍ୟ ପାଇଁ ତାଙ୍କୁ କୌଣସି ସରକାରୀ ସହାୟତା ମିଳୁ ନ ଥିଲେ ମଧ୍ୟ କେତେକ ବେସରକାରୀ ସଂସ୍ଥାର ସହଯୋଗ ତାଙ୍କ ଜୈବିକ ଗବେଷଣାକୁ ଜାରି ରଖିବାରେ ବେଶ୍ ସହାୟକ ହୋଇଛି। ଏମ୍‌ଏସ୍ ସ୍ୱାମୀନାଥନ ପକ୍ଷରୁ ନିର୍ମିତ ଫାର୍ମ ସ୍କୁଲରେ ଦେଶୀ ଧାନ ସଂରକ୍ଷିତ କରି ରଖି ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ମାଧ୍ୟମରେ ଦେଶୀ ଧାନ ଚାଷ ପ୍ରତି ସଚେତନ କରୁଛନ୍ତି। ପ୍ରଶାସନିକ ସହଯୋଗ ମିଳିଲେ, ଏହି ପ୍ରଚେଷ୍ଟା ଆଗକୁ ନେବା ସହଜ ଓ ସରଳ ହୋଇପାରିବ ବୋଲି ରାଇମତି କହିଛନ୍ତି। ୫୦ ବର୍ଷ ତଳେ ଚାଷ ହେଉଥିବା ଦେଶୀ ଧାନର ଦର ଏବେ ଆକାଶ ଛୁଆଁ ହେଲାଣି। ଚାଷୀ ଉନ୍ନତ କିସମର ଧାନ ଚାଷ କରିବାରେ ଆଗ୍ରହୀ ଥିବାବେଳେ ଦେଶୀ ଧାନ ପ୍ରତି ଅଣଦେଖା କରାଯାଉଛି। ମାତ୍ର ରାଇମତି ଅନେକ ଚାଷୀଙ୍କୁ ଜୈବିକ କୃଷି ପଦ୍ଧତିରେ ଧାନ ଚାଷ କରି ଅଧିକ ଅମଳ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ଏନେଇ ଫାର୍ମ ସ୍କୁଲରେ ତାଲିମ ମଧ୍ୟ ଦେଉଛନ୍ତି। ଉନ୍ନତ କିସମର ଧାନ ଅମଳ ହେବା ପାଇଁ ଅତି କମ୍‌ରେ ୮୦ରୁ ୯୦ ଦିନ ଲାଗୁଥିବାବେଳେ ଦେଶୀଧାନ ୧୨୦ରୁ ୧୩୦ ଦିନ ଲାଗିଥାଏ। ବିଶେଷ କରି କଳାଜିରା, ମାଛ କଣ୍ଟା, ପାଠାନଗଡ଼ା ଏବଂ କଳା ଧାନ ଅମଳ କରିବା ଲାଗି ଅଧିକ ସମୟ ଲାଗିଥାଏ। ଦୀର୍ଘ ସମୟ ବ୍ୟବଧାନରେ ଦେଶୀ ଧାନ ଅମଳ ହେଉଥିବାରୁ ଚାଷୀ ଉନ୍ନତ କିସମର ଧାନ ଚାଷ କରିବା ପାଇଁ କମ୍ ଆଗ୍ରହ ପ୍ରକାଶ କରୁଥିବା ରାଇମତି କହିଛନ୍ତି। ରାଇମତି ପ୍ରାୟ ୧୩୬ ପ୍ରକାରର ଧାନ ସଂଗ୍ରହ କରିଥିବାବେଳେ ଏଥିରୁ ୭୦ ପ୍ରକାରର ଧାନ ଜୈବିକ ପଦ୍ଧତିରେ ଚାଷ କରିବା ସମ୍ଭବ ହୋଇପାରୁଛି। ସେଗୁଡିକ ହେଲା ବାସୁମତି, ନବାବୀ, ସୁପୁରି, ଦେବରାଜ, ଆସାମ ଚୁଡ଼ି, ଗଡ଼ାକୁଟା, ପାଠାନଗଡ଼ା, ଲକଟି ମାଛି, କଳାଜିରା, ବଡ଼ିକାବରି, ଗଟିଆ, ଟିକି ଚୁଡି, ଉମୁରିଆ ଚୁଡ଼ି, ହଳଦୀ ଚୁଡ଼ି, ପକିଆ, ପାଣ୍ଡକାଗୁରା, ମେଏର, କନକ ଚୁଡ଼ି, ତୁଳସୀଗଣ୍ଠି, ଓଷାଗଣ୍ଠିଆଳି, ବାରମାସି, ସୁନା ଖଡ଼ିକା, ଝୁମ୍ପା ଚୁଡ଼ି, ଗଙ୍ଗାବଳି, ବାସନମୁଣ୍ଡି, ଟିପିଟି, କେରାଣ୍ଡି, ମୁକ୍ତାବାଲି, ମହୁଲକୁଞ୍ଜି, ବାଉଁଶଗଣ୍ଠି, ଭଙ୍ଗାଗୁଣ୍ଡା, ଦୁବରାଜ, ମେରୋଲୋ, ମସୁରି, ଡଙ୍ଗରଚୁଡ଼ି, ଲାସର, ଡକରାମେଛା, ସୁନାସେରି, ମାଲଗୋରଣ୍ଡ, ଗଡ଼ାବତୀ, ସୁରୁଡାକା, ଗୁରୁଜି, ଲେଡେର, ବୋଦେବରିଙ୍ଗ, ମାଣ୍ଡାଗଣ୍ଡେଇ। ଧୋବକୁଜି, କଷିକମଲ, ରସକଦମ, କନେଇ, କରକୋଳି, ଭୁଦେଇ, ମୁଗୁଡ଼ି, ଭୁଟକି ଚୁଡି, ରାଣୀଚେତେକା, ଯଯାତି, ବଡ଼ଲୋଚେଇ, ବାସୁଭୋଗ, ଭାତଚୁଡ଼ି, ବାୟାଗୁଣ୍ଡା, ଧୋବକାଳି କୁଜି, ବେଡ଼ାମାକେଡା, ଗୁଡ଼ିକାବରି, ବଡ଼ଧାନ, ମାଳି ମକଡ଼, ଜୋକସାରୁ, ବସ୍ତା, କିସିକେରି, ନଡ଼ିଆରସ, ଖୁଜି, ଚିକିଲାକୋଳି ଭଳି ଧାନ ଚଳିତ ବର୍ଷ ଚାଷ ହୋଇଛି। ଗୋଟିଏ କିଆରିରେ ପ୍ରାୟ ୭୦ ପ୍ରକାରର ଧାନ ଚାଷ କରି ସଫଳ ହୋଇଥିବା ରାଇମତି ଏବଂ ତାଙ୍କ ସ୍ୱାମୀ ଗୋବିନ୍ଦ କହିଛନ୍ତି। ଆର୍ଥିକ ସଙ୍କଟ ଯୋଗୁ ଏକ୍ଷେତ୍ରରେ ଅଧିକ ଅଗ୍ରଗତି ସହଜ ହୋଇ ପାରୁ ନ ଥିବା କହନ୍ତି ରାଇମତି। ରାଇମତିଙ୍କ ପାଖରେ ଏମିତି ଏକ କିସମର ଧାନ ରହିଛି, ଯାହାର ଆକାର ଲମ୍ବା ଓ ସରୁ ହୋଇଥିବା ବେଳେ ସେଥିରୁ କଳା ଚାଉଳ ବାହାରୁଛି। ନିଜର ନିଷ୍ଠା ଓ ପରିଶ୍ରମ ପାଇଁ ରାଇମତି ରାଜ୍ୟ ସମେତ ରାଜ୍ୟ ବାହାରେ ଚେନ୍ନାଇ, ଦିଲ୍ଲୀ, ଝାଡ଼ଖଣ୍ଡ, ଟାଟା ଭଳି ଅନେକ ସ୍ଥାନରେ ସମ୍ମାନିତ ହୋଇଛନ୍ତି। ହେଲେ ତାଙ୍କ କାର୍ଯ୍ୟକୁ ସରକାରୀ ପ୍ରୋତ୍ସାହନ ନ ମିଳିବା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ଜିଲା କୃଷି ଅଧିକାରୀ ପ୍ରଭାତ କୁମାର ସାମଲଙ୍କୁ ପଚାରିବାରେ ସେ ଘଟଣାକୁ ସ୍ୱୀକାର କରିବା ସହ ଖୁବ୍‌ଶୀଘ୍ର ଏବିଷୟରେ ରାଜ୍ୟସ୍ତରରେ ଆଲୋଚନା କରିବା ସହ ପ୍ରଶାସନିକ ସାହାଯ୍ୟ ପାଇଁ ବ୍ୟବସ୍ଥା କରାଯିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ବଜ୍ରପାତରେ ଚାଷୀ ମୃତ

ପୁରୁଷୋତ୍ତମପୁର,୯।୧୦(ଡି.ଏନ.ଏ.): ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ରବିବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋଷ୍ଟ ଅଫିସ ସାହିର କୈଳାସ ଚନ୍ଦ୍ର ନାୟକ (୫୮)। ସେ ଗ୍ରାମ ନିକଟସ୍ଥ ନାଳପାରି ଜମିକୁ ଚାଷ କାମ ଲାଗି ଯାଇଥିବାବେଳେ ବଜ୍ରପାତର ଶିକାର ହୋଇ ଘଟଣା ସ୍ଥଳରେ ଟଳି ପଡ଼ିଥିଲେ। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ଝାରସୁଗୁଡ଼ା ଅଫିସ୍,୯।୧୦

ଚକ୍ରଧରପୁର ରେଳ ଡିଭିଜନ ଅନ୍ତର୍ଗତ ଧୁରୁଆଡିହି ରେଳଷ୍ଟେଶନ ନିକଟରେ ଡାଉନ୍ ଲାଇନ୍‌ରେ ଶନିବାର ଏକ ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ୍ ହୋଇଯାଇଛି। ଫଳରେ ଏହି ଡାଉନ୍ ଲାଇନ୍‌ରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବରପାଇ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଦୁର୍ଘଟଣାଗ୍ରସ୍ତ ବଗିକୁ ଉଠାଯିବା ସହ ଲାଇନ୍ ମରାମତି କାର୍ଯ୍ୟ ଚାଲିଛି। ଉକ୍ତ ମାଲବାହୀ ଟ୍ରେନ୍‌ଟି ଝାରସୁଗୁଡାରୁ ରାଉରକେଲା ଅଭିମୁଖେ ଯାଉଥିଲା। ଧୁରୁଆଡିହି ରେଳଷ୍ଟେଶନ ନିକଟରେ ୪୦ ବଗି ଅତିକ୍ରମ କରିଥିବାବେଳେ ପଛରେ ଥିବା ୮ ବଗି ଲାଇନ୍‌ଚ୍ୟୁତ ହୋଇଯାଇଛି। ଏଥିମଧ୍ୟରୁ ୪ ବଗି ଓଲଟି ପଡ଼ିଛି। ଏନେଇ ଧୁରୁଆଡିହି ଷ୍ଟେଶନ ମାଷ୍ଟର ଶ୍ୟାମ ମାଝି କହିଛନ୍ତି, ଯୁଦ୍ଧକାଳୀନ ଭିତ୍ତିରେ ଝାରସୁଗୁଡ଼ା ଓ ରାଉରକେଲା ରେଳ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ପହଞ୍ଚି ଉଦ୍ଧାର ଓ ଲାଇନ୍ ମରାମତି କାର୍ଯ୍ୟ ଚଳାଇଛନ୍ତି।












**ଆଜିର ମନ୍ତବ୍ୟ**

"୭ ଦଶନ୍ଧି ଧରି କଂଗ୍ରେସ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ଦୁର୍ବଳ କରିଦିଆଯାଇଛି। ଅସନ୍ତୋଷର ସ୍ୱରକୁ ଚାପି ଦିଆଯାଉଛି। ଭାଜପା ଏବଂ ଆର୍‌ଏସ୍‌ଏସ୍ ଦେଶରେ ରାଜନୈତିକ, ଗଣତାନ୍ତ୍ରିକ ଓ ସାମାଜିକ ବାତାବରଣ ଖରାପ କରିଚାଲିଛନ୍ତି। **-ମଲ୍ଲିକାର୍ଜୁନ ଖାର୍ଗେ, ବରିଷ୍ଠ କଂଗ୍ରେସ ନେତା**



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସର୍ବଜିତ୍
ପରିବାରବର୍ଗ



ଅର୍ପିତା
ପରିବାରବର୍ଗ



ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସବୁ ଶିକ୍ଷାନୁଷ୍ଠାନରେ ହିନ୍ଦୀ ବାଧ୍ୟତାମୂଳକ ହେଉ

## ଅମିତ୍ ଶାହାଙ୍କ ନେତୃତ୍ୱାଧୀନ କମିଟିର ସୁପାରିସ

ନୂଆଦିଲ୍ଲୀ,୯।୧୦: କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ବୈଷୟିକ ଓ ଅଣବୈଷୟିକ ଶିକ୍ଷାନୁଷ୍ଠାନରେ ହିନ୍ଦୁକୁ ବାଧ୍ୟତାମୂଳକ ଭାବେ ପାଠପଢ଼ାର ମାଧ୍ୟମ କରାଯାଉ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ଗଠିତ ଭାଷା ସମ୍ପର୍କିତ ସଂସଦୀୟ କମିଟି ଉପରୋକ୍ତ ସୁପାରିସ୍ କରିଛି। ଗତ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦିଆଯାଇଥିବା ରିପୋର୍ଟରେ କମିଟି କହିଛି, ଯେଉଁଠି ଅତି ଜରୁରୀ କେବଳ ସେହିଠାରେ ଇଂଲିଶକୁ ପଢ଼ା ମାଧ୍ୟମ କରାଯାଉ ଓ ଧୀରେ ଧୀରେ ଏହାକୁ ହିନ୍ଦୀରେ ପରିବର୍ତ୍ତନ କରାଯାଉ। ପାଠପଢ଼ା ସମେତ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ହିନ୍ଦୀ ବ୍ୟବହାର ବାଧ୍ୟତାମୂଳକ ହେଉ। ଇଂଲିଶକୁ କେବଳ ଇଚ୍ଛାକୃତ ବ୍ୟବହାର ପାଇଁ ରଖାଯିବାକୁ କମିଟି ସୁପାରିସ କରିଛି। କେନ୍ଦ୍ର ସରକାରଙ୍କ ଅଧୀନରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି(ଆଇଆଇଟି), ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ(ଆଇଆଇଏମ୍), ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ଗୁଡ଼ିକ ବୈଷୟିକ ଶିକ୍ଷାନୁଷ୍ଠାନ ଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଣବୈଷୟିକ ଶିକ୍ଷାନୁଷ୍ଠାନ। କମିଟି କହିବା ଅନୁଯାୟୀ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ହିନ୍ଦୀକୁ ପାଠପଢ଼ାର ମାଧ୍ୟମ କରା ନ ଗଲେ, ଏହା ସର୍ବସାଧାରଣ ଭାଷା ହୋଇପାରିବ ନାହିଁ। ଆନୁଷ୍ଠାନିକ ଭାଷା ଆଇନ, ୧୯୬୩ ଅନୁଯାୟୀ ୧୯୭୬ରେ ଭାଷା ସମ୍ପର୍କିତ ସଂସଦୀୟ କମିଟି ଗଠନ କରାଯାଇଥିଲା। ଏଥିରେ ଲୋକ ସଭାରୁ ୨୦ ଏବଂ ରାଜ୍ୟ ସଭାରୁ ୧୦ ସଦସ୍ୟ ଅଛନ୍ତି।


## classifieds Everyday
0674-2580101, 2549302





**SALE**

**Gated community society plot sale at Puri-Pipili Bypass just Rs.-7,80,000/-. 8114935847.** D-74133

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

**ଘରବାରି boundary plot** ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର **1300** ବର୍ଗ ଫୁଟକୁ **13,00,000/-. 9437306208.** D-74130

ବିକ୍ରି....ବିକ୍ରି....ବିକ୍ରି...୩.୫ ଏକା ସ୍ଥିତିବାନ୍ ଜମି ପିଠାଖଇ ଜଙ୍ଗଲ ନିକଟସ୍ଥ ଭାପୁର ଖଣ୍ଡପଡ଼ା ରୋଡ଼ର ପାର୍ଶ୍ୱରେ ଭାପୁର ମଉଜାରେ ଅବସ୍ଥିତ। ୯୯୬୯୨୨୦୧୨୧ ଫୋନ୍ ନମ୍ବର। ଧ-୧୭୨୫

**2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1679

**Gharabari Bank finance plot sale at Janla-Gangapada NH side, Bhubaneswar. 9437522339.** D-74132

N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.-61,00,000.00 onwards. Delivery Shortly. Contact Number-9238315816. D-73976

**Make your dream home with quality construction in affordable price as your choice. For plan approval, structure, Krishna Contech-8249485093, 9438315332.** D-73295

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420



Shoproom (10'x10') 2Nos. infront of Bijupatnaik College mainroad Jayadevvihar, Bhubaneswar. Contact: 9938511622. D-1731



Herbal full body massage by smart/ expert therapist. Contact: 9040171280. D-73984

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

Newly opened full body massage center by expert therapist. 7381172169. D-73651

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଟଙ୍କା,**
**ମୁହଁ କରିଦିଏ ବଙ୍କା।**

ସାଧାରଣତଃ ଅର୍ଥ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ବୁଡି ରହିଥିବା ବ୍ୟକ୍ତି ଜଣକ ନିଜ ହିତାହିତ ଜ୍ଞାନ ଭୁଲି କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ। ଧନ କୁ ନେଇ ଏମାନଙ୍କ ମନରେ ଗର୍ବ ଆସିବା ସହ ଅନ୍ୟମାନଙ୍କ ପ୍ରତି ସେମାନେ ଇତର ଭଳି ବ୍ୟବହାର ଦେଖାଇଥାନ୍ତି। ଅର୍ଥ ବଳରେ ଏଭଳି ବ୍ୟକ୍ତି ନିଜକୁ ଶ୍ରେଷ୍ଠ ମଣିବା ସହ କାହାକୁ ଆଡ଼ ଆଖିରେ ମଧ୍ୟ ଚାହାନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଟୋପା ଟୋପା ବର୍ଷା ବାଟ ବିଗାଡ଼େ,**
**ଚୁପଚାପ କଥା ବିଗାଡ଼େ ଘର;**
**ଚୁପଚାପ କଥା ସଭା ବିଗାଡ଼େ,**
**ଟାକୁ ଟାକୁ ଖିଆ ବିଗାଡ଼େ ଜର।**

ଟୋପା ଟୋପା ବର୍ଷାରେ ରାସ୍ତା କର୍ଦ୍ଦମାକ୍ତ ହୋଇଯିବାରୁ ବାଟ ଚାଲିବା କଷ୍ଟକର ହୋଇପଡ଼େ। ଚୁପ୍‌ଚାପ କଥାରେ ଘର ଭାଙ୍ଗିଯାଏ। ଚୁପ୍ ଚାପ କଥା ମଧ୍ୟ ସଭାକୁ ନଷ୍ଟ କରିବସେ। ସେହିପରି ଟାକୁ ଟାକୁ ଖିଆ ରୋଗଗ୍ରସ୍ତ କରିଦିଏ। ଉପରୋକ୍ତ ଅବସ୍ଥା ଭଲକୁ ବିଗାଡ଼ି ବସନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗର୍ଭଯନ୍ତ୍ରଣାରେ ୨ କି.ମି. ଚାଲିଲେ



ଆଶାକର୍ମୀଙ୍କ ସହାୟତାରେ ତଅପୋଇ ଚାଲିଚାଲି ଆମ୍ବୁଲାନ୍ସ ନିକଟକୁ ଆସୁଛନ୍ତି।

## ଉପାନ୍ତ ଏକୁଲରେ ଅସୁରକ୍ଷିତ ମାତୃତ୍ୱ

କାମାକ୍ଷାନଗର, ୯।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପ୍ରଶାସନର ସମସ୍ତ ଉଦ୍ୟମ ସତ୍ତ୍ୱେ ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକର କାନ୍ତୋଲ ପଞ୍ଚାୟତର ଉପାନ୍ତ ଏକୁଲରେ ବଦଳୁନାହିଁ ଜନନୀ ଯନ୍ତ୍ରଣାର ଚିତ୍ର। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ସମ୍ପୃକ୍ତ ଗାଁକୁ ସବୁଦିନିଆ ସଡ଼କ ନିର୍ମାଣ ହୋଇପାରିନାହିଁ। ଫଳରେ ଗର୍ଭଯନ୍ତ୍ରଣାରେ ଛଟପଟ ମହିଳା ଅସୁରକ୍ଷିତ ଭାବେ କେତେବେଳେ ଭାରରେ ତ ଆଉ କେତେବେଳେ ଖଟିଆରେ ବୁହାହୋଇ ଆସୁଛନ୍ତି ଡାକ୍ତରଖାନା। ରବିବାର ଏଭଳି ଏକ ଘଟଣାର ପୁନରାବୃତ୍ତି ହୋଇଛି। ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଅସହ୍ୟ ଗର୍ଭକଷ୍ଟରେ ଜଣେ ମହିଳାଙ୍କୁ ଦୀର୍ଘ ୨ କି.ମି. ଦୁର୍ଗମ ପଥ ଅତିକ୍ରମ କରିବାକୁ ପଡ଼ିଛି।

ଏକୁଲ ଗ୍ରାମର ଗଣେଶ ଦେହୁରୀଙ୍କ ସ୍ତ୍ରୀ ତଅପୋଇ (୨୧)ଙ୍କ ରବିବାର ସକାଳେ ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କୁ ଡାକ୍ତରଖାନା ନେବାକୁ ଆଶାକର୍ମୀ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ତେବେ ଗ୍ରାମକୁ ସବୁଦିନିଆ ରାସ୍ତା ନ ଥିବାରୁ ଗାଁଠାରୁ ୨ କିଲୋମିଟର ଦୂରରେ ଅଟକି ଯାଇଥିଲା ଆମ୍ବୁଲାନ୍ସ। ଅନ୍ୟ ବିକଳ୍ପ ନ ଥିବାରୁ ସମ୍ପର୍କୀୟଙ୍କ ସହ ତଅପୋଇ ଚାଲି ଚାଲି ଆମ୍ବୁଲାନ୍ସ ପାଖକୁ ଆସିଥିଲେ। ଏହାପରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି।

ସମ୍ପୃକ୍ତ ଅଞ୍ଚଳରେ ପ୍ରବାହିତ ବିପଦପୂର୍ଣ୍ଣ ନାଳ ଯାତାୟାତରେ ବାଧକ ସାଜିଛି। ନାଳ ଉପରେ ବ୍ରିଜ୍ କିମ୍ବା ଦୁର୍ଗମ ଅଞ୍ଚଳକୁ ରାସ୍ତା ନିର୍ମାଣ ହେଉ ନ ଥିବାରୁ ଏଭଳି ଘଟଣା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଦେହସୁହା ହୋଇଗଲାଣି। ପ୍ରଶାସନ ଏହାର ପ୍ରତିକାର କରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

# ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ନୀତି

ପୁରୀ ଅଫିସ,୯।୧୦

ଶ୍ରୀମନ୍ଦିରରେ ରବିବାର କୁମାର ପୂର୍ଣ୍ଣିମା ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ସକାଳେ ଦ୍ୱାରଫିଟା ହୋଇ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି କରାଯାଇଥିଲା। ଅବକାଶ ଓ ଦୈନନ୍ଦିନ ନୀତି ପରେ ମହାପ୍ରଭୁ ରାଧାଦାମୋଦର ବେଶରେ ସଜ୍ଜିତ ହୋଇଥିଲେ। ଏହାପରେ ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଓ ଅନ୍ୟାନ୍ୟ ନୀତି ସମାପନ ପରେ ଦ୍ୱିପ୍ରହର ଧୂପ ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ନେଇ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ପ୍ରଦାନ କରିଥିଲେ। ଦଇତାପତି ସେବକମାନେ ରତ୍ନସିଂହାସନରୁ ଶ୍ରୀସୁଦର୍ଶନଙ୍କୁ ଜଗମୋହନସ୍ଥିତ ବିମାନକୁ ବିଜେ କରାଇବା ପରେ ରୁନ୍ଧାକାର୍ଯ୍ୟ ସହ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ବିମାନ ବଡୁ ସେବକମାନେ ଶ୍ରୀସୁଦର୍ଶନଙ୍କୁ ବଡ଼ଦାଣ୍ଡ ଦେଇ ଲବଣିଖିଆ ପଣ୍ଡିଘର ନିକଟକୁ ନେଇଥିଲେ। ସେଠାରେ ପନ୍ତି ସରିବା ପରେ କରତି ସାହି ଦେଇ ଅଙ୍ଗିରା ଆଶ୍ରମକୁ ବିଜେ କରିଥିଲେ। ପାରମ୍ପରିକ ନୀତି ସାରି ଶ୍ରୀସୁଦର୍ଶନ ଉଆଁସ ଦାଣ୍ଡରେ ଭୃଗୁ ଆଶ୍ରମ ଓ ହରଚଣ୍ଡୀ ସାହି ଯଜ୍ଞେଶ୍ୱର ମନ୍ଦିର ନିକଟ ପଣ୍ଡୁ ଆଶ୍ରମରେ ବିଜେ କରିଥିଲେ। ସେଠାରେ ପନ୍ତି ସରିବା ପରେ ହରଚଣ୍ଡୀ ସାହି ବାରବାଟୀ ଜାଗା ଦେଇ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରରେ ପହଞ୍ଚିବେ। ଦ୍ୱାର ନିକଟରେ ପତିମହାପାତ୍ର ବନ୍ଦାପନା କଲା ପରେ ବାହୁଡ଼ା ବିଜେ କରି ରତ୍ନ ସିଂହାସନରେ ବିଜେ କରାଇଥିଲେ। ଏହାପରେ ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାସ୍ନାନ କରାଯାଇଥିଲା। ବେଶ ବଢ଼ିବା ପରେ ସନ୍ଧ୍ୟା ଆଳତି ବଢି ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଏବଂ ଶ୍ରୀସୁଦର୍ଶନଙ୍କୁ ଚାରିବାଡ଼ରେ ୪ ପୂଜାପଣ୍ଡା ସନ୍ଧ୍ୟାଧୂପ ମଣୋହୀ କରାଇଥିଲେ। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ ନକଲି ...

ବିରୋଧରେ ପୁରୀଘାଟ ଥାନା ଏବଂ କଟକ ଏସ୍‌ଡିଜେଏମ୍ କୋର୍ଟରେ ୨ଟି ଲେଖାଏ ମାମଲା ରୁଜୁ ହୋଇଥିଲା। ଏହି ମେଡିସିନକୁ ବ୍ୟବହାର ନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ଏପରି କି ବିଭିନ୍ନ ମେଡିସିନ୍ ଷ୍ଟୋର ଉପରେ ଚଢ଼ାଉ କରାଯାଇ ଉପରୋକ୍ତ ୨ ମେଡିସିନକୁ ଜବତ କରାଯାଇଛି। ଉକ୍ତ ମାମଲାରେ ପ୍ରଥମେ କଟକର ୨ଷ୍ଟକିଷ୍ଟ ପୂଜା ଏଣ୍ଟରପ୍ରାଇଜର୍ସର ମାଲିକ ସଞ୍ଜୟ ଜଲାଲ ଏବଂ ଭି.ଆର୍. ଡ୍ରଗ ଏଜେନ୍ସିର ରାହୁଲ ସ୍ୟାଲଙ୍କୁ ଗିରଫ କରାଯାଇଥିଲା। ପରେ ସେପ୍ଟେମ୍ବର ୨୫ରେ ବିହାର ଗୟାରୁ କଟକର ୨ଷ୍ଟକିଷ୍ଟଙ୍କୁ ନକଲି ମେଡିସିନ୍ ଯୋଗାଉଥିବା ଅଶୋକ ମିଶ୍ର ଏବଂ ହରିଶ କୁମାରଙ୍କୁ ଗିରଫ କରାଯାଇ କଟକ ଅଣାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ଜୁନ ମାସରୁ ଏହି ନକଲି ଔଷଧ କାରବାର ଚାଲିଥିବା ଯାଞ୍ଚ ସମୟରେ ଡ୍ରଗ୍ସ କଣ୍ଟ୍ରୋଲ ଟିମ୍ ଜାଣିବାକୁ ପାଇଥିଲେ। ଦୁଇଟିଯାକ ମେଡିସିନ ଷ୍ଟକିଷ୍ଟଙ୍କ ପାଖରୁ ଲକ୍ଷ ଲକ୍ଷ ଟଙ୍କାର ନକଲି ଔଷଧ ବଜାରକୁ ଯାଇଛି। ତେବେ ଏନେଇ ଖୋଳତାଡ଼ ହେବା ପରେ କଟକ, ଭୁବନେଶ୍ୱର, ବାଲେଶ୍ୱର, ବରଗଡ଼ ଓ ଝାରସୁଗୁଡ଼ାରୁ ପ୍ରାୟ ୩୦ ଲକ୍ଷ ଟଙ୍କାର ମେଡିସିନ ଫେରସ୍ତ ଆସିଥିବା ବିଭାଗ ପକ୍ଷରୁ କୁହାଯାଇଥିଲା।

## ଅର୍ଚ୍ଚନା ଏବଂ ଅଧିକାରୀ...

ଖୋଲୁନାହିଁ, ଏହା ତଦନ୍ତ ସାପେକ୍ଷ ବୋଲି କେତେକ ଜାଣିବା ଶୁଣିବା ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ତେବେ ରବିବାର ଏହି ଘଟଣାରେ ଡିସିପି ପ୍ରତୀକ ସିଂ ଅଧିକ କିଛି ନ କହି ଅଳ୍ପ କିଛି ମାପିଚୁପି ନିଜର ମନ୍ତବ୍ୟ ରଖିଛନ୍ତି। ବଡ଼ବଡ଼ିଆଙ୍କ ସମ୍ପୃକ୍ତି କଥା ଆସିବା ପରେ ପୋଲିସ ପ୍ରଶାସନ ଯେମିତି ତତ୍ପରତା ଏହି ଘଟଣାରେ ଦେଖାଇବା କଥା ତାହା ମଧ୍ୟ ଦେଖା ଦେଉନାହିଁ। ତେବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ଘଟଣାକୁ ନେଇ ଏପର୍ଯ୍ୟନ୍ତ ମୁହଁ ଖୋଲି ନ ଥିବାବେଳେ ଡିସିପି ପ୍ରତୀକ ସିଂ କହିଛନ୍ତି, ଏତଲା ମିଳିବା ପରେ ଅର୍ଚ୍ଚନା ନାଗଙ୍କୁ ଗିରଫ କରାଯାଇଛି। ତାଙ୍କ ସ୍ୱାମୀଙ୍କୁ ହାଜର ଲାଗି ନୋଟିସ୍ ହୋଇଛି। ଅର୍ଚ୍ଚନାଙ୍କ ବ୍ୟାଙ୍କ କାରବାର ସମ୍ପର୍କିତ ତଥ୍ୟ ଆର୍‌ବିଆଇ ଏବଂ ଜମିଜମା ଦସ୍ତାବିଜ ତଥ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମଗାଯାଇଛି। କେଉଁମାନେ ବ୍ଲାକମେଲର ଶିକାର ହୋଇଛନ୍ତି ତଦନ୍ତ ବେଳେ ଜଣାପଡ଼ିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଅର୍ଚ୍ଚନାଙ୍କ ସ୍ୱାମୀ ଏବେ ଅସୁସ୍ଥ ଅଛନ୍ତି। ତାଙ୍କର ଅସ୍ତ୍ରୋପଚାର ହୋଇଥିବାରୁ ତାଙ୍କୁ ଜେରା କରିବା ସମ୍ଭବ ହୋଇନାହିଁ।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଅର୍ଚ୍ଚନାଙ୍କ ସାମାଜିକ ଗଣମାଧ୍ୟମରେ ଥିବା ସମସ୍ତ ଆଇଡି ବା ପେଜ୍‌କୁ ପୋଲିସ ଏବେ ବନ୍ଦ କରିଦେଇଛି। ତେଣୁ ତାଙ୍କର କେଉଁ ବଡ଼ବଡ଼ିଆଙ୍କ ସହ ସମ୍ପର୍କ ଥିଲା ସେନେଇ ସେ ଯେଉଁ ପୋଷ୍ଟ କରିଥିଲେ ତାକୁ ଦେଖିବା ସମ୍ଭବ ହେଉନାହିଁ। ଯଥା ତାଙ୍କ ଫେସ୍‌ବୁକ୍ ପେଜ ମଧ୍ୟ ଏବେ ଦେଖି ହେଉନାହିଁ। ଅର୍ଚ୍ଚନାଙ୍କ ଘଟଣାରେ ପୋଲିସ ଯେ କିଛି ଲୁଚାଇବାକୁ ଚାହୁଁଛି ସେକଥା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ପ୍ରଶାସନର ଅନେକ ବ୍ୟକ୍ତି ହିଁ ଏବେ କହୁଛନ୍ତି। ତେବେ ଏତେବଡ଼ ଏକ ଅଭିଯୋଗ ଏବଂ ଅପରାଧ ବିଷୟରେ ଜାଣିବା ପରେ ଅର୍ଚ୍ଚନାଙ୍କ ସ୍ୱାମୀଙ୍କୁ ଗିରଫ କରା ନ ଯାଇ କେବଳ ହାଜର ହେବାକୁ ନୋଟିସ୍ ଦିଆଯିବା କଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅର୍ଚ୍ଚନା ୩ ଦିନରୁ ଅଧିକ ସମୟ ହେବ ଗିରଫ ହେବା ପରେ ତାଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ନ ରଖିବା ପୋଲିସ ଭୂମିକାକୁ ସନ୍ଦେହ ଭିତରକୁ ନେଉଥିବା ଜଣେ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ମତ ରଖିଛନ୍ତି। ସେ କହିଛନ୍ତି, ପୋଲିସ ଗୋଟିଏ ଦିନରେ ଅର୍ଚ୍ଚନା ଏବଂ ତାଙ୍କ ସ୍ୱାମୀଙ୍କୁ ଗୋଟିଏ ସ୍ଥାନରୁ ଠାବକରି ଅଟକ ରଖିଥିଲା। ହେଲେ ପରବର୍ତ୍ତୀ ସମୟରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଖସାଇ ଦେଇଛି। ଏହାଦ୍ୱାରା ଯେଉଁ ଅଧିକାରୀଙ୍କ ସମ୍ପର୍କରେ ତଥ୍ୟ ଅଛି ତାକୁ ହଟାଇବା ଲାଗି ଏହା ଏକ ବିଧିବଦ୍ଧ ଯୋଜନା। ଯଦି ଗୋଟିଏ ଦିନରେ ଚଢ଼ାଉ, ଗିରଫ ଏବଂ ତଦନ୍ତ ଆରମ୍ଭ କରି ଗଣମାଧ୍ୟମକୁ ପୋଲିସ ସ୍ପଷ୍ଟ ସୂଚନା ଦେବାକୁ ଚାହାନ୍ତା ତେବେ ପୋଲିସ ପ୍ରଶାସନ ପ୍ରତି ଲୋକମାନେ ସନ୍ଦେହ କରନ୍ତେ ନାହିଁ। ତେବେ ନେତାଙ୍କ କଥା ବାହାରକୁ ଆସୁଥିବା ବେଳେ କେଉଁ ଅଫିସରଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ପୋଲିସ ଅର୍ଚ୍ଚନାଙ୍କ କ୍ଷେତ୍ରରେ ଭିତିରିଆ ତଦନ୍ତ କରିବାକୁ ବାଧ୍ୟ ହେଉଛି ତାକୁ ନେଇ ଜଣେ ଭାଜପା ନେତା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ଜଣେ ଅବସରପ୍ରାପ୍ତ ଆଇଜି ପାହ୍ୟା ପୋଲିସ ଅଫିସରଙ୍କ କହିବାନୁଯାୟୀ, ଅର୍ଚ୍ଚନାଙ୍କ ବିରୋଧରେ ବ୍ଲାକମେଲ୍‌ର କୌଣସି ଏତଲା ଦାଏର ହୋଇ ନ ଥିବାରୁ ପୋଲିସଙ୍କ କାର୍ଯ୍ୟ ନିଶ୍ଚିତ ଭାବେ କଷ୍ଟକର। ଏଥିସହିତ ସେ ଆହୁରି ମଧ୍ୟ ଯୋଡ଼ିଲେ ଯେ, ଏହି ମହିଳାଙ୍କ ସହିତ ଜଣେ ଦୁଇ ଜଣ ସଚିବ ପାହ୍ୟା ଅଫିସରଙ୍କ ସମ୍ପୃକ୍ତି ରହିଥିବା ହେତୁ କୌଣସି ବାସ୍ତବ ତଥ୍ୟ ପଦାକୁ ଆସିବା ଭଳି ମନେହେଉନାହିଁ। ଅପରପକ୍ଷରେ ସରକାରଙ୍କୁ ସମର୍ଥନ କରୁଥିବା କେତୋଟି ଗଣମାଧ୍ୟମ ଏହି ଚାଞ୍ଚଲ୍ୟକର ଘଟଣାରେ ନେତାଙ୍କ ସମ୍ପୃକ୍ତି ଅଛି ବୋଲି କହିଲେ ଜନସାଧାରଣଙ୍କ ଦୃଷ୍ଟି ଭିନ୍ନ ଆଡେ ଚାଲିଯିବାର ସମ୍ଭାବନା ରହିଛି। ଏବେ ପୋଲିସ ସେହି ଅନୁସାରେ କାମ କରୁଥାଇପାରେ ବୋଲି ଏହି ଗଣମାଧ୍ୟମ ଖବରରୁ ବୁଝିହେବ।

## ଆଖିରୁ ଜଣାପଡ଼ିବ ...

କରାଯାଇଥିଲା। ଏହବ୍ୟତୀତ ୟୁରୋପିଆନ୍ ପ୍ରୋସ୍‌ପେକ୍ଟିଭ୍ ଇନ୍‌ଭେଷ୍ଟିଗେଶନ୍ ଇନ୍‌ଟୁ କ୍ୟାନ୍‌ସର (ଏପିକ୍-ନର୍‌ଫୋକ୍)ରେ ଅଂଶଗ୍ରହଣ କରିଥିବା ୪୮ରୁ ୯୨ ବର୍ଷ ବୟସ ବର୍ଗର ୭,୪୧୧ ଜଣଙ୍କ ଉପରେ ମଧ୍ୟ ଏହି ମଡେଲରେ ଆଖି ପରୀକ୍ଷା କରାଯାଇଥିଲା। ପ୍ରାୟ ୭ରୁ ୯ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଥିଲା। ଏହି ସମୟ ମଧ୍ୟରେ ବାୟୋବ୍ୟାଙ୍କ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୩୨୭ ଜଣଙ୍କ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ କାରଣରୁ ମୃତ୍ୟୁ ଘଟିଥିବାବେଳେ ଏପିକ୍-ନର୍‌ଫୋକ୍‌ର ୨୦୧ ଜଣଙ୍କ ମୃତ୍ୟୁ ହୋଇଥିଲା। ମୋଟାମୋଟି ଭାବେ ବୟସ, ଧୂମପାନ, ମେଡିକାଲ ହିଷ୍ଟ୍ରି, ରେଟିନାଲ ଭାସ୍‌କୁଲେଚର୍ ଆଦି ମାନଦଣ୍ଡ ଆଧାରରେ ଏହି ଉପକରଣ ଜଣଙ୍କଠାରେ ହୃଦ୍‌ରୋଗର ଆଶଙ୍କାକୁ ଆକଳନ କରିବ ବୋଲି କୁହାଯାଇଛି। ରକ୍ତ ସଞ୍ଚାଳନ ସହିତ ଏହା ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବାରୁ ଏଥିରେ ରେଟିନା ସ୍କାନିଂକୁ ଅନ୍ତର୍ଭୁକ୍ତ କରାଯାଇଛି। ଶରୀରରେ ରକ୍ତ ସଞ୍ଚାଳନ କମ୍ କିମ୍ବା ପର୍ଯ୍ୟାପ୍ତ ନ ଥିଲେ ଆଖିର ରେଟିନା କୋଷ ମଧ୍ୟ ପ୍ରଭାବିତ ହୁଏ। ତେଣୁ ଏଥିରୁ ଜଣଙ୍କ ହୃତ୍‌ପିଣ୍ଡ କେତେ ସୁସ୍ଥ ତାହା ଜଣାପଡ଼ିବ ବୋଲି ଗବେଷକମାନେ କହିଛନ୍ତି।

## ଖେଳପଡ଼ିଆରେ...

ହୋଇଥିଲା। ଫଳରେ ୨୨ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଜଣେ ହାତୀବାରିଠାରେ ଚିକିତ୍ସାଧୀନ ଥିବାବେଳେ ୨୧ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ରାଉରକେଲା ପଠାଯାଇଥିଲା। ରାଉରକେଲାରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୯ ଜଣ ସେଠାରେ ଚିକିତ୍ସାଧୀନ ଅଛନ୍ତି। ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ହାଲିମ କହିଛନ୍ତି, ଜଣେ ସାମାନ୍ୟ ଆହତ ହୋଇଥିବାରୁ ଏଠାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟମାନଙ୍କ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ପଠାଯାଇଛି।

## ମୁଲାୟମଙ୍କ ସ୍ୱାସ୍ଥ୍ୟାବସ୍ଥା ...

ବିଶେଷଜ୍ଞ ଡାକ୍ତରମାନଙ୍କ ଏକ ଟିମ୍ ତାଙ୍କ ଚିକିତ୍ସା ଦାୟିତ୍ୱରେ ରହିଥିବା ବୁଲେଟିନ୍‌ରେ କୁହାଯାଇଛି। ୮୨ ବର୍ଷୀୟ ଏସ୍‌ପି ନେତା ଅଗଷ୍ଟ ୨୨ରେ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅକ୍ଟୋବର ୨ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଗତ ଶୁକ୍ରବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ହସ୍ପିଟାଲ ଯାଇ ମୁଲାୟମଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ ସକାଶେ ମାର୍ଗଦର୍ଶକ ସାଜିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବା ସକାଶେ ଚେଷ୍ଟା କରିପାରନ୍ତି। ପରିବହନ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ବନ୍ଧୁ ଗହଣରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ**
କର୍ମକ୍ଷେତ୍ରରେ ମାପିଚୁପି ଚଳିବା ଭଲ ନଚେତ୍ ଆକସ୍ମିକ ଭାବରେ କଳହ ଲାଗିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରିବାର ମଧ୍ୟରେ ସମସ୍ୟା ଭିତରେ ଗତି କଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ସହକର୍ମୀଙ୍କ କାର୍ଯ୍ୟରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହେବେ।

**ମିଥୁନ**
ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବାର ଆଶଙ୍କା ରହିଛି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସଂପନ୍ନ ହେବା କଷ୍ଟକର ହୋଇପାରେ।

**କର୍କଟ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ପଡ଼ିପାରନ୍ତି।

**ସିଂହ**
ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ନ ହେଲେ ପରେ ଅନୁତାପ କରିବାକୁ ପଡ଼ିବ। କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିପାରନ୍ତି। ଆତ୍ମୀୟଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭ କରି ଆଜିର ସନ୍ଧ୍ୟା ସମୟଟି ପ୍ରାୟତଃ ଭଲ ରହିବ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା**
ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ବନ୍ଧୁ ଆଗ ଭଳି ତାହାର ମନୋଭାବ ନ ଥିବା ଅନୁଭବ କରିପାରନ୍ତି।

**ବିଛା**
ଗତକାଲିଠାରୁ ଯେଉଁ ବିଷୟ ସକାଶେ ଚିନ୍ତିତ ରହିଛନ୍ତି, ସେଥିରେ କିଛି ଅସୁବିଧା ହେବନି। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇ ପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ଧନୁ**
ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଅସମର୍ଥିତ ସୂତ୍ରରୁ ଶୁଣା କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ। ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି।

**ମକର**
ଆପଣ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ସବୁ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟରୁ ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ।

**ମୀନ**
ବିଭିନ୍ନ ସମସ୍ୟାର ସାମ୍ନା କରି ନ ପାରି ବିବ୍ରତ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସଂପନ୍ନ କରିବାରେ ଅସୁବିଧା ହେବ ନାହିଁ। ପାରସ୍ପରିକ ଭୁଲ୍ ବୁଝାମଣାରୁ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ଅକ୍ଟୋବର ୧୦ ତାରିଖ, କାର୍ତ୍ତିକ କୃଷ୍ଣ ପ୍ରତିପଦା ସୋମବାର, ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ଚରଖା ଦିବସ, ରାଶିନକ୍ଷତ୍ର- ରେବତୀ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା, ଘ.୦୫।୪୩ ଗତେ ଘ.୦୭।୧୦ ମଧ୍ୟେ, ଘ.୦୮।୫୦ ଗତେ ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୦ ଗତେ ଘ.୦୮।୩୮ ମଧ୍ୟେ ରାହୁକାଳ।

“ସମାଜର ପ୍ରଧାନ ଆବଶ୍ୟକତା ହେଉଛି– ବର୍ତ୍ତମାନ ମଣିଷ ଏକ ଆଧ୍ୟାତ୍ମିକ ମଣିଷରେ ବିବର୍ତ୍ତିତ ଅଥବା ପରିବର୍ତ୍ତିତ ହେବ। ଯେପରି କ୍ରମବିବର୍ତ୍ତନରେ ପଶୁ ମଣିଷ ବହୁ ପରିମାଣରେ ବର୍ତ୍ତମାନ ଏକ ଉଚ୍ଚମନଯୁକ୍ତ ମଣିଷରେ ପରିଣତ ହୋଇଛି। –ଶ୍ରୀମା



# ତେଲଙ୍ଗାନାରୁ ଭାରତ

ଆସନ୍ତା ୨୦୨୪ ଲୋକ ସଭା ନିର୍ବାଚନ ଲାଗି ଏବେଠାରୁ ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ ରଣନୀତି ଅପଣାଇବାରେ ବ୍ୟସ୍ତ। ଭାରତୀୟ ଜନତା ପାର୍ଟି(ଭାଜପା) କେନ୍ଦ୍ରରେ ଦୀର୍ଘ ସମୟ ଶାସନରେ ଥିବାରୁ ତାହାର ଗତିରୋଧ କରିବା ଲାଗି ଆଞ୍ଚଳିକ ଦଳଗୁଡ଼ିକ ଏକାଠି ହେବାକୁ ଏକାଧିକ ପ୍ରୟାସ କରୁଛନ୍ତି। ଏଭଳି ସମୟରେ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଜାତୀୟ ଦଳ ହେବାର ଆଶା ରଖି ପାର୍ଟିର ନାମକୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରେ ପରିଣତ କରିଛି। ଏହି ପାର୍ଟିର ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ (କେସିଆର୍) କହିଛନ୍ତି ଯେ, ଦେଶରେ ଜାତୀୟ ଦଳର ଅଭାବ ଥିବାରୁ ତାହାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ରାଜନୈତିକ ସମୀକ୍ଷକଙ୍କ ମତରେ କେସିଆର୍ ଦେଶର ନେତୃତ୍ୱ ନେବାକୁ ଅଣ୍ଟା ଭିଡ଼ିଛନ୍ତି। ଇତିମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମେତ ଅନ୍ୟ ନେତାମାନଙ୍କୁ ସେ ଭେଟି ଭାଜପାକୁ ଗାଦିଚ୍ୟୁତ କରିବା ଲାଗି ଆଲୋଚନା କଲାଭଳି ଲାଗୁଛି।

ଭାଜପାର ବିଗତ ୮ ବର୍ଷର ଶାସନ ଏବେ ଦେଶବାସୀଙ୍କୁ ଅତିଷ୍ଠ କଲାଣି। ବିଶେଷକରି ଆର୍ଥିକ ଓ ବୈଦେଶିକ ନୀତି ଦୁର୍ବଳ ରହିଥିବାରୁ ଭାରତ ବହୁବିଧ ସମସ୍ୟା ଦେଇ ଗତି କରୁଛି। ତେଣୁ ୨୦୨୪ ଲୋକ ସଭା ନିର୍ବାଚନରେ ପରିବର୍ତ୍ତନ ଆସିବା ଦରକାର ବୋଲି ସମସ୍ତେ ଅନୁଭବ କଲେଣି। ଏଭଳି ପରିପ୍ରେକ୍ଷୀରେ କେସିଆର୍‌ଙ୍କ ନେତୃତ୍ୱାଧୀନ ପାର୍ଟି ଭାଜପାକୁ ଏକାକୀ ପ୍ରତିରୋଧ କରିବ ବୋଲି କେହି ଭାବୁନାହାନ୍ତି। ତେଲଙ୍ଗାନାରେ ଲୋକ ସଭା ସିଟ୍ ସଂଖ୍ୟା ମାତ୍ର ୧୭। ଅର୍ଥାତ୍ ତେଲଙ୍ଗାନାର ନେତା ପ୍ରଧାନମନ୍ତ୍ରୀ ଆସନ ଅକ୍ତିଆର କରିପାରିବେ ବୋଲି କେସିଆର୍ କେବେ ହିସାବ କରୁ ନ ଥିବେ। ଅପରପକ୍ଷରେ ଆନ୍ଧ୍ରପ୍ରଦେଶକୁ ବିଭାଜନ କରିବାର ଦୀର୍ଘକାଳର ସଂଗ୍ରାମକୁ ମୁଣ୍ଡିମାରିବାରେ ଏକାକୀ କେସିଆର୍ ସଫଳ ହୋଇଥିଲେ। ସେହି ରାଜ୍ୟରେ ତାଙ୍କୁ ବିରୋଧ କରି ତାଙ୍କ ଭଳି ଭାବମୂର୍ତ୍ତି ରଖିଥିବା ନେତା ଅନ୍ୟ କୌଣସି ଦଳରେ ଥିବା ପରି ଦିଶୁନାହିଁ। ଅର୍ଥାତ୍ ଆଜି ପର୍ଯ୍ୟନ୍ତ କେସିଆର୍ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ନିଜକୁ ରଖିପାରିଛନ୍ତି। ଏଥିସହିତ ୨୦୨୪ରେ ହେବାକୁ ଥିବା ଲୋକ ସଭା ନିର୍ବାଚନର ଅଳ୍ପ କେତେକ ମାସ ପୂର୍ବରୁ ତେଲଙ୍ଗାନା ବିଧାନସଭା ନିର୍ବାଚନ ହେବ। ସେଥିରେ ଯଦି ତାଙ୍କ ଦଳ ସଫଳତା ଲାଭ କରେ, ତେବେ ଲୋକ ସଭା ନିର୍ବାଚନ ବେଳକୁ କେସିଆର୍ ଅତି ସହଜରେ ଦେଶବ୍ୟାପୀ ବୁଲି ବିଭିନ୍ନ ସହଯୋଗୀ ଦଳ ସକାଶେ ପ୍ରଚାର କରିପାରିବେ। ସମସ୍ତେ ବୁଝିଗଲେଣି ଯେ, ମୋଦିଙ୍କ ପାଖରେ ବିପୁଳ ଅର୍ଥ ଅଛି। ତେଣୁ ସେଭଳି ଅର୍ଥକୁ ନିର୍ବାଚନୀ ପ୍ରକ୍ରିୟାରେ ସାମ୍ନା କରିବା ପାଇଁ ସମସ୍ତେ କୌଶଳ ପ୍ରସ୍ତୁତ କରିସାରିବେଣି। ରଣନୀତି ପ୍ରସ୍ତୁତିର ପ୍ରୟାସ ଆରମ୍ଭ ହୋଇଗଲାଣି ବୋଲି ଟିଆର୍‌ଏସ୍ ଦଳର ନାମ ପରିବର୍ତ୍ତନ ସୂଚାଉଛି। ତାହା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ହେବାର ଅର୍ଥ ହେଉଛି କୌଣସି ଗୋଟିଏ ରାଜ୍ୟରେ ଆବଦ୍ଧ ହୋଇ ରହିବା ପରିବର୍ତ୍ତେ ପଡ଼ୋଶୀ ଆନ୍ଧ୍ରଠାରୁ ଆରମ୍ଭକରି ଦକ୍ଷିଣ ଓଡ଼ିଶାରେ ମଧ୍ୟ ପ୍ରାର୍ଥୀ ଦେବା ସହଜ ହୋଇଯିବ। କାରଣ ସମସ୍ତେ ବୁଝିଲେଣି ଯେ, ୨୦୨୪ ଲୋକ ସଭା ନିର୍ବାଚନ କୌଣସି ଦଳ ପାଇଁ ସହଜ ହେବ ନାହିଁ। ୨୦୧୪ ଓ ୨୦୧୯ର ହିନ୍ଦୁତ୍ୱ ଧ୍ୱନିକୁ ଧ୍ୱସ୍ତବିଧ୍ୱସ୍ତ ଭାରତୀୟ ଅର୍ଥନୀତି ଅତି ସହଜରେ ମୁକାବିଲା କରିଦେଇପାରେ। ସାଧାରଣ ନାଗରିକର ପେଟରେ ଭୋକ ଓ ବର୍ଦ୍ଧିତ ଋଣ କିସ୍ତି ପଇଠ ତାଙ୍କର ଧାର୍ମିକ ଚିନ୍ତାଧାରାକୁ ବାଉଳା କରିଦେଇପାରେ। ସେଥିପାଇଁ କେଜ୍‌ରିୱାଲ, ନୀତୀଶ ଓ କେସିଆର୍‌ଙ୍କ ଭଳି ରାଜନେତା ଏବେ ନିଜ ନିଜ ଢଙ୍ଗରେ ଅଣ୍ଟା ଭିଡ଼ିଲେଣି। ରାହୁଲଙ୍କୁ ଯେତେ ଥଟ୍ଟା କରି ପପୁ କହିଲେ ମଧ୍ୟ ‘ଭାରତ ଯୋଡ଼ୋ’ ପଦଯାତ୍ରାର କିଛିଟା ସକାରାତ୍ମକ ପ୍ରଭାବ ପଡ଼ିପାରେ। କାରଣ ପ୍ରତ୍ୟେକ ପ୍ରୟାସର ଏକ ପ୍ରତିକ୍ରିୟା ଦେଖାଦେଇଥାଏ। ହୁଏତ ବିଭାଜିତ ହିନ୍ଦୁ ସମାଜରୁ ଯଥେଷ୍ଟ ଭୋଟ ମିଳିବାର ସନ୍ଦେହ କରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଏବେ ଜାତି ଓ ବର୍ଣ୍ଣକୁ ଭୁଲିଯିବାକୁ ଆହ୍ୱାନ ଦେବାକୁ ଆରମ୍ଭ କଲେଣି। ଏହିଭଳି ମନ୍ତବ୍ୟକୁ ତାଙ୍କ ସଙ୍ଗଠନ ବିଭିନ୍ନ ସମୟରେ ବିଫଳ କରିଦେବାର ଇତିହାସ ଜଣାପଡ଼େ। ତେବେ ଏହି ଡାକରା ମାଧ୍ୟମରେ ସଂଘ ସଂରକ୍ଷଣକୁ ବିରୋଧ କରୁଥାଇପାରେ ବୋଲି କେତେକେ ମତ ଦେଉଛନ୍ତି। ଆସନ୍ତା କିଛି ମାସ ମଧ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବା ସହିତ ଛବି କ୍ରମଶଃ ସ୍ପଷ୍ଟ ହେବାକୁ ଆରମ୍ଭ କରିବ।

> **ରଣନୀତି ପ୍ରସ୍ତୁତିର ପ୍ରୟାସ ଆରମ୍ଭ ହୋଇଗଲାଣି ବୋଲି ଟିଆର୍‌ଏସ୍ ଦଳର ନାମ ପରିବର୍ତ୍ତନ ସୂଚାଉଛି। ତାହା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ହେବାର ଅର୍ଥ ହେଉଛି କୌଣସି ଗୋଟିଏ ରାଜ୍ୟରେ ଆବଦ୍ଧ ହୋଇ ରହିବା ପରିବର୍ତ୍ତେ ପଡ଼ୋଶୀ ଆନ୍ଧ୍ରଠାରୁ ଆରମ୍ଭକରି ଦକ୍ଷିଣ ଓଡ଼ିଶାରେ ମଧ୍ୟ ପ୍ରାର୍ଥୀ ଦେବା ସହଜ ହୋଇଯିବ।**

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 2 | | | | | | 8 | 1 |
| 7 | | | | | 6 | | | |
| | | | 7 | 8 | 4 | | | |
| | | | 9 | | 8 | | | |
| | 1 | | 5 | | | 9 | | |
| | 5 | | | 1 | | | | 3 |
| | | | | 9 | | | | |
| 3 | 6 | | | | | 5 | | |
| 4 | | | | 6 | 3 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 9 | 7 | 1 | 3 | 2 | 4 | 6 |
| 2 | 4 | 3 | 8 | 9 | 6 | 5 | 1 | 7 |
| 7 | 1 | 6 | 5 | 4 | 2 | 8 | 3 | 9 |
| 1 | 9 | 7 | 3 | 2 | 4 | 6 | 8 | 5 |
| 4 | 2 | 5 | 6 | 8 | 1 | 9 | 7 | 3 |
| 6 | 3 | 8 | 9 | 5 | 7 | 1 | 2 | 4 |
| 5 | 7 | 1 | 4 | 6 | 8 | 3 | 9 | 2 |
| 3 | 6 | 2 | 1 | 7 | 9 | 4 | 5 | 8 |
| 9 | 8 | 4 | 2 | 3 | 5 | 7 | 6 | 1 |

ଗତକାଲିର ଉତ୍ତର

# ହୀରାକୁଦ ବନ୍ୟା ରୋକିବ ନା ବଢ଼ାଇବ



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ହୀରାକୁଦ ଜଳଭଣ୍ଡାରର ପ୍ରାୟ ୬୮ ବର୍ଷର ଇତିହାସରେ ବନ୍ୟା ମୁକାବିଲାରେ ତାହାର ଯୋଗଦାନ ପାଇଁ କିଛି ବାହାବା ଅବଶ୍ୟ ପାଇଛି। କିନ୍ତୁ ବନ୍ୟାକୁ ରୋକିପାରି ନ ଥିବା କାରଣରୁ ବା ବନ୍ୟାର କାରଣ ହୋଇଥିବାରୁ ଢେର୍ ଅଧିକ ଗାଳି ବି ଖାଇଛି। ୧୯୮୨ ମସିହାରେ ହୀରାକୁଦ ତଳମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ମହାନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାକୁ ଜଳଭଣ୍ଡାରରୁ ଅଧିକ ପାଣି ନ ଛାଡ଼ି ଆହୁରି ବଡ ବିପତ୍ତି ହେବାକୁ ଦେଇ ନ ଥିବାରୁ ଅନେକ ବାହାବା ପାଇଥିଲା। କିନ୍ତୁ ୨୦୦୮, ୨୦୧୧ ଭଳି ଅନେକ ବର୍ଷରେ ହୀରାକୁଦ ଜଳଭଣ୍ଡାର ସାଧାରଣ ବନ୍ୟାକୁ ବଡ଼ ବନ୍ୟାରେ ପରିଣତ କରିଥିବାର ଅନେକ ଅଭିଯୋଗ ଉଠିଥିଲା। ଚଳିତ ବର୍ଷ ମଧ୍ୟ ହୀରାକୁଦ ମହାନଦୀର ତଳମୁଣ୍ଡରେ ବନ୍ୟା ରୋକି ନ ଥିବାର ରଡ଼ି ଅନେକ ଦିନ ଧରି ଗର୍ଜିଥିଲା। ସେହି ସମୟରେ ଆଉ ଗୋଟେ ବର୍ଗ ଅଭିଯୋଗ କରୁଥିଲେ ଯେ ତ୍ରିକୋଣଭୂମିରେ ବନ୍ୟାକୁ ରୋକିବା ପାଇଁ ସରକାର ହୀରାକୁଦ ବନ୍ଧର ସୁରକ୍ଷା ସହିତ ଖେଳ ଖେଳୁଛନ୍ତି। ମହାନଦୀ ଓ ହୀରାକୁଦ ନଦୀବନ୍ଧ ଯୋଜନାକୁ ବୁଝିବାର ଟିକେ ଚେଷ୍ଟାକଲେ ଆମେ ଜାଣିଯିବା ଯେ ମହାନଦୀ ବ୍ୟବସ୍ଥାରେ ବଡ଼ ବନ୍ୟା ରୋକିବାରେ ହୀରାକୁଦ ଜଳଭଣ୍ଡାରର ସାମର୍ଥ୍ୟ ନିହାତି ମାମୁଲି। କିନ୍ତୁ ମହାନଦୀ ବ୍ୟବସ୍ଥାରେ ମାରାତ୍ମକ ବନ୍ୟା ସୃଷ୍ଟିକରିବାରେ ସେ ଏକ ବଡ଼ କାରଣ ହେବାର ଆଶଙ୍କା ଖୁବ୍ ବଢ଼ିଚାଲିଛି।

ହୀରାକୁଦ ଜଳଭଣ୍ଡାର ପୃଥିବୀର ବିଶାଳ କୃତ୍ରିମ ଜଳଭଣ୍ଡାରଗୁଡ଼ିକ ମଧ୍ୟରୁ ଗୋଟିଏ । କିନ୍ତୁ ପୂର୍ଣ୍ଣ ଥିବା ବେଳେ ପ୍ରାୟ ୭୫୦ ବର୍ଗ କିଲୋମିଟରର ବିସ୍ତୀର୍ଣ୍ଣ ଅଞ୍ଚଳରେ ଜଳ ପ୍ଲାବିତ ହୋଇ ରହୁଥିବା ହୀରାକୁଦ ଜଳଭଣ୍ଡାରଟି ତାହାର ଜଳ ଗ୍ରହଣ କ୍ଷେତ୍ରକୁ ଦେଖିଲେ ନିହାତି ଛୋଟ। ଜଳଭଣ୍ଡାରଟି ପୂର୍ଣ୍ଣ ଥିବା ବେଳେ ଯେତିକି ଅଞ୍ଚଳରେ ପାଣି ମାଡ଼ି ରହେ ତାହାର ୧୧୧ ଗୁଣ ଅଧିକ ଅଞ୍ଚଳରୁ ଜଳଭଣ୍ଡାରକୁ ଜଳ ଆସିଥାଏ। ହୀରାକୁଦ ନଦୀବନ୍ଧ ନିର୍ମାଣ ବେଳେ ୧୯୨୬ରୁ ୧୯୪୬ ବର୍ଷର ଜଳପ୍ରବାହକୁ ନେଇ ଆକଳନ ହୋଇଥିଲା ଯେ ହୀରାକୁଦ ଦେଇ ବର୍ଷରେ ହାରାହାରି ୫୦୦ ଲକ୍ଷ ଏକର ଫୁଟ ଜଳ ପ୍ରବାହିତ ହୋଇଥାଏ। ଯଦି ପୂରା ଓଡ଼ିଶା ଏକ ସମତଳ ଅଞ୍ଚଳ ହୁଏ ଓ ଏହାର ସମଗ୍ର ଅଞ୍ଚଳରେ ୫୦୦ ଲକ୍ଷ ଏକର ଫୁଟ ଜଳ ଯଦି ମାଡ଼ି ରହେ ତେବେ ସାରା ଓଡ଼ିଶା ୧ ମିଟରରୁ ଅଧିକ ଉଚ୍ଚତାର ଜଳରେ ବୁଡ଼ିଯିବ। ବନ୍ଧ ତିଆରି ବେଳେ ମୋଟ ୪୭.୨ ଲକ୍ଷ ଏକର ଫୁଟ ଜଳ ଧରି ରଖିବା ପାଇଁ ଭଣ୍ଡାର ତିଆରି ହୋଇଥିଲା। ଅର୍ଥାତ୍, ହୀରାକୁଦ ଦେଇ ହାରାହାରି ଯେତେ ଜଳ ପ୍ରବାହିତ ହୁଏ, ତିଆରି ବେଳେ ବି ତାହାର ମୋଟେ ୧୧ ଭାଗର ଭାଗେ ଜଳ ହିଁ ଧରି ରଖିବାର ସାମର୍ଥ୍ୟ ଥିଲା। ଏବେ ହୀରାକୁଦର ସେହି କ୍ଷମତା ନାହିଁ। ପୋତି ହେବା ଯୋଗୁ ଏବେ ଜଳଭଣ୍ଡାରର ବ୍ୟବହାରଯୋଗ୍ୟ ଜଳଧାରଣ କ୍ଷମତା ପ୍ରାୟ ୩୬ ଲକ୍ଷ ଏକର ଫୁଟ ହିଁ ଅଛି। ଅନେକ ବର୍ଷରେ ହାରାହାରି ଠାରୁ ଢେର୍ ଅଧିକ ଜଳ ପ୍ରବାହିତ ହେବାର ନଜିର ଅଛି। ହୀରାକୁଦ ବନ୍ଧ ତିଆରି ହେବା ଆଗରୁ ୧୯୧୯ରେ ସର୍ବାଧିକ ୬୯୯ ଲକ୍ଷ ଏକର ଫୁଟ ଜଳ ପ୍ରବାହିତ ହୋଇଥିଲା। ହୀରାକୁଦ ବନ୍ଧ ନିର୍ମାଣ ହେବାର ୪ବର୍ଷ ପରେ ୧୯୬୧ରେ ୭୩୬.୨୯ ଲକ୍ଷ ଏକର ଫୁଟ ଜଳ ହୀରାକୁଦ ଦେଇ ପ୍ରବାହିତ ହୋଇଥିଲା। ଅର୍ଥାତ୍, ହୀରାକୁଦ ଯେତିକି ଜଳ ରୋକିପାରିଥିଲା ତାହାର ପ୍ରାୟ ୨୦ ଗୁଣ ଅଧିକ ଜଳ ଜଳଭଣ୍ଡାର ଦେଇ ପ୍ରବାହିତ ହୋଇଥିଲା। ଏଥିରୁ ଅନୁମାନ କରନ୍ତୁ ହୀରାକୁଦଟି କେତେ ଛୋଟ।



ହୀରାକୁଦଠାରେ ସମ୍ଭାବ୍ୟ ସର୍ବାଧିକ ବନ୍ୟା ପ୍ରବାହର ଭୁଲ୍ ଆକଳନ କାରଣରୁ ଓ ନଦୀବନ୍ଧର ଢାଞ୍ଚାଗତ ଦୁର୍ବଳତା ବା ସୀମିତତା କାରଣରୁ ହୀରାକୁଦ ନଦୀବନ୍ଧ ଏକ ବଡ ବିପଦ ହେବାକୁ ଯାଉଛି। ଆକଳନ ହୋଇଥିବା ସମ୍ଭାବ୍ୟ ପ୍ରବାହର କଥା ଛାଡ଼ି ଦିଆଯାଉ, ଯଦି ୨୦ ଲକ୍ଷ କ୍ୟୁସେକ ଜଳ ହୀରାକୁଦକୁ ଆସିବ ତେବେ ହୀରାକୁଦ ବନ୍ୟା ସମ୍ଭାଳିବ କ'ଣ ଓଲଟି ନଦୀବନ୍ଧକୁ ହିଁ ସମ୍ଭାଳିବା ଦୁରୂହ ହୋଇଯିବ। ହୀରାକୁଦ ନଦୀବନ୍ଧରେ ଥିବା ମୋଟ ୬୪ ସ୍ଲୁଇସ ଓ ୩୪ କ୍ରେଷ୍ଟ ଗେଟ୍ ମାଧ୍ୟମରେ ସର୍ବାଧିକ ୧୫ ଲକ୍ଷ କ୍ୟୁସେକ ଜଳ ହିଁ ଛଡ଼ା ଯାଇପାରିବ। ତା'ଠାରୁ ଅଧିକ ଜଳ ଛାଡ଼ିବା ସାମର୍ଥ୍ୟ ହୀରାକୁଦର ନାହିଁ। ବନ୍ଧ ନିର୍ମାଣ ସମୟର ସର୍ବୋଚ୍ଚ ବନ୍ୟାଜଳ ପ୍ରବାହ ସମ୍ଭାବନା ଆକଳନ ଅନୁସାରେ ସେତିକି ନିଷ୍କାସନ ସାମର୍ଥ୍ୟ ରଖିଲେ ଚଳିଯିବ ବୋଲି ବିଚାର କରାଯାଇଥିଲା। ୧୯୪୮ର ହୀରାକୁଦ ବନ୍ଧ ପ୍ରକଳ୍ପ ରିପୋର୍ଟରେ କୁହାଯାଇଥିଲା ଯେ ହୀରାକୁଦ ଦେଇ ଗୋଟିଏ ସେକେଣ୍ଡରେ ସର୍ବାଧିକ ୯.୪୨ ଲକ୍ଷ ଘନ ଫୁଟ (କ୍ୟୁସେକ) ବନ୍ୟା ଜଳ ପ୍ରବାହିତ ହେବାର ଇତିହାସ ରହିଛି। ବନ୍ଧ ନିର୍ମାଣକୁ ୪ ବର୍ଷ ବି ଯାଇ ନ ଥିଲା। ୧୯୬୧ରେ ହୀରାକୁଦକୁ ୧୬ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଥିଲା। ଭାଗ୍ୟ ଭଲ ସେତେବେଳେ ଜଳଭଣ୍ଡାରକୁ ଅଗଷ୍ଟ, ସେପ୍ଟେମ୍ବରରେ ପ୍ରାୟ ଖାଲି ରଖାଯାଉଥିଲା। ସମ୍ଭାଳି ହୋଇଗଲା। ଅନେକ ଥର ୯.୪୨ ଲକ୍ଷ କ୍ୟୁସେକରୁ ଅଧିକ ଜଳ ହୀରାକୁଦ ଜଳଭଣ୍ଡାରକୁ ପଶିଛି। ନରାଜଠାରେ ୯ ଲକ୍ଷ କ୍ୟୁସେକରୁ ଅଧିକ ଜଳ ପ୍ରବାହିତ ହେଲେ ମହାନଦୀ ତ୍ରିକୋଣ ଭୂମି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ। ୨୦୧୧ ସେପ୍ଟେମ୍ବର ୧୦ରେ ହୀରାକୁଦ ଜଳଭଣ୍ଡାରକୁ ୧୧.୦୬ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୫୫ ସ୍ଲୁଇସ୍ ଓ ୪ କ୍ରେଷ୍ଟ ଗେଟ୍, ମୋଟ ୫୯ଟି ଗେଟ୍ ମାଧ୍ୟମରେ ୯.୮୧ ଲକ୍ଷ କ୍ୟୁସେକ ଜଳ ଛଡ଼ାଯାଇଥିଲା। ୧୯୮୦ରେ ୮୪ ଗେଟ୍ ଓ ୧୯୭୨ରେ ୭୬ ଗେଟ୍ ଖୋଲିବାକୁ ପଡିଥିଲା। ଏତିକି ପାଣି ପ୍ରବାହିତ ହେଲେ ଜଳଭଣ୍ଡାର ପାଇଁ ତାହା କେତେ ଅଧିକ ବା କମ୍ ଜାଣିବା ପାଇଁ ହୁଏତ ଜିଜ୍ଞାସା ହେଉଥିବ। ଧରନ୍ତୁ ହୀରାକୁଦ ଜଳଭଣ୍ଡାରଟି ପୂରା ଖାଲି ଅଛି। ସେହିଭଳି ସ୍ଥିତିରେ ଯଦି ୧୦ ଲକ୍ଷ କ୍ୟୁସେକ ହାରରେ ଜଳ ଆସେ ଓ ଯଦି ହୀରାକୁଦ ଜଳଭଣ୍ଡାରର ସବୁ ଗେଟ୍ ବନ୍ଦ ଥାଏ ତେବେ ହୀରାକୁଦ ଜଳଭଣ୍ଡାରକୁ ସମ୍ପୂର୍ଣ୍ଣ ଭରିଯିବା ପାଇଁ ମୋଟେ ୪୪ ଘଣ୍ଟା ହିଁ ଲାଗିବ। କୌଣସି ସମୟରେ ବି ଜଳଭଣ୍ଡାରର ସମ୍ପୂର୍ଣ୍ଣ ପେଟ ବନ୍ୟାଜଳକୁ ରଖିବା ପାଇଁ ପୂରା ଖାଲି ନ ଥାଏ। ହୀରାକୁଦର ଅନ୍ୟ ଆବଶ୍ୟକତା ପାଇଁ ଜଳଭଣ୍ଡାରରେ ଜଳ ଭରି ରଖିବା ଦରକାର। ସେପ୍ଟେମ୍ବର ଶେଷ ସୁଦ୍ଧା ଜଳଭଣ୍ଡାରକୁ ପୂରା ଭରିବା ପାଇଁ 'ରୁଲ୍ କର୍ଭ' ସୁପାରିସ କରିଛି।

୧୯୭୬ରେ ଏକ ବିଶେଷଜ୍ଞ ଦଳ ଆକଳନ କଲେ ଯେ ହୀରାକୁଦ ଠାରେ ସର୍ବାଧିକ ୨୮.୭୪ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବା ଆଶଙ୍କା ଅଛି। ଅର୍ଥାତ୍, ହୀରାକୁଦର ବର୍ତ୍ତମାନ ଯେତିକି ଜଳ ନିଷ୍କାସନ କ୍ଷମତା ଅଛି ତାହାର ପାଖାପାଖି ଦୁଇଗୁଣ ଅଧିକ ଜଳ ପ୍ରବାହର ଆଶଙ୍କା ଅଛି। ୧୯୯୭ରେ କେନ୍ଦ୍ରୀୟ ଜଳ ଆୟୋଗ ଆକଳନ କଲେ ଯେ ହୀରାକୁଦଠାରେ ସର୍ବାଧିକ ୨୪.୫ ଲକ୍ଷ କ୍ୟୁସେକ ଜଳ ବହିବାର ଆଶଙ୍କା ଅଛି। ଓଡ଼ିଶା ସରକାର ୧୯୭୬ର ବିଶେଷଜ୍ଞ ଦଳର ରିପୋର୍ଟକୁ ଗ୍ରହଣ କରିଥିଲେ। ତାହାକୁ ୪୬ ବର୍ଷ ହୋଇସାରିଲାଣି। କେନ୍ଦ୍ରୀୟ ଜଳ ଆୟୋଗର ଅକଳନକୁ ବି ୨୫ ବର୍ଷ ହେଲାଣି। ଅଧିକ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ କମିଟି କରିଥିବା ସୁପାରିସ ଏଯାଏ କାର୍ଯ୍ୟକାରୀ ହୋଇ ନାହିଁ। ହୀରାକୁଦର ସ୍ଥିତି ଏବେ ଆହୁରି ବିକଟ। କାରଣ ହୀରାକୁଦର ସମସ୍ତ ଗେଟ୍ ଠିକ ଭାବରେ ଖୋଲୁ ନାହିଁ। ଅତିରିକ୍ତ ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଓଡ଼ିଶା ସରକାର ପ୍ରସ୍ତୁତ କରିଥିବା ଏକ ନୋଟ୍‌ରେ କୁହାଯାଇଛି ଯେ କିଛି ଗେଟ୍ ଅଚଳ ହୋଇଯାଇଥିବା କାରଣରୁ ଏବେ ନଦୀବନ୍ଧର ସର୍ବୋଚ୍ଚ ବନ୍ୟାଜଳ କ୍ଷମତା ୧୩ ଲକ୍ଷ କ୍ୟୁସେକକୁ ଖସି ଆସିଛି।

୧୯୭୯ରେ ଗୁଜରାଟର ମଚ୍ଛୁ ନଦୀବନ୍ଧର ଏକ ଅଂଶ ଭୁଶୁଡ଼ିଯାଇଥିଲା। ହୀରାକୁଦକୁ ମଚ୍ଛୁର ୪୩ଗୁଣରୁ ଅଧିକ ଅଞ୍ଚଳରୁ ଜଳ ଆସିଥାଏ। ମାମୁଲି ମଚ୍ଛୁ ନଦୀବନ୍ଧ ଭୁଶୁଡ଼ିବାରୁ ୨୫,୦୦୦ ଜୀବନ ଯାଇଥିଲା ବୋଲି ରିପୋର୍ଟ ଅଛି। ୧୯୭୫ରେ ହୀରାକୁଦରୁ ଆକାରରେ ଅନେକ ଛୋଟ ଚାଇନାର ବେନକ୍ୟୁଓ ନଦୀବନ୍ଧ ଭୁଶୁଡ଼ି ୨ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି କୁହାଯାଏ। ସେହି ଜଳଭଣ୍ଡାରର ମୋଟ ଜଳଧାରଣ କ୍ଷମତା ହୀରାକୁଦର ୧୦ ଭାଗରୁ ଭାଗେ ବି ନ ଥିଲା। ଏଥିରୁ ହୀରାକୁଦ ନଦୀବନ୍ଧର ବିପଦ କେତେ ବିରାଟ ଭାବିଦେଲେ ଦେହ ଶୀତେଇଯିବ।

# କୋଣ-ଅନୁକୋଣରେ ଭାରତୀୟ ଡାକ



ଡ. ବିଭୁଦତ୍ତ ମିଶ୍ର

ଭାରତର ବ୍ରିଟିଶ ରାଜତ୍ୱ ସମୟରୁ ୧ ଅକ୍ଟୋବର ୧୮୫୪ ମସିହା ଲର୍ଡ ଡେଲହାଉସିଙ୍କ ଦ୍ୱାରା ପ୍ରତିଷ୍ଠିତ ‘ଡାକ ବିଭାଗ’ ସ୍ଥାପନାକୁ ଆଧୁନିକ ଯୁଗରେ ମଧ୍ୟ ପ୍ରତିଷ୍ଠା ଦିବସ ଭାବେ ଗ୍ରହଣ କରାଯାଇଥାଏ। ପ୍ରତ୍ୟେକ ବର୍ଷ ଅକ୍ଟୋବର ୯ (ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନର ପ୍ରତିଷ୍ଠା ଦିବସ)କୁ ବିଶ୍ୱ ଡାକ ଦିବସ ଭାବେ ଗ୍ରହଣପୂର୍ବକ ବିଶ୍ୱବ୍ୟାପୀ ‘ଡାକ ସପ୍ତାହ’ ୧୬ ଅକ୍ଟୋବର ଯାଏ ପାଳନ ପରମ୍ପରା ଶୁଭାରମ୍ଭ ହୋଇଥାଏ। ଡାକ ଟିକେଟ ସାମଗ୍ରୀ ତଥା ଡାକ ଇତିହାସକୁ ସମ୍ମିଳିତ କରି ସାଧାରଣ ଜନତା ଓ ସଂଗ୍ରାହକମାନଙ୍କ ସଚେତନତା ଉଦ୍ଦେଶ୍ୟରେ ଅକ୍ଟୋବର ୧୦କୁ ‘ରାଷ୍ଟ୍ରୀୟ ଡାକ ଦିବସ’ ଭାବେ ପାଳନ କରାଯାଏ।

ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟରେ ଭାରତର କୋଣ-ଅନୁକୋଣରେ ଡାକ ସରବରାହ ବ୍ୟବସ୍ଥାକୁ ମଜଭୁତ କରି ଆମ ଦେଶ ଡାକ ବିଭାଗ ବିଶ୍ୱର ସର୍ବାଧିକ ପୋଷ୍ଟ ଅଫିସ ଥିବା ଦେଶର ମାନ୍ୟତା ହାସଲ କରିଛି। ଡାକବିଭାଗ ଦ୍ୱାରା ବ୍ୟବହୃତ ଡାକବାକ୍ସର ସ୍ୱତନ୍ତ୍ର ପରିଚୟ, ଡାକ ପ୍ରଦାନକାରୀ ଡାକିଆ ବା ଡାକବାଲା ଏକ ସମୟରେ ସାଧାରଣ ଜନତା ଓ ପରିଜନଙ୍କ ମଧ୍ୟରେ ଏକମାତ୍ର ସମ୍ପର୍କର ସୂତ୍ର ଥିଲା। ଆଜି ମଧ୍ୟ ଅପହଞ୍ଚ ଇଲାକା, ଯେପରି ବିଶ୍ୱର ସର୍ବ ଉଚ୍ଚସ୍ଥାନ ଡାକ ଅଫିସ୍ ହିମାଚଳ ପ୍ରଦେଶର ସିକିମ୍ ବା କଶ୍ମୀରର ଡାଲ ହ୍ରଦରେ ଥିବା ଭାସମାନ ଡାକଘର ଦେଶ ବିଦେଶ ପର୍ଯ୍ୟଟକମାନଙ୍କ ଆକର୍ଷଣ କେନ୍ଦ୍ର ପାଲଟିଛି। ଆଧୁନିକ ଯୁଗରେ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି, ଇଣ୍ଟରନେଟ୍ ଓ ମୋବାଇଲ୍ ହେତୁ ନୂତନ ପିଢ଼ିରେ ଡାକଟିକେଟ ସଂଗ୍ରହରେ ଆସକ୍ତ କମିଥିଲେ ମଧ୍ୟ ଶିକ୍ଷା, ଜନସଚେତନତା, ପର୍ଯ୍ୟଟନ, ଐତିହାସିକ ପ୍ରାସାଦ, ମନ୍ଦିର, କାରୁକାର୍ଯ୍ୟ, କ୍ରୀଡ଼ା, ମହାନ୍ ବ୍ୟକ୍ତିବିଶେଷ, ଅନୁଷ୍ଠାନଗୁଡ଼ିକୁ ଡାକଟିକେଟ ସ୍ଥାନିତ କରି ଡାକବିଭାଗ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଡାକ ସାମଗ୍ରୀ ନେବା-ଆଣିବା ପୁରାତନ ସମୟର ବ୍ୟବହୃତ ପ୍ରଣାଳୀ ପଦଦୌଡ଼ାଳି, ସାଇକେଲ୍, ମୋଟର ସାଇକେଲ୍, ପଶୁପକ୍ଷୀମାନଙ୍କ ବ୍ୟବହାର (ପାରା, ହାତୀ, ଘୋଡ଼ା, ଓଟ, ଶଗଡ଼, କୁକୁର, ପାଲିଙ୍କି) ଏବେ କେବଳ କିମ୍ବଦନ୍ତୀ ହେବା ସହ ସଡ଼କଯାନ (ଡାକ ମାଲବାହୀ ଗାଡ଼ି), ରେଳ ଡାକ ମାଲବାହୀ ଡବା, ଉଡାଜାହାଜ ପ୍ରେରିତ ମାଲବାହୀ ବିମାନ, ରକେଟ ଓ ହେଲିକପ୍ଟର ଡାକ, ନଦୀ ଓ ସମୁଦ୍ର ରାସ୍ତାରେ ନୌକା, ଜାହାଜ ପ୍ରେରିତ ଡାକ ଉପଯୋଗ ସଂଗ୍ରାହକମାନଙ୍କ ପ୍ରଥମ ପସନ୍ଦ ହୋଇ ରହିଛି। ବିମାନ ପ୍ରେରିତ ଚିଠିପତ୍ର ନେଣଦେଣର ଶ୍ରେୟ ବିଶ୍ୱରେ ପ୍ରଥମ ଥର ପାଇଁ ଫେବୃୟାରୀ ୧୮, ୧୯୧୧ରେ ଭାରତର ଆଲ୍ଲାହାବାଦଠାରୁ ନୈନୀ ପର୍ଯ୍ୟନ୍ତ କୁମ୍ଭମେଳା ସମୟରେ ପ୍ରଚଳନ ହୋଇଥିଲା।

ଡାକବିଭାଗ ଦ୍ୱାରା ଅନ୍ୟ ଏକ ଯୁଗାନ୍ତକାରୀ ଖବର ସରବରାହ ମାଧ୍ୟମ ହେଉଛି ‘ମିଲିଟାରୀ ଡାକ ବ୍ୟବସ୍ଥା’। ପ୍ରତିରକ୍ଷା ବିଭାଗରେ କାର୍ଯ୍ୟରତ ସୈନିକ, ଦୁର୍ଗମ ମରୁ ବା ବରଫାବୃତ ହିମସ୍ରୋତ ଇଲାକା, ସୀମାର ଜାଗ୍ରତ ପ୍ରହରୀ, ସ୍ଥଳଭାଗରେ କାର୍ଯ୍ୟରତ ସୈନ୍ୟବାହିନୀ ସଦୃଶ ସଂଗଠନମାନଙ୍କ ପରିବାର ଓ ସ୍ୱଜନ ସହ ସମ୍ପର୍କ ରକ୍ଷା ଉଦ୍ଦେଶ୍ୟରେ ଡାକ ବିଭାଗ ସ୍ୱତନ୍ତ୍ର ବିଭାଗ ୧୮୫୬ ରୁ ଦିଲ୍ଲୀ ଓ କଲିକତାଠାରେ ଥିବା ‘ଆର୍ମି ପୋଷ୍ଟାଲ ସର୍ଭିସ୍’ ଦ୍ୱାରା ସେବା ଯୋଗାଇ ଆସୁଛି। ୨୦୦୨ ସାମଗ୍ରୀ ପ୍ରଚଳନ ଦ୍ୱାରା କର୍ତ୍ତବ୍ୟପରାୟଣତାକୁ ଦର୍ଶାଉଛି।




ସଂଗ୍ରାହକମାନଙ୍କ ଦେଶ-ବିଦେଶରେ ପତ୍ର ବନ୍ଧୁତାର ମୁଖ୍ୟ ଆକର୍ଷଣ ‘ଡାକ ଟିକେଟ’ ସଂଗ୍ରହ ହେଲା ଇତିହାସକୁ ସାଉଁଟି ଧରିବାର ଇଚ୍ଛା ତଥା ନିଜସ୍ୱ ଆନନ୍ଦ ପାଇଁ ଉଦ୍ଦିଷ୍ଟ। ଡାକ ସାମଗ୍ରୀ ସମୟ ଅନୁସାରେ ପରିବର୍ତ୍ତିତ ହୋଇଛି ଭାରତରେ ସ୍ୱଳ୍ପ ମୂଲ୍ୟର ବିଭିନ୍ନ କିସମର ଜନସଚେତନତା ବହନ କରୁଥିବା ପୋଷ୍ଟ କାର୍ଡ଼, ଅନ୍ତର୍ଦ୍ଦେଶୀୟ ପତ୍ର, ଲଫାଫା, ମେଘଦୂତ କାର୍ଡ଼, ସୁନ୍ଦର ଚିତ୍ର ସମ୍ମିଳିତ ପୋଷ୍ଟକାର୍ଡ଼, ମାକ୍ସିମ କାର୍ଡ଼, ମିନିଏଚର ସିଟ୍, ବୁକଲେଟ୍ ପ୍ରଭୃତିର ଆକର୍ଷଣ ଜଣେ ସଂଗ୍ରାହକଙ୍କୁ ଭାବ-ଆଦାନ-ପ୍ରଦାନ ଜରିଆ ଦେଇଥାଏ। ବିଶେଷ ଭାବେ ଅନ୍ୟ ଦେଶରୁ ପତ୍ରାଳାପ ଦ୍ୱାରା ସଂଗୃହୀତ ବିଭିନ୍ନ ବିଷୟ ଭିତ୍ତିକ ଲଫାଫା ବା ସ୍ମୃତିଭିତ୍ତିକ ପ୍ରଥମ ଦିବସ, ନିରାପତ୍ତା ସହ ଡାକରେ ପ୍ରେରିତ ଚିଠି (ରେଜିଷ୍ଟ୍ରି ଚିଠି), ଏକ ବିଷୟରେ ବହୁ ଦେଶରୁ ପ୍ରଚଳିତ ଟିକେଟ ସ୍ୱତନ୍ତ୍ର ମୋହର ସଂଗ୍ରାହକଙ୍କୁ ପ୍ରୋତ୍ସାହିତ କରିଥାଏ।

ଡାକ ସାମଗ୍ରୀ ସଂଗ୍ରହସ୍ଥଳ ଭାବେ ‘ଫିଲାଟେଲିକ ବ୍ୟୁରୋ’ ପ୍ରତିଷ୍ଠା ବମ୍ବେ ସାଧାରଣ ପୋଷ୍ଟ ଅଫିସ୍‌ଠାରେ ୨୧ ଜୁନ୍ ୧୯୪୧ରେ ଆରମ୍ଭ ହୋଇଥିଲା। ସ୍ୱାଧୀନତା ପରେ ୧୫ ଅଗଷ୍ଟ ୧୯୪୮ରେ ୯ ରାଜ୍ୟ ରାଜଧାନୀରେ ଉଦ୍‌ଘାଟିତ ହୋଇ ପରବର୍ତ୍ତୀ ସମୟରେ ୮୪ଟି ସହର ଓ ୨ଟି ଆର୍ମି ପୋଷ୍ଟ ଅଫିସ୍ (କଲିକତା ଓ ଦିଲ୍ଲୀ) ଠାରେ ଡାକ ସାମଗ୍ରୀ ସଂଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଅଛି। ଖୁସିର ବିଷୟ ଯେ, ଓଡ଼ିଶାର ସର୍ବପୁରାତନ ଫିଲାଟେଲିକ ବ୍ୟୁରୋ କଟକରେ ୧୯୪୮ରୁ କାର୍ଯ୍ୟକ୍ଷମ ହୋଇ ଚଳିତ ବର୍ଷ ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି। ଏତଦ୍‌ବ୍ୟତୀତ ଭୁବନେଶ୍ୱର ଓ ସମ୍ବଲପୁର ବ୍ୟୁରୋ ଓଡ଼ିଶାର ସଂଗ୍ରାହକମାନଙ୍କ ରୁଚି ଓ ପସନ୍ଦ ଅନୁସାରେ ପ୍ରକାଶିତ ଓ ପ୍ରଚଳିତ ଡାକଟିକେଟ ସାମଗ୍ରୀ ଯୋଗାଇ ଦେବାରେ ଅଗ୍ରଣୀ ଭୂମିକା ନିଭାଉଛି।

‘ଉଡ଼ାଜାହାଜର ପ୍ରଥମ ଦିବସ ଯାତ୍ରା’ ସମୟର ସ୍ମୃତିଭିତ୍ତିକ ସ୍ମରଣକାରୀ ଲଫାଫା ସଂଗ୍ରହ ଏକ ସ୍ୱତନ୍ତ୍ର ସ୍ଥାନ ସହ ସଂଗ୍ରାହକ ପସନ୍ଦ କରିଥାନ୍ତି। ବିଶାଳ ଭାରତବର୍ଷରେ ଡାକ ଦ୍ୱାରା ପ୍ରେରିତ ସାମଗ୍ରୀ ଠିକ୍ ଭାବେ ଠିକ୍ ଠିକଣାରେ ପହଞ୍ଚାଇବା ପାଇଁ ପିନ୍ ବା ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର ଦିଆଯାଉଥାଏ। ଏହି ଛଅ ଅଙ୍କ ବିଶିଷ୍ଟ ସ୍ୱତନ୍ତ୍ର ସଂଖ୍ୟା ଚିହ୍ନ ୧୯୭୨ରୁ ଆରମ୍ଭ ହୋଇ ଚଳିତ ବର୍ଷ ଅଗଷ୍ଟ ୧୫ରେ ୫୦ ଭାରତୀୟ ଡାକବିଭାଗ କେବଳ ଡାକ ଟିକେଟ ପ୍ରଚଳନ, ଡାକ ସରବରାହରେ ସୀମିତ ନ ରହି ଜମା ଗ୍ରହଣ ଓ ଋଣ ପ୍ରଦାନକାରୀ, ଅବସରକାଳୀନ, ବୟସ୍କ, ଅକର୍ମଣ୍ୟ ବ୍ୟକ୍ତିଙ୍କ ଭତ୍ତା, ବୀମା ପ୍ରଭୃତି ସେବା ପ୍ରଦାନପୂର୍ବକ ‘ଅହର୍ନିଶଂ ସେବା ମହେ’ ମନ୍ତ୍ରରେ ଅନୁପ୍ରାଣିତ ହୋଇ ଦିନରାତି ସେବା ଯୋଗାଇବାରେ ସକ୍ଷମ ହୋଇଛନ୍ତି।

**ଡାକ ଟିକେଟ ସଂଗ୍ରାହକ**
**ଏ/ଇ ୬୯, ଭୀମଟାଙ୍ଗୀ ହାଉସିଂ ବୋର୍ଡ**
**କପିଳପ୍ରସାଦ, ଭୁବନେଶ୍ୱର**
**ମୋ–୭୯୭୮୫୫୧୦୮୦**

## ଏଇ ଭାରତରେ

ନିଷ୍ଠା ଓ କଠୋର ପରିଶ୍ରମ ସଫଳତାର ଚାବିକାଠି, ଯାହା ପ୍ରତିପାଦିତ କରିଛନ୍ତି ମହାରାଷ୍ଟ୍ରର ସବିତା ଡାକଲେ। ସବିତାଙ୍କ ବୟସ ୩୮। ରହୁଛନ୍ତି ଫୁଲାମ୍ବରୀ ଜିଲାରେ। ମାତ୍ର ୧୦ମ ଶ୍ରେଣୀ ଯାଏ ପଢ଼ି ପାଠ ଛାଡ଼ି ପରିବାର ପ୍ରତିପୋଷଣ ଦାୟିତ୍ୱ ମୁଣ୍ଡକୁ ନେବା ପରେ ତାଙ୍କୁ ବାଲ୍ୟବିବାହ କରିବାକୁ ପଡ଼ିଥିଲା। ସେ ଔରଙ୍ଗାବାଦରେ ବଢ଼ିଥିଲେ ବି ଫୁଲାମ୍ବରୀ ଜିଲାର ଏକ ଗାଁକୁ ବୋହୂ ହୋଇ ଆସିବା ପରେ କୃଷିକର୍ଯ୍ୟରେ ଲାଗିଥିଲେ। ତାଙ୍କ ଶାଶୁଘର କୃଷକ ପରିବାର ହୋଇଥିବାରୁ ସବିତା ଶୀଘ୍ର କୃଷିକାର୍ଯ୍ୟ ଶିକ୍ଷା କରିନେଲେ। ପରେ ଜୈବିକ ଚାଷ କରିବା ସହ ତାଙ୍କ ଗାଁ ଓ ନିକଟବର୍ତ୍ତୀ ଅଞ୍ଚଳର ପ୍ରାୟ ୯୦୦ ମହିଳାଙ୍କୁ ଉକ୍ତ ଚାଷ କରିବାକୁ ପ୍ରେରିତ କରିଛନ୍ତି। କେବଳ ଏତିକି ନୁହେଁ, ୨୦୧୭ରେ ସେ ଫେସ୍‌ବୁକ୍ କମ୍ୟୁନିଟି ‘ଓମେନ୍ ଇନ୍ ଏଗ୍ରିକଲ୍‌ଚର’ ଆରମ୍ଭ କରି ଦେଶର ବିଭିନ୍ନ ସ୍ଥାନରୁ ୭ ଲକ୍ଷ ସଦସ୍ୟଙ୍କୁ ଯୋଡ଼ି ଜୈବିକ କୃଷି ସମ୍ପର୍କରେ ଶିକ୍ଷା ଦେଇଛନ୍ତି। ପ୍ରଥମରୁ ସେ ୧୭ ବର୍ଷ ବୟସରେ ଜୈବିକ କୃଷି ଉପରେ ପ୍ରଶିକ୍ଷଣ ନେଇ ନିଜ ଜମିରେ ଚାଷ ଆରମ୍ଭ କରିଥିଲେ ଓ ଏବେ ସେ ତାଙ୍କ ଅଭିଜ୍ଞତାକୁ ଅନ୍ୟମାନଙ୍କ ସହ ଶେୟାର କରୁଛନ୍ତି। ସବିତା ସକାଳୁ ଉଠି ଘରକାମ ଶେଷ କରି ୧୦ଟାରେ କ୍ଷେତକୁ ଯାଇ ସନ୍ଧ୍ୟାରେ ଫେରନ୍ତି। ରାତିରେ ଖାଇବା ପରେ ଜୈବିକ କୃଷି ନେଟ୍‌ୱର୍କରେ ଲାଗିପଡ଼ନ୍ତି। ଏଥିରେ ସେ ମହିଳାମାନେ ସମ୍ମୁଖୀନ ହେଉଥିବା କୃଷି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରନ୍ତି। ନିଜେ ଜୈବିକ କୃଷିରେ ସଫଳତା ପାଇବା ସହ ମହିଳାମାନଙ୍କୁ ଏଥିରେ ସାମିଲ କରିବାର ଦକ୍ଷତା ଲାଗି ତାଙ୍କୁ ଜିଲା ତଥା ରାଜ୍ୟରେ ଅନେକ ପୁରସ୍କାର ମିଳିଛି। ସେ ଏବେ ମହିଳା ଚାଷୀମାନଙ୍କ ମଧ୍ୟରେ ‘ସବିତା ଦିଦି’ ଭାବେ ବେଶ୍ ଜଣାଶୁଣା।

## ଚିରନ୍ତନୀ

ଅସମୟେ ବନକୋଳେ
ଜାଗି ଉଠେ କୁହୁ
ଭୁବନର ଚେତନାରେ
ଛୁଇଁ ମୁହୁ ମୁହୁ।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭାଷଣରେ ନାରୀ ସୁରକ୍ଷା

ମହାଶୟ,

ଯେଉଁ ଦେଶରେ ନେତାମାନେ ଅପରାଧପ୍ରବଣ, ସେ ଦେଶରେ ଅପରାଧକୁ ମୁକ୍ତ କରିବ କିଏ ? ବିଲ୍‌କିସ୍‌ଙ୍କ ପ୍ରତି ଯେପରି ନ୍ୟାୟ ମିଳିଲା ବା ଉପହାସ କରାଗଲା, ତାକୁ ଦେଖିଲେ କେବଳ ଦେଶରେ ଅପରାଧର କାୟା ବିସ୍ତାର ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ପଞ୍ଚସ୍ତରି ବର୍ଷରେ ଆମ ଦେଶରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ହର୍‌ଘର ତ୍ରିରଙ୍ଗାର ଉତ୍ତୋଳନ ପରିପ୍ରେକ୍ଷୀରେ ଗୁଜୁରାଟରେ ବଳାତ୍କାରୀ ଓ ହତ୍ୟାକାରୀମାନଙ୍କୁ ଯେଉଁ ଭଳି ନିର୍ଦ୍ଦୋଷରେ ଖଲାସ କରାଗଲା ତାହା ନାରୀର କେଉଁ ସୁରକ୍ଷା ? ହତ୍ୟାକାରୀ ବା ବଳାତ୍କାରୀଙ୍କୁ ମୁକ୍ତିଦେବା ବେଳେ ଦେଶର ଶାସନକର୍ତ୍ତାଙ୍କର କର୍ତ୍ତବ୍ୟ ବିଷୟରେ ଜନତା ଭାବିବା ଉଚିତ। ଏମାନଙ୍କୁ ମୁକ୍ତ କରି ଶାସନକର୍ତ୍ତାମାନେ ଦେଖାଇଦେଲେ ଯେ, ନାରୀମାନଙ୍କର ସୁରକ୍ଷା କେବଳ ଭାଷଣରେ ସୀମିତ।

**– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ଚେନ୍ନାଇର ଏକ ମାର୍କେଟକୁ ଯାଇ ସେଠାରୁ ପରିବା କିଣୁଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର କୋଲକାତାରେ ଦୁର୍ଗାପୂଜା ଉତ୍ସବରେ ସାମିଲ ହୋଇ ଲୋକନୃତ୍ୟ କଳାକାରଙ୍କ ସହ ନୃତ୍ୟ କରୁଛନ୍ତି।

# ତ୍ରିଶୂଳ, ଉଦିତ ସୂର୍ଯ୍ୟ କିମ୍ବା ମଶାଲ

## ୩ ଚିହ୍ନ ପ୍ରସ୍ତାବ ଦେଲେ ଉଦ୍ଧବ ଠାକ୍‌ରେ

ନୂଆଦିଲ୍ଲୀ,୯।୧୦

ନଭେମ୍ବର ୩ରେ ହେବାକୁ ଥିବା ଉପନିର୍ବାଚନରେ ଉଦ୍ଧବ ଠାକ୍‌ରେ ଏବଂ ଏକନାଥ ଶିନ୍ଦେ ଗୋଷ୍ଠୀ ଶିବସେନା ନାଁ ଏବଂ ଧନୁତୀର ଚିହ୍ନ ବ୍ୟବହାର କରିପାରିବେ ନାହିଁ ବୋଲି ନିର୍ବାଚନ କମିଶନ ଶନିବାର କହିବା ସହ ଉଭୟ ଗୋଷ୍ଠୀ ସେମାନଙ୍କ ଦଳ ପାଇଁ ନୂଆ ନାଁ ଓ ଚିହ୍ନ ପ୍ରସ୍ତାବ ଦେବାକୁ କହିଥିଲେ। ତ୍ରିଶୂଳ, ମଶାଲ କିମ୍ବା ଉଦିତ ସୂର୍ଯ୍ୟ ଚିହ୍ନ ନେବା ପାଇଁ ଉଦ୍ଧବ ଗୋଷ୍ଠୀ ରବିବାର ନିର୍ବାଚନ କମିଶନଙ୍କୁ ପ୍ରସ୍ତାବ ଦେଇଥିବା



ଉଦ୍ଧବ ଠାକ୍‌ରେ

ଦଳୀୟ ଏମ୍‌ପି ଅରବିନ୍ଦ ସାୱନ୍ତ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ସେମାନଙ୍କ ଦଳର ନାମ ଶିବସେନାକୁ ଯଦି ନିର୍ବାଚନ କମିଶନ ବଦଳାଇବାକୁ ଚାହାନ୍ତି ତେବେ ଏହାକୁ ଶିବସେନା(ବାଲାସାହେବ ଠାକ୍‌ରେ), ଶିବସେନା (ପ୍ରବୋଧଙ୍କର ଠାକ୍‌ରେ) କିମ୍ବା ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଦିଆଗଲେ ତାହାକୁ ଦଳ ଗ୍ରହଣ କରିବ। ଶିବସେନା (ବାଲାସାହେବ ଠାକ୍‌ରେ) ସେମାନଙ୍କର ପ୍ରଥମ ପସନ୍ଦ ହୋଇଥିବାବେଳେ ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଦ୍ୱିତୀୟ ପସନ୍ଦ ବୋଲି ଦଳ ସୂତ୍ରରୁ କୁହାଯାଇଛି। ସେହିପରି ତ୍ରିଶୂଳ ପ୍ରଥମ ଏବଂ ଉଦିତ ସୂର୍ଯ୍ୟ ଦ୍ୱିତୀୟ ପସନ୍ଦ ଥିବାବେଳେ ମଶାଲ ତୃତୀୟ ପସନ୍ଦ ବୋଲି ଉଦ୍ଧବ ଗୋଷ୍ଠୀର ଜଣେ ନେତା କହିଛନ୍ତି।

ସୂଚନାଯୋଗ୍ୟ, ଶିବସେନାକୁ ନେଇ ଉଦ୍ଧବ ଏବଂ ଏକନାଥ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଯୋଗୁ ନିର୍ବାଚନ କମିଶନ ଶନିବାର ଦଳର ନାମ ଏବଂ ଧନୁତୀର ଚିହ୍ନକୁ ସାମୟିକ ଭାବେ ରଦ୍ଦ କରିଦେଇଥିଲେ।

# ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରାର୍ଥୀ କଲା ଭାଜପା

## ଧାମନଗର ଉପନିର୍ବାଚନ

ଭଦ୍ରକ ଅଫିସ,୯।୧୦



ସୂର୍ଯ୍ୟବଂଶୀ ସୂରଜ

ଭଦ୍ରକ ଜିଲା ଧାମନଗର ଉପ ନିର୍ବାଚନକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ନିର୍ବାଚନ ତାରିଖ ଘୋଷଣା ପରଠାରୁ ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ଚୟନ ନେଇ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ତେବେ ପ୍ରାର୍ଥୀ ଚୟନରେ ଭାଜପା ଆଗରେ ରହିଛି। ରବିବାର ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଅନୁକମ୍ପା ଭୋଟ ହାତେଇବା ସହିତ ଧାମନଗର ଆସନ ଦଖଲ ପାଇଁ ଭାଜପା ସୂରଜଙ୍କୁ ପ୍ରାର୍ଥୀ କରିଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ସୂରଜ ଛାତ୍ର ଜୀବନରୁ ରାଜନୀତିରେ ଜଡିତ ଥିବା ସହିତ ରାଜ୍ୟ ଯୁବମୋର୍ଚ୍ଚାର ସଂଯୋଜକ ରହିଥିଲେ। ଗତ ୨୦୧୯ ସାଧାରଣ ନିର୍ବାଚନରେ ବାପାଙ୍କ ପାଇଁ ପ୍ରଚାରରେ ନିଜକୁ ସାମିଲ କରି ଧାମନଗର ଭୋଟରଙ୍କ ନିକଟତର ହୋଇ ପାରିଥିଲେ। ବିଷ୍ଣୁ ରୋଗ ଶଯ୍ୟାରେ ଥିବା ବେଳେ ତାଙ୍କ ପ୍ରତିନିଧି ଭାବେ ଲୋକଙ୍କ ସହିତ କାମ କରିଛନ୍ତି, ଯାହା ତାଙ୍କୁ ଉପନିର୍ବାଚନରେ ସହାୟ ହେବ ବୋଲି ଚର୍ଚ୍ଚା ହେଉଛି। ଦଳ ତାଙ୍କୁ ଭରସା କରି ଉପନିର୍ବାଚନରେ ପ୍ରାର୍ଥୀ କରିଥିବାରୁ ସେ ସମସ୍ତ ଦଳୀୟ ନେତୃତ୍ୱକୁ ଧନ୍ୟବାଦ ଜଣାଇଛନ୍ତି। ବାପାଙ୍କ ଆଦର୍ଶକୁ ପାଥେୟ କରି ଲୋକଙ୍କ ପାଖକୁ ଯିବେ ବୋଲି କହିଛନ୍ତି। ଅପରପକ୍ଷେ ଶାସକ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଛି। ନୂଆ ପୁରୁଣା ମୁହଁକୁ ନେଇ ଅଡୁଆରେ ପଡ଼ି ଯାଇଛି ବିଜେଡି। କଂଗ୍ରେସ ମଧ୍ୟ ପ୍ରାର୍ଥୀ ଘୋଷଣା ନେଇ ନେତା ଓ କର୍ମୀଙ୍କ ମଧ୍ୟରେ ଘନ ଘନ ବୈଠକ କରୁଥିବା ଦେଖିବାକୁ ମିଳୁଛି। ପର୍ଯ୍ୟବେକ୍ଷକ ଟିମ୍ ଆସି ସ୍ଥାନୀୟ ନେତୃତ୍ୱ ଓ କର୍ମୀଙ୍କ ସହିତ ଆଲୋଚନା କରି ଫେରିଯାଇଛନ୍ତି।

## ଷ୍ଟାଲିନ୍ ଦ୍ୱିତୀୟ ଥର ପାଇଁ ଡିଏମ୍‌କେ ଅଧ୍ୟକ୍ଷ ନିର୍ବାଚିତ



**ଚେନ୍ନାଇ,୯।୧୦:** ଡିଏମ୍‌କେ ନେତା ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କ୍ରମାଗତ ଦ୍ୱିତୀୟ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ଦଳର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ରବିବାର ଚେନ୍ନାଇରେ ଅନୁଷ୍ଠିତ ଦଳର ସାଧାରଣ ପରିଷଦ ବୈଠକରେ ଷ୍ଟାଲିନ୍‌ଙ୍କୁ ସର୍ବସମ୍ମତ ସମର୍ଥନ ମିଳିଥିଲା। ସେହିପରି ବରିଷ୍ଠ ନେତା ଦୁରାଇମୁରୁଗାନ ଏବଂ ଟି.ଆର୍. ବାଲୁ ଦ୍ୱିତୀୟ ଥର ପାଇଁ ସର୍ବସମ୍ମତକ୍ରମେ ଦଳର ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। କରୁଣାନିଧିଙ୍କ ପରଲୋକ ପରେ ୨୦୧୮ରେ ଷ୍ଟାଲିନ ଡିଏମ୍‌କେ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ୧୯୪୯ରେ ସି.ଏନ୍. ଆନ୍ନାଦୁରାଇ ଡିଏମ୍‌କେ ପ୍ରତିଷ୍ଠା କରି ଏହାର ସାଧାରଣ ସମ୍ପାଦକ ରହିଥିଲେ। ସେତେବେଳେ ସାଧାରଣ ସମ୍ପାଦକ ଦଳର ଶୀର୍ଷ ପଦବୀ ଥିଲା। ୧୯୬୯ରେ କରୁଣାନିଧି ଡିଏମ୍‌କେର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ।

# ପଛୁଆ ବର୍ଗଙ୍କ ପ୍ରତି ଉଦାସୀନ ନୀତୀଶ ଇସ୍ତଫା ଦିଅନ୍ତୁ: ସୁଶୀଲ ମୋଦି

ପାଟନା,୯।୧୦



ନୀତୀଶ କୁମାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମର୍ଥକଭାବେ ଜଣାଶୁଣା ଅତ୍ୟନ୍ତ ପଛୁଆ ବର୍ଗ (ଇବିସି)ଙ୍କ ପ୍ରତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅଣଦେଖା କରୁଥିବା ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ଅଭିଯୋଗ କରିଛନ୍ତି। ପୌର ନିର୍ବାଚନରେ ଓବିସି ଏବଂ ଇବିସିଙ୍କ ପାଇଁ ଦିଆଯାଇଥିବା କୋଟାକୁ ପାଟନା ହାଇକୋର୍ଟ ବେଆଇନ ଘୋଷଣା କରିଥିଲେ। ଏଭଳି ପ୍ରତିକୂଳ ରାୟ ପାଇଁ ସୁଶୀଲ ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ଦାୟୀ କରିବା ସହ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଏଭଳି କୋଟା ପାଇଁ ସୁପ୍ରିମକୋର୍ଟଙ୍କ ତିନୋଟି ପରୀକ୍ଷା ନିୟମ ଧାର୍ଯ୍ୟ କରିଥିଲେ। ଏଥିପାଇଁ କମିଶନ ଗଠନ ନିମନ୍ତେ ଆଡଭୋକେଟ ଜେନେରାଲ ଲଳିତ କିଶୋର ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ଏହା ଉପରେ ରାଜ୍ୟ ନିର୍ବାଚନ କମିଶନ ମାର୍ଚ୍ଚ ୨୨ ଓ ମେ’ ୧୧ରେ ସରକାରଙ୍କ ପରାମର୍ଶ ଲୋଡ଼ିଥିଲେ। ଅନୁସୂଚିତ ଜାତି, ଜନଜାତି ଏବଂ ଓବିସିଙ୍କ ପାଇଁ ଆସନ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ। ତେଣୁ ଓବିସିମାନଙ୍କ ପଛୁଆପଣର ତଥ୍ୟ ସଂଗ୍ରହ ଲାଗି କମିଶନ ଗଠନ କରିବାକୁ କୁହାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅନାଗ୍ରହ ଯୋଗୁ ଆଡଭୋକେଟ ଜେନେରାଲ ମତ ବଦଳାଇଥିବାବେଳେ ରାଜ୍ୟ ନିର୍ବାଚନ କମିଶନ ୩ ପରୀକ୍ଷା ନିୟମରେ ଅଟଳ ରହିଥିଲେ। ସେମାନଙ୍କର ପରସ୍ପର ବିରୋଧୀ ଆଭିମୁଖ୍ୟ ଯୋଗୁ ଗତ ୪ ତାରିଖରେ ହାଇକୋର୍ଟ କୋଟା ଆବେଦନକୁ ଖାରଜ କରିଦେଇଥିଲେ ବୋଲି ସୁଶୀଲ କହିଛନ୍ତି। ଇବିସିମାନେ ପ୍ରଧାନମନ୍ତ୍ରୀଙ୍କ ସମର୍ଥକ ହୋଇଥିବାରୁ ନୀତୀଶ ଜାଣିଶୁଣି ଏଭଳି କରିଥିବା ସେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବିହାରରେ ଜନ ସୁରାଜ ପଦଯାତ୍ରା ଚଳାଇଥିବା ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ସମାଲୋଚନା କରିଛନ୍ତି। ଜେଡିୟୁ ନେତା ଭ୍ରମର ଶିକାର ହେବା ସହ ରାଜନୈତିକ କ୍ଷେତ୍ରରେ ଏକଘରିକିଆ ହୋଇଗଲେଣି। ବୟସାଧିକ୍ୟ ଯୋଗୁ ନୀତୀଶ କହିବାବେଳେ ହଡ଼ବଡ଼େଇ ଯାଉଛନ୍ତି ଓ ତାଙ୍କ କଥାବାର୍ତ୍ତାରୁ ଭୟ ବାରିହେଉଛି ବୋଲି ପ୍ରଶାନ୍ତ କହିଛନ୍ତି।

# ମୁସଲମାନ ଅଧିକ କଣ୍ଡୋମ୍ ବ୍ୟବହାର କରୁଛନ୍ତି: ଓୱାଇସି

ହାଇଦ୍ରାବାଦ,୯।୧୦



ଅସାଦୁଦ୍ଦିନ ଓୱାଇସି

ଦେଶରେ ମୁସଲମାନ ଜନସଂଖ୍ୟା ବଢୁନାହିଁ ବରଂ ଏହା ହ୍ରାସ ପାଉଛି। ସେମାନଙ୍କର ସନ୍ତାନ ଜନ୍ମ ବ୍ୟବଧାନ ମଧ୍ୟ ବଢ଼ିଛି। ମୁସଲମାନମାନେ ସର୍ବାଧିକ କଣ୍ଡୋମ୍ ବ୍ୟବହାର କରୁଥିବା ଏଆଇଏମ୍ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ନିକଟରେ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଦେଇଥିବା ମନ୍ତବ୍ୟକୁ ଟାର୍ଗେଟ କରି ଓୱାଇସି ଏହା କହିଛନ୍ତି। ଆର୍‌ଏସ୍‌ଏସ୍‌ର ଦଶହରା ରାଲିରେ ଯୋଗଦେଇ ଭାଗବତ କହିଥିଲେ, ସମସ୍ତଙ୍କ ପାଇଁ ସମାନ ଭାବେ ଲାଗୁ ହେବା ଭଳି ଜନସଂଖ୍ୟା ନିୟନ୍ତ୍ରଣ ନୀତି ଆବଶ୍ୟକ। ଜନସଂଖ୍ୟାରେ ଧର୍ମଭିତ୍ତିକ ଅସନ୍ତୁଳନତା ଏବଂ ବଳପୂର୍ବକ ଧର୍ମାନ୍ତରୀକରଣ କଥା ମଧ୍ୟ ଉଠାଇଥିଲେ। ଏହାର ଜବାବରେ ଓୱାଇସି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ର ରିପୋର୍ଟକୁ ଦେଖାଇ ମୁସଲମାନଙ୍କ ମୋଟ ପ୍ରଜନନ ହାରରେ ସର୍ବାଧିକ ହ୍ରାସ ଘଟିଥିବା କହିଛନ୍ତି।

# କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ଉଦିତରାଜଙ୍କ ଗାଡ଼ିକୁ ଅଣ୍ଡାମାଡ଼

## ରାଷ୍ଟ୍ରପତିଙ୍କ ପ୍ରତି କଟୂକ୍ତିର ପ୍ରତିବାଦ

ରାଉରକେଲା ଅଫିସ,୯।୧୦

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଅପମାନଜନକ ଶବ୍ଦ ପ୍ରୟୋଗ କରିଥିବାରୁ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଡ. ଉଦିତରାଜଙ୍କୁ ବିରୋଧ ବଢ଼ିବାରେ ଲାଗିଛି। ଏହି କ୍ରମରେ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ କନ୍‌ଭେନଶନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଡ. ଉଦିତରାଜ ରବିବାର ରାଉରକେଲା ଗସ୍ତରେ ଆସିଥିବା ବେଳେ ଭାଜପା ପକ୍ଷରୁ ତାଙ୍କୁ ବିରୋଧ କରାଯାଇଥିଲା। ଭାଜପା କର୍ମୀମାନେ ସେକ୍ଟର-୨୦ ରିଂରୋଡ୍ ଛକରେ ଉଦିତରାଜଙ୍କ ଗାଡ଼ିକୁ ଅଣ୍ଡାମାଡ କରିବା ସହ କଳାପତାକା ଦେଖାଇଥିଲେ। ଉଦିତରାଜଙ୍କ କନ୍‌ଭେନଶନ କାର୍ଯ୍ୟକ୍ରମ ହେବାକୁ ଥିବା ରାଉରକେଲାର ଏକ ହୋଟେଲ ସମ୍ମୁଖରେ ଶତାଧିକ ଭାଜପା କର୍ମୀ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଉଦିତରାଜଙ୍କ କୁଶପୁତ୍ତଳିକା ଦାହ କରିବା ସହ ତାଙ୍କ ଗସ୍ତ ବାତିଲ ଦାବି କରିଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ପ୍ଲାଣ୍ଟସାଇଟ୍ ପୋଲିସ ଭାଜପା କର୍ମୀଙ୍କୁ ଗିରଫ କରିନେଇଥିଲା ଏବଂ ସନ୍ଧ୍ୟାରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲା। କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ରାଜ୍ୟ ଉପସଭାପତି ନେତ୍ରୀ ସୁକେଶୀ ଓରାମ, ନିହାର ରାୟ, ହରବିନ୍ଦର ସିଂ, ସୂର୍ଯ୍ୟକାନ୍ତ ମହାନ୍ତି, ମନୋଜ ମାହେଶ୍ୱରୀ ପ୍ରମୁଖ ସାମିଲ ହୋଇଥିଲେ।



ବିକ୍ଷୋଭ କରୁଥିବା ଭାଜପା କର୍ମୀଙ୍କୁ ପୋଲିସ ଗିରଫ କରୁଛି।

## ଧର୍ମାନ୍ତରୀକରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦିଲ୍ଲୀ ମନ୍ତ୍ରୀଙ୍କ ଇସ୍ତଫା

**ନୂଆଦିଲ୍ଲୀ,୯।୧୦:** ଦିଲ୍ଲୀରେ ଏକ ଧର୍ମାନ୍ତରୀକରଣ ଉତ୍ସବରେ ଯୋଗଦେଇ ବିବାଦ ଘେରକୁ ଆସିଥିବା ଅରବିନ୍ଦ କେଜ୍‌ରିୱାଲ ସରକାରଙ୍କ ସାମାଜିକ କଲ୍ୟାଣ ମନ୍ତ୍ରୀ ରାଜେନ୍ଦ୍ର ପାଲ୍ ଗୌତମ ରବିବାର ଇସ୍ତଫା ଦେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଧର୍ମାନ୍ତରୀକରଣ ଉତ୍ସବରେ



ହିନ୍ଦୁ ଦେବଦେବୀଙ୍କୁ ଅପମାନିତ କରାଯାଉଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି ମନ୍ତ୍ରୀ ମଞ୍ଚରେ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ଶହ ଶହ ଲୋକ ଯୋଗଦେଇ ବୌଦ୍ଧ ଧର୍ମ ଗ୍ରହଣ କରିବାକୁ ଶପଥ ନେବା ସହ ସେମାନେ ହିନ୍ଦୁ ଦେବଦେବୀଙ୍କୁ ଈଶ୍ୱର ମାନନ୍ତି ନାହିଁ ବୋଲି କହିଥିଲେ। ଉକ୍ତ ଉତ୍ସବର ଭିଡିଓ ଭାଇରାଲ ହେବା ପରେ ଭାଜପା ପକ୍ଷରୁ ଜୋର୍‌ଦାର ପ୍ରତିବାଦ କରାଯାଇଥିଲା। ଭାଜପା ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ସମାଲୋଚନା କରିବା ସହ ତୁରନ୍ତ ମନ୍ତ୍ରୀ ଗୌତମଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲା। କେଜ୍‌ରିୱାଲ ହିନ୍ଦୁ ବିରୋଧୀ ବୋଲି ଶନିବାର ଗୁଜରାଟର ବଡୋଦରା ରାଲି ସ୍ଥଳରେ ପୋଷ୍ଟର ଲଗାଯାଇଥିଲା।


ODISHA

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

No. CAD-1831 ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨

### ପ୍ରଦୂଷଣମୁକ୍ତ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ତଥା କାଳୀପୂଜା ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ମୂର୍ତ୍ତି ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ଜନ ସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନ ସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।

**ଫାଇନ ଓ ଦଣ୍ଡ ବ୍ୟବସ୍ଥା:** Odisha Prevention and Control of Water Pollution (Procedure for Immersion of Idol after Pijas) Rules, 2021 ଅନୁଯାୟୀ, ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।

ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।

- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

**ଆସନ୍ତୁ, ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା।**

- ବି.ଦ୍ର.: ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। **(Weblink: http://ospcboard/org/wp-content/uploads/2022/02/1741-F-E-Idol-immersion-Rule-by-Odisha.pdf)**

OIPR-08012/11/0259/2223 ସ୍ୱା./– ସଦସ୍ୟ ସଚିବ


ଜଗତ୍‌ସିଂହପୁର ଜିଲାର ଗଜଲକ୍ଷ୍ମୀ ପୂଜା ମଣ୍ଡପ: ବିରିଡ଼ି, ମଙ୍ଗୁଳି।


ବିରିଡ଼ି, ପାଣ୍ଡିଆରେ ପୂଜା ପାଉଥିବା ଲକ୍ଷ୍ମୀନାରାୟଣ, ଗରୁଡ ମୂର୍ତ୍ତି।


ରଘୁନାଥପୁର ବ୍ଲକ ଗୋଠିଣା ପୂଜା ପାଇଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

# ୩୧ ମାସ ପରେ ବନ୍ଦର ଟ୍ରଷ୍ଟି ନିର୍ବାଚନ ଘୋଷଣା

ପାରାଦୀପ,୯।୧୦(ସ୍ୱ.ପ୍ର.)

## ଅକ୍ଟୋବର ୨୮ରେ ନିର୍ବାଚନ

- ୧୨ଟି ଟ୍ରେଡ୍ ୟୁନିୟନ ଲଢ଼ିବ
- ମେଜର ପୋର୍ଟ ଅଥରିଟି ଆଇନ ଅନୁସାରେ ବଦଳିଛି ନିୟମ
- ୪ ଜାଗାରେ ୨ ଅଦର ଇନଟ୍ରେଷ୍ଟ ଟ୍ରଷ୍ଟି ପଦବୀ

ପାରାଦୀପ ବନ୍ଦର ଅଥରିଟିର ଲେବର ଟ୍ରଷ୍ଟି (ପରିବର୍ତ୍ତିତ ନାମ ବୋର୍ଡ ସଦସ୍ୟ) ପାଇଁ ୩୧ ମାସ ପରେ ୨୮ ତାରିଖରେ ନିର୍ବାଚନ ହେବ। ଏହି ନିର୍ବାଚନ ବାଲଟ୍ ପେପର ଜରିଆରେ ହେବ। ଉକ୍ତ ଦିନ ଫଳାଫଳ ପ୍ରକାଶ ପାଇବ। ଏ ନେଇ କେନ୍ଦ୍ର ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ପକ୍ଷରୁ ଅକ୍ଟୋବର ୭ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ବାଚନ ସମ୍ପର୍କିତ ପ୍ରକ୍ରିୟା ସମ୍ପର୍କରେ ୧୨ ଟ୍ରେଡ୍ ୟୁନିୟନ ଓ ପୋର୍ଟ ଅଥରିଟିଙ୍କୁ ନୋଟିସ ଜାରି କରାଯାଇଛି।

ଅକ୍ଟୋବର ୧୨ରେ ଭୋଟର ଲିଷ୍ଟ ଘୋଷଣା, ୧୪ରୁ ୧୭ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ, ୧୯ରେ ପ୍ରତ୍ୟାହାର ଓ ୨୦ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ପରବର୍ତ୍ତୀ ୭ ଦିନ ପ୍ରଚାର ଓ ୨୮ରେ ନିର୍ବାଚନ ହେବ। ଏହି ନିର୍ବାଚନକୁ ଡେପୁଟି ଚିଫ୍ ଲେବର କମିଶନର ଭୁବନେଶ୍ୱର ପରିଚାଳନା କରିବ। ଚଳିତ ନିର୍ବାଚନରେ ବନ୍ଦରର ୩୯୩ ଜଣ ଭୋଟର ମତଦାନ କରିବେ। ୧୨ଟି ୟୁନିୟନ୍ ନିର୍ବାଚନ ଲଢ଼ିବେ। ଯେଉଁ ଦୁଇଟି ୟୁନିୟନ ସର୍ବାଧିକ ଭୋଟ ପାଇବେ ତାଙ୍କୁ ବିଜୟୀ ଘୋଷଣା କରାଯିବ। ପରେ ସେହି ୟୁନିୟନ ତା'ର ବୋର୍ଡ ସଦସ୍ୟ ବାଛି ଅଥରିଟି ବୋର୍ଡକୁ ଜଣାଇବେ। ଚଳିତଥର ଯିଏ ବି ବୋର୍ଡ ସଦସ୍ୟ ହେବ ସେ ବନ୍ଦର କର୍ମଚାରୀ ହୋଇଥିବା ବାଞ୍ଛନୀୟ ବୋଲି ନିୟମ ରହିଛି। ପୂର୍ବରୁ ଲେବର ଟ୍ରଷ୍ଟି ୨ ବର୍ଷ ଥିବାବେଳେ ଏବେ ୩ ବର୍ଷ କରାଯାଇଛି। ମେଜର ପୋର୍ଟ ଆଇନ ୧୯୬୩କୁ କେନ୍ଦ୍ର ସରକାର ୨୦୨୧ରେ ବଦଳାଇ ମେଜର ପୋର୍ଟ ଅଥରିଟି ଆଇନ କରିଛନ୍ତି। ଉକ୍ତ ଆଇନ ଦ୍ୱାରା ଅନେକ ପରିବର୍ତ୍ତନ ଚଳିତ ନିର୍ବାଚନ ପାଇଁ ହୋଇଛି। ଏଥର ଯେଉଁ ୧୨ ୟୁନିୟନ ନିର୍ବାଚନ ପାଇଁ ଯୋଗ୍ୟ ହୋଇଛନ୍ତି ସେମାନେ ହେଲେ ବନ୍ଦର ମଜଦୁର ସଂଘ, ବି.ଆର. ଆମ୍ବେଡ୍‌କର ୱାର୍କର୍ସ ୟୁନିୟନ, ବନ୍ଦର ଶ୍ରମିକ କର୍ମଚାରୀ ୟୁନିୟନ, ବନ୍ଦର ଶ୍ରମିକ ୟୁନିୟନ, ବନ୍ଦର ଡକ୍ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ, ପାରାଦୀପ ଏରସମା ଶିଳ୍ପାଞ୍ଚଳ ୱାର୍କର୍ସ ୟୁନିୟନ, ପୋର୍ଟ ଆଣ୍ଡ ଡକ୍ କନଷ୍ଟ୍ରକ୍‌ଶନ ୱାର୍କର୍ସ ୟୁନିୟନ, ପୋର୍ଟ ଡକ୍ ଲେବର ୟୁନିୟନ, ପୋର୍ଟ ମଜଦୁର ସଂଘ, ପୋର୍ଟ ଶ୍ରମିକ ସଂଘ, ପୋର୍ଟ ୱାର୍କର୍ସ ୟୁନିୟନ, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନ।

ପୂର୍ବରୁ ପୋର୍ଟ ଲେବର ଟ୍ରଷ୍ଟି ନିର୍ବାଚନ ଦୁଇବର୍ଷ ପାଇଁ ହେଉଥିଲା। ସେଥିରେ ଦୁଇଟି ୟୁନିୟନର ଯେକୌଣସି ନେତା ଟ୍ରଷ୍ଟି ହେଉଥିଲେ। ଶେଷ ଲେବର ଟ୍ରଷ୍ଟିଙ୍କ କାର୍ଯ୍ୟକାଳ ୨୦୨୦ ମାର୍ଚ୍ଚ ୩୧ରେ ଶେଷ ହୋଇଥିଲା। ସେବେଠାରୁ ଉକ୍ତ ପଦବୀ ଖାଲିଥିଲା। ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ୪ ଜଣ ଅଦର ଇଣ୍ଟ୍ରେଷ୍ଟ ଟ୍ରଷ୍ଟି ପଠାଯାଏ। ଭାଜପା ସରକାର ପକ୍ଷରୁ ଯେଉଁ ୪ ଜଣ ଟ୍ରଷ୍ଟି ଥିଲେ ସେମାନଙ୍କ କାର୍ଯ୍ୟକାଳ ୨୦୧୯ ମାର୍ଚ୍ଚ ୩୧ରୁ ଶେଷ ହୋଇଛି। ତାଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କାହାରିକୁ ସରକାର ଚୟନ କରିନାହାନ୍ତି। ଦଳର ଏକାଧିକ ରାଜନେତା ଏହି ପଦବୀ ପାଇଁ ଆଶାୟୀ ଥିବାରୁ ସରକାର କାହାକୁ ଚୟନ କରିନାହାନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ନୂଆ ଆଇନରେ ଅଦର ଇଣ୍ଟ୍ରେଷ୍ଟ ଟ୍ରଷ୍ଟି ପଦବୀ ୪ ଜାଗାରେ ୨ କରାଯାଇଛି। ଏହାସତ୍ତ୍ୱେ ଦଳ ପକ୍ଷରୁ ଏପର୍ଯ୍ୟନ୍ତ ବୋର୍ଡ ସଦସ୍ୟ ପାଇଁ କାହା ନାମ ଘୋଷଣା କରାଯାଇନାହିଁ। ଲେବର ଟ୍ରଷ୍ଟି ନିର୍ବାଚନ ପରେ ଅଦର ଇଣ୍ଟ୍ରେଷ୍ଟ ଟ୍ରଷ୍ଟିଙ୍କ ନାମ ଘୋଷଣା ହୋଇପାରେ ବୋଲି ଭାଜପାର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

## ୨୬ ମଣ୍ଡପରେ ମା'ଗଜଲକ୍ଷ୍ମୀ ପୂଜା

ବିରିଡି, ୯।୧୦(ଡି.ଏନ.ଏ):

ବିରିଡି ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦର ସାଜ ସଜ୍ଜାରେ ମଣ୍ଡପଗୁଡିକ ଝଲସି ଉଠିଛି। ବିଶେଷକରି ପଣ୍ଡିଆ ମା' ଶାରଳା ରାଇସ୍ ମିଲ୍‌ରେ ମହାଲକ୍ଷ୍ମୀ ଓ ନାରାୟଣଙ୍କ ମୂର୍ତ୍ତିପୂଜା ପାଉଥିବା ବେଳେ ବିରିଡ଼ି କୁଳକଇଜଙ୍ଗାର ନାୟକ ସାହି, ବାଇଶିମୌଜାର କମଳପୁର, ଚାଷିଖଣ୍ଡ ଆନନ୍ଦ ବଜାର, ବାସନ୍ଦରାର ବାଇପଦା, ଅଲ୍ଲୀପଡା, ମଙ୍ଗୁଳି ପଞ୍ଚାତର ବଣୁଆ ସାହି, ମହାନ୍ତି ସାହି, ପାର୍ବତୀପୁର, କଣ୍ଟୁଆର, ଅଡଙ୍ଗଗଡ, ଅଡଙ୍ଗ ମଜୁରାଇ, ଶିବପୁର, ଶଙ୍କରପୁର, ହାଜିପୁରର ଭୂୟାଁ ସାହି, ବସନ୍ତପୁର, ଅଲାଣ୍ଡୋ ପଞ୍ଚାୟତର ବଣିଆସାହି, ସାହାବାଦର ଭୋଇ ସାହି, ଅରଣା, ବଡଖଣ୍ଡାୟତ ପଞ୍ଚାୟତର ବଡଖଣ୍ଡାୟତ, ଗୋଠପଦା, ବରିପଦା, ଦରଡା ପଞ୍ଚାୟତର ଦରଡାପାରି, ହାଟୁଆରୀ, ପଟୁଆରି, ଉତ୍ତରଶାସନ ପଞ୍ଚାୟତର ନୂଆଗାଁ ଭୋଇ ସାହି, ବାଗଲପୁର, ଅଡଙ୍ଗ ବ୍ରହ୍ମପୁର ସାହି ଆଦି ୨୬ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ପୂଜା ପାଉଛି। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ବୁଧବାର ସମାପନ ହେବ।

# 'ନିଶା ସେବନରୁ ବିରତ ରହି ଭଲ ସମାଜ ଗଢ଼'

ତିର୍ତ୍ତୋଲ,୯।୧୦ (ଡି.ଏନ.ଏ.)


ବାବା ବଳିଆଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ତିର୍ତ୍ତୋଲ ବ୍ଲକ ଜୟପ୍ରକାଶ ମୈଦାନଠାରେ ରବିବାର କୁମାର ଉତ୍ସବ ସମିତିର ୪୯ ତମ ବାର୍ଷିକ ଉତ୍ସବ ଓ ବୈଷ୍ଣବ ପାଣି ଜୟନ୍ତୀ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ବାବା ବଳିଆ ଏଥିରେ ଉଦ୍‌ଘାଟକ ଭାବରେ ଯୋଗ ଦେଇଥିଲେ। ସମିତିର ସଭାପତି ବିମଳ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜଟଣୀ ବିଧାୟକ ସୁର ରାଉତରାୟ ଯୋଗଦେଇ ଆଜିର ଦିନରେ କୁମାର ମାନେ ନିଶା ସେବନରୁ ବିରତ ରହି ଭଲ ସମାଜ ଗଢ଼ିବାକୁ ପରାମର୍ଶ ଦେଇଥିଲେ। ଏହାହିଁ ବୈଷ୍ଣବ ପାଣିଙ୍କ ଲାଗି ସମ୍ମାନ ଓ କୁମାର ଉତ୍ସବ ପାଳନର ସାର୍ଥକତା ହେବ ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଏମପି ଡାକ୍ତର ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ସମିତି ସଭ୍ୟ ପ୍ରବୀର କୁମାର ରାୟ, ସାମାଜିକ କର୍ମୀ ଶୁଚିସ୍ମିତା ପୃଷ୍ଟି, ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବୈଷ୍ଣବ ପାଣିଙ୍କ ସାହିତ୍ୟ ଓ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଅଧ୍ୟାପକ ନରେଶ ମହାପାତ୍ର ବିବରଣୀ ପାଠ କରିଥିଲେ। ପୂର୍ବତନ ସଭାପତି ବିଭୂତି ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାବା ବଳିଆଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପିପିଏ ଅଧ୍ୟକ୍ଷ ପି.ଏଲ.ହାରାନ୍ଧଙ୍କୁ କୋଲକାତା ପୋର୍ଟର ଅତିରିକ୍ତ ଦାୟିତ୍ୱ

ପାରାଦୀପ,୯।୧୦(ସ୍ୱ.ପ୍ର.)



କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ପାରାଦୀପ ବନ୍ଦର ଅଥରିଟି(ପିପିଏ) ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧଙ୍କୁ ରବିବାର କୋଲକାତାର ଶ୍ୟାମାପ୍ରସାଦ ମୁଖାର୍ଜୀ ପୋର୍ଟ ଅଥରିଟି ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏନେଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହାରାନ୍ଧ ୧୯୯୪ ବ୍ୟାଚର ଆଇଆର୍‌ଟିଏସ୍ ହୋଇଥିବାବେଳେ ୨୭ ବର୍ଷ ଚାକିରି ମଧ୍ୟରେ ୨୨ ବର୍ଷ ରେଲୱେର୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ୫ ବର୍ଷ ଜାହାଜ ଚଳାଚଳ ମନ୍ତ୍ରଣାଳୟ କାମ କରି ସଫଳତା ହାସଲ କରିଛନ୍ତି। ବର୍ଷେ ତଳେ ସେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଭାବେ ଯୋଗ ଦେଇଥିଲେ। ତାଙ୍କ ସମୟରେ ଅନେକ ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି। ଆସନ୍ତା ୨୦୪୭ ସୁଦ୍ଧା ପାରାଦୀପ ବନ୍ଦରକୁ ବିଶ୍ୱର ବୃହତ୍ ବନ୍ଦର ହେବାଭଳି ଭିତ୍ତିଭୂମି କରାଯାଇଛି। ଏପରି ସଫଳ ପରିଚାଳନା ପାଇଁ ତାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା କୁହାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମନୋରଞ୍ଜନ


@ ବିକାଶ


@ ଆଲୋକ


@ ସୌନ୍ଦର୍ଯ୍ୟ


@ ସୁଜିତ୍


@ ଚନ୍ଦନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦଶହରାର ସପ୍ତାହେ ପରେ ରାବଣ ପୋଡ଼ି

ଯାଜପୁର ରୋଡ,୯।୧୦(ଡି.ଏନ.ଏ.)

## ମିଳିନି ଅନୁମତି, ବଢ଼ିବ ପ୍ରଦୂଷଣ

ପବିତ୍ର ଦଶହରାରେ ରାଜ୍ୟର ବିଭିନ୍ନ ସ୍ଥାନରେ ରାବଣ ପୋଡ଼ି ଉତ୍ସବ ପାଳନ ହୋଇଥାଏ । ଏହି ଉତ୍ସବରେ ମାତ୍ରାଧିକ ଆତସବାଜି ଫୁଟାଯିବା ଯୋଗୁ ବାୟୁ ପ୍ରଦୂଷଣ ହେବା ସହିତ ଛୋଟ ବଡ଼ ଦୁର୍ଘଟଣା ବି ଘଟିଥାଏ । ଏପରି ସ୍ଥିତିରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ରାବଣ ପୋଡ଼ି ଉତ୍ସବ ଶେଷ ହୋଇସାରିଛି । ସରକାରୀ ନିୟମ ଅନୁଯାୟୀ ବିବାହ, ବ୍ରତଘର,ଭସାଣି ଏବଂ ପୂଜାପାର୍ବାଣ ଆୟୋଜନ ନିମନ୍ତେ ଜିଲା ପ୍ରଶାସନଠାରୁ ସ୍ୱତନ୍ତ୍ର ଅନୁମତି ଆଣିବା ବିଧେୟ । ହେଲେ,ଯାଜପୁର ଜିଲାରେ ଅନୁଷ୍ଠିତ ହେଉଥିବା ରାବଣପୋଡ଼ି ଉତ୍ସବ ନିମନ୍ତେ ବିନା ଅନୁମତିରେ ଏହି କାର୍ଯ୍ୟକ୍ରମ ଚାଲିଛି।

କୋରେଇ ବ୍ଲକ ଅର୍ନ୍ତଗତ ଖମଣ ପଞ୍ଚାୟତରେ ଆସନ୍ତା ୧୧ ତାରିଖରେ ରାବଣପୋଡ଼ି ଉତ୍ସବ ନିମନ୍ତେ ଆୟୋଜକମାନେ ପ୍ରସ୍ତୁତି ଚଳାଇଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ରାବଣ ପୋଡ଼ି ଉତ୍ସବ କମିଟି ସମ୍ପାଦକ ଦିଲ୍ଲୀପ କୁମାର ସାହୁ କହିଛନ୍ତି, ଅନୁମତି ପାଇଁ ଆମେ ଅଗ୍ନିଶମ ବିଭାଗ ଅଧିକାରୀଙ୍କ ନିକଟରେ ଆବେଦନ କରିଛୁ । ଯଦି ଆମକୁ ଅନୁମତି ନ ମିଳେ ତେବେ ଆମେ ଏହି କାର୍ଯ୍ୟକ୍ରମ ବନ୍ଦ କରିଦେବୁ । ତେବେ ଆୟୋଜକ ମଣ୍ଡଳୀ ପକ୍ଷରୁ ଯାଜପୁର ରୋଡ ଅଗ୍ନିଶମ ଅଧିକାରୀଙ୍କୁ ଏଥିପାଇଁ କୌଣସି ଆବେଦନ କରାଯାଇ ନ ଥିବା ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ ସୂଚନା ଦେଇଛନ୍ତି । ଏନେଇ ଜିଲା ପ୍ରଶାସନ ଚିଠି କରିବା ପରେ ଆମେ ପରବର୍ତ୍ତୀ କାର୍ଯ୍ୟ ସମ୍ପାଦନ କରିବୁ ବୋଲି ସେ କହିଛନ୍ତି । ରାବଣପୋଡ଼ି ଉତ୍ସବ ନେଇ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରୁ ଏନେଇ ଅନୁମତି ପତ୍ର ନ ଥିଲେ ଆୟୋଜକ ମଣ୍ଡଳୀଙ୍କ ନାମରେ ଅପରାଧିକ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି। ଯାଜପୁର ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆରଙ୍କୁ ପଚାରିବାରୁ ଉତ୍ସବ ନେଇ କୌଣସି ଅନୁମତି ପତ୍ର ପୋଲିସ ବିଭାଗ ପକ୍ଷରୁ ପ୍ରଦାନ କରାଯାଉନାହିଁ । ଯଦି କେହି ଏଥିରେ ବ୍ୟତିକ୍ରମ କରନ୍ତି, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଉଦ୍‌ଘାଟନକୁ ମାସେ ନ ପୂରୁଣୁ ସ୍ମାର୍ଟ ପାର୍କରେ ଅବ୍ୟବସ୍ଥା

ପଟ୍ଟାମୁଣ୍ଡାଇ,୯।୧୦(ସ୍ୱ.ପ୍ର.)


ସ୍ମାର୍ଟ ପାର୍କରେ ଲାଇଟ୍ ଜଳୁନାହିଁ।


ପାର୍କରେ ପଡିଥିବା ସିମେଣ୍ଟ ଖଣ୍ଡ ଦବି ଯାଇଛି।

ସହରୀ ଜୀବନରେ ବିନୋଦନ ପାଇଁ ସର୍ବାଧିକ ପସନ୍ଦର ସ୍ଥାନ ହେଉଛି ପାର୍କ। ବର୍ତ୍ତମାନର ଟେକ୍ନୋଲୋଜି ଯୁଗରେ ପାର୍କର ଚାହିଦା ଆଦୌ କମିନାହିଁ। ସକାଳେ ମର୍ନିଂ ୱାକ୍ ହେଉ କି ଅପରାହ୍ନରେ ହାଲ୍‌କା ପବନରେ କିଛି ସମୟ ନିରୋଳାରେ କାଟିବା ପାଇଁ ହେଉ, ସହରବାସୀଙ୍କ ପାଇଁ ପାର୍କଠାରୁ ଉତ୍କୃଷ୍ଟ ସ୍ଥାନ ଆଉ କିଛିନାହିଁ। ଏହାକୁ ଆଖିଆଗରେ ରଖି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଦକ୍ଷିଣଦିଆ–ତାତନା ମଧ୍ୟରେ ମହାବୀଣାଠାରେ ଗତ ସ୍ୱାୟତ୍ତ ଶାସନ ଦିବସରେ ଏକ ସ୍ମାର୍ଟ ପାର୍କ ଉଦ୍‌ଘାଟନ କରାଯାଇଥିଲା। ମାତ୍ର ତାହା ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି।

ସାମାଜିକ କର୍ମୀ ସୁଦର୍ଶନ ପାଢ଼ୀ, ପ୍ରଫୁଲ୍ଲ ଦାଶ, ପୀତାମ୍ବର ପରିଡା, ତ୍ରିଲୋଚନ ଜେନା, ଚିତ୍ତରଞ୍ଜନ ମହାରଣା ପ୍ରମୁଖ କୁହନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ପାର୍କ ନିର୍ମାଣ ପାଇଁ ବହୁଦିନ ଧରି ଦାବି ହୋଇଆସୁଥିଲା। ୨୦୧୮ରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ମହାବୀଣାଠାରେ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଉକ୍ତ ପାର୍କର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର ୪ ବର୍ଷ ପରେ ଅର୍ଥାତ୍ ୨୦୨୨ ପୌର ପରିଷଦର ସ୍ୱାୟତ୍ତ ଶାସନ ଦିବସରେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ ଉକ୍ତ ସ୍ମାର୍ଟ ପାର୍କର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ସକାଳେ ଓ ସନ୍ଧ୍ୟାରେ ସେଠାରେ ଲୋକଙ୍କ ବେଶ୍ ଭିଡ଼ ଜମୁଥିଲା। ମାତ୍ର ବାହାରକୁ ପାର୍କଟି ସଫାସୁତରା ଲାଗୁଥିଲା ମଧ୍ୟ ଭିତରେ ବର୍ଷାପାଣି ଜମିରହି ଘାସ ପଚି ଦୁର୍ଗନ୍ଧ ପରିବେଶ ସୃଷ୍ଟି କରିଛି। ପାର୍କରେ ଲଗାଯାଇଥିବା ରଙ୍ଗବେରଙ୍ଗ ଲାଇଟ୍ ମଧ୍ୟ ଜଳୁନାହିଁ। ଷ୍ଟ୍ରିଟ୍ ଲାଇଟ୍ ଠିକ୍ ଭାବେ କାମ କରୁନାହିଁ। ଫଳରେ ରାତ୍ରି ଭ୍ରମଣ ପାଇଁ ପାର୍କକୁ ସ୍ଥାନୀୟ ଲୋକେ ସୁରକ୍ଷିତ ମଣୁନାହାନ୍ତି। ପାର୍କରେ ବସିବାକୁ ଥିବା ରାଉଣ୍ଡ ଶେଡ୍‌ର ଟିଣ ଫୁଟି ପାଣି ଗଳୁଛି। ଏହିସବୁ ସମସ୍ୟା ପାର୍କ ଯାଉଥିବା ଲୋକଙ୍କୁ ଅସୁବିଧାରେ ପକାଉଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରେ ସବୁ ଠିକ୍ ଚାଲିଛି, ଯାହା ଖରାପ ହେଉଛି ତାକୁ ମରାମତି କରାଯାଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ତୃଣମୂଳସ୍ତରରୁ ଦଳକୁ ମଜଭୁତ୍ କରିବାକୁ ଆହ୍ୱାନ

କୁଜଙ୍ଗ, ୯।୧୦(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ବିଜେଡି ସାଙ୍ଗଠନିକ ବୈଠକ କୁଜଙ୍ଗ ସୂଚନା କେନ୍ଦ୍ର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ ବିଜେଡିକୁ କିପରି ତୃଣମୂଳସ୍ତରରୁ ମଜଭୁତ୍ କରାଯିବ ସେଥିପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅକ୍ଟୋବର ୧୬ରେ କଲ୍ୟାଣ ମଣ୍ଡପଠାରେ ମେଗା ରକ୍ତଦାନ ଶିବିର ଆୟୋଜନ କରିବାକୁ ବିଧାୟକ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ଜନକଲ୍ୟାଣୀ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବୈଠକରେ ଗୁରୁତ୍ୱାରୋପ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସମିତି ଅଧକ୍ଷା ନିନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ ସ୍ୱାଇଁ, ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ବ୍ଲକ ଯୁବ ବିଜେଡି ସଭାପତି ଅରୁପ୍ରସାଦ ମହନ୍ତି, ଏମ୍‌ପିଙ୍କ ପ୍ରତିନିଧି ସୁବଳ ସ୍ୱାଇଁ, ଜିଲାପରିଷଦ ସଭ୍ୟା ପୁଷ୍ପଲତା ବେହେରା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଛାତ୍ର ବିଜେଡି ସଭାପତି ମହେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମାଣତ୍ରୀରେ ଉତ୍କଳମଣିଙ୍କ ଜୟନ୍ତୀ

ବାଲିଆ,୯।୧୦(ସ୍ୱ.ପ୍ର.): ବିରିଡି ବ୍ଲକ ମାଣତ୍ରୀଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଗୋପବନ୍ଧୁ ନାଗରିକ ସଂଗ୍ରାମୀ ପରିଷଦ ବିରିଡି ବ୍ଲକ ଆନୁକୂଲ୍ୟରେ ପାଳନ କରାଯାଇଥିବା ଏହି ଜୟନ୍ତୀରେ ବିଧାନ ଚନ୍ଦ୍ର ଜେନା ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରମେଶ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଭୋଇ, ଅଭିମନ୍ୟୁ ଭୋଇ, ଅଦ୍ୱୈତ କୁମାର ଜେନା, ମଙ୍ଗୁଲି ଦାସ, ସୁମେଶ ଚନ୍ଦ୍ର ନାୟକ, ଗୋପୀନାଥ ନାୟକ, ଗୌରାଙ୍ଗ ଚରଣ ଭୋଇ, ଅଧାପକ ବିଦ୍ୟୁତ ଭୂଷଣ ମହାରଣା, ବସନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ତାଙ୍କର ଜୀବନଆଦର୍ଶ ଉପରେ ଆଲୋକପାତ କରିଥିଲେ। ତେବେ ଗୋପବନ୍ଧୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଚେଷ୍ଟା କରିବାକୁ ସହମତି ପ୍ରକାଶ ପାଇଥିଲା।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ମାର୍ଶାଘାଇ,୯।୧୦ (ଡି.ଏନ.ଏ.): ମାର୍ଶାଘାଇ ମହାବିଦ୍ୟାଳୟ ୧୯୯୨ ବ୍ୟାଚ୍ ଯୁକ୍ତ ୩ ଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମା' ଗୋଜବାୟାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରମାନେ ଯୋଗଦେଇ ନିଜ ନିଜ ଭିତରେ ଭାବର ଆଦାନପ୍ରଦାନ ସହ ପୁରୁଣା ସ୍ମୃତିକୁ ବାଣ୍ଟିଥିଲେ। ଦୀର୍ଘଦିନ ବ୍ୟବଧାନରେ ଗୋଟିଏ ଜାଗାରେ ଏକତ୍ରିତ ହୋଇ ପରସ୍ପର ଭିତରେ ସୁଖଦୁଃଖର ଅନୁଭୂତିକୁ ପ୍ରକାଶ କରିଥିଲେ। ଏଥିରେ ବିପ୍ଳବ ସେନାପତି, ମନୋରଞ୍ଜନ ବେଉରା, ତ୍ରିଲୋଚନ ନାୟକ, ରମଣିରଞ୍ଜନ ରାଉତରାୟ, ହୃଷୀକେଶ ବେହେରା, ସୁରେଶ ଦାସ, ଶରତ ପ୍ରଧାନ ଓ ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଆରମ୍ଭ ହେଲା ମା'ଗଜଲକ୍ଷ୍ମୀଙ୍କ ପୂଜା

**କେନ୍ଦ୍ରାପଡ଼ାର ଗଣପର୍ବ**

- ଚାନ୍ଦିମେଢ଼, ସୁନା ଅଳଙ୍କାର ମୁଖ୍ୟ ଆକର୍ଷଣ
- ୧୯୨୮ରେ ମାରୱାଡି ପଟ୍ଟିରେ ପୂଜା ପାଇଥିଲେ ମା'
- ସୁସଜ୍ଜିତ ତୋରଣ, ରଙ୍ଗବେରଙ୍ଗର ଆଲୋକ ସଜ୍ଜା

କେନ୍ଦ୍ରାପଡ଼ା ଅଫିସ, ୯।୧୦

କେନ୍ଦ୍ରାପଡ଼ାର ଗଣପର୍ବ ମା' ଗଜଲକ୍ଷ୍ମୀ ପୂଜା କୁମାର ପୂର୍ଣ୍ଣିମା ତଥିରୁ ରବିବାର ଆରମ୍ଭ ହୋଇଯାଇଛି। ବିଭିନ୍ନ ପୂଜା ମଣ୍ଡପରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ମା'ଙ୍କ ପୂଜାର୍ଚ୍ଚନା ହେବାକୁ ଥିବାବେଳେ ୧୭ ଓ ୧୮ ତାରିଖରେ ଭସାଣି ହେବ ବୋଲି ସ୍ଥିର ହୋଇଛି। ପୂଜାର୍ଚ୍ଚନା ପାଇଁ ରବିବାର ଅପରାହ୍ନରୁ ଘଣ୍ଟ, କାହାଳି, ବାଜା, ରୋଶଣି ମାଧ୍ୟମରେ ନଦୀରୁ ଜଳ ସଂଗ୍ରହ କରାଯାଇ ପୂଜା ମଣ୍ଡପରେ ଘଟ ସ୍ଥାପନ ହୋଇଛି। ପରେ ମା'ଙ୍କ ଆବାହନ, ଚକ୍ଷୁଦାନ କରାଯାଇ ଷୋଡ଼ଶ ଉପଚାରରେ ପୂଜା କରାଯାଇଛି। ବିଭିନ୍ନ ପୂଜା କମିଟି ସଦସ୍ୟ ଉତ୍ସାହର ସହ ଏହି ପର୍ବକୁ ଆକର୍ଷଣୀୟ କରିବାକୁ ଚେଷ୍ଟା କରିଛନ୍ତି। ଚଳିତବର୍ଷ ସହର ମଧ୍ୟରେ ୫୧ ଓ ଆଖପାଖ ୧୬ଟି ମଣ୍ଡପରେ ମା' ଧନଦାତ୍ରୀ ବିରାଜିତ ହୋଇଛନ୍ତି। ସେହିପରି ୨୦ରୁ ଉର୍ଦ୍ଧ୍ୱ ସ୍ଥାନରେ ସୁନା ଓ ରୁପା ଅଳଙ୍କାରରେ ମା' ଭୂଷିତ ହୋଇ ପୂଜା ପାଉଛନ୍ତି। କେତେକ ମଣ୍ଡପରେ ଗୌରୀଶଙ୍କର, କାଳୀୟଦଳନ, ମହାବୀର, ରାଧାକୃଷ୍ଣ, ସୂର୍ଯ୍ୟ ସାଗରିକା ଆଦି ଦେବୀଦେବଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ମା' ଗଜଲକ୍ଷ୍ମୀଙ୍କ ଆବାହନୀ ମନ୍ତ୍ର ଦ୍ୱାରା ପ୍ରତ୍ୟେକ ମଣ୍ଡପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଏଥିସହ ଆକର୍ଷଣୀୟ ମେଢ଼ ଓ ତୋରଣ ସାଜସଜ୍ଜାରେ ସହର ଝଲସି ଉଠିଛି। ସନ୍ଧ୍ୟାରୁ ସହରର ପ୍ରତ୍ୟେକ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ୧୯୨୮ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ଏବେ ଜିଲାବାସୀଙ୍କ ଗଣପର୍ବ ପାଲଟିଛି। ମାରୱାଡି ବ୍ୟବସାୟୀ ଜୋହରି ମଲ୍ଲ ପ୍ରଥମେ ଏହି ପୂଜା ମାରୱାଡି ପଟ୍ଟି (ପୁରୁଣା ବସ୍‌ଷ୍ଟାଣ୍ଡ) ନିକଟରେ ଆରମ୍ଭ କରିଥିବା ଜନଶ୍ରୁତି ରହିଛି। ସହରର ଖଡିଅଙ୍ଗ, କାକଟମଙ୍ଗଳା, ମଢ଼ିଆଳ, ଗଣାମାହାଲ ଆଦି ମଣ୍ଡପରେ ମା'ଙ୍କର ଚାନ୍ଦିମେଢ଼ ହୋଇଛି। ମଢ଼ିଆଳର ଗଙ୍ଗା ଭଗୀରଥ ପୂଜା ମଣ୍ଡପରେ ମା'ଙ୍କ ମୁକୁଟରେ ସୁନା ମୟୂର ଲାଗି ହୋଇ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି।


ପୁରୁଣା ବସ୍‌ଷ୍ଟାଣ୍ଡର ଥାନପତି ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

ଚଳିତବର୍ଷ ସହରରେ ହୋଇଥିବା ୬୭ ମଣ୍ଡପରୁ ଅଧିକାଂଶ ମୂର୍ତ୍ତିରେ ସୁନା ଚିତା, ସୁନାରେ ତିଆରି ନୟନ ଶୋଭା ପାଉଛି। ପ୍ରତି ମଣ୍ଡପରେ ସୁସଜ୍ଜିତ ତୋରଣ ଓ ରଙ୍ଗବେରଙ୍ଗର ଆଲୋକମାଳା ଲୋକଙ୍କୁ ଆକର୍ଷିତ କରୁଛି। ସେହିପରି ପୂଜା ଅବସରରେ ଖୋଲିଥିବା ବ୍ୟବସାୟ ପ୍ରତିଷ୍ଠାନରେ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଛି।

### ବସ୍‌ଷ୍ଟାଣ୍ଡର ଗଜଲକ୍ଷ୍ମୀ ଥାନପତି ଭାବେ ପୂଜିତା



କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ପ୍ରଥମେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ସେଥିପାଇଁ ଥାନପତି ଠାକୁରାଣୀ ଭାବେ ଅଦ୍ୟାବଧି ସମ୍ମାନ ମିଳୁଛି। ଥାନପତି ମାନ୍ୟତା ଥିବାରୁ ଏଠାରେ ସମସ୍ତ ପାରମ୍ପରିକ ବିଧିବିଧାନ ସତର୍କତାର ସହ ପାଳନ ହୋଇଥାଏ। ଚଳିତବର୍ଷ ସହରର ସମସ୍ତ ମେଢ଼ କମିଟିର ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯିବାକୁ ଯୋଜନା ଅଛି। ଆକର୍ଷଣୀୟ ତୋରଣ, ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ବୋଲି ବିଶ୍ୱାସ ରହିଛି।

**- ଭୀମସେନ ବେହେରା, କର୍ମକର୍ତ୍ତା, ପୁରୁଣା ବସ୍‌ଷ୍ଟାଣ୍ଡ ଥାନପତି ପୂଜା କମିଟି**

### ମୂର୍ତ୍ତି ନିର୍ମାଣ, ମେଢ଼ ସାଜସଜ୍ଜାକୁ ପ୍ରାଧାନ୍ୟ



କରୋନା ସଂକ୍ରମଣ ପାଇଁ ଗତ ଦୁଇବର୍ଷ ଧରି ମା'ଙ୍କ ପୂଜାର୍ଚ୍ଚନା ନିରାଡ଼ମ୍ବରରେ ପାଳନ ହୋଇଥିଲା। ଚଳିତବର୍ଷ କରୋନା କଟକଣା ହଟିଯାଇଛି। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ମୂର୍ତ୍ତି ନିର୍ମାଣ, ମେଢ଼ ସାଜସଜ୍ଜାକୁ ପ୍ରାଧାନ୍ୟ ଦିଆଯାଇଛି। ଏଥିସହ ପୂଜା ବିଧିବିଧାନକୁ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୂର୍ତ୍ତି ଏ ବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ।

**- ଭାବଗ୍ରାହୀ ସିଂ, ସଭାପତି, ଖଡିଅଙ୍ଗ ପୂଜା କମିଟି**

### ସୁନା କାରୁକାର୍ଯ୍ୟକୁ ଅଧିକ ଗୁରୁତ୍ୱ



ମା'ଙ୍କ ମୁକୁଟରେ ସୁନା ମୟୂର ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଚଳିତବର୍ଷ ସୁନା କାରୁକାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଚଳିତ ପୂଜାରେ ୩ଟି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ହୋଇଛି। ଏହାବ୍ୟତୀତ ତୋରଣ ସାଜସଜ୍ଜା ଏଥର ମୁଖ୍ୟ ଆକର୍ଷଣ ହେବ।

**-ସୁବାସ କୁମାର ଚାନ୍ଦ, ସଭାପତି, ମଢ଼ିଆଳ ପୂଜା କମିଟି**

### ବର୍ଷା ନ ହେଲେ ପୂଜୋତ୍ସବ ଭଲରେ ହେବ



ଚଳିତବର୍ଷ ପୂଜା ପାଇଁ ମନରେ ଉତ୍ସାହ ବଢ଼ିଛି। ଏହା ଗଣପର୍ବ ହୋଇଥିବାରୁ ପ୍ରବାସରୁ ଜିଲାବାସୀ ଘରକୁ ଫେରୁଛନ୍ତି। ମା'ଙ୍କ ପର୍ବକୁ ୯ ଦିନ ଧରି ପାଳନ କରିବା ଆମ ପାଇଁ ଗର୍ବ ପାଲଟିଛି। ଏହି ପର୍ବ ସମୟରେ ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ଆସି ଘରକରଣା ସାମଗ୍ରୀ, ଫେସନ ସାମଗ୍ରୀ, ପିଲାଙ୍କ ଖେଳନା ଆଦି ବିକ୍ରି କରୁଛନ୍ତି। ଏଥିସହ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଚଳିତବର୍ଷ ବର୍ଷା ନ ହେଲେ ଏହି ପୂଜା ଉତ୍ସବ ଭଲରେ ସମ୍ପନ୍ନ ହେବ।

**- ସରିତା ସାହୁ, ପୌରାଧକ୍ଷା, କେନ୍ଦ୍ରାପଡ଼ା**

# ଦୋଷିଆରେ ବିଜେଡିର ଜନସମ୍ପର୍କ ପଦଯାତ୍ରା


ବିଜେଡି ପକ୍ଷରୁ ବାହାରି ଥିବା ପଦଯାତ୍ରାରେ ସାମିଲ ହୋଇଥିବା ବିଧାୟକ ଧ୍ରୁବ ସାହୁ, ନେତା ଓ କର୍ମୀମାନେ।

ପଟ୍ଟାମୁଣ୍ଡାଇ, ୯।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଦୋଷିଆ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ ପୌରୋହିତ୍ୟ କରିଥିଲେ। ବିଧାୟକ ସାହୁ କହିଥିଲେ, ଗାଁଠାରୁ ସହର ପର୍ଯ୍ୟନ୍ତ ସାରା ଓଡ଼ିଶାର ବିକାଶ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଅବହେଳିତ ଦୋଷିଆ ପଞ୍ଚାୟତର ବିକାଶଧାରା ତ୍ୱରାନ୍ୱିତ ହୋଇଛି। ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଦୋଷିଆ ବିଜେଡି ସଭାପତି ସୁଦାମ ରାଉତ, ସରପଞ୍ଚ ସ୍ମୃତିରେଖା ସ୍ୱାଇଁ, ଗୌରାଙ୍ଗ ସ୍ୱାଇଁ, ପୂର୍ବତନ ସଭ୍ୟ କୈଳାସ ମଲ୍ଲିକ, ବଡ଼ପଡା ବିଜେଡି ସଭାପତି ସନ୍ତୋଷ ଦାସ, ବ୍ଲକ ବିଜେଡି ଉପସଭାପତି ସର୍ବେଶ୍ୱର ମହାନ୍ତି, ସୁରେନ୍ଦ୍ର ପଣ୍ଡା, ସମ୍ପାଦକ କଳାକାର ପ୍ରଧାନ, ସାନଜରିଆ ବିଜେଡି ସଭାପତି ଅଜାମ୍ବର ପ୍ରଧାନ, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ଖଣତାର ଅନିଲ ଲେଙ୍କା, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପ୍ରମୁଖ ବହୁ ବିଜେଡି ନେତା ଓ କର୍ମକର୍ତ୍ତା ଯୋଗଦେଇଥିଲେ। ସେମାନେ ବିଜେଡି ପ୍ରତି ଅକୁଣ୍ଠ ସମର୍ଥନ ଜାରି ରଖିବାକୁ କର୍ମୀମାନଙ୍କୁ ନିବେଦନ କରିଥିଲେ। ପୂର୍ବାହ୍ନ ୧୦ଟାରେ ଶ୍ୟାମସୁନ୍ଦରପୁରଠାରୁ ଏହି ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଦୋଷିଆ, ବୁଆଁଲୋ, ଚଢେଆ, ବାସୁଦେବପୁର, ବଉଲାଙ୍ଗ ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରି ଦୋଷିଆ ଛକଠାରେ ପହଞ୍ଚିବା ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତର ବିଜେଡି ନେତା, କର୍ମୀ, ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣ ଯୋଗଦେଇଥିଲେ। ଜନସମ୍ପର୍କ ପଦଯାତ୍ରା ସମୟରେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷ ଜନସାଧାରଣଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳତାର ବାର୍ତ୍ତା ପ୍ରଚାର କରିଥିଲେ।

### ବିରିଡିରେ ମୁସଲିମ ବସ୍ତିଗୁଡ଼ିକରେ ମହମ୍ମଦ ଜୟନ୍ତୀ

ବାଲିଆ,୯।୧୦(ସ୍ୱ.ପ୍ର):

ବିରିଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ମୁସଲିମ ବସ୍ତିରେ ରବିବାର ହାଜରତ ପ୍ରୋଫେଟ ମହମ୍ମଦଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବିରିଡି ବ୍ଲକର ହାଜିପୁର, ବେତମାଳିଆ, ଗୋବିନ୍ଦପୁର, ନୁଆଢଣା, ତଳପାଟକ, ଅଢଙ୍ଗମଞ୍ଜୁରାଇ, ଅଢଙ୍ଗଗଡ, ଭବାନିପୁର, ତାଞ୍ଜଣା, ପୁରଣ ଓ ବାଗଲପୁର ଅଞ୍ଚଳରେ ଥିବା ମସଜିଦରେ ନମାଜ ପାଠ କରାଯାଇଥିଲା। ବରିଷ୍ଠ, ଯୁବ, ମୁସଲିମ ଭାଇମାନେ ଏକତ୍ରୀତ ମସଜିଦଠାରୁ ପଦଯାତ୍ରା ଓ ବାଇକ୍ ଶୋଭାଯାତ୍ରାରେ ଯାଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଶାନ୍ତି ବାର୍ତ୍ତା ବଣ୍ଟିଥିଲେ। ଏହି ପର୍ବ ପାଳନ ଅବସରରେ ନୁଆଢଣା ବସ୍ତି ମୁଖିଆ ଶେଖ କମା, ଶେଖ ଇସଲାମ, ଶେଖ ଜମାଲ, ଏସ୍.କେ. ପିରା, ଶେଖ ସାକୋ, କଲିମ ଖାନ, ଶେଖ ରାଜା ପ୍ରମୁଖ ମସଜିଦ ନିକଟରୁ ବାହାରି ଜାତୀୟ ରାଜପଥ ୫୫ ଯାଇ ଦୋଗଛିଆ ବଜାର ପରିକ୍ରମା କରିଥିଲେ। ସେହିପରି ମହମ୍ମଦଙ୍କ ଜନ୍ମ ଅବସରରେ ଜଗତ୍‌ସିଂହପୁର ଜିଲା ବିଜେଡି ସଂଖ୍ୟା ଲଘୁ ସେଲ ସଭାପତି ମିର ଆଜମୀର ଅଲ୍ଲୀ ଜିଲା ଓ ବ୍ଲକର ବିଭିନ୍ନ ମସଜିଦରେ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଉତ୍ସାହିତ କରିଥିଲେ।

# ପେଣ୍ଠ ବେଳାଭୂମି ସଫେଇ

ରାଜନଗର,୯।୧୦(ଡି.ଏନ.ଏ.)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ନେହେରୁ ଯୁବକେନ୍ଦ୍ର ଓ ଉତ୍କଳମଣି ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ରବିବାର ରାଜନଗର ବ୍ଲକ ପେଣ୍ଠ ବେଳାଭୂମିକୁ ସଫେଇ କରାଯାଇଛି। ନେହେରୁ ଯୁବକେନ୍ଦ୍ର ପଟ୍ଟାମୁଣ୍ଡାଇ ବ୍ଲକ ସଂଯୋଜକ ରାଘବେନ୍ଦ୍ର ମହାନ୍ତି ଓ ଶ୍ରବଣ କୁମାର ବେହେରାଙ୍କ ନେତୃତ୍ୱରେ ଯୁବକମାନେ ପେଣ୍ଠ ବେଳାଭୂମିକୁ ସଫେଇ କରିବା ସହ ସେଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ସମୁଦ୍ର ବେଳାଭୂମିକୁ ପ୍ଲାଷ୍ଟିକ୍‌ମୁକ୍ତ ରଖିବାକୁ ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବକେନ୍ଦ୍ରର ଦେବଦତ୍ତ ସେଠୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ଓମ୍‌କାର ଜ୍ୟୋତି ବର୍ଦ୍ଧନଙ୍କ ସହ ଯୁବକ ସଂଘର ହରେକୃଷ୍ଣ ବେହେରା, କାଳନ୍ଦୀ ବେହେରା, ପ୍ରଶାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ।



ପେଣ୍ଠ ବେଳାଭୂମିକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଯୁବକମାନେ ପର୍ଯ୍ୟଟକଙ୍କୁ ସଚେତନ କରୁଛନ୍ତି।

# ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ

ମାର୍ଶାଘାଇ,୯।୧୦(ଡି.ଏନ.ଏ.)

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ପବିତ୍ର ମହାନବମୀରେ ବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟ ୧୯୪୮ରେ ସ୍ଥାନୀୟ ବୁଦ୍ଧିଜୀବୀ ଶିକ୍ଷାବିତ୍‌ମାନଙ୍କ ଚେଷ୍ଟାରେ ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟରୁ ଅନେକ ଛାତ୍ରୀଛାତ୍ର କୃତିତ୍ୱର ସହ ପାଠ ପଢି ଦେଶ ବିଦେଶର ସୁନାମ ଅର୍ଜନ କରିଛନ୍ତି। ବିଦ୍ୟାଳୟରେ ୩୮ବର୍ଷ ଧରି ପୁରାତନ ଛାତ୍ରୀଛାତ୍ରଙ୍କର ଦ୍ୱାରା ବାର୍ଷିକ ଉତ୍ସବ ପାଳନ କରାଯାଉଛି। ଆୟୋଜିତ ସଭାରେ ପୁରାତନ ଛାତ୍ର ତଥା ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବିପିନ ବିହାରୀ ସାହୁ, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ବିପିନ ବିହାରୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ପ୍ରବୋଧ କୁମାର ନାୟକ ଏବଂ ଅରୁଣ କୁମାର ପଟେଲ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲକୁ ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତାବ ରହିଥିବା ବେଳେ ତାହା ଅନୁମୋଦନ କରାଯାଇଥିଲା। ସେହିପରି ପୁରାତନ ଛାତ୍ରମାନଙ୍କ ଉପସ୍ଥିତିରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସ୍ୱର୍ଗତ ପୀତାମ୍ବର ଜେନା, ପୁରାତନ ଶିକ୍ଷକ ସ୍ୱର୍ଗତ ପରମାନନ୍ଦ ଷଡଙ୍ଗୀ, ସ୍ୱର୍ଗତ ଦିବାକର ଲେଙ୍କା, ପୂର୍ବତନ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ ରଥ, ପ୍ରାକ୍ତନ ଛାତ୍ର ସିନେ କଳାକାର ମୀନକେତନ ଦାସ ଓ ସ୍ୱାଧୀନତା ସଂଗ୍ରାମୀ ଅଭିରାମ ନାୟକଙ୍କ ସ୍ମୃତିରେ ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ସଙ୍ଗୀତ, ବକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ, ରଚନା ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ସଂସଦର ସାଧାରଣ ସମ୍ପାଦକ ବିଚିତ୍ରାନନ୍ଦ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ନିରଞ୍ଜନ ବସନ୍ତିଆ ଅତିଥି ପରିଚୟ, ଯୁଗ୍ମ ସମ୍ପାଦକ ହିମାଂଶୁ ଶେଖର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହ ସମ୍ପାଦକ ପ୍ଲାବନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଇସ୍‌ଲାମ ଧର୍ମରେ ସତ୍ୟ, ପ୍ରେମର ଗୁରୁତ୍ୱ ଅଧିକ

କେନ୍ଦ୍ରାପଡ଼ା ଅଫିସ, ୯।୧୦

ଇସ୍‌ଲାମ ଧର୍ମର ମହାପୁରୁଷଙ୍କ ବାଣୀ ଅନୁଯାୟୀ ସତ୍ୟ, ପ୍ରେମ ଓ ସମାନତାର ଗୁରୁତ୍ୱ ଅଧିକ। କେନ୍ଦ୍ରାପଡ଼ା ସହରରେ ମହମ୍ମଦଙ୍କ ଜୟନ୍ତୀ ଉତ୍ସବରେ ଧର୍ମଗୁରୁମାନେ ରବିବାର ଏହି ମତ ପ୍ରଦାନ କରିଛନ୍ତି। ସହରର ଜସନ ଏ ଇଦ୍ ମିଲାଦ ଉନ୍ ନବୀ କମିଟି ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ୨୫ କମିଟିର ୧୦ ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ସମ୍ପ୍ରଦାୟ ବ୍ୟକ୍ତି ଯୋଗଦେଇଥିଲେ। ନୂଆ ଇଦ୍‌ଗାହ ପଡ଼ିଆରେ କମିଟି ସଭାପତି ସେକ୍ ତଜମୁଲ ହୋସେନଙ୍କ ଅଧ୍ୟକ୍ଷତାରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗୁରୁ, ସାୟରମାନେ ଯୋଗଦେଇ ଇସ୍‌ଲାମ ଧର୍ମ ଓ ମାନବ ଜାତିର କଲ୍ୟାଣ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ପୂର୍ବାହ୍ନରେ ସହରର ଜଇପୁରା, ଦିଲାରପୁର, ଇମାମ୍‌ପଡ଼ା, ଇଦ୍‌ଗାହ ମହଲା, ରଣପଡ଼ା, ଗରାପୁର, ଦାଉତପୁର, ମନକରପୁର, ଖଡିଅଙ୍ଗ, କନ୍ୟାଯୋର ଆଦି ସ୍ଥାନ ସହ କଜଳା, ମନ୍ତ୍ରିପଡ଼ା ଆଦି ସହରର ଆଖପାଖ ବସ୍ତିରୁ ଶୋଭାଯାତ୍ରା ପାଇଁ ଟାଉନ ହାଇସ୍କୁଲ ପଡ଼ିଆ ନିକଟରେ ଏକତ୍ରିତ ହୋଇଥିଲେ। ପରେ ଶୋଭାଯାତ୍ରା ବାହାରିଥିଲା। ସହରର ବିଭିନ୍ନ ସ୍ଥାନରେ ରାଜନେତାମାନେ ଶୋଭାଯାତ୍ରାକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଉତ୍ସବକୁ ସୟଦ ନୁରୁଦ୍ଦିନ, ହାଜି ସୟଦ ଅହେସାନ ଅଲ୍ଲୀ, ଏଜାଜ ଖାନ୍, ଗୟାସୁଦ୍ଦିନ ଖାଁ, ହାଜି ଫାରୁକ, ସେକ୍ ଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଗାଙ୍ଗପଡା ପଞ୍ଚାୟତର ଭରସିଂସ୍ଥିତ ଇଦ୍‌ଗାହ ମହଲାରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜସନ ଏ ଇଦ୍ ମିଲାଦ ଉନ୍ ନବୀ କମିଟି ପକ୍ଷରୁ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥି ଉପଲକ୍ଷେ ସ୍ଥାନୀୟ ଇଦ୍‌ଗାହଠାରେ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଭରସିଂ ମସ୍‌ଜିଦର ମୌଲାନା ଉମତ ନବୀ ଇସ୍‌ଲାମ ଓ ମହମ୍ମଦଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କମିଟି ସଦସ୍ୟ ଫିରୋଜ ଖାଁ, ବାବୁଲା ଖାଁ, ରିଜୁଆନ ଖାଁ, ଅବ୍‌ଦୁଲ୍ଲା ଖାଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



କେନ୍ଦ୍ରାପଡ଼ାରେ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

ମହାକାଳପଡ଼ା, (ଡି.ଏନ.ଏ.): ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତର କେନାଲ ବନ୍ଧ ପାର୍ଶ୍ୱ ସଂଖ୍ୟାଲଘୁ ବସ୍ତିରେ ମହମ୍ମଦଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ୩ ନମ୍ବର ୱାର୍ଡ ବସ୍ତିର ୯୦ ପରିବାରର ୩ ଶହରୁ ଅଧିକ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ସାମିଲ ହୋଇଥିଲେ। ଭୋର ୪ଟାରେ ମୌଲବୀ ଅବଦୁଲ୍ ମାଜିଦ୍ ନମାଜ ପଢିଥିଲେ। ପରେ ପଦଯାତ୍ରାରେ ସମସ୍ତେ ବାହାରି କେନାଲ ବନ୍ଧ, ଛପାଳି ଗଡା, ଟାଙ୍କି ବେଲାରି ଗ୍ରାମ, ଅରୁଣନଗର, ସିଂପଡ଼ା ପରିକ୍ରମା କରି ଶାନ୍ତିର ବାର୍ତ୍ତା ବାଣ୍ଟିଥିଲେ। ଏହି ପରିକ୍ରମାରେ ଶେଖ୍ ନର୍ଷଦ , ଶେଖ୍ ଜହର ଅଲିସା , ଶେଖ୍ ରହେମାନ ଅଲିସା, ହବିବ ଅଲିଶା , ଶେଖ୍ ଆସବୁଦ୍ଦିନ୍, ଜହର ଅଲିଶା ପ୍ରମୁଖ ସାମିଲ ହୋଇଥିଲେ।

**ମହମ୍ମଦ ଜୟନ୍ତୀ ଉତ୍ସବ**

ରାଜନଗର,(ଡି.ଏନ.ଏ.): ରାଜନଗର ବ୍ଲକ କେରେଡାଗଡସ୍ଥିତ ମୁସଲିମ ବସ୍ତିରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜୈସେ ଇଦ ମିଲାଦୁନ ନବି କାର୍ଯ୍ୟକ୍ରମରେ ମୁସଲିମ ଭାଇ ଭଉଣୀ ମଧ୍ୟରେ ଭାଇଚାରା ସଂହତିର ବାର୍ତ୍ତା ବଣ୍ଟା ଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସମବାୟ ନେତା ଅରୁଣ କୁମାର ସାହୁ, ସର୍ବେଶ୍ୱର ମହାନ୍ତିଙ୍କ ସମେତ ବସ୍ତିର ମୁରବୀ ଉପସ୍ଥିତ ଥିଲେ।

ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ପୋରାଞ୍ଚଳରେ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରାରେ ବାହାରି ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ୧୧ ନଂ. ୱାର୍ଡରେ ପାଖରେ ଥିବା ମଦରସାରେ ପହଞ୍ଚିବା ପରେ ମହମ୍ମଦଙ୍କ ଜୀବନୀ ବାଣୀ ଉପରେ ଆଲୋଚନା କରାଯାଇଥିଲା।

**ଦିନକରେ ୮୫ହଜାର କୋଟି ହରାଇଲେ ଶ୍ରେଷ୍ଠ ଧନୀ**

**ନୂଆଦିଲ୍ଲୀ:** ଦିନକ ମଧରେ ବିଶ୍ୱର ଶ୍ରେଷ୍ଠ ଧନୀ ବ୍ୟକ୍ତିଙ୍କର ପ୍ରାୟ ୮୫ ହଜାର କୋଟି ଟଙ୍କାର ନିବେଶ ହ୍ରାସ ଘଟିଛି। ଏପରିକି ୧ନମ୍ବର ସ୍ଥାନରେ ଥିବା ଟେସ୍‌ଲା ସିଇଓ ଏଲନ୍ ମସ୍କ ୧୦ବିଲିୟନ ଡଲାରରୁ ଅଧିକ କ୍ଷତି ସହିଥିବା ବେଳେ ଭାରତୀୟ ଶିଳ୍ପପତି ଗୌତମ ଆଦାନୀ, ମୁକେଶ ଅମ୍ବାନୀ ଓ ଅନ୍ୟ ଧନୀଙ୍କ ସମ୍ପତ୍ତି ମଧ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ ଯେ ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ ଟପ୍-୧୦ରେ ଥିବା ସମସ୍ତ ଧନୀ ବ୍ୟକ୍ତି କୋଟି କୋଟି ଟଙ୍କାର କ୍ଷତି ସହିଛନ୍ତି। ସେହିଭଳି ଆମାଜନର ଜେଫ୍ ବେଜୋସ୍ ମଧ ପ୍ରାୟ ୬ ବିଲିୟନ ଡଲାର୍ ନିବେଶ ହରାଇଛନ୍ତି। ସେହିପରି ବର୍ଣ୍ଣାଡ ଆର୍ନାଲ୍ଟ ମଧ ପ୍ରାୟ ୫ ବିଲିୟନ ଡଲାର କ୍ଷତି ସହିଛନ୍ତି।

# ୨୪% ବୃଦ୍ଧି ପାଇଛି ପ୍ରତ୍ୟକ୍ଷ ଟିକସ ଆଦାୟ

**ନୂଆଦିଲ୍ଲୀ,୯।୧୦**




ଚଳିତ ଆର୍ଥିକ ବର୍ଷ (୨୦୨୨-୨୩)ର ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଅକ୍ଟୋବର ୮ ପର୍ଯ୍ୟନ୍ତ ପ୍ରାୟ ୯ (୮.୯୮) ଟ୍ରିଲିୟନ ଟଙ୍କା ରହିଛି ବୋଲି ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ଗତ ବର୍ଷ ଏହି ସମାନ ଅବଧି ମଧରେ ମୋପ ଅପ୍‌ଠାରୁ ୨୩.୮% ଅଧିକ ବୋଲି ଜଣାପଡିଛି। ସେହିଭଳି ନେଟ୍ ଟିକସ ସଂଗ୍ରହ (ଫେରସ୍ତ ପରେ) ୭.୪୫ ଟ୍ରିଲିୟନ ଟଙ୍କା ରହିଛି। ଯାହା ୨୦୨୨-୨୩ ବଜେଟ୍ ଆକଳନର ୫୨% ଅଟେ ବୋଲି କୁହାଯାଇଛି। ୨୦୨୨-୨୩ ପାଇଁ କେନ୍ଦ୍ର ସରକାର ବଜେଟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୪.୨୦ ଟ୍ରିଲିୟନ ଟଙ୍କା ହୋଇଛି, ଯାହା ୨୦୨୧-୨୨ରେ ସଂଗୃହୀତ ୧୪.୧୦ ଟ୍ରିଲିୟନ ଟଙ୍କା ରହିଛି। ସେହପରି ଚଳିତ ଆର୍ଥିକ ବର୍ଷର ୧ ଏପ୍ରିଲ୍‌ରୁ ୮ ଅକ୍ଟୋବର ମଧ୍ୟରେ ମୋଟ ଆକଳନ ବ୍ୟକ୍ତିଗତ ଆୟକର (ସିକ୍ୟୁରିଟି କାରବାର ଟ୍ୟାକ୍ସ ଅନ୍ତର୍ଭୁକ୍ତ କରି) ଆୟରେ ୩୨% ଅଭିବୃଦ୍ଧି ଏବଂ ଗତବର୍ଷ ସମାନ ଅବଧି ମଧ୍ୟରେ କର୍ପୋରେଟ୍ ଟିକସ ରାଜସ୍ୱରେ ୧୬.୭୩% ବୃଦ୍ଧି ଅନ୍ତର୍ଭୁକ୍ତ କରିଛି। ଚଳିତ ବର୍ଷ ୮ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ମୋଟ ସଂଗ୍ରହ ୮.୯୮ ଟ୍ରିଲିୟନ ଟଙ୍କା ରହିଛି, ଯାହା ଗତ ବର୍ଷର ସମାନ ସମୟ ପାଇଁ ମୋଟ ସଂଗ୍ରହଠାରୁ ୨୩.୮% ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ ମତବ୍ୟକ୍ତ କରିଛି। ଏପରିକି ଗତ ଏପ୍ରିଲରୁ ଅକ୍ଟୋବର ୮ ମଧରେ ୧.୫୩ ଟ୍ରିଲିୟନ ଟଙ୍କା ଫେରସ୍ତ ପ୍ରଦାନ କରାଯାଇଛି, ଯାହା ଗତ ବର୍ଷ ତୁଳନାରେ ୮୧% ବୃଦ୍ଧି ଘଟିଛି। ଅପରପକ୍ଷରେ ମୁଦ୍ରାସ୍ଫୀତି ୬ ରୁ ୭% ମଧରେ ଚାଲିଥିବା ବେଳେ ଟିକସ ସଂଗ୍ରହ ମୁଦ୍ରାସ୍ଫୀତି ହାରଠାରୁ ସୁସ୍ଥ ଅଭିବୃଦ୍ଧି ଦେଖାଇବା ଜରୁରୀ ରହିଛି। ଶକ୍ତିଶାଳୀ ଅର୍ଥନୈତିକ ଅଭିବୃଦ୍ଧି, ଉନ୍ନତ ରିପୋର୍ଟ ସହ ମିଶି ଟିକସ ସଂଗ୍ରହ ଆକଳନକୁ ସମର୍ଥନ କରୁଥିବା ପରି ମନେ ହୁଏ। ସଂଗ୍ରହ ଦୃଢ ଥିବାବେଳେ କୋଭିଡ ପରେ ଏହା ପୁନର୍ଜୀବିତ କର୍ପୋରେଟ ନିବେଶ ଚକ୍ର ଦ୍ୱାରା ମଧ ସମାନ ସମର୍ଥନ ହେବା ଆବଶ୍ୟକ ବୋଲି ଡେଲୋଏଟ ଇଣ୍ଡିଆର ସହଭାଗୀ ରୋହିଣ୍ଟନ ସିଦ୍ଧୱା କହିଛନ୍ତି। ଟିକସ ସଂଗ୍ରହ ନୀତି ନିର୍ଦ୍ଧାରକାରୀଙ୍କ ପାଇଁ ଏକ ଉଜ୍ଜ୍ୱଳ ସ୍ଥାନ ହୋଇପାରିଛି। ପରୋକ୍ଷ ଟିକସ ସଂଗ୍ରହ ମଧ ଦୃଢ ଅଭିବୃଦ୍ଧି ଦେଖାଉଛି। ଚାହିଦା ବୃଦ୍ଧି, ଅଧିକ ହାର ଏବଂ ଅଧିକ ଟିକସ ଅନୁପାଳନ ହେତୁ ସେପ୍ଟେମ୍ବର ପାଇଁ ଦ୍ରବ୍ୟ ଏବଂ ସେବା ଟିକସ ଆୟ ୨୬% ବୃଦ୍ଧି ହୋଇ ୧.୪୭ ଟ୍ରିଲିୟନ ଟଙ୍କାରେ ରହିଛି।

## 'ଆକ୍ସିସ ନାସଦାକ୍ ୧୦୦ଫଣ୍ଡ୍ ଅଫ୍ ଫଣ୍ଡ୍'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୯।୧୦**

ଭାରତର ଅଗ୍ରଣୀ ସମ୍ପତ୍ତି ପରିଚାଳନା କମ୍ପାନୀ ଆକ୍ସିସ ମ୍ୟୁଚୁଆଲ୍ ଫଣ୍ଡ୍ ପକ୍ଷରୁ 'ଆକ୍ସିସ୍ ନାସଦାକ୍ ୧୦୦ ଫଣ୍ଡ୍ ଅଫ୍ ଫଣ୍ଡ'ର ଶୁଭାରମ୍ଭ କରାଯାଇଛି । ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଫଣ୍ଡ୍ ଅଫ୍ ଫଣ୍ଡ୍ ସ୍କିମ୍, ଯେଉଁଥିରେ ପାଣ୍ଠିକୁ ନାସଦାକ୍ ୧୦୦ ଟିଆର୍‌ଆଇରେ ନିବେଶ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏଥିରେ ସର୍ବନିମ୍ନ ଆବେଦନ ରାଶି ୫୦୦ ଟଙ୍କା ଏବଂ ଏହା ପରେ ୧ ଟଙ୍କାର ଗୁଣିତକ ହିସାବରେ ନିବେଶ ବଢ଼ାଇବାକୁ ହେବ। ଏହି ଏନ୍‌ଏଫ୍‌ଓ ୨୦୨୨ ଅକ୍ଟୋବର ୨୧ରେ ବନ୍ଦ ହେବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ନିବେଶକମାନେ ପରିପକ୍ୱ ହେବା ସହ ନିଜ ସମ୍ପତ୍ତି ସୃଷ୍ଟି ଯାତ୍ରାରେ ପ୍ରତ୍ୟକ୍ଷ ଆଗ୍ରହ ରଖୁଥିବାବେଳେ ସମ୍ପତ୍ତି ଆବଣ୍ଟନରେ ମଧ୍ୟ ଚମତ୍କାର ପରିବର୍ତ୍ତନ ଘଟିଛି।

## ଆଇଡିବିଆଇର ୫୯ତମ ପ୍ରତିଷ୍ଠା ଦିବସ

**ନୂଆଦିଲ୍ଲୀ,୯।୧୦**

ଆଇଡିବିଆଇ ବ୍ୟାଙ୍କର ୫୯ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଶେଷକରି କାରବାରରେ ଜଡ଼ିତ ଥିବା ଗ୍ରାହକ ଓ ଅଣ-ଗ୍ରାହକମାନଙ୍କ ଲାଗି ଓପନ୍ ନେଟ୍‌ୱର୍କ ଡିଜିଟାଲ୍ କମର୍ସ କ୍ଷେତ୍ରରେ ପ୍ରବେଶ କରିବା ବିଷୟରେ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଓଏନ୍‌ଡିସି ହେଉଛି ଏକ ଓପନ୍ ନେଟ୍‌ୱର୍କ, ଯାହା ଏମ୍‌ଏସ୍‌ଏମ୍‌ଇ ଓ ଅନ୍ୟାନ୍ୟ ଖୁଚୁରା ବ୍ୟବସାୟୀମାନଙ୍କୁ ସେମାନଙ୍କ ଡିଜିଟାଲ୍ ଷ୍ଟୋର୍ ପ୍ରତିଷ୍ଠା କରିବା ଓ ଡିଜିଟାଲ୍ କମର୍ସ ବିପ୍ଳବର ଲାଭ ହାସଲ କରିବାରେ ସହାୟକ ହେବ। ଆଇଡିବିଆଇ ବ୍ୟାଙ୍କର ଓଏନ୍‌ଡିସି ସେଲର୍ସ ଆପ୍ ବ୍ୟବସାୟୀମାନଙ୍କୁ ଓଏନ୍‌ଡିସି ପ୍ଲାଟଫର୍ମରେ ଯୋଡ଼ିବା ସୁବିଧା ପ୍ରଦାନ କରିବ। ସେହିଭଳି ଋଣ ଆବେଦନର ଯାଞ୍ଚଠାରୁ ଆରମ୍ଭକରି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଡିଜିଟାଲ୍ ଓ କାଗଜବିହୀନ ଯାତ୍ରା ସୁବିଧା ପ୍ରଦାନ କରିବା ପର୍ଯ୍ୟନ୍ତ କିଷାନ କ୍ରେଡିଟ୍ କାର୍ଡ (କେସିସି) ଋଣ ପ୍ରକ୍ରିୟାର ଡିଜିଟାଲ୍‌କରଣ ପାଇଁ ବ୍ୟାଙ୍କ ପକ୍ଷରୁ ଡିଜିକେସିସି ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଛି। ଏହାକୁ ମହାରାଷ୍ଟ୍ରରୁ ଆରମ୍ଭ କରାଯାଇଛି। କେସିସି ଋଣର ଡିଜିଟାଲ୍‌କରଣ ପାଇଁ ଏହା ହେଉଛି ପ୍ରଥମ ଧରଣର ଅଭିଯାନ ଏବଂ ଯେଉଁ ରାଜ୍ୟଗୁଡ଼ିକରେ ଜମି ରେକର୍ଡର ଡିଜିଟାଲ୍‌କରଣ ହୋଇଛି, ସେହି ରାଜ୍ୟଗୁଡ଼ିକୁ ପର୍ଯ୍ୟାୟକ୍ରମେ ତାହା ସମ୍ପ୍ରସାରିତ ହେବ। ଓ୍ୱାର ହାଉସ୍ ରିସିପ୍ଟ ବଦଳରେ ଋଣ ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଡିଜିଟାଲ୍ ସମାଧାନର ସମନ୍ୱୟ ପାଇଁ ଡବ୍ଲ୍ୟୁଆରପିଏସ୍ (ଓ୍ୱାର ହାଉସ୍ ରିସିପ୍ଟ ପ୍ରୋସେସିଂ ସିଷ୍ଟମ୍)କୁ ବ୍ୟାଙ୍କ ପକ୍ଷରୁ ଆରମ୍ଭ କରାଯାଇଛି। ଫିନ୍‌ଟେକ୍ ସହବନ୍ଧନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ପାଖ ଦୋକାନରୁ ଟଙ୍କା ଉଠାଣ ସୁବିଧା ଦେବା ନିମନ୍ତେ କାର୍ଡବିହୀନ ଏଟିଏମ୍‌କୁ ବ୍ୟାଙ୍କ ପକ୍ଷରୁ ଉନ୍ମୋଚନ କରାଯାଇଛି।

## ଟାଟା ପାୱାର ପକ୍ଷରୁ ପରିବେଶ ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର,୯।୧୦**

ଦେଶର ପ୍ରମୁଖ ଘରୋଇ ସଂସ୍ଥା (କମ୍ପାନୀ) ଟାଟା ପାୱାର ପକ୍ଷରୁ ପ୍ରଥମ ଥର ପାଇଁ ପରିବେଶ ସମ୍ପର୍କିତ 'ଆକ୍ଟ ଫର୍ ବାୟୋ ଡାଇଭର୍ସିଟି କନ୍‌କ୍ଲେଭ୍' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଜାତୀୟସ୍ତର କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୯ଟି ରାଜ୍ୟର ଅକ୍ଷୟ ଶକ୍ତି କାର୍ଯ୍ୟ କ୍ଷେତ୍ରରେ ସବୁଜ ପରିବ୍ୟବସ୍ଥାର ସଂରକ୍ଷଣ ପ୍ରତି ନିଜର ପ୍ରତିବଦ୍ଧତାକୁ କମ୍ପାନୀ ଦୋହରାଇଛି। ସେହିଭଳି କମ୍ପାନୀ ତା'ର କାର୍ଯ୍ୟ କ୍ଷେତ୍ରରେ ସବୁଜ ଜମି ପରିବ୍ୟବସ୍ଥାର ପରିଚାଳନା ପାଇଁ ୩ ସୂତ୍ରୀ ସଂରକ୍ଷଣ ବ୍ୟବସ୍ଥା ଉପରେ ମଧ ଗୁରୁତ୍ୱ ଦେବ ବୋଲି ଜଣାପଡ଼ିଛି। ବିଶେଷକରି ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବା ସମେତ ପରିବ୍ୟବସ୍ଥାରେ ସନ୍ତୁଳନ ବଜାୟ ରଖିବା ସହ ନିରନ୍ତର ଜୀବନଜୀବିକା ପ୍ରତି ଯୋଗଦାନ କରିବ। ଏପରିକି ପୁଣେର ଭାରତୀ ବିଦ୍ୟାପୀଠ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏନ୍‌ଭାଇରନମେଣ୍ଟ ଏଜୁକେସନ ଆଣ୍ଡ୍ ରିସର୍ଚ୍ଚ ସହଯୋଗିତା କରିଥିବା ପ୍ରଥମ ଧରଣର ସର୍ବେକ୍ଷଣ ପରେ ଏହି ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ସେହିପରି ମଧ୍ୟପ୍ରଦେଶର ନିମୁଚରେ ଥିବା କମ୍ପାନୀର ଅକ୍ଷୟ ଶକ୍ତି କାର୍ଯ୍ୟ କ୍ଷେତ୍ରରେ ଏହି ପରୀକ୍ଷାମୂଳକ ସର୍ବେକ୍ଷଣ କରାଯାଇଥିଲା। ଟାଟା ପାୱାରର ଏମ୍‌ଡି ଓ ସିଇଓ ଡ. ପ୍ରବୀର ସିହ୍ନା କହିଛନ୍ତି, ଜୈବ ବିବିଧତାର ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ଏକ ନିରନ୍ତର ଭବିଷ୍ୟତ ଲକ୍ଷ୍ୟ ହାସଲ ଲାଗି ଦାୟିତ୍ୱବାନ ପଦକ୍ଷେପର ପ୍ରସାର ଲାଗି ସର୍ବପ୍ରଥମ 'ଆକ୍ଟ ଫର୍ ବାୟୋଡାଇଭର୍ସିଟି କନ୍‌କ୍ଲେଭ୍' ଆୟୋଜନ କରି ଟାଟା ପାୱାର ଗର୍ବିତ ମନେକରୁଛି। ଆମ ପରିଚାଳନାର ମୂଳ କେନ୍ଦ୍ରରେ ପରିବେଶ ପ୍ରତି ସଜାଗ ରହିବା ସଦାସର୍ବଦା ରହିଛି। ଟାଟା ପାୱାରରେ ଆମେ ପରିବର୍ତ୍ତନକାରୀ ଏବଂ ସମଭାବାପନ୍ନ କର୍ପୋରେଟ୍ ଜଗତର ବ୍ୟକ୍ତିମାନଙ୍କ ସହ ସହଯୋଗିତା ସ୍ଥାପନ କରିବାକୁ ଚାହୁଁଛୁ।

## ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ମହାଲୟା'

**ନୂଆଦିଲ୍ଲୀ,୯।୧୦**



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ନୂତନ କଲେକ୍ସନ 'ମହାଲୟା'ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଏହି ନୂତନ କଲେକ୍ସନ ମହାରାଷ୍ଟ୍ରର କଳା, ସଂସ୍କୃତି ଓ ଗୌରବ ଦ୍ୱାରା ଅନୁପ୍ରେରିତ ହୋଇଛି। ମହାଲୟା ନାମଟି ସମୃଦ୍ଧି ଓ ସୌନ୍ଦର୍ଯ୍ୟର ପ୍ରତୀକ ଅଟେ। 'ମହା'ର ଅର୍ଥ 'ଉତ୍କୃଷ୍ଟ' ଏବଂ 'ଲୟା'ର ଅର୍ଥ ସୌନ୍ଦର୍ଯ୍ୟ, ଯାହାକି ମହାରାଷ୍ଟ୍ରର ପ୍ରତ୍ୟେକ ଦିଗରେ ଦେଖାଯାଇପାରେ। ମହାରାଷ୍ଟ୍ରରେ ଅନେକ ଦିଗ ରହିଛି, ଯାହାକି ଏହି ଅଞ୍ଚଳର ଗୌରବ ଓ ଉତ୍କର୍ଷତାକୁ ଦର୍ଶାଇଥାଏ। ଚଳିତ ପାର୍ବଣ ଅବସରରେ ସୁନା ଓ ହୀରା ଜୁଏଲେରିର ଆକର୍ଷଣୀୟ ସମ୍ଭାର ଉପଲବ୍ଧ କରାଇଛି। ଏପରିକି ଆଗାମୀ ଦୀପାବଳି ପାଇଁ ସ୍ୱତନ୍ତ୍ର ଭାବେ ଏହାର ପ୍ରସ୍ତୁତ କରାଯାଇଛି।

ଏ ସମ୍ପର୍କରେ ରିଲାଏନ୍‌ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଭାରତର ଏକ ବ୍ୟାପକ ଓ ସମ୍ମାନଜନକ ଐତିହ୍ୟ ଓ ବିଭିନ୍ନତାରେ ଭରପୂର ସଂସ୍କୃତି ରହିଛି, ଯାହାକି ଦେଶର ଏକ ଅବିଚ୍ଛେଦ୍ୟ ଅଂଶ ଓ ଏହି କାରଣରୁ ଆମେ ସଭିଏଁ ଭାରତୀୟ ଭାବେ ଗର୍ବ କରିଥାଉ। ଆମେ ଆମର ଏହି ସମୃଦ୍ଧ ଐତିହ୍ୟ, କଳା ଓ କାରିଗରିରୁ ସର୍ବଦା ପ୍ରେରଣା ଗ୍ରହଣ କରିଥାଉ। ବିଗତ ୩ବର୍ଷ ଧରି ଅନେକ ଆକର୍ଷଣୀୟ କଲେକ୍‌ସନ ପ୍ରସ୍ତୁତ କରି ଆସୁଛୁ, ଯାହାକୁ ଆମର ଗ୍ରାହକମାନେ ବହୁଳ ମାତ୍ରାରେ ପସନ୍ଦ କରିଛନ୍ତି।

## ଏୟୁ ସପିଂ ଧମାକାର ୪ର୍ଥ ସଂସ୍କରଣ

**ନୂଆଦିଲ୍ଲୀ,୯।୧୦**

ଚଳିତ ପାର୍ବଣ ଉପଲକ୍ଷେ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ 'ଏୟୁ ସପିଂ' ଧମାକାର ଚତୁର୍ଥ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସୁବିଧା ଚଳିତ ମାସ ଶେଷ ସୁଦ୍ଧା ସପିଂ କାର୍ଣ୍ଣିଭାଲ ହେବ, ଯେଉଁଥିରେ ଏୟୁ ବ୍ୟାଙ୍କର ଗ୍ରାହକମାନେ ବ୍ୟାଙ୍କର ଡେବିଟ କାର୍ଡ ଅଥବା କ୍ରେଡିଟ କାର୍ଡ ବ୍ୟବହାର କରି କିଣାକିଣି କଲେ ତାହା ଉପରେ ବହୁବିଧ ରିହାତି, ରିୱାର୍ଡ ଏବଂ ଅଫର ପାଇପାରିବେ। ଏୟୁ ସପିଂ ଧମାକା ଅକ୍ଟୋବର ୩୦ରେ ସମାପ୍ତ ହେବ। ପାର୍ବଣ ଋତୁରେ ସାଧାରଣତଃ ଅଧିକାଂଶ ଅନ୍‌ଲାଇନ ପ୍ଲାଟଫର୍ମ ବହୁବିଧ ରିହାତି ଓ ଅଫର ପ୍ରଦାନ କରନ୍ତି, ଯାହା ଗ୍ରାହକଙ୍କୁ ସେମାନଙ୍କର ଏୟୁ ବ୍ୟାଙ୍କ ଡେବିଟ କାର୍ଡ ଓ କ୍ରେଡିଟ କାର୍ଡରେ କିଣାକିଣି କ୍ଷେତ୍ରରେ ରିୱାର୍ଡ ଓ ରିହାତି ପ୍ରଦାନ କରୁଛି। ଏହି ଅଫରଗୁଡିକ ଇଲେକଟ୍ରୋନିକ୍ସ, ଭ୍ରମଣ, ଭୋଜନ, ସ୍ୱାସ୍ଥ୍ୟ ଓ ସୁସ୍ଥତା ଏବଂ ଲାଇଫଷ୍ଟାଇଲ ଆଦି ବର୍ଗରେ କିଣାକିଣି ନିମନ୍ତେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ଏୟୁ ବ୍ୟାଙ୍କର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଉତ୍ତମ ଟିବ୍ରେୱାଲ କହିଛନ୍ତି, ପାର୍ବଣ ଋତୁ ଆନନ୍ଦ ଉଲ୍ଲାସ ପାଳନ ଏବଂ ଖର୍ଚ୍ଚ କରିବାର ସମୟ। ଏୟୁ ସପିଂ ଧମାକାର ପୂର୍ବ ତିନିଟି ସଂସ୍କରଣ ସମୟରେ ଜନସାଧାରଣ ସେହି ଅବଧିରେ କିଣାକିଣି କରିବାରେ ରିହାତି ଓ ଅଫର ଚାହିଁବାର ଏକ ସ୍ପଷ୍ଟ ଧାରା ଆମେ ଲକ୍ଷ୍ୟ କରିଥିଲୁ। ଚଳିତ ବର୍ଷ ଆମେ ଆମ ଗ୍ରାହକଙ୍କୁ ପାର୍ବଣ ମନଭରି ଉପଭୋଗ କରିବା ଦିଗରେ ସହାୟକ ହେବାକୁ ବହୁବିଧ ରିୱାର୍ଡ ଏବଂ ଅଫର ସହିତ ସନ୍ତୁଷ୍ଟିଦାୟକ ଅନୁଭୂତି ପ୍ରଦାନ କରୁଛୁ। ଆମର ବ୍ରାଣ୍ଡ୍ ସହଭାଗୀମାନେ ମଧ କ୍ରେତାଙ୍କୁ ରିହାତି ଓ ଫାଇଦା ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି। ଏୟୁ ସପିଂ ଧମାକା ସହ ଆମେ ଆମ ଗ୍ରାହକଙ୍କୁ ଅସୀମିତ ଜୀବନ ଜିଇବାକୁ ସଶକ୍ତ କରୁଛୁ।

**ଫୁର୍‌ସତ୍**



## ମାଳଦ୍ୱୀପରେ ରଶ୍ମିକା

**ମାଲେ:** ନ୍ୟାଶନାଲ କ୍ରସ୍ ତଥା ସାଉଥ୍ ବ୍ୟୁଟି ରଶ୍ମିକା ମନ୍ଦାନ୍ନା ଏବେ ମାଲ୍‌ଦ୍ୱୀପରେ ଛୁଟିକାଟୁଛନ୍ତି। ତେବେ ତାଙ୍କ ମାଲଦ୍ୱୀପ୍ ଭିଜିଟ୍‌କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ରଶ୍ମିକା ଏକା ନୁହେଁ ତାଙ୍କ ସହ ବିଜୟ ଦେବରକୋଣ୍ଡା ମଧ ମାଲଦ୍ୱୀପ ଯାଇଥିବା ଏବେ ଚର୍ଚ୍ଚା ହେଉଛି। ଶୁକ୍ରବାର ଦୁହେଁ ଏୟାରପୋର୍ଟରେ ଦେଖାଯାଇଥିଲେ। ଉଭୟ ଅଲଗା ଗାଡ଼ିରେ ଆସିଥିଲେ ହେଁ ଏକାଠି ହଲିଡେ ମନାଉଥିବା କୁହାଯାଉଛି। ସନ୍‌ଗ୍ଲାସ୍ ଲଗାଇ ସୁଇମିଂ ପୁଲ୍ ନିକଟରେ ବସିଥିବାର ଫଟୋ ରଶ୍ମିକା ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତେବେ ରଶ୍ମିକା ଯେଉଁ ସନ୍‌ଗ୍ଲାସ୍ ଲଗାଇଛନ୍ତି ସେହି ଗ୍ଲାସ୍ ବିଜୟ ଦେବରକୋଣ୍ଡା ଏୟାରପୋର୍ଟରେ ଲଗାଇଥିବା ଜଣେ ଫ୍ୟାନ୍ ଫଟୋ ଦେଖି କହିଛନ୍ତି। ସାଉଥ୍ ଫିଲ୍ମ ଗୀତା ଗୋବିନ୍ଦମରେ ରଶ୍ମିକା ଓ ବିଜୟ ଏକାଠି ଅଭିନୟ କରିଥିଲେ। ଫିଲ୍ମଟି ସୁପର ହିଟ୍ ହେବା ସହ ଏମାନଙ୍କ ଯୋଡ଼ିକୁ ମଧ ସିନେପ୍ରେମୀ ଖୁବ୍ ପସନ୍ଦ କରିଥିଲେ। ଦୁହିଁଙ୍କ ମଧରେ ପ୍ରେମ ସମ୍ପର୍କ ଥିବା ନେଇ ଆଲୋଚନା ହେଉଥିଲେ ହେଁ ସେମାନେ ଭଲ ସାଙ୍ଗ ବୋଲି କହି ଆସୁଛନ୍ତି। ଫିଲ୍ମ 'ଲାଇଗର' ବିଜୟଙ୍କ ବଲିଉଡ୍ ଡେବ୍ୟୁ ହୋଇଥିବାବେଳେ 'ଗୁଡ୍ ବାଏ' ଜରିଆରେ ରଶ୍ମିକା ବଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି।

## ଅଦୃଶ୍ୟ ହୋଇଯିବ ପ୍ରଶାନ୍ତ ମହାସାଗର



**ୱାଶିଂଟନ୍:** ଆଗାମୀ ୨ଶହରୁ ୩ଶହ ବର୍ଷପରେ ଆର୍କଟିକ୍ ମହାସାଗର ଓ କାରିବିନ୍ ସମୁଦ୍ର ଅଦୃଶ୍ୟ ହୋଇଯିବେ। ଫଳରେ ଏସିଆ ମହାଦେଶ, ଆମେରିକା ସହ ମିଶି ଏକ ସୁପର ମହାଦେଶ ଗଠନ କରିବ, ଯାହାର ନାମ 'ଆମାସିଆ' ରଖାଯିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଅଷ୍ଟ୍ରେଲିଆର କରଟିନ୍ ଏବଂ ଚାଇନାର ପେକିଂ ୟୁନିଭର୍ସିଟି ପକ୍ଷରୁ ମିଳିତ ଭାବେ କରାଯାଇଥିବା ଅଧ୍ୟୟନ ରିପୋର୍ଟରେ ଏହା ପ୍ରକାଶ ପାଇଛି। ୨୦୦ ବର୍ଷ ପରେ ପୃଥିବୀର ଭୂଭାଗ ଏକାଠି ହୋଇଯିବ, ଫଳରେ ଆମେରିକାକୁ ଏସିଆ ସଂଯୋଗ କରିବ। ପ୍ରତି ୬ଶହ ନିୟୁତ ବର୍ଷ ମଧରେ ପୃଥିବୀର ମହାଦେଶ ସବୁ ଏକାଠି ହୋଇ ସୁପର ମହାଦେଶ ତିଆରି କରିଥାନ୍ତି, ଯାହାକୁ ସୁପର କଣ୍ଟିନେଣ୍ଟ ବା ମହାଦେଶ ସାଇକେଲ କୁହାଯାଏ। ଶତାଧିକ ବର୍ଷ ପରେ ଦେଶଗୁଡ଼ିକ ମହାଦେଶରେ ପରିଣତ ହେବେ ବୋଲି ଅଧ୍ୟୟନର ମୁଖ୍ୟ ଡା. ଚୁଆନ୍ ହୁଆଙ୍ଗ କହିଛନ୍ତି। ବିଶେଷଜ୍ଞଙ୍କ ମତରେ ଦୁଇଟି ଭିନ୍ନ ପ୍ରଣାଳୀରେ ସୁପର ମହାଦେଶ ଗଠନ ହୋଇପାରିବ। ତାହା ହେଉଛି, ଇନ୍‌ଟ୍ରୋଭର୍ସନ୍ ଓ ଏକ୍ସଟ୍ରୋଭର୍ସନ୍। ସୁପର କମ୍ପ୍ୟୁଟର ପ୍ରୟୋଗ କରି ଭୂପୃଷ୍ଠରେ ଥିବା ଟେକ୍ଟୋନିକ୍ ପ୍ଲେଟ୍‌ର ପରିବର୍ତ୍ତିତ ବ୍ୟବହାର ଉପରେ ନଜର ରଖାଯାଇଥିବା କୁହାଯାଇଛି। ୩୦୦ ନିୟୁତରୁ କମ୍ ବର୍ଷ ମଧରେ ଆମାସିଆ ନାମରେ ସୁପର ମହାଦେଶ ତିଆରି ହେବ। ଆମେରିକା ଓ ଏସିଆ ମହାଦେଶର ଭୂଭାଗ ମିଶିଯିବା କଥା ବିଶେଷଜ୍ଞମାନେ ବିଶ୍ୱାସ କରୁଥିବାବେଳେ ଏଥିରୁ ସୃଷ୍ଟି ହେବାକୁ ଥିବା ସୁପର ମହାଦେଶର ନାମକରଣ ଆଗୁଆ କରାଯାଇଛି। ଏହି ସୁପରକଣ୍ଟିନେଣ୍ଟ ପୃଥିବୀର ଉପରି ଭାଗରେ ସୃଷ୍ଟି ହେବ। ଏହା ଦକ୍ଷିଣ ଭୂମଧ ରେଖାକୁ ଢଳି ରହିବା ଭଳି ସ୍ଥିତିରେ ରହିବ ବୋଲି କୁହାଯାଉଛି। ଯଦି ଭବିଷ୍ୟତରେ ଏ ପ୍ରକାର ସ୍ଥିତି ଉପୁଜେ ତେବେ ଆଣ୍ଟାର୍କଟିକା ମହାସାଗର ବିଶ୍ୱର ନିମ୍ନରେ ଆଇସୋଲେଟେଡ୍ ହୋଇ ରହିଯିବ। ଅଧ୍ୟୟନ ରିପୋର୍ଟ ମୁତାବକ ଅଷ୍ଟ୍ରେଲିଆ ଏସିଆ ଆଡ଼କୁ ପ୍ରତିବର୍ଷ ୭ ସେଣ୍ଟିମିଟର ଦୂର ପାଖେଇ ଆସିବାରେ ଲାଗିଛି। ସେହିପରି ୟୁରେସିଆ ଏବଂ ଆମେରିକା ପ୍ରଶାନ୍ତ ମହାସାଗରର ନିକଟତର ହେବାକୁ ଲାଗିଛନ୍ତି। ସୁପର ମହାଦେଶ ସୃଷ୍ଟି ହେବାପରେ ପୃଥିବୀରେ ଅନେକ ପ୍ରକାର ପରିବର୍ତ୍ତନ ଦେଖାଯିବ। ବର୍ତ୍ତମାନ ସମୟରେ ବିଶ୍ୱରେ ମୋଟ ୭ଟି ମହାଦେଶ ରହିଛି, ଯେଉଁଠାରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହିବା ସହ ଭିନ୍ନ ସଂସ୍କୃତିର ଲୋକେ ବସବାସ କରନ୍ତି।

## ୫୦ ବର୍ଷୀୟା କନିଆକୁ ୨୦ ବର୍ଷୀୟ ବର

**ଇସ୍‌ଲାମାବାଦ୍**

ପାକିସ୍ତାନର ଇସ୍‌ଲାମାବାଦ୍‌ରେ ଜଣେ ୫୦ ବର୍ଷୀୟା ମହିଳା ୨୦ ବର୍ଷୀୟ ଯୁବକଙ୍କୁ ବିବାହ କରିଛନ୍ତି। ନାଜିଆଙ୍କ ଘରେ ସୁଫିୟାନ୍ ଗୃହ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ଏକୁଟିଆ ରହୁଥିବା ନାଜିଆ ତାଙ୍କ ବନ୍ଧୁଙ୍କ ପରାମର୍ଶ କ୍ରମେ ଘରକାମରେ ସାହାଯ୍ୟ କରିବାଲାଗି ମାସିକ ୧୮ ହଜାର ଟଙ୍କା ବେତନରେ ସୁଫିୟାନଙ୍କୁ ଘରକୁ ଆଣିଲେ। ନାଜିଆଙ୍କ ଘରେ ରହି ସୁଫିୟାନ୍ ସବୁ କାମ କରୁଥିଲେ। କିଛିଦିନ ବିତିବା ପରେ ନାଜିଆଙ୍କ ପ୍ରଥମେ ସୁଫିୟାନ୍‌ଙ୍କୁ ପ୍ରେମ ନିବେଦନ କରିଥିଲେ। ଦୁହେଁ ବାହାହୋଇ ଏବେ ଏକାଠି ଖୁସିରେ ଜୀବନ କାଟୁଛନ୍ତି। ବାହାଘର ପରେ ମଧ ସୁଫିୟାନ୍ ନାଜିଆଙ୍କ ଯତ୍ନ ନେବା ସହ ଘରର ସବୁକାମ କରୁଛନ୍ତି।

## କବାଡ଼ି ମଇଦାନରେ ମହିଳା

**ରାୟପୁର**



ପୁରୁଷ ହୁଅନ୍ତୁ ଅବା ମହିଳା ଖେଳକୁଦ ପାଇଁ ପ୍ରାୟ ସମସ୍ତଙ୍କ ରୁଚି ରହିଛି। ନିକଟରେ ଛତିଶଗଡ଼ରେ ଆରମ୍ଭ ହୋଇଯାଇଛି ଛତିଶଗଡ଼ ଅଲିମ୍ପିକ୍ସ, ଯେଉଁଥିରେ ମହିଳାମାନେ ଶାଢ଼ି ପିନ୍ଧି କବାଡ଼ି ଖେଳୁଥିବାର ଦେଖିବାକୁ ମିଳିଛି। ଏହାର ଭିଡିଓ ମଧ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଆଇଏଏସ୍ ଅୱନିଶ ଶରନ ଟୁଇଟରରେ ଏହାର ଭିଡ଼ିଓ ପୋଷ୍ଟ କରିଛନ୍ତି। ମହିଳାମାନେ ଜଣେ ଜଣେ ଦକ୍ଷ ଖେଳାଳିଙ୍କ ପରି କବାଡ଼ି ଖେଳୁଥିବା ଭିଡିଓରେ ଦେଖାଯାଇଛି। ଗତ ଗୁରୁବାର ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ଦ୍ୱାରା ରାଜ୍ୟରେ ଛତିଶଗଡ଼ ଅଲିମ୍ପିକ୍ସ ଆରମ୍ଭ ହୋଇଯାଇଛି। ଏହି ସମାରୋହ ଅକ୍ଟୋବର ୬ରୁ ଆସନ୍ତାବର୍ଷ ଜାନୁୟାରୀ ୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଛତିଶଗଡ଼ରେ ଯେଉଁସବୁ ପାରମ୍ପରିକ ଖେଳ, ଗିଲ୍ଲି ଦଣ୍ଡା, ପିଠ୍ଠୁଲ, ଲଙ୍ଗଡି ରନ୍, ବାଟି କେଳ ଆଦି ଏହି ଅଲିମ୍ପିକ୍ସରେ ଖେଳାଯିବ। ଯୁବପିଢ଼ିଙ୍କୁ ଏ ସବୁ କ୍ରୀଡ଼ା ବିଷୟରେ ଅବଗତ କରାଇବା ପାଇଁ ଏହି ନିଆରା ପ୍ରୟାସ କରାଯାଇଥିବା କୁହାଯାଉଛି। ପ୍ରତ୍ୟେକ ଖେଳ ୬ଟି ପର୍ଯ୍ୟାୟରେ ଖେଳାଯିବାକୁ ଥିବାବେଳେ ପିଲାଠାରୁ ବୃଦ୍ଧ ଏବଂ ଯେ କୌଣସି ବୟସର ମହିଳା ଏଥିରେ ନିଜକୁ ସାମିଲ କରିପାରିବେ ।

## ବିପଦରେ କିସ୍‌କା



**ୱାଶିଂଟନ୍:** ବିଶ୍ୱର ଏକମାତ୍ର ଓର୍‌କା ତଥା କିଲର୍ ହ୍ୱେଲ୍ 'କିସ୍‌କା'ର ଜୀବନ ଏବେ ବିପଦରେ ଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ନାଇଜେରିଆର ଆଣ୍ଟାରିଓରେ ଥିବା ଆମ୍ୟୁଜ୍ ପାର୍କର ମେରାଇନ୍ ଲ୍ୟାଣ୍ଡରେ କିସ୍‌କାକୁ ରଖାଯାଇଛି। ୪୩ ବର୍ଷ ଧରି ଏହି କିଲର ହ୍ୱେଲ୍ ସ୍ୱତନ୍ତ୍ର ଯନ୍ତାରେ ରହିଆସୁଥିବାବେଳେ ୧୧ ବର୍ଷ ହେବ ଏହା ଏକୁଟିଆ ବାସ କରୁଛି। କାରଣ ସେ ଜନ୍ମଦେଇଥିବା ୫ଟିଯାକ ଛୁଆଙ୍କ ମୃତ୍ୟୁ ହୋଇସାରିଥିବା ଷ୍ଟଡିର ଅଥର୍ ଲୋରି ମାରିନୋ କହିଛନ୍ତି। ଡଲଫିନ୍ ଶ୍ରେଣୀର ଏହି ହ୍ୱେଲ୍‌ର ଦାନ୍ତ ପାଇଁ ଏହାକୁ ଓଡୋଣ୍ଟୋସେଟ୍ସ ବୋଲି କୁହାଯାଏ। ଏହି ପ୍ରଜାତିର ଜୀବନକାଳ ୩୦ରୁ ୫୦ ବର୍ଷ ହୋଇଥାଏ। କିନ୍ତୁ ବନ୍ଦୀ ଜୀବନ କାଟିବା କାରଣରୁ ବୟସ ପୂର୍ବରୁ ସେମାନଙ୍କ ମୃତ୍ୟୁ ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି। ଶରୀରର କଳା, ଧଳା ରଙ୍ଗ ପାଇଁ ଏହା ସ୍ୱତନ୍ତ୍ର ଅଟେ। କିନ୍ତୁ ବୟସ ବଢ଼ିବା ସହ ସେମାନଙ୍କ ବ୍ୟବହାର, ରୂପ ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳେ। ଜୀବଜଗତ ମଧରେ ଏହି କଲର୍ ହ୍ୱେଲ୍‌ର ମସ୍ତିଷ୍କ ଖୁବ୍ ଉନ୍ନତ।

## ସଂକ୍ଷେପରେ



ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରୁ ପ୍ରଫୁଲ୍ଲ ମହାନ୍ତି ନାମକ ବ୍ୟକ୍ତି ଶନିବାର ଆହତ ଅବସ୍ଥାରେ ଗୋଟିଏ ଗ୍ରେ ୱାଗ୍‌ଟିଲ ଚଢ଼େଇକୁ ଉଦ୍ଧାର କରି ଚିକିତ୍ସା କରୁଥିଲେ। ରବିବାର ସନ୍ଧ୍ୟାରେ ତାର ମୃତ୍ୟୁ ଘଟିଛି।

## 'ବରିଷ୍ଠ, କନିଷ୍ଠ ମଧ୍ୟରେ ସମ୍ମାନବୋଧ କମିଯାଉଛି'

ତିର୍ତ୍ତୋଲ, ୯।୧୦ (ଡି.ଏନ.ଏ.) :ସମାଜରେ ଦିନକୁ ଦିନ ବରିଷ୍ଠ ଏବଂ କନିଷ୍ଠଙ୍କ ମଧ୍ୟରେ ସମ୍ମାନବୋଧ କମିଯାଉଛି। ଏଥିଲାଗି ପୂଜ୍ୟପୂଜା ପରମ୍ପରାରେ ହୋଇଥିବା ବ୍ୟତିକ୍ରମ ଦାୟୀ। ଏଥିରେ ବ୍ୟତିକ୍ରମ ଘଟିଲେ ସାମାଜିକ ସମ୍ପର୍କରେ ଅବକ୍ଷୟ ଘଟେ ବୋଲି ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଖଡ଼ଗପୁର ଲକ୍ଷ୍ମୀ ନୃସିଂହ ମଠ ପରିସରରେ ବାଲିଘର ତରଫରୁ ଆୟୋଜିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ରବିବାର ମତ ପ୍ରକାଶ ପାଇଛି। ଏହି ଅବସରରେ ସଂସ୍କୃତ ବିଶାରଦ, କବି ତଥା ବାଗ୍ମୀ ପଣ୍ଡିତ ଭାସ୍କର ଚନ୍ଦ୍ର ଶତପଥୀଙ୍କ ୮୪ ତମ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ସଙ୍ଗଠନ ସମ୍ପାଦକ ଅମର ଜ୍ୟୋତି ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ନାଗମଣୀ କର, ସମ୍ମାନିତ ଅତିଥି ପଣ୍ଡିତ ଜଗନ୍ନାଥ କର, ଶୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ଅବସରପ୍ରାପ୍ତ କୃଷି ଅଧିକାରୀ ପ୍ରେମ ଚରଣ ରାଉତ, ବୃନ୍ଦାବନ ନାୟକ, ଜଗନ୍ନାଥ ସ୍ୱାଇଁ, ଶିକ୍ଷକ ପ୍ରଦିପ ଲେଙ୍କା, ଶିକ୍ଷୟିତ୍ରୀ ସୁକାନ୍ତି ଦାସ, ଶ୍ରୀକାନ୍ତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପଣ୍ଡିତ ଶତପଥୀଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

## ଏସ୍‌କେ ଏକାଡେମୀ ୧୯୮୭ ବ୍ୟାଚ ବନ୍ଧୁମିଳନ

ଜଗତ୍‌ସିଂହପୁର ଅଫିସ, ୯।୧୦: ସ୍ଥାନୀୟ ଶ୍ରୀକୃଷ୍ଣ (ଏସ୍‌କେ) ଏକାଡେମୀ ୧୯୮୭ ବ୍ୟାଚ ଛାତ୍ରମାନଙ୍କର ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଶଶାଙ୍କ ଶେଖର ପଣ୍ଡା, ଶୁଭେନ୍ଦୁ ପଟ୍ଟନାୟକ ଓ ଲଲାଟେନ୍ଦୁ ପାଣିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପାଠପଢ଼ା ସମୟରେ ସ୍ମୃତିଚାରଣ କରାଯାଇଥିଲା।ଏଥିସହ ଅତୀତ ଓ ବର୍ତ୍ତମାନର ଶିକ୍ଷାଦାନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। କେବଳ ବନ୍ଧୁମିଳନରେ ନୁହେଁ, ସାମାଜିକ କାର୍ଯ୍ୟରେ ପ୍ରତ୍ୟେକ ସାମିଲ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ମହାପାତ୍ର, ଶିବ ସ୍ୱାଇଁ, ଅଭିରାମ ନନ୍ଦ, ବେଦପ୍ରକାଶ ପଟ୍ଟନାୟକ, ଗୁରୁଦତ୍ତ ବିଶ୍ୱାଳ, ରଜନୀ ମିଶ୍ର, ଗୁରୁପ୍ରସନ୍ନ ମହାନ୍ତି ଓ ବିନୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ରାସ୍ତା ଶୋଚନୀୟ

■ ୬ମାସ ହେଲା ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା
■ ରାସ୍ତା ମରାମତି ପାଇଁ ବିଭାଗର ନିଘାନାହିଁ

ନାଉଗାଁ,୯।୧୦ (ସ୍ୱ.ପ୍ର)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକର ଗଜରାଜପୁର ପଞ୍ଚାୟତ ତୁମ୍ପେଶ୍ୱରଠାରେ ପ୍ରବାହିତ ଦେବୀ ନଦୀରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଦ୍ୱାରା ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଏଲ୍ ଆଣ୍ଡ ଟି ସଂସ୍ଥା ରହିଥିବା ବେଳେ ତଦାରଖ ଦାୟିତ୍ୱରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ରହିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଉଛି। ଏହି ପ୍ରକଳ୍ପରୁ ପାନୀୟଜଳ ଏରସମା, ବାଲିକୁଦା ବ୍ଲକକୁ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପରୁ ଉକ୍ତ ବ୍ଲକର ବିଭିନ୍ନ ଗ୍ରାମ ଓ ରାସ୍ତାପାର୍ଶ୍ୱ ଦେଇ ପାଇପ୍ ବିଛାଚାଲିଛି। ଏହି ପାଇପ୍ ବିଛା କାର୍ଯ୍ୟ ୬ ମାସରୁ ଊର୍ଦ୍ଧ୍ୱ ହେବ ଚାଲିଛି। ପାଇପ୍ ବିଛାକାର୍ଯ୍ୟ ସରିବା ପରେ ପାନୀୟଜଳ ପ୍ରକଳ୍ପରୁ ପାଇପ୍ ମାଧ୍ୟମରେ ଟେଷ୍ଟିଂ କରାଯାଉଥିଲା। ଏହି ସମୟରେ ମୁଣ୍ଡାଲୋ-ଭାତପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାପାର୍ଶ୍ୱରେ ପାଇପ୍ ଫାଟିଯାଇଥିଲା। ଫଳରେ



ମୁଣ୍ଡାଲୋ-ଭାତପଡ଼ା ରାସ୍ତା ଖାଲଖମାରେ ପୂରି ରହିଛି।

ସେଠାରେ ରାସ୍ତା ଧସି ପଡ଼ିଥିଲା। ଏହି ପାଇପ୍ ଫାଟିବା ଦ୍ୱାରା ରାସ୍ତା ସହ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଅରଖପାରିଠାରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପରୁ ମଧ୍ୟ ପାନୀୟଜଳ ସ୍ଥାନୀୟ ଗ୍ରାମ ଭାତପଡା, ନହଡିପଡା ଆଦିକୁ ଯାଇପାରି ନ ଥିଲା। ଫଳରେ ଦୀର୍ଘ ୬ ମାସ ହେବ ଉକ୍ତ ଗ୍ରାମର ଗ୍ରାମବାସୀ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ରାସ୍ତା ଖରାପ ଯୋଗୁ ଦୁର୍ଦ୍ଦଶା ଭୋଗୁଛନ୍ତି।

ରାସ୍ତା ଧସିବା ସହ ମେଗା ପାନୀୟ ଜଳ ପ୍ରକଳ୍ପରୁ ମେଶିନ ମାଧ୍ୟମରେ ପାଇପ ବିଛା କାର୍ଯ୍ୟ ହୋଇଛି। ରାସ୍ତାପାର୍ଶ୍ୱ ଦେଇ ଅନ୍ୟ ପାଇପ୍ ମାଧ୍ୟମରେ ଗ୍ରାମକୁ ଜଳ ଯୋଗାଉ ଥିବା ପାଇପ୍ ସବୁ ଫାଟିଯାଇଛି ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି। ଏହାଦ୍ୱାରା ପାନୀୟଜଳ ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ବର୍ତ୍ତମାନ ବର୍ଷା ହେଉଥିବାରୁ ରାସ୍ତାସାରା କାଦୁଅପାଣି ଜମି ରହୁଛି। ଫଳରେ ସେହି ରାସ୍ତା ଦେଇ ଯିବା ଆସିବା କରିବାରେ ଅସୁବିଧା ହେଉଥିବା ବାବୁରାମ ଦାସ, ରମେଶ ଭୋଇ, ବସନ୍ତ ଭୋଇ, ଯଦୁ ଭୋଇ, ନିରଞ୍ଜନ ଭୋଇ, ଦୀନବନ୍ଧୁ ଭୋଇ ପ୍ରମୁଖ କହିଛନ୍ତି। ରାସ୍ତା କାର୍ଯ୍ୟ ଯଥାଶୀଘ୍ର କରିବା ସହ ପାନୀୟଜଳ ଯୋଗାଇଦେବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ ଯେଉଁ ସ୍ଥାନରେ ପାଇପ୍ ଫାଟି ଗ୍ରାମକୁ ପାନୀୟଜଳ ଯାଇପାରୁନାହିଁ ତାହାକୁ ମରାମତି କରାଯାଇଛି। ୨ ଦିନ ମଧ୍ୟରେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ରାସ୍ତା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରମେଶ ମିଶ୍ରଙ୍କୁ ପଚାରିବାରେ ରାସ୍ତା ମରାମତି କାର୍ଯ୍ୟ କରୁଥିବା ସଂସ୍ଥାକୁ ବାରମ୍ବାର କୁହାଯାଉଛି। କିନ୍ତୁ ସେ ମରାମତି କରୁନାହିଁ। ପୁନର୍ବାର ସଂସ୍ଥାକୁ କୁହାଯାଇ କାମ ଯଥାଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

## ପାରାଦୀପରେ ମହମ୍ମଦଙ୍କ ଜୟନ୍ତୀ

ପାରାଦୀପ,୯।୧୦(ସ୍ୱ.ପ୍ର.)

ସ୍ଥାନୀୟ ବଡ଼ପଡ଼ିଆଠାରେ ଥିବା ଜାମା ମସ୍‌ଜିଦ ଓ ପାରାଦୀପ ପୋର୍ଟ ଇସ୍‌ଲାମିକ ଆସୋସିଏଶନ ପକ୍ଷରୁ ରବିବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶାନ୍ତି ଶୋଭାଯାତ୍ରା ବଡ଼ପଡ଼ିଆଠାରୁ ମଧୁବନ କବରଖାନା ମାର୍କେଟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମୁସ୍‌ଲିମ ସମ୍ପ୍ରଦାୟର ଶତାଧିକ ଲୋକ ସାମିଲ ହୋଇଥିଲେ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ଅନ୍ୟ କେତେଜଣ କାଉନ୍‌ସିଲର ମଧ୍ୟ ଏଥିରେ ଯୋଗଦେଇଥିଲେ। ଆସୋସିଏଶନ ସଭାପତି ଶେଖ୍ ରମ୍‌ଜାନଙ୍କ ସମେତ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ସୁଫି ଅହମ୍ମଦ, ଶେଖ୍ ବାରୀ, ସିକନ୍ଦର ବକ୍ସ, ଇନ୍ତାରୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ। ଆଜାଦ ଭାରତ ଟ୍ରଷ୍ଟର ସଭାପତି ଅବ୍‌ଦୁଲ ଆବିଦ ଖାନ୍ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆସନ୍ତା ୨୨ରେ ଏହି ଜୟନ୍ତୀ ଉପଲକ୍ଷେ ଜଲ୍‌ସା କାର୍ଯ୍ୟକ୍ରମ ହେବ। ଏଥିରେ ଭାରତର ସୁନାମଧନ୍ୟ ସାୟରୀ ଓ ମୌଲାନା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଶକ୍ତି ପ୍ରଦର୍ଶନ କଲେ ପୌରାଧ୍ୟକ୍ଷ



କୁମାର ଉତ୍ସବରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ଅନ୍ୟମାନେ।

ପାରାଦୀପ,୯।୧୦(ସ୍ୱ.ପ୍ର.)

ପାରାଦୀପର କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ରବିବାର ପ୍ରଥମ ଥର କୁମାର ଉତ୍ସବ ପାଳନ ହୋଇଛି। ମୟୂର କଳା ପରିଷଦ ନାମକ ସଂଗଠନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପାରାଦୀପର ଛାତ୍ରୀ ଯୁବତୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇଥିଲେ। ଏହି ଘଟଣାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। କାରଣ ଗତ ୫ ଦିନ ତଳେ ସମାନ ସ୍ଥାନରେ ରାବଣ ପୋଡି କାର୍ଯ୍ୟକ୍ରମ ହୋଇଥିଲା। ତାହାକୁ ପାରାଦୀପ ବିଧାୟକଙ୍କ ସମର୍ଥକମାନେ ସାଗରକ୍ଲବ ନାମରେ ପାଳନ କରିଥିଲେ। ସେଥିରେ ବିଧାୟକ ସମ୍ବିତ ରାଉତରାୟ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ପୌରାଧ୍ୟକ୍ଷ ବିଶ୍ୱାଳଙ୍କୁ ଡକାଯାଇ ନ ଥିଲା। ରବିବାର କୁମାର ଉତ୍ସବ ପାଳନ ବେଳେ ବିଶ୍ୱାଳଙ୍କ ସମର୍ଥକ ସମେତ ଶତାଧିକ ଲୋକ ଯୋଗ ଦେଇଥିଲେ।

## ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଗୋପବନ୍ଧୁ ଜୟନ୍ତୀ

ନାଉଗାଁ,୯।୧୦(ସ୍ୱ.ପ୍ର.)

ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଂଶ ଗାଁର ଯୁଗଧ୍ୱନି ପାଠାଗାର ପକ୍ଷରୁ ସଦସ୍ୟମାନେ ଶୋଭାଯାତ୍ରାରେ ଆସି ନାଉଗାଁ ବଜାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପାଠାଗାର ପକ୍ଷରୁ ଗୋପବନ୍ଧୁଙ୍କ ଜୀବନୀ ଉପରେ ପ୍ରବନ୍ଧ, ବକ୍ତୃତା ଓ ଫଟୋଚିତ୍ର ଅଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ଉକ୍ତ ଗ୍ରାମର ଛାତ୍ରୀ ମଧୁସ୍ମିତା ପରିଡ଼ା ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବାରୁ ପାଠାଗାର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆବାହକ ସୁବାସ ସ୍ୱାଇଁଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ। ସେହିପରି ପୂଜ୍ୟପୂଜା କମିଟି ପକ୍ଷରୁ ମୁଣ୍ଡାଲୋଠାରେ ଗୋପବନ୍ଧୁ ଜୟନ୍ତୀ ପାଳନ କରାଯାଇଥିଲା। କମିଟିର ସଭାପତି ବଂଶୀଧର ବେହେରା, ସମ୍ପାଦକ ପ୍ରମୋଦ ସ୍ୱାମୀ ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ସାମାଜିକ କର୍ମୀ ସୁନୀଲ ମାଟିଆ, ସ୍ମୃତିରଞ୍ଜନ ଜେନା, ସୌମ୍ୟରଞ୍ଜନ ଦାସ, କ୍ରିଷ୍ଣାନନ୍ଦ ସାହୁ, ରଶ୍ମିରଞ୍ଜନ ତ୍ରିପାଠୀ ନାଉଗାଁ ବଜାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ବାପାଙ୍କ ଇଚ୍ଛା ପୂରଣ ହୋଇଛି

### ଓଏଏସ୍ ୩୪ତମ ର୍ୟାଙ୍କରେ ସ୍ୱାହା

ଜଗତ୍‌ସିଂହପୁର ଅଫିସ, ୯।୧୦

ବାପା ଚାହୁଁଥିଲେ ମୁଁ ଓଏଏସ୍ ଅଫିସର ହୁଏ । ତାଙ୍କ ମୃତ୍ୟୁ ପରେ ମା'ଚିନ୍ତିତ ଥିଲେ। ମୁଁ ବାପାଙ୍କ ଇଚ୍ଛା ପୂରଣ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲି । ଭଗବାନଙ୍କ ଆଶୀର୍ବାଦରୁ ଆଜି ମୁଁ ସଫଳ ହୋଇଛି । ଏହା କହିଛନ୍ତି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୪ତମ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିବା ଜଗତ୍‌ସିଂହପୁର ଝିଅ ସ୍ୱାହା ମହାନ୍ତି (୨୬) । ଜଗତ୍‌ସିଂହପୁର ବ୍ଲକ ଆଗର ଗ୍ରାମର ସ୍ୱାହା କହିଛନ୍ତି, ବାପା ମନୋଜ କୁମାର ମହାନ୍ତି ଏହି ବ୍ଲକ ଅନ୍ତର୍ଗତ ମଣ୍ଡାସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ। ୨୦୧୬ରେ ହୃତପିଣ୍ଡ ଅସ୍ତ୍ରୋପଚାର କରାଯାଇଥିଲା । ଦିନକ ପରେ ମୃତ୍ୟୁ ହୋଇଥିଲା। ବାପା ଜୀବିତ ଥିବାବେଳେ ମୋତେ ଓଏଏସ୍ ଅଧିକାରୀ ଭାବେ ଦେଖିବାକୁ ଚାହୁଁଥିଲେ । ତା'ପୂର୍ବରୁ ଅର୍ଥାତ୍ ୨୦୧୩ ରେ ମା'ଗୀତାଞ୍ଜଳୀ ମହାନ୍ତି କର୍କଟ ରୋଗରେ ପୀଡ଼ିତ ହୋଇଥିଲେ। ସୌଭାଗ୍ୟବଶତଃ ରୋଗ ପ୍ରାଥମିକ ଅବସ୍ଥାରେ ଥିବାରୁ ୨୦୧୫ ପର୍ଯ୍ୟନ୍ତ ଆବଶ୍ୟକ ଚିକିତ୍ସା ଫଳରେ ସୁସ୍ଥ ହୋଇଥିଲେ। କିନ୍ତୁ ବାପାଙ୍କ ମୃତ୍ୟୁ ପରେ ମା ସବୁବେଳେ ଚିନ୍ତିତ ରହୁଥିଲେ। ଆମେ ୨ ଭଉଣୀ ଓ ଜଣେ ଭାଇଙ୍କ ସମସ୍ତ ଦାୟିତ୍ୱ ମା' ଉପରେ ନ୍ୟସ୍ତ ଥିଲା। ଏହା ଭିତରେ ବଡ ଭଉଣୀ ଓ



ଭାଇ ସଫ୍ଟୱେର ଇଞ୍ଜିନିୟର ହୋଇ ଯାଇଛନ୍ତି । ସେ ୨ୟ ପ୍ରଚେଷ୍ଟାରେ ବିନା କୋଚିଂରେ ଓଏଏସ୍ ପାଇଛନ୍ତି । ଏହି ସଫଳତା ପଛରେ ଭଗବାନଙ୍କ ଆଶୀର୍ବାଦ ସାଙ୍ଗକୁ ମା, ବାପା, ଭାଇ, ଭଉଣୀ, ଜେଜେ, ଜେଜେ ମା'ଙ୍କ ସମେତ ସାଙ୍ଗସାଥି ଓ ଶିକ୍ଷକମାନଙ୍କ ଭୂମିକା ରହିଛି ବୋଲି ସ୍ୱାହା କହିଛନ୍ତି। ସେ ଗୋପାଳସାଗର ମଙ୍ଗଳା କଲୋନୀରେ ରହି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ । ୨୦୧୧ରେ ମାଟ୍ରିକ୍ ପରୀକ୍ଷା ଓ ପରେ ଭୁବନେଶ୍ୱରସ୍ଥିତ ବିଜେବି କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ୨ ବିଜ୍ଞାନରେ ଶିକ୍ଷାଲାଭ କରି ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ। ତା'ପରେ ଓୟୁଏଟିରେ କୃଷିରେ ସ୍ନାତକୋତ୍ତର (ପିଜି) କରିଥିଲେ। ଏହାପରଠୁ ଓଏଏସ୍ ପାଇଁ ପ୍ରସ୍ତୁତ ହେଉଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ର ପଛପଟୁ ମିଳିଲା ନବଜାତ ମୃତ ଶିଶୁକନ୍ୟା

ଚଣ୍ଡିଖୋଲ,୯।୧୦(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଦାସର୍ବଦା ଚର୍ଚ୍ଚାରେ ରହି ଆସିଛି। ରୋଗୀଙ୍କ ସମ୍ପର୍କୀୟଙ୍କୁ ମାଡ଼ ମାରିବା ଘଟଣା ହେଉ କିମ୍ବା ପ୍ରସୂତିଙ୍କ ମୃତ୍ୟୁ, ବିଭିନ୍ନ ସମୟରେ ଏଠି ଅଘଟଣ ଘଟି ଚାଲିଛି। ଏହିକ୍ରମରେ ରବିବାର ଏକ ମୃତ ଶିଶୁକନ୍ୟା ମେଡିକାଲ ପଛ ପଟରୁ ମିଳିବା ପୁଣି ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହି ମୃତ ଶିଶୁକନ୍ୟା କେଉଁଠୁ ଆସିଲା ସେ ସମ୍ପର୍କରେ କେହି କିଛି କହି ପାରୁ ନ ଥିବାରୁ ଚର୍ଚ୍ଚା ଜୋର ଧରିଛି।

ମେଡିକାଲ ପଛ ପଟେ ଏକ ନବଜାତ ମୃତ ଶିଶୁ କନ୍ୟା ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ମେଡିକାଲକୁ ଖବର ଦେଇଥିଲେ। ମେଡିକାଲ କର୍ମଚାରୀ ଯାଇ ଦେଖିଲାବେଳକୁ କପଡ଼ାରେ ମୃତ ଶିଶୁ ଗୁଡା ହୋଇ ପଡ଼ିଛି। ତେବେ କିଏ ଏହାକୁ ପକାଇଛି ସେଥିନେଇ ମୁହଁ ଖୋଲିବାକୁ କେହି ରାଜିନୁହନ୍ତି। ଏ ସମ୍ପର୍କରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଶ୍ମିରଞ୍ଜନ ପଶାୟତ କହିଛନ୍ତି, କେହି ମୃତ ଶିଶୁ କନ୍ୟା ଜନ୍ମ କରିବା ପରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ତେବେ ମୃତ ଶିଶୁକନ୍ୟାକୁ ସଂସ୍କାର ନ କରି ପାରେରି ପଛ ପଟେ ଫୋପାଡ଼ି ଦେବାକୁ ନେଇ କିଛି ସମୟ ଉତ୍ତେଜନା ଦେଖାଯାଇଥିଲା।

# ବାଲିକୁଦା ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ



ସମ୍ବର୍ଦ୍ଧନା ସମାରୋହରେ ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ସମେତ ଅନ୍ୟ ଅତିଥିମାନେ।

ବାଲିକୁଦା,୯।୧୦(ସ୍ୱ.ପ୍ର.)

ବାଲିକୁଦା ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ବାଲିକୁଦା ପୁରାତନ ଛାତ୍ର ସଂସଦ ଓ ପୂଜ୍ୟପୂଜା ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ବିଶିଷ୍ଟ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପ୍ରିୟରଞ୍ଜନ ରାୟ, ପୁରାତନ ଛାତ୍ର ସଂସଦ ସଭାପତି ଅନିଲ ଦାସ, ପୂଜ୍ୟପୂଜା ସଂସଦ ସମ୍ପାଦକ ଅରୁଣ କୁମାର ମହାନ୍ତି, ପଦ୍ମଭୂଷଣ ଡ. ପ୍ରତିଭା ରାୟ, ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ବିପିନ ବିହାରୀ ମହାନ୍ତି ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରଭାତ ରାଉଳ ପ୍ରମୁଖ ଯୋଗଦେଇଥିଲେ। ସରୋଜକାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ଅଜୟ ଶତପଥୀ ବେଦପାଠ କରିଥିଲେ। ବିଜୟ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ପୂଜାଫୁଲ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ପଦ୍ମଭୂଷଣ ଡ. ରାୟ, ଡ. ମହାନ୍ତି ଏବଂ ଡ. ରାଉଳଙ୍କୁ ପ୍ରଶଂସାପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି କୃତୀ ଛାତ୍ର ସେକ୍ ମୁସ୍‌ରତ ଉଲ୍ଲା ଓ ସୁପ୍ରଭା ସେନାପତିଙ୍କୁ ଉପମନ୍ୟୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଦରାଜ ଉମାକାନ୍ତ ନାୟକ, କାର୍ତ୍ତିକ ମୁଦୁଲି, ରାଜକିଶୋର ବିଶ୍ୱାଳ ଓ ସୁଶ୍ରୀସ୍ମିତା ଦାସଙ୍କୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃତୀ କଳାକାର ଭାବେ କୃଷ୍ଣଚନ୍ଦ୍ର ରାୟ, କୃଷକ ଭାବେ ଦୁର୍ଗାଚରଣ ସ୍ୱାଇଁ, ପରିବେଶବିତ୍ ଭାବେ ରବୀନ୍ଦ୍ର ପ୍ରଧାନ, ଆଦର୍ଶ ଶିକ୍ଷକ ଭାବେ ଯୁଧିଷ୍ଠିର ବିଶ୍ୱାଳ, କାଳନ୍ଦି ମହାନ୍ତି ଓ ଗନ୍ଧର୍ବ ଚରଣ ସାହୁ, ସାମାଜିକ କର୍ମୀ ଭାବେ ମନୋରଞ୍ଜନ ସ୍ୱାଇଁ, ସାହିତ୍ୟିକା ମୋନାଲି ନାୟକ ଓ ସଂକୀର୍ତ୍ତନପ୍ରେମୀ ଭାବେ ଆର୍ତ୍ତବନ୍ଧୁ ତାରେଣିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସମ୍ପର୍କର ସେତୁ ସୃଷ୍ଟି କରେ କଉଡି ପ୍ରତିଯୋଗିତା

### ସିଦ୍ଧଳରେ ପାରମ୍ପରିକ ଉତ୍ସବ

ଜଗତ୍‌ସିଂହପୁର ଅଫିସ, ୯।୧୦

ଇନ୍ଦୁପୂର୍ଣ୍ଣିମାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ୧ ମାସ ଧରି ସିଦ୍ଧଳ ଗ୍ରାମରେ ପାରମ୍ପରିକ କଉଡି ଖେଳ ନିଆରା ପରିବେଶ ସୃଷ୍ଟି କରେ। ଚଳିତବର୍ଷ ଅନୁରୂପ ଭାବେ ସିଦ୍ଧଳସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ପୀଠ ସିଦ୍ଧଳ ହରିହାଟ ପରିସରରେ ପାରମ୍ପରିକକଉଡି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଶିଷ୍ଟ ସ୍ତମ୍ଭକାର ବୈକୁଣ୍ଠନାଥ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାକୁ ସୁନାମଧନ୍ୟ କ୍ରୀଡାବିତ୍ ପ୍ରିୟନାଥ ରାୟ, ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ, ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ଓ ସାମାଜିକକର୍ମୀ ନାରାୟଣ ଦାସ ପରିଚାଳନା କରିଥିଲେ । ଏ ସମ୍ପର୍କରେ ଗ୍ରାମର ଜ୍ୟୋତିରଞ୍ଜନ ପରିଡ଼ା କହିଛନ୍ତି ପାଖାପାଖି ୧ ମାସ ଧରି ଗ୍ରାମରେ ଉତ୍ସବର ପରିବେଶ ଦେଖାଯାଏ। ମା, ବାପା, ଅଜା, ଆଇ, ନାତି, ନାତୁଣୀ ପ୍ରତ୍ୟେକ ଏକତ୍ର ହୋଇ ଖେଳି ଖୁସି ମନାଇଥାନ୍ତି ।



ସିଦ୍ଧଳ ଗ୍ରାମରେ କଉଡି ପ୍ରତିଯୋଗିତା ଚାଲିଛି।

ଏହାଦ୍ୱାରା ପରସ୍ପର ମଧ୍ୟରେ ସମ୍ପର୍କର ସେତୁ ସୃଷ୍ଟି ହୁଏ। ଏହି ଖେଳ କୁମାର ପୂର୍ଣ୍ଣିମା ଦିନ ପ୍ରତିଯୋଗିତାର ରୂପ ନେଇ ଉଦ୍‌ଯାପିତ ହୋଇଥାଏ । ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ୨୦ରୁ ଅଧିକ ଦଳ କଉଡି ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା ।

# ଉତ୍ସାହ ବଢ଼ୁଛି, କଳିଙ୍ଗ ପ୍ରସ୍ତୁତ

**ଭୁବନେଶ୍ୱର, ୯।୧୦ (କ୍ରୀଡ଼ା ପ୍ରତିନିଧି)**

ଭାରତ ସମେତ ଓଡ଼ିଶାରେ ପ୍ରଥମଥର ପାଇଁ ହେବାକୁ ଯାଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପାଇଁ ଉତ୍ସାହ ବଢ଼ିବାରେ ଲାଗିଛି। ପ୍ରତିଯୋଗିତାର ଅନ୍ୟତମ ଭେନ୍ୟୁ କଳିଙ୍ଗ ଷ୍ଟାଡିୟମ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଭୁବନେଶ୍ୱରରେ ଫିଫାର ବାସ୍ନା ସ୍ପଷ୍ଟ ବାରି ହୋଇଯାଉଛି। ସଜେଇ ହେଉଛି ସହର। କଳିଙ୍ଗ ଷ୍ଟାଡିୟମ ପାର୍ଶ୍ୱବର୍ତ୍ତୀ ରାସ୍ତା ସହ ସହରର ବିଭିନ୍ନ ସ୍ଥାନରେ ପ୍ରତିଯୋଗିତାର ଲୋଗୋ ଏବଂ ମାସ୍କଟର ହୋର୍ଡିଂମାନ ଲାଗିଛି। ପୂର୍ବରୁ ହକି ବିଶ୍ୱକପ୍ ସମେତ ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ସଫଳତାର ସହ ସମ୍ପନ୍ନ କରାଇଥିବା ରାଜ୍ୟ ସରକାର ଏଥର ମଧ ଟୁର୍ନାମେଣ୍ଟକୁ ସ୍ମରଣୀୟ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ଫିଫା, ସର୍ବଭାରତୀୟ ଫୁଟବଲ ଫେଡେରେଶନର ଅଧିକାରୀମାନେ ଉପସ୍ଥିତ ରହିବାର ସୂଚନା ମିଳିଛି।

ଏହା ଏକ ମେଗା ପ୍ରତିଯୋଗିତା ହୋଇଥିବାରୁ ଭେନ୍ୟୁସ୍ଥଳ କଳିଙ୍ଗ ଷ୍ଟାଡିୟମ ସମେତ ୭ମ ବାଟାଲିୟନ ମଧ୍ୟରେ ୨ଟି ଏବଂ ୟୁନିଟ-୩ ଅଭ୍ୟାସ ପଡ଼ିଆକୁ ଫିଫା ଷ୍ଟାଣ୍ଡାର୍ଡର



କଳିଙ୍ଗ ଷ୍ଟାଡିୟମ ପାର୍ଶ୍ୱବର୍ତ୍ତୀ ରାସ୍ତାରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ହୋର୍ଡିଂ।



## ଦିନକ ପରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍

କରାଯାଇଛି। ଭାରତୀୟ ଦଳ ପୂର୍ବରୁ ଏଠାରେ ଟ୍ରେନିଂ ଜାରି ରଖିଥିବାବେଳେ ଇତିମଧ୍ୟରେ ବ୍ରାଜିଲ, ମରକ୍କୋ ଏବଂ ଆମେରିକା ଦଳ ଭୁବନେଶ୍ୱରରେ ପହଞ୍ଚି ନିଜ ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଉଛନ୍ତି। ଭାରତ ସମେତ ଏହି ୩ଟି ଦଳ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ରୁ ୨ଟି ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବାର ନିୟମ ରହିଛି। ତେଣୁ ଭାରତ ମୁଖ୍ୟତଃ ଉଚ୍ଚର୍ୟାଙ୍କପ୍ରାପ୍ତ ବ୍ରାଜିଲ ଓ ଆମେରିକାଠାରୁ କଡ଼ା ଚ୍ୟାଲେଞ୍ଜ ପାଇବ। ଭାରତ ଭଳି ପ୍ରଥମଥର ପାଇଁ ଅଂଶଗ୍ରହଣ କରୁଥିବା ମରକ୍କୋ ଦଳ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିବାକୁ ନିଶ୍ଚିତ ଚେଷ୍ଟା କରିବ। ଭୁବନେଶ୍ୱର ବ୍ୟତୀତ ଗୋଆର ମାର୍ଗାଓ ଏବଂ ମହାରାଷ୍ଟ୍ରର ନଭି ମୁମ୍ବାଇରେ ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ଆୟୋଜନ ହେବ। ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇ ଏହି ଟୁର୍ନାମେଣ୍ଟ ୩୦ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ କଳିଙ୍ଗ ଷ୍ଟାଡିୟମ ଏବଂ ମାର୍ଗାଓସ୍ଥିତ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ମ୍ୟାଚ ଖେଳାଯିବ। ୧୧ ତାରିଖରେ ଭୁବନେଶ୍ୱରରେ ମରକ୍କୋ-ବ୍ରାଜିଲ, ଭାରତ-ଆମେରିକା ଏବଂ ମାର୍ଗାଓରେ ଚିଲି-ନ୍ୟୁଜିଲାଣ୍ଡ ଓ ଜର୍ମାନୀ-ନାଇଜେରିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଭାରତ ଏହାର ପରବର୍ତ୍ତୀ ୨ଟି ମ୍ୟାଚ ୧୪ରେ ମରକ୍କୋ ଓ ୧୭ରେ ବ୍ରାଜିଲ ସହିତ ଖେଳିବ। ଭାରତର ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।



ଫୁଟବଲ ପ୍ରଶଂସକ ଟିକେଟ କିଣୁଛନ୍ତି।

## ଭାରତ କଡ଼ା ଚ୍ୟାଲେଞ୍ଜ ଦେବ: ଡେନର୍ବି

ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଭାରତ ଅନ୍ୟତମ ଅଣ୍ଡରଡଗ୍ ଦଳ ବିବେଚିତ ହେଉଛି। ମାତ୍ର ମୁଖ୍ୟ କୋଚ୍ ଥୋମାସ ଡେନର୍ବି ନିଜ ଦଳର ପ୍ରଦର୍ଶନକୁ ନେଇ ଆତ୍ମବିଶ୍ୱାସରେ ଅଛନ୍ତି। ବ୍ରାଜିଲ ଓ ଆମେରିକାପରି ଶକ୍ତିଶାଳୀ ଦଳ ଗୁଡ଼ିକୁ ଭାରତ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ସେ ପ୍ରକାଶ କରିଛନ୍ତି। ଭାରତ ଏହାର ପ୍ରଥମ ମ୍ୟାଚରେ ଆମେରିକାକୁ ଭେଟିବ। ''ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ମଧ ଭାରତ ପ୍ରତିଦ୍ୱନ୍ଦ୍ୱିତା କରିପାରେ ବୋଲି ଦେଖାଇବାର ସମୟ ଆସିଛି। ବର୍ତ୍ତମାନ ଆମେ ଫଳାଫଳକୁ ଦେଖୁନାହୁଁ। ଭାରତୀୟ ବାଳିକାମାନେ ଫୁଟବଲ ଖେଳିପାରନ୍ତି ବୋଲି ପ୍ରଦର୍ଶନ ମାଧ୍ୟମରେ ଦେଖାଇବାକୁ ଚାହୁଁ। ଗ୍ରୁପ୍ ମଧ୍ୟରେ ଆମର ନିଜର କିଛି ଲକ୍ଷ୍ୟ ଅଛି। ଆମେ କଡ଼ା ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ। ଆମେରିକା ହେଉ କି ବ୍ରାଜିଲ କିମ୍ବା ମରକ୍କୋ ଆମେ ଗୋଲ ସ୍କୋର କରି ପଏଣ୍ଟ ହାସଲ କରିବାକୁ ଚାହୁଁ। ଆମେ ଏକ ଭଲ ଦଳବୋଲି ଭାରତୀୟ ପ୍ରଶଂସକଙ୍କୁ ଦେଖାଇବାକୁ ଚାହୁଁ'' ବୋଲି ଡେନର୍ବି ପ୍ରକାଶ କରିଛନ୍ତି।

# ରୋଇଂରୁ ଓଡ଼ିଶାକୁ ରୌପ୍ୟ, ବ୍ରୋଞ୍ଜ ପଦକ




ରୋଇଂ ପ୍ରତିଯୋଗିତା ଅବସରରେ ତୋମଥିଲଙ୍ଗାନବା ନାଗାଶେପାମ ଏବଂ ସତ୍ୟମ ବାଲିଆନ ଓ ସୂରଜ ବିଜାଲେ।

**ଭୁବନେଶ୍ୱର, ୯।୧୦ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ବିଭିନ୍ନ ସହରରେ ଚାଲିଥିବା ଜାତୀୟ କ୍ରୀଡ଼ାର ୩୬ତମ ସଂସ୍କରଣରେ ଓଡ଼ିଶା ରୋଇଂ ତାରକାମାନେ ରବିବାର ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ରୋଇଂ ଟିମ୍‌ର ଅନ୍ୟତମ ସଦସ୍ୟ ତୋମଥିଲଙ୍ଗାନବା ନାଗାଶେପାମ କେ-୧, ୧୦୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେହିପରି ସତ୍ୟମ ବାଲିଆନ ଓ ସୂରଜ ବିଜାଲେଙ୍କୁ ନେଇ ଗଠିତ କାନୋଇଂ ଟିମ୍ କେ-୨, ୧୦୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ଜାତୀୟ କ୍ରୀଡ଼ା

### ■ ଫାଇନାଲରେ ଓଡ଼ିଶା ମହିଳା ଫୁଟବଲ ଦଳ

ଓଡ଼ିଶା ମହିଳା ଫୁଟବଲ ଦଳର ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ସେମିଫାଇନାଲରେ ତାମିଲନାଡୁକୁ ହରାଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ସୋମବାର ଫାଇନାଲରେ ଓଡ଼ିଶା ଦଳ ମଣିପୁରକୁ ଭେଟିବ। ପ୍ରତିଯୋଗିତାର ଅଷ୍ଟମ ଦିବସ ଶେଷସୁଦ୍ଧା ଓଡ଼ିଶାର ପଦକ ସଂଖ୍ୟା ୧୯ରେ ପହଞ୍ଚିଛି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୯ ବ୍ରୋଞ୍ଜ ପଦକ ସାମିଲ।

# ରାଜ୍ୟ ଓପନ ଚେସ୍: ହର୍ଷିତ ଚାମ୍ପିୟନ

**ଭୁବନେଶ୍ୱର, ୯।୧୦ (କ୍ରୀଡ଼ା ପ୍ରତିନିଧି):** ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୫ତମ ସନ୍ଦିପ ମହାନ୍ତି ମେମୋରିଆଲ ରାଜ୍ୟ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକର ହର୍ଷିତ ରଞ୍ଜନ ସାହୁ ୬.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। କଟକର ରବୀନ୍ଦ୍ର କୁମାର ଓଝା ୬ ଓ ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୫.୫ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୀରେନ୍ଦ୍ର ରାଇତା, ଲଳିତ ରଞ୍ଜନ ସାହୁ, ଅବିନାଶ ବଳିୟାରସିଂ, ସଞ୍ଜୀବନ ନାୟକ, ଅମରେନ୍ଦ୍ର ଖମାରି, କମଳ ଲୋଚନ ପାଢ଼ୀ, ଅକ୍ଷୟ ଶବର ଟପ୍-୧୦ରେ ରହିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ଏବଂ ୫ ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱାଗତିକା ସାମନ୍ତରାୟ ଶ୍ରେଷ୍ଠ ମହିଳା, ଭିମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ୫ ବର୍ଷୀୟ ଲୋହିତାକ୍ଷ ପରିଡ଼ା ପ୍ରତିଯୋଗିତାର ସର୍ବକନିଷ୍ଠ ଖେଳାଳି ଥିଲେ। ବିପିଏଲ୍ ଇଣ୍ଡିଆର ପୂର୍ବତନ ରିଜିଓନାଲ ମ୍ୟାନେଜର ସୌମେନ୍ଦ୍ର ମହାନ୍ତି, ଭୁବନେଶ୍ୱର ଚେସ୍ ଆସୋସିଏଶନ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ସୁରିନ୍ଦରନାଥ ମହାନ୍ତି, ସାଇ ବୀଣାପାଣୀ ଜ୍ଞାନ ମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

CLASSIFIED DISPLAY
TARIFF MORE SPACE • SAME PRICE GST 5%
For Single Day 6x4 1,500.00 12x4 2,000.00 | For 7 Days 6x4 6,000.00 12x4 12,000.00 | For 15 Days 6x4 12,000.00 12x4 25,000.00 | For 30 days 6x4 20,000.00 12x4 40,000.00

NATIONAL FINANCE
DIWALI DHAMAKA LOAN
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9126461403

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହିଳା ବିଚ୍ ଭଲିବଲ ଦଳକୁ ପ୍ରଥମ ପଦକ

**ଭୁବନେଶ୍ୱର, ୯।୧୦ (କ୍ରୀଡ଼ା ପ୍ରତିନିଧି)**

ସୁରଟର ଡୁମାସ୍ ବିଚ୍‌ରେ ଅନୁଷ୍ଠିତ ୩୬ତମ ଜାତୀୟ କ୍ରୀଡ଼ା ବିଚ୍ ଭଲିବଲ୍ (ପୁରୁଷ ଏବଂ ମହିଳା) ଇଭେଣ୍ଟରେ ଓଡ଼ିଶା ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଭଲିବଲ ଇତିହାସରେ ପ୍ରଥମଥର ପାଇଁ ମହିଳା ଦଳକୁ ଜାତୀୟ କ୍ରୀଡ଼ାରେ ପଦକ ମିଳିଛି। ଓଡ଼ିଶା ଦଳ ତେଲଙ୍ଗାନାକୁ ୨-୦ (୨୧-୧୯ ଏବଂ ୨୨-୨୦), କେରଳକୁ ୨-୦ (୨୧-୧୬ ଏବଂ ୨୧-୧୧) ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। କ୍ୱାର୍ଟରରେ ପୁଡୁଚେରୀ-୨କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଏକଦା ଅଗ୍ରଣୀ ରହିଥିଲେ ହେଁ ପ୍ରତିକୂଳ ପାଗ ସହ ଖାପ ଖୁଆଇ ନ ପାରି ପୁଡୁଚେରୀ-୧ ନିକଟରୁ ହାରି ଯାଇଥିଲା। ଏହାପରେ ଏକପାଖିଆ ମ୍ୟାଚରେ ତେଲଙ୍ଗାନାକୁ ୨-୦ ରେ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ମହିଳା ଦଳରେ ଶିବାନୀ ପ୍ରିୟଦର୍ଶିନୀ ଏବଂ ମୋନାଲିସା ପାତ୍ର ରହିଥିବା ବେଳେ କୋଚ୍ ଅଛନ୍ତି ସୁଧାଂଶୁ ଭୂଷଣ ମିଶ୍ର। ଏହି ସଫଳତା ପାଇଁ ଓଡ଼ିଶା ଦଳକୁ ଭାରତୀୟ ଭଲିବଲ ସଂଘର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



କୋଚ୍‌ଙ୍କ ସହ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ମହିଳା ଭଲିବଲ ଖେଳାଳି।

# ବାପା ହେଲେ ନାଡାଲ

**ମାଡ୍ରିଡ୍, ୯।୧୦ (ପି.ଟି.):** ବାପା ହେଲେ ସ୍ପାନିଶ ଟେନିସ ତାରକା ରାଫେଲ ନାଡାଲ। ନାଡାଲଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଆସି ନ ଥିବା ବେଳେ ସ୍ଥାନୀୟ ମିଡିଆରେ କିନ୍ତୁ ଏହା ଉପରେ ଚର୍ଚ୍ଚା ଜୋର ଧରିଛି। ଶନିବାର କିଛି ସ୍ପାନିଶ ମିଡିଆରେ ପ୍ରକାଶିତ ଖବର ଅନୁଯାୟୀ ମେରୀ ପେରେଲ୍ଲୋ ମାଲ୍ଲୋର୍ସା ଦ୍ୱୀପରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ପରସ୍ପରକୁ ଡେଟ୍ କରିବା ପରେ ୨୦୧୯ରେ ନାଡାଲ ଏବଂ ମେରୀ ପେରେଲ୍ଲୋ ବିବାହ କରିଥିଲେ। ଉଭୟଙ୍କର ଏହା ପ୍ରଥମ ସନ୍ତାନ ହୋଇଥିବା ବେଳେ ସେମାନେ ମାଲ୍ଲୋର୍ସା ଦ୍ୱୀପରେ ବସବାସ କରନ୍ତି। ରୋଜର ଫେଡେରରଙ୍କ ସହିତ ଦୁଇ ସପ୍ତାହ ପୂର୍ବେ ମ୍ୟାଚ୍ ଖେଳିଥିଲେ ନାଡାଲ।

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଲକ୍ଷ୍ମୀଧର ବାଗସିଂହ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆଜିର ଏ ପୁଣ୍ୟ ତିଥିରେ ଭଗବାନଙ୍କ ନିକଟରେ ଆମ୍ଭମାନଙ୍କର ଭକ୍ତିପୂତ ପ୍ରାର୍ଥନା। ତୁମର ଚଲାପଥ କୁସୁମିତ ହେଉ ଏବଂ ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରୁ।
ଇତି: ତୁମର ପରିବାରବର୍ଗ
ଧ-୭୪୧୩୫

ଷଷ୍ଠ ଶ୍ରାଦ୍ଧବାର୍ଷିକୀ

୰ ଲତିକା ଦାସ
ଏ/ଏମ୍-୨୦, ଭୀମଟାଙ୍ଗୀ ହାଉସିଂବୋର୍ଡ, ଭୁବନେଶ୍ୱର
ଆବିର୍ଭାବ : ୧୭.୦୩.୧୯୩୦
ତିରୋଧାନ : ୧୭.୧୦.୨୦୧୬ (ସୋମବାର, ଗର୍ଭଣା ସଂକ୍ରାନ୍ତି)
ଷଷ୍ଠ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନାରେ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ପ୍ରାର୍ଥନା।
ପୁତ୍ର : ଟିଙ୍କୁ, ରଞ୍ଜନ, ଜକ୍କୁ, ଟଜ୍ଜୁ, ବାବୁ ଓ ଫକୁନା, ବୋହୂ : ବୀଣା, ବୁଲୁ, ଟିକିଲି, ଝିଙ୍କୁ, ରୋଜି ଓ ପେନ୍ସୁ, ନାତି : ରାଜନ, ଲିଙ୍କନ, ନାତୁଣୀ : ମନିଆ, ଚାଇନା, ଶିବାନୀ, ଶାଲିନୀ, ରୂପାନୀ, ହିମାନୀ, ସିଲ୍କୀ ଓ ମାନୁ, ନାତୁଣିଜ୍ୱାଇଁ : ବବ୍ଲୁ, ପଣ୍ଟା, ବାପୁ, ବିକ୍ରମ, ରାଜୀବ ଓ ଦେବୁ
ଧ-୧୭୩୬

୧୨ଶ ଶ୍ରାଦ୍ଧବାର୍ଷିକୀ

୰ ଅଗାଧୁ ଚନ୍ଦ୍ର ଦାଶ (ଶିକ୍ଷକ)
ପାରିବାସୁଦେଇପୁର, ଭିଙ୍ଗାରପୁର, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୦୨.୦୭.୧୯୩୫
ତିରୋଧାନ: ୨୩.୧୦.୨୦୧୦ (ପହିଲି କାର୍ତ୍ତିକ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୭୩୩୫୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଜୟନ୍ତୀ ମିଶ୍ର
କପିଳପ୍ରସାଦ, ସୁନ୍ଦରପଦା, ଭୁବନେଶ୍ୱର
ଆବିର୍ଭାବ-୦୬।୦୬।୧୯୫୨
ତିରୋଧାନ- ୨୧।୧୦।୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ- ପୁତ୍ର: ବିଜୟ, ତାରିଣୀ, ଦେବୀ, ପିନାକୀ, ପୁତ୍ରବଧୂ: ଜିନା, ଲିନା, ଇତି, ହେନା, କନ୍ୟା-ଜାମାତା: ଲିଲି-ସୁଶାନ୍ତ, ଜଲି-ବର୍ଣ୍ଣି, ନାତି-ନାତୁଣୀ: କୁମ୍‌କୁମ୍, ବାବାନି, ମାମୁଲୁ, ଇନ୍ନୁ, କୁନି, ମିଶୁ, ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୭୩୭୨୫

## ନୋବେଲ ପୁରସ୍କାର-୨୦୨୨ (ଭେଷଜ ବିଜ୍ଞାନ)

# ମାନବ ବିବର୍ତ୍ତନ ବୀକ୍ଷଣ



ଡା. ନିତ୍ୟାନନ୍ଦ ସ୍ୱାଇଁ

''ସୁଇଡେନ୍‌ର ଷ୍ଟକ୍‌ହୋମ୍‌ରେ ଜନ୍ମିତ ସ୍ୱାଣ୍ଟେ ପାବୋ ଚଳିତ ବର୍ଷ ଲାଗି ଶରୀର ବିଜ୍ଞାନ ବା ଭେଷଜ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ସମ୍ପ୍ରତି ବିଲୁପ୍ତ ହୋଇଯାଇଥିବା ଆମ ମଣିଷଙ୍କର ପୂର୍ବଜମାନଙ୍କର ଜିନ୍ ସଂରଚନା ଏବଂ ମାନବର ବିବର୍ତ୍ତନ ସଂକ୍ରାନ୍ତ ଆବିଷ୍କାର ପାଇଁ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି।''




**କିଏ ପାଇଛନ୍ତି:** ସୁଇଡେନ୍‌ର ଷ୍ଟକ୍‌ହୋମ୍‌ରେ ଜନ୍ମିତ ଏବଂ ୬୭ ବର୍ଷ ବୟସ୍କ ସ୍ୱାଣ୍ଟେ ପାବୋ ଚଳିତ ବର୍ଷ ଲାଗି ଶରୀର ବିଜ୍ଞାନ ବା ଭେଷଜ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ସେ ଜଣେ ଜୀବ ରସାୟନ ବିଜ୍ଞାନୀ। ୧୯୯୯ ମସିହାରେ ଜର୍ମାନୀର ଲିପଜଗ୍‌ଠାରେ ସେ ପ୍ରତିଷ୍ଠା କରିଥିଲେ ମ୍ୟାକ୍ସ ପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇଭୋଲ୍ୟୁଶନାରୀ ଆନ୍ଥ୍ରୋପୋଲୋଜି (ବିବର୍ତ୍ତନୀୟ ନୃତତ୍ତ୍ୱ)। ସମ୍ପ୍ରତି ସେ ଏହି ପ୍ରତିଷ୍ଠାନର ନିର୍ଦ୍ଦେଶକ ରହିଥିବା ସହ ଜାପାନର ଓକିନାୱା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ମଧ୍ୟ ପ୍ରଫେସର ଭାବେ ଅଧିଷ୍ଠିତ। ତାଙ୍କ ପିତା ସୁନେ ବର୍ଗଷ୍ଟମ୍ ମଧ୍ୟ ଥିଲେ ଜଣେ ଜୀବ ରସାୟନବିତ୍ ଏବଂ ୧୯୮୨ରେ ସେ ମଧ୍ୟ ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଥିଲେ।

**କାହିଁକି ପାଇଛନ୍ତି:** ସମ୍ପ୍ରତି ବିଲୁପ୍ତ ହୋଇଯାଇଥିବା ଆମ ମଣିଷଙ୍କର ପୂର୍ବଜମାନଙ୍କର ଜିନ୍ ସଂରଚନା ଏବଂ ମାନବର ବିବର୍ତ୍ତନ ସଂକ୍ରାନ୍ତ ଆବିଷ୍କାର ପାଇଁ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପୁରସ୍କାର ବାବଦକୁ ସେ ପାଇବେ ସ୍ୱର୍ଣ୍ଣ ପଦକ, ନୋବେଲ ଡିପ୍ଲୋମା ବା ନୋବେଲ ପୁରସ୍କାର ପାଇଥିବା ପ୍ରମାଣପତ୍ର ଏବଂ ୯ ଲକ୍ଷ ଡଲାର ଅର୍ଥରାଶି। ପ୍ରତିବର୍ଷ ଡିସେମ୍ବର ୧୦ରେ ପାଳିତ ହୋଇଥାଏ 'ନୋବେଲ ଦିବସ'। ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲଫ୍ରେଡ୍ ନୋବେଲ ଏହି ତାରିଖରେ ମୃତ୍ୟୁବରଣ କରିଥିଲେ। ତେଣୁ ସେହି ଦିବସରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ।

**ଆବିଷ୍କାରର ରୂପରେଖ:** ଆମେ ମଣିଷମାନେ କିପରି ଏହି ପୃଥିବୀରେ ଆବିର୍ଭାବ ହେଲେ? କିଏ ଥିଲେ ଆମର ପୂର୍ବଜ? ଏମାନଙ୍କ ସହ ଆମର କ'ଣ କୌଣସି ସମ୍ପର୍କ ରହିଆସିଛି? ଆମକୁ କୁହାଯାଉଛି 'ହୋମୋ ସାପିଏନ୍ସ ସାପିଏନ୍ସ'। ଅର୍ଥାତ୍ ଆମେ ହେଉଛୁ ବୁଦ୍ଧିଆ ଏବଂ ବିଜ୍ଞ ମଣିଷ। ତାହାହେଲେ ଆମ ପୂର୍ବରୁ ଜାତ ମାନବ ଗୋଷ୍ଠୀଠାରୁ ଆମେ କେଉଁ ପ୍ରକାରେ ଭିନ୍ନ? ଏହିସବୁ ଜଟିଳ ପ୍ରଶ୍ନର ସମାଧାନ କରିଦେଇଛି ସ୍ୱାଣ୍ଟୋ ପାବୋଙ୍କ ଆବିଷ୍କାର।




ସ୍ୱାଣ୍ଟୋ ପାବୋ ଦୀର୍ଘ ବର୍ଷର ଗବେଷଣା ଦ୍ୱାରା ଦର୍ଶାଇଛନ୍ତି ଯେ, ମଣିଷମାନଙ୍କର ଜିନ୍ ଭଣ୍ଡାରରେ ମଧ୍ୟ ସଞ୍ଚିତ ଅଛି ପୂର୍ବଜ ମାନବଗୋଷ୍ଠୀଙ୍କ କିଛି ଜିନ୍। ସେହି ପୂର୍ବଜ ମାନବ ଗୋଷ୍ଠୀଙ୍କୁ ନୃତତ୍ତ୍ୱ ବିଜ୍ଞାନ ଭାଷାରେ 'ହୋମିନିନ୍' ବୋଲି କୁହାଯାଉଛି। ସେମାନେ ସମସ୍ତେ କିନ୍ତୁ ସମ୍ପ୍ରତି ବିଲୁପ୍ତ। ସେହି ଆଦିପୁରୁଷମାନଙ୍କ ସମ୍ବନ୍ଧରେ ଆଲୋକପାତ କରିବାକୁ ଯାଇ ପାବୋ ନିଜେ ମଧ୍ୟ ହୋଇଯାଇଛନ୍ତି ଜିନ୍ ବିଜ୍ଞାନରେ 'ପାଲିଓଜିନୋମିକ୍ସ' ବା ପ୍ରତ୍ନଜିନୋମ ବିନ୍ୟାସ ବିଜ୍ଞାନ ନାମକ ଏକ ନୂତନ ଶାଖାର ଜନକ।

ଗବେଷଣା ଆରମ୍ଭ କରିବା ସମୟରେ ପାବୋ ମଣିଷର ବିବର୍ତ୍ତନୀୟ ପୂର୍ବଜମାନଙ୍କ ଡି.ଏନ୍.ଏ. ସମ୍ପର୍କିତ ଗବେଷଣା ପ୍ରତି ଆଗ୍ରହାନ୍ୱିତ ହୋଇଉଠିଥିଲେ। ସେହି ଡି.ଏନ୍.ଏ. ଅଣୁର ଅନୁଧ୍ୟାନ ପାଇଁ ପ୍ରଚଳିତ ଆଧୁନିକ ଅନୁବଂଶୀୟ ପରୀକ୍ଷା ପଦ୍ଧତିଗୁଡିକର ସମ୍ଭାବ୍ୟ ଉପଯୋଗିତା ସମ୍ବନ୍ଧରେ ଚିନ୍ତା କରିଥିଲେ। ତେବେ ଏହି ସଂକ୍ରାନ୍ତରେ ସେ ପ୍ରାଥମିକତା ଦେଇଥିଲେ 'ନିଣ୍ଡେରଥାଲସ' ନାମକ ମାନବଗୋଷ୍ଠୀଙ୍କ ଡି.ଏନ୍.ଏ.ର ଅନୁଧ୍ୟାନକୁ। ମାତ୍ର ନିଣ୍ଡେରଥାଲସଙ୍କ ଡି.ଏନ୍.ଏ. ଅନୁଧ୍ୟାନକୁ ଅଗ୍ରାଧିକାର ଦେବାର କାରଣ କ'ଣ? କାରଣଟି ହେଲା, ନିଣ୍ଡେରଥାଲସ୍‌ମାନେ ଥିଲେ ଆମର ନିକଟତମ ପୂର୍ବଜ ମାନବ ଗୋଷ୍ଠୀ। ହେଲେ ସମସ୍ୟାଟି ଥିଲା- କେଉଁଠୁ ମିଳିବ ନିଣ୍ଡେରଥାଲସମାନଙ୍କର ଅକ୍ଷତ ଡି.ଏନ୍.ଏ.? ସେମାନେ ତ ସମ୍ପୂର୍ଣ୍ଣ ବିଲୁପ୍ତ ପାଖାପାଖି ୪୦,୦୦୦ ବର୍ଷ ତଳୁ!

କିନ୍ତୁ ୧୮୫୬ ମସିହାରେ ଜର୍ମାନୀର ନିଣ୍ଡେରଥାଲ୍ ନାମକ ଏକ ସ୍ଥାନରେ ପଥର ଖଣି ଖୋଳିବା ବେଳେ ସେମାନଙ୍କର କିଛି ହାଡ ମିଳିଥିଲା। ସେଥିପାଇଁ ହିଁ ସେହି ମାନବ ଗୋଷ୍ଠୀକୁ 'ନିଣ୍ଡେରଥାଲସ୍' ବୋଲି କୁହାଯାଇଥାଏ। ସବୁ ଅଙ୍ଗ ଭଳି ମଧ୍ୟ ହାଡ଼ ଜୀବକୋଷଗୁଡ଼ିକ ଦ୍ୱାରା ଗଠିତ ହୋଇଥିବାରୁ ହାଡ଼ରୁ ଡି.ଏନ୍.ଏ. ଅଣୁ ଆହରଣ କରିବାରେ କିଛି ସମସ୍ୟା ନ ହେବା କଥା। ହେଲେ ପ୍ରଶ୍ନ ଉଠେ, ନିଣ୍ଡେରଥାଲସରୁ ମିଳିଥିବା ସେହି ହାଡ଼ଖଣ୍ଡଗୁଡ଼ିକ ୪୦,୦୦୦ ବର୍ଷ ତଳର। ତାହାହେଲେ ସେଥିରେ ଥିବା ଡି.ଏନ୍.ଏ. ଅଣୁ କ'ଣ ଏଯାବତ୍ ଅକ୍ଷତ ରହିଥିବ? ନା, କଦାପି ନୁହେଁ। କାଳର ପ୍ରଭାବରେ ଏବଂ ରାସାୟନିକ ପ୍ରକ୍ରିୟା ଯୋଗୁ ଲମ୍ବା ଡି.ଏନ୍.ଏ. ଅଣୁ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ ହୋଇପଡ଼ିବା ସ୍ୱାଭାବିକ। ପୁଣି ସେହି ଖଣ୍ଡବିଖଣ୍ଡିତ ଡି.ଏନ୍.ଏ.ରେ ମିଶିଯାଇଥିବ ମାଟିରେ ରହିଥିବା ଜୀବାଣୁଗୁଡ଼ିକର ଡି.ଏନ୍.ଏ. ଅଣୁ ମଧ୍ୟ। ତାହା ସାଙ୍ଗକୁ ହାଡ଼ ଖଣ୍ଡରୁ ଡି.ଏନ୍.ଏ.ର ନମୁନା ସଂଗ୍ରହ ଓ ଗବେଷଣାଗାରରେ ତା'ର ଅନୁଧ୍ୟାନ କଲା ବେଳେ ସେଥିରେ ବି ମିଶିଯାଇଥିବ ଅନୁଧ୍ୟାନକାରୀ ବୈଜ୍ଞାନିକମାନଙ୍କର ଡି.ଏନ୍.ଏ.। ସୁତରାଂ ନାନା ଉତ୍ସରୁ ଆସିଥିବା ଡି.ଏନ୍.ଏ. ଖଣ୍ଡଗୁଡିକରୁ କେବଳ ନିଣ୍ଡେରାଲ୍‌ଙ୍କ ଡି.ଏନ୍.ଏ. ଖଣ୍ଡଗୁଡ଼ିକୁ ଚିହ୍ନଟ କରିବା ଓ ସେଗୁଡିକୁ ଠିକ୍ ଭାବରେ ଯୋଡି ପରୀକ୍ଷା କରିବା ତ କାଠିକର ପାଠ। ପାବୋ କିନ୍ତୁ ଏହି ଆହ୍ୱାନକୁ ଗ୍ରହଣ କରି ଗବେଷଣାରେ ବ୍ରତୀ ରହିଲେ। ତାଙ୍କର ଗବେଷଣା-ପ୍ରଚେଷ୍ଟା ଚାଲିଥିଲା କିଛି ଦଶକ ଧରି। ଶେଷରେ ତାଙ୍କୁ ସଫଳତା ମିଳିଗଲା। ନିଣ୍ଡେରଥାଲମାନଙ୍କ ଡି.ଏନ୍.ଏ. ଅଣୁର ସମ୍ପୂର୍ଣ୍ଣ ଗଠନ ବା ବିନ୍ୟାସ ଅନାବୃତ୍ତ କରିଦେଇପାରିଲେ ସେ।

ତେବେ ଜୀବକୋଷ ଭିତରେ ଡି.ଏନ୍.ଏ. ଅଣୁ ରହିଥାଏ ପ୍ରଧାନତଃ ଜୀବକୋଷର ନ୍ୟୁକ୍ଲିୟସ୍‌ରେ ଏବଂ ଖୁବ୍ କମ୍ ପରିମାଣରେ ଜୀବକୋଷର ମାଇଟୋକୋଣ୍ଡିଆରେ। ପାବୋ ଏବଂ ତାଙ୍କ ଅନୁଧ୍ୟାନ ପ୍ରଥମେ ଆରମ୍ଭ କରିଥିଲେ ସେହି ହାଡ଼ରୁ ସଂଗୃହୀତ ମାଇଟୋକୋଣ୍ଡିଆର ଡି.ଏନ୍.ଏ. ଉପରେ। ଡି.ଏନ୍.ଏ. ଅଣୁର ଗଠନ ବିନ୍ୟାସ ଅନୁଧ୍ୟାନ ପାଇଁ ପ୍ରଚଳିତ ରହିଆସିଥିବା ପରୀକ୍ଷା ପଦ୍ଧତିକୁ ପାବୋ ଅଧିକ ମାର୍ଜିତ କରିଥିଲେ ଏବଂ ମାଇଟୋକୋଣ୍ଡୀୟ ଡି.ଏନ୍.ଏ.ର କିଛି ଅଂଶର ଗଠନବିନ୍ୟାସ ନିର୍ଦ୍ଧାରଣ କରିବାରେ ସଫଳ ହୋଇଗଲେ। ପରେ ସେ ତାଙ୍କ ପରିବର୍ତ୍ତିତ ପଦ୍ଧତିକୁ ଆହୁରି ମାର୍ଜିତ ତଥା ନିଖୁଣ କରି ଏବଂ ସହ-ଗବେଷକମାନଙ୍କ ସାହାଯ୍ୟ ନେଇ ଅସମ୍ଭବକୁ ସମ୍ଭବ କରିଦେଲେ-ନିର୍ଦ୍ଧାରଣ କରିଦେଲେ ନିଣ୍ଡେରଥାଲ୍ ଜିନୋମ୍‌ର ସମ୍ପୂର୍ଣ୍ଣ ବିନ୍ୟାସ।

ନିଣ୍ଡେରନାଲ୍ ଜିନୋମର ବିନ୍ୟାସ ନିର୍ଦ୍ଧାରଣରେ ତାଙ୍କର ଗବେଷଣା ସୀମିତ ରହିଲାନି। ସେ ପ୍ରଥମ କରି ସନ୍ଧାନ ଦେଲେ 'ଡେନିସୋଭା' ନାମକ ଅନ୍ୟ ଏକ ପୂର୍ବଜ ମାନବ ଗୋଷ୍ଠୀଙ୍କ ସମ୍ବନ୍ଧରେ। ଏହି ପୂର୍ବଜ ମାନବଙ୍କ ସମ୍ବନ୍ଧରେ ପୂର୍ବରୁ କାହାରିକୁ କିଛି ଜଣା ନ ଥିଲା। ତେବେ ଡେନିସୋଭା ଗୋଷ୍ଠୀଙ୍କ ଡି.ଏନ.ଏ. ଅଣୁର ନମୁନାକୁ ପାବୋ ପାଇଲେ କେଉଁଠୁ? ଦକ୍ଷିଣ ସାଇବେରିଆସ୍ଥିତ 'ଡେନିସୋଭା' ନାମକ ଗୁମ୍ଫା ଭିତରୁ ମିଳିଥିବା ୪୦,୦୦୦ ବର୍ଷ ତଳର ଏକ ଆଙ୍ଗୁଠି ହାଡ଼। ସେହି ହାଡ଼ ଖଣ୍ଡରୁ ସେ ଆହରଣ କରିଥିଲେ ଡି.ଏନ୍.ଏ. ଅଣୁର ନମୁନା। ତାକୁ ଅନୁଧ୍ୟାନ କରି ଓ ତାହାର ଜିନ୍ ବିନ୍ୟାସ ନିର୍ଦ୍ଧାରଣ କରି ସେ ଜଗତକୁ ଜଣେଇଦେଲେ ଏହି ନୂତନ ମାନବଜାତିଙ୍କ ସମ୍ବନ୍ଧରେ। 'ଡେନିସୋଭା' ଗୁମ୍ଫାରୁ ମିଳିଥିବା ହାଡ ଖଣ୍ଡ ଅନୁଧ୍ୟାନ ଫଳରେ ଏହି ଆବିଷ୍କାର ସମ୍ଭବ ହୋଇଥିବାରୁ ସେହି ଆଦିମାନବକୁ 'ଡେନିସୋଭା' ବା 'ଡେନିସୋଭାନ୍' ଭାବରେ ନାମକରଣ କରିଥିଲେ ପାବୋ। (କ୍ରମଶଃ..)

-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୮୩୨୮୯୭୫୧୧୮

## ଡାଇବେଟିସ୍ ରୋଗୀଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ଅଧିକ



**ଆ**ଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି। ତେବେ ଏହାଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ଅଧିକ ଥାଏ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ଏ ନେଇ ସତର୍କ ହେବା ଜରୁରୀ। କାରଣ ଯଦି ରକ୍ତରେ ସୁଗାର ପରିମାଣ ଦୀର୍ଘ ସମୟ ଧରି ଅସନ୍ତୁଳିତ ରହେ ତେବେ ତାହା ଅନ୍ୟ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତନ୍ମଧ୍ୟରୁ ଷ୍ଟ୍ରୋକ୍ ଆଶଙ୍କା ଅଧିକ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ରକ୍ତରେ ଶର୍କରାର ପରିମାଣ ଯଦି ୬.୮ରୁ ୭.୦ ମଧ୍ୟରେ ରହୁଛି, ତେବେ ଦ୍ୱିତୀୟ ଷ୍ଟ୍ରୋକ୍ ହେବାର ଆଶଙ୍କା କମ୍ ରହୁଛି ବୋଲି ଉକ୍ତ ଗବେଷଣାରୁ ସୂଚନା ମିଳିଛି। ଯଦି ଏହା ୬.୮ରୁ ଅଧିକ ହୁଏ, ତେବେ ହାର୍ଟଆଟାକ୍ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଡାଇବେଟିସ୍ ରୋଗୀମାନେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ସୁଗାରର ପରିମାଣକୁ ମାପିବା ଦରକାର।

## ଉପକାରୀ ଆଖୁରସ



**ଆ**ଖୁରସରେ ଭିଟାମିନ୍ ଏବଂ ନ୍ୟୁଟ୍ରିସନ୍ ଯଥା ପୋଟାସିୟମ୍, କ୍ୟାଲସିୟମ୍, ଭରି ରହିଛି। ଏଥିରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍ ଦାନ୍ତ ଓ ଦାନ୍ତର ମାଢ଼ିକୁ ରକ୍ଷା କରିଥାଏ। ଏହାର ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ଏହି କ୍ଷତ ସ୍ଥାନକୁ ପୂରଣ କରେ। ଆଖୁରସ ପିଇବା ଦ୍ୱାରା ପାଚନ କ୍ରିୟା ଦୃଢ଼ ହୋଇଥାଏ। ଅଷ୍ଟିଓପୋରେସିସ୍, ଆଣ୍ଠୁ ଗଣ୍ଠି ବାତ ହେବା ଆଦିରୁ ବି ଏହା ସୁରକ୍ଷା ପ୍ରଦାନ କରେ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ।

## ଡିପ୍ରେସନ୍ ଦୂର କରେ ଉତ୍ତମ ଖାଦ୍ୟ



**ଶ**ରୀରକୁ ସୁସ୍ଥ ଓ ମଜଭୁତ୍ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏବେ ଅନେକେ ଖାଇବାରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି କି, ଭିଟାମିନ୍ କିମ୍ବା ନ୍ୟୁଟ୍ରିସନ୍ ନଥିବା ଖାଦ୍ୟ ଖାଇଲେ ଡିପ୍ରେସନ୍ ସ୍ତରର ମାତ୍ରା ବଢ଼ିଯାଏ। ବେଳେବେଳେ ଡିପ୍ରେସନ୍‌ରେ ରହିବା ଯୋଗୁ କେତେକେ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଏହାର ମାତ୍ରାକୁ କମାଇବା ପାଇଁ ଆମକୁ ପ୍ରତିଦିନ ସନ୍ତୁଳିତ ଓ ଉତ୍ତମ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ଡାଏଟ୍‌କୁ ଠିକ୍ ରଖିବାକୁ ହେଲେ ଆମକୁ ପ୍ରତିଦିନ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡ଼ାଣ୍ଟ ଥିବା ଖାଦ୍ୟ ମଧ୍ୟ ଖାଇବାକୁ ହେବ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳାକୁ ଆମେ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ।

## ଶୟନରେ ଅନିୟମିତତା ଓ ଦୈନନ୍ଦିନ ଜୀବନଶୈଳୀ

**ଆ**ମେ ନିଜକୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ତା'ସହ ପ୍ରତିଦିନ ଅତିକମ୍‌ରେ ଜଣେ ବ୍ୟକ୍ତି ୬-୭ ଘଣ୍ଟା ଶୋଇଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ଯଦି ଏଥିରେ ଅନିୟମିତତା ପରିଲକ୍ଷିତ ହୁଏ ତେବେ ସଂପୃକ୍ତ ବ୍ୟକ୍ତିଙ୍କର ଦୈନନ୍ଦିନ ଜୀବନଶୈଳୀ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। 'ଶୟନରେ ଅନିୟମିତତା ଏବଂ ଦୈନନ୍ଦିନ ଜୀବନଶୈଳୀ' ଶୀର୍ଷକ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କଠାରେ ଶୋଇବାରେ ଅନିୟମିତତା ଦେଖିବାକୁ ମିଳୁଥିଲା ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କ ଜୀବନଶୈଳୀରେ ତାରତମ୍ୟ ଲକ୍ଷ୍ୟ କରାଯାଇଥିଲା ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ରାତିରେ କମ୍ ଶୋଇବା ଦ୍ୱାରା ଏହାର ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ। ବେଳେବେଳେ ଏହା ମଧ୍ୟ ମେଦବହୁଳତାର କାରଣ ସାଜିଥାଏ। ତେଣୁ ଜଣେ ବ୍ୟକ୍ତି ରାତିରେ ଉପଯୁକ୍ତ ସମୟ ବିଶ୍ରାମ ନେବା ଦରକାର।



## ସ୍ୱାସ୍ଥ୍ୟ ସୂଚନା

- ପ୍ରତିଦିନ ଶିଢ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଢ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକ ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ସନ୍ତୁଳିତ ରହିପାରିବା।
- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ହେଲେ ସେପରି କରନ୍ତୁ ନାହିଁ। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ଆମଠାରେ ବ୍ଲଡ୍ ପ୍ରେସର, କାଡ଼ିଓଭାସ୍କୁଲାର ଭଳି ଅନେକ ମାରାତ୍ମକ ରୋଗ ସୃଷ୍ଟି କରିପାରେ। ତେଣୁ ଏହା ଠାରୁ ଦୂରେଇ ରୁହନ୍ତୁ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।



# ବୃଦ୍ଧି ପାଉଛି ମାନସିକ ରୋଗ



ଡା. ରାମଚନ୍ଦ୍ର ରାଉତ

ଆଜି 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..

**ଆ**ମ ଶରୀରରେ 'ମନ' ବୋଲି କୌଣସି ନିର୍ଦ୍ଦିଷ୍ଟ ଜିନିଷ ନାହିଁ। ଯାହାକୁ ମନ ବୋଲି କୁହାଯାଏ ତାହା ହେଉଛି ଭାବନା (thinking), ଅନୁଭବ (feeling) ଓ କାର୍ଯ୍ୟ ସଞ୍ଚାଳନ (volition)ର ସମାହାର। ମଣିଷ ଚିନ୍ତା କରିବା ଏବଂ ଅନୁଭବ କରିବା ସହିତ ବ୍ୟବହାର, ଚାଲିଚଳଣ ଓ କାର୍ଯ୍ୟଶୈଳୀରେ ଅସ୍ୱାଭାବିକତା ଦେଖାଦେଲେ ତା'ର ମାନସିକ ରୋଗ ପାଇଁ ପରାମର୍ଶ ଓ ସ୍ଥଳ ବିଶେଷରେ ଚିକିତ୍ସା ଓ ଥଇଥାନର ବ୍ୟବସ୍ଥା ହେବା ଜରୁରୀ ହୋଇପଡ଼େ। ଯଦିଓ ସ୍ୱାସ୍ଥ୍ୟକୁ ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ସୁସ୍ଥତା ଦର୍ଶାଯାଇଛି, ତନ୍ମଧ୍ୟରୁ ମାନସିକ ରୋଗ ସର୍ବାଧିକ ଗୁରୁତ୍ୱ ବହନ କରେ, କାରଣ ମନ ହିଁ ଆମର ସବୁ କାର୍ଯ୍ୟକଳାପ ଓ ଜୀବନକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିୟନ୍ତ୍ରଣ କରିଥାଏ।

ଏଭଳି ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲାଗି ୧୯୯୨ ମସିହା ଅକ୍ଟୋବର ୧୦ରେ ପାଳିତ ହୋଇଆସୁଛି 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ'। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି-'ସମଗ୍ର ବିଶ୍ୱ ନିମନ୍ତେ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ଗୁରୁତ୍ୱ ଦିଅନ୍ତୁ।' ଅର୍ଥାତ୍ ମାନସିକ ରୋଗ ଯେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ- ଏ କଥା ଆମ୍ଭେମାନେ ହୃଦୟଙ୍ଗମ କରିବା ଉଚିତ। ବିଶ୍ୱରେ ପ୍ରତି ଆଠ ଜଣରେ ଜଣେ ମାନସିକ ରୋଗରେ ପୀଡ଼ିତ, ଯାହାକି ସେମାନଙ୍କ ଭାବନା, ସମ୍ବେଦନା, ବ୍ୟବହାର ଓ ସାମାଜିକ ଚାଲିଚଳଣିରେ ଅନେକ ପ୍ରଭାବ ପକାଏ।

ଗତ ଦୁଇ ବର୍ଷ ମଧ୍ୟରେ କୋଭିଡ୍ ମହାମାରୀ ଯୋଗୁ ଏହି ସଂଖ୍ୟା ୨୬ ପ୍ରତିଶତରୁ ୨୮ ପ୍ରତିଶତକୁ ବୃଦ୍ଧି ପାଇ ଅବସ୍ଥାକୁ ଆହୁରି ଜଟିଳ କରିଛି। ଉଦ୍‌ବେଗ ଓ ଆଶଙ୍କାଜନିତ ରୋଗ 'ଆଙ୍ଗଜାଇଟ୍ ଡିସ୍‌ଅର୍ଡର'ରେ ପ୍ରାୟ ୩୦କୋଟିରୁ ଅଧିକ ଲୋକ ପୀଡ଼ିତ, ଯେଉଁଥିରୁ ପାଖାପାଖି ୬ କୋଟି ହେଉଛନ୍ତି ଶିଶୁ ଓ କିଶୋର। ବିଷାଦଜନିତ ରୋଗ ବା ଡିପ୍ରେଶନ୍‌ରେ ୨୮ କୋଟି ପୀଡ଼ିତ, ଯାହାକି ଜୀବନକୁ ବଞ୍ଚିବା ପାଇଁ ଉତ୍ସାହ ଓ ଆଗ୍ରହରେ ଊଣା କରିଦିଏ। ଫଳରେ ବ୍ୟକ୍ତିବିଶେଷ ଆତ୍ମହତ୍ୟା ପରି ପନ୍ଥା ଆଦରି ନିଏ।



ବିଷାଦ ଓ ଉନ୍ମାଦନା ପରି ଦ୍ୱୈତ ମାନସିକ ରୋଗ (ବାଇ ପୋଲାର ଡିସ୍‌ଅର୍ଡର)ରେ ଚାରିକୋଟି ଲୋକ ପୀଡ଼ିତ। ଦୁର୍ଘଟଣା, ଦୈବୀ ଦୁର୍ବିପାକ ଓ ଅନଟନର ପରବର୍ତ୍ତୀ ମାନସିକ ଚାପ ଦ୍ୱାରା ସୃଷ୍ଟି ହେଉଥିବା 'ପିପିଏସ୍‌ଟି' ମଧ୍ୟ ଏକ ଗୁରୁତର ମାନସିକ ରୋଗ। ଏହି ମାନସିକ ରୋଗର ସବୁଠାରୁ ଗୁରୁତ୍ୱ ବହନ କରୁଥିବା ରୋଗ ମାନସିକ ବିକାର ବା ସିଜୋଫ୍ରେନିଆ। ଏହା ହେଉଛି ଏପରି ଏକ ମାନସିକ ରୋଗ ଯେଉଁଥିରେ ପୀଡ଼ିତ ବ୍ୟକ୍ତିଟି ଏତେ ଅସହାୟ ହୋଇପଡ଼େ ଯେ ସେ ନିଜେ ସ୍ୱୟଂ ସମ୍ପୂର୍ଣ୍ଣ ଭାବେ ଜୀବନଧାରଣ କରିବାରେ ଅକ୍ଷମ ହୁଏ। ଅନ୍ୟମାନଙ୍କ ଉପରେ ବୋଝ ହୋଇ ରହିବାକୁ ପଡ଼େ।

ଡିଲ୍ୟୁଜନ ବା ଭ୍ରମ ହେଉଛି ଏପରି ଏକ ବଦ୍ଧମୂଳ ଧାରଣା, ଯାହା କି ଯେତେ ପ୍ରୟାସ କଲେ ମଧ୍ୟ ମନରୁ ଯାଏ ନାହିଁ ଓ ବ୍ୟକ୍ତିଟି ସେହି ଭ୍ରମାତ୍ମକ ଧାରଣାରେ ହିଁ ପରିଚାଳିତ ହୋଇଥାଏ। ହାଲୁସିନେସନ୍ ବା ଅସ୍ୱାଭାବିକ ଅନୁଭବ ଏପରି ଏକ ଅବସ୍ଥା, ଯେଉଁଥିରେ ବାହ୍ୟ ପ୍ରତିକ୍ରିୟା ନ ଥାଇ ମଧ୍ୟ ବ୍ୟକ୍ତିଟି ଏହା ଅନୁଭବ କରିଥାଏ। ଫଳରେ ତାକୁ ଶୂନ୍ୟ ବା ଅଳ୍ପ ଶୁଭିଥାଏ। କୌଣସି ଛବି ବା ବ୍ୟକ୍ତି ନ ଥାଇ କିଏ ଥିବା ପରି ଜଣାପଡ଼େ। ପାଟିରେ କିଛି ନ ଥାଇ ସ୍ୱାଦ ମିଠା, ଖଟା ଜଣାପଡ଼େ। ନାକକୁ ଗନ୍ଧ ବା ସୁଗନ୍ଧ ଜଣାପଡ଼େ ଓ ଦେହରେ ପୋକ, କୀଟ ପତଙ୍ଗ ଚାଲିବା ପରି ଲାଗେ। ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ପରିବାରର ଲୋକେ, ସାଙ୍ଗସାଥୀ, ଶିକ୍ଷକ, କର୍ମକ୍ଷେତ୍ରର ସାଥୀମାନେ ମାନସିକ ଅସ୍ୱାଭିକତା ଲକ୍ଷ୍ୟ କଲେ ତାଙ୍କର ମାନସିକ ପରାମର୍ଶ ଓ ସ୍ଥଳ ବିଶେଷରେ ଚିକିତ୍ସା କରାଇ ନେବା ଉଚିତ। ଗୁରୁତର ମାନସିକ ରୋଗ ପାଇଁ ନିୟମିତ ଓ ଦୀର୍ଘଦିନ ଧରି ଔଷଧ ଖାଇବାକୁ ପଡ଼ିଥାଏ। ସୁଖର କଥା, ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ମାନସିକ ରୋଗ ଔଷଧ ମାଗଣାରେ ପ୍ରତ୍ୟେକ ଚିକିତ୍ସାଳୟରେ ଉପଲବ୍ଧ। ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ହତ୍ୟା, ହିଂସା ଇତ୍ୟାଦି କାର୍ଯ୍ୟକଳାପରେ ମଧ୍ୟ ମାନସିକ ରୋଗର ସମ୍ପର୍କ ଥାଏ। ନିଶା ନିବାରଣ କେନ୍ଦ୍ରଗୁଡ଼ିକ ମାନସିକ ରୋଗ ଚିକିତ୍ସା ଆଧାରରେ କାର୍ଯ୍ୟ କରିଥାଆନ୍ତି।

'ମନ'କୁ ସବୁ ସମୟରେ ଓ ସବୁ କ୍ଷେତ୍ରରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମନଠାରୁ ବଡ଼ କେହି ନୁହେଁ ଓ ମନ ମୋହର ନିଜ ଗୁରୁ ଇତ୍ୟାଦି ଅନେକ ଆଲେଖ୍ୟ ରହିଛି।

-ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ: ୯୪୩୭୭୪୨୪୯୯

# ସିରିଜକୁ ଫେରିଲା ଭାରତ

## ଆୟରଙ୍କ ଶତକ

ରାଞ୍ଚି,୯।୧୦(ପି.ଟି.)

ଶ୍ରେୟସ ଆୟରଙ୍କ ଅପରାଜିତ ଶତକ ଓ ଇଶାନ କିଷନଙ୍କ ଅର୍ଦ୍ଧଶତକ ସହିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚକୁ ୭ ଉଇକେଟରେ ଜିତି ନେଇଛି ଭାରତ। ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୭ ଉଇକେଟରେ ୨୭୮ ରନ କରିଥିବା ବେଳେ ଘରୋଇ ଦଳ ୨୫ ବଲ ପୂର୍ବରୁ ମ୍ୟାଚ ଜିତି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ ସ୍ଥିତିକୁ ଆଣିଛି। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଭାରତ ପକ୍ଷରୁ ଶାହବାଜ ଅହମଦ ଏହି ମ୍ୟାଚରେ ପଦାର୍ପଣ କରିଥିଲେ। ଋତୁରାଜ ଗାଏକ୍ୱାଡଙ୍କ ସ୍ଥାନରେ ଶାହବାଜ ଓ ରବି ବିଷ୍ଣୋଇଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦରଙ୍କୁ ଖେଳାଇଥିଲା ଭାରତ। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ମାତ୍ର ୪୦ ରନରେ ଦୁଇ ଓପନରଙ୍କୁ ହରାଇଥିଲା। ତେବେ ତୃତୀୟ ଉଇକେଟରେ ୧୨୯ ରନ୍ ଯୋଡିଥିଲେ ରିଜା ହେଣ୍ଡ୍ରିକ୍ସ (୭୪) ଓ ଏଡେନ୍ ମାରକ୍ରମ (୭୯)। ଉଭୟ ଖେଳାଳି ୧୨୬ ବଲରେ ୧୨୯ ରନ୍ ଯୋଡିବା ସହିତ ଦକ୍ଷିଣ ଆଫ୍ରିକାକୁ ଦୃଢ ସ୍ଥିତିରେ ପହଞ୍ଚାଇଥିଲେ। ଟପ୍ ସ୍କୋରର ମାରକ୍ରମ ୮୯ ବଲରୁ ୭ ଚୌକା ଓ ୧ ଛକା ମାରିଥିଲେ। ଅପରପକ୍ଷରେ ହେଣ୍ଡ୍ରିକ୍ସ ୭୬ ବଲ ଖେଳି ୯ ଚୌକା ଓ ୬ ଛକା ମାରିଥିଲେ। ୧୬୯ ରନରେ ତୃତୀୟ ଉଇକେଟ ପତନ ଘଟିବା ପରେ ହେନରିଚ୍ କ୍ଲାସେନ୍(୩୦)ଙ୍କ ସହିତ ୪୬ ରନ୍ ଯୋଡିଥିଲେ ମାରକ୍ରମ। ତେବେ ଉଭୟ ଖେଳାଳି ମାତ୍ର ୩ ବଲ ମଧ୍ୟରେ ପ୍ୟାଭିଲିୟନ ଫେରିବା ସହିତ ଦକ୍ଷିଣ ଆଫ୍ରିକାର ରନ ସଂଗ୍ରହ ହାର କମି ଯାଇଥିଲା। ଡେଭିଡ ମିଲର ୩୫ ରନ କରିଥିଲେ ହେଁ ଅନ୍ତିମ ୮ ଓଭରରେ ମାତ୍ର ୪୧ ରନ ସଂଗ୍ରହ କରିଥିଲା ଦଳ। ଏକଦା ଦକ୍ଷିଣ ଆଫ୍ରିକା ୩୦୦ରୁ ଅଧିକ ରନ କରିବା ନେଇ ଆଶା କରାଯାଉଥିଲେ ହେଁ ଦଳ ୨୭୮/୭ରେ ସୀମିତ ରହିଥିଲା। ଭାରତ ପକ୍ଷରୁ ମହମ୍ମଦ ସିରାଜ ସର୍ବାଧିକ ୩ ଉଇକେଟ ନେଇଥିଲେ। ୱାଶିଂଟନ ସୁନ୍ଦର, ଶାହବାଜ ଅହମଦ, କୁଲଦୀପ ଯାଦବ ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୭୯ ରନର ପିଛା କରୁଥିବା ଭାରତ ମଧ୍ୟ ମାତ୍ର ୪୮ ରନରେ ଏହାର ଦୁଇ ଓପନରଙ୍କୁ ହରାଇଥିଲା। ଧାୱନ(୧୩) ଓ ଶୁବମନ ଗିଲ୍(୨୮) ମ୍ୟାଚର ୯ ଓଭର ମଧ୍ୟରେ ପ୍ୟାଭିଲିୟନ ଫେରିଥିଲେ। ତେବେ ଚତୁର୍ଥ ଉଇକେଟରେ ଶ୍ରେୟସ ଆୟର (୧୧୩*) ଓ ଇଶାନ କିଷନ(୯୩) ଯୋଡିଥିଲେ ୧୬୧ ରନ। ଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ଇଶାନ କିଷନ ନର୍ଭସ ନାଇଣ୍ଟିଜର ଶିକାର ହୋଇଥିଲେ। ୮୪ ବଲ ଖେଳି ସେ ୪ ଚୌକା ଓ ୭ ଛକା ମାରିଥିଲେ। ତେବେ ଦିନିକିଆ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ଆୟର ଓ ସଞ୍ଜୁ ସାମସନ୍(୩୦*) ଭାରତକୁ ଫିନିଶ ଲାଇନ ପାର କରାଇଥିଲେ। ଆୟର ୧୧୧ ବଲ୍ ଖେଳି ୧୫ ଚୌକା ସହିତ ୧୧୩ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଫର୍ଚୁନ୍, ପାର୍ନେଲ ଓ ରବାଡା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶ୍ରେୟସ ଆୟରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଇନିଂସ : ୫୦ ଓଭରରେ ୨୭୮/୭ (ଏଡେନ୍ ମାରକ୍ରମ-୭୯, ରିଜା ହେଣ୍ଡ୍ରିକ୍ସ-୭୪, ଡେଭିଡ୍ ମିଲର-୩୫*, ହେନରିଚ୍ କ୍ଲାସେନ-୩୦ ; ମହମ୍ମଦ ସିରାଜ-୩/୩୮, ଶାର୍ଦ୍ଦୂଳ ଠାକୁର-୧/୩୬, କୁଲଦୀପ ଯାଦବ-୧/୪୯, ଶାହବାଜ ଅହମଦ-୧/୫୪, ୱାଶିଂଟନ ସୁନ୍ଦର-୧/୬୦)। ଭାରତ ଇନିଂସ: ୪୫.୫ ଓଭରରେ-୨୮୨/୩ (ଶ୍ରେୟସ ଆୟର-୧୧୩*, ଇଶାନ କିଷନ-୯୩, ସଞ୍ଜୁ ସାମସନ-୩୦* ; ୱେନ୍ ପାର୍ନେଲ-୧/୪୪, ବିୟର୍ନ ଫର୍ଚୁନ-୧/୫୨)।



ଶତକ ହାସଲ ପରେ ଶ୍ରେୟସ ଆୟର।

# ଭର୍ଷ୍ଟାପେନ୍‌ଙ୍କୁ ଦ୍ୱିତୀୟ ଟାଇଟଲ

ସୁଜୁକା, ୯।୧୦(ଏପି)

ରେଡ୍‌ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ସୁଜୁକାଠାରେ ରବିବାର ଅନୁଷ୍ଠିତ ଜାପାନିଜ ଫର୍ମୁଲା ୱାନ ଗ୍ରାଁପ୍ରିରେ ବିଜୟ ଲାଭ କରିଛନ୍ତି। ଏଥିସହିତ ସେ କ୍ରମାଗତ ଦ୍ୱିତୀୟ ଥର ଡ୍ରାଇଭର୍ସ ଟାଇଟଲ ହାସଲ କରିଛନ୍ତି। ଚଳିତ ସିଜନରେ ପ୍ରାଧାନ୍ୟ ବିସ୍ତାର କରି ଆସିଥିବା ଭର୍ଷ୍ଟାପେନ୍ ୪ଟି ରେସ୍ ହେବାକୁ ବାକିଥାଇ ଟାଇଟଲ ଜିତିଛନ୍ତି। ଡଚ୍ ଡ୍ରାଇଭର ପୋଲ୍‌ରୁ ରେସ୍ ଆରମ୍ଭ କରିଥିଲେ। ବର୍ଷା ଯୋଗୁ ନିୟନ୍ତ୍ରଣ ହରାଇ ଏକାଧିକ କାର୍ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ଦୁଇ ଲାପ୍ ପରେ ରେସ୍‌କୁ ସ୍ଥଗିତ ରଖାଯାଇଥିଲା। ଦୁଇ ଘଣ୍ଟା ପରେ ରେସ୍ ଆରମ୍ଭ କରାଯାଇଥିଲା। ୫୩ଟି ଲାପ୍ ମଧ୍ୟରୁ ୨୮ଟି ଶେଷ କରାଯାଇଥିଲା। ଭର୍ଷ୍ଟାପେନ୍ ସବୁଠାରୁ ଆଗରେ ରହିଥିଲେ। ତାଙ୍କ ପଛକୁ ପଛ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ ଟିମ୍‌ମେଟ ସର୍ଗିଓ ପେରେଜ ଓ ଫେରାରି ଡ୍ରାଇଭର ଚାର୍ଲ୍ସ ଲେକ୍‌ରେକ୍। ଏହି ଦୁଇ ଡ୍ରାଇଭର ଭର୍ଷ୍ଟାପେନ୍‌ଙ୍କୁ ଅତିକ୍ରମ କରି ଟାଇଟଲ ଜିତିପାରିଥାନ୍ତେ। ମାତ୍ର ଏଠାରେ ରେସ୍ ଜିତିବା ଦ୍ୱାରା ଭର୍ଷ୍ଟାପେନ୍ ୩୬୬ ପଏଣ୍ଟ ସହ ଟେବୁଲରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଯଥେଷ୍ଟ ଅଗ୍ରଣୀ ଲାଭ କରିପାରିଛନ୍ତି। ଅବଶିଷ୍ଟ ୪ଟି ରେସ୍‌ର ଫଳାଫଳ କୌଣସି ଫରକ ଆଣିବ ନାହିଁ। ଡ୍ରାଇଭର୍ସ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଥିବା ପେରେଜଙ୍କ ପଏଣ୍ଟ ସଂଖ୍ୟା ୨୫୩ ଏବଂ ତୃତୀୟ ସ୍ଥାନରେ ଥିବା ଲେକ୍‌ରେକ୍‌ଙ୍କ ପଏଣ୍ଟ ସଂଖ୍ୟା ୨୫୨ ରହିଛି। ରେସ୍‌କୁ ସଂକ୍ଷିପ୍ତ କରାଯିବାରେ ସେ ଟାଇଟଲ ଜିତିଥିବା ବିଷୟ ଭର୍ଷ୍ଟାପେନ୍ ପ୍ରଥମେ ଜାଣିପାରି ନ ଥିଲେ। କିନ୍ତୁ କିଛି ସମୟ ପରେ ଫର୍ମୁଲା ୱାନ ପରିଚାଳନା ପରିଷଦ (ଏଫ୍‌ଆଇଏ) ତାଙ୍କୁ ପୂରା ପଏଣ୍ଟ ପ୍ରଦାନ କରିବା ସହ ବିଜୟୀ ଘୋଷଣା କରିଥିଲା। ରବିବାର ରେସ୍‌ରେ ୪ର୍ଥରୁ ୧୦ମ ସ୍ଥାନରେ ଅଛନ୍ତି ଏଷ୍ଟିବାନ ଓକନ (ଆଲପାଇନ୍), ଲୁଇସ୍ ହାମିଲଟନ (ମର୍ସିଡିଜ), ସେବାଷ୍ଟିଆନ ଭେଟେଲ(ଆଷ୍ଟନ ମାର୍ଟିନ), ଫର୍ନାଣ୍ଡୋ ଆଲୋଁସୋ (ଆଲପାଇନ୍), ଜର୍ଜ ରସେଲ (ମର୍ସିଡିଜ୍), ନିକୋଲାନ ଲାଟିଫି (ୱିଲିୟମ୍ସ) ଓ ଲାଣ୍ଡୋ ନୋରିସ (ମ୍ୟାକଲରେନ)।



ଜାପାନିଜ ଫର୍ମୁଲା ୱାନ ଗ୍ରାଁପ୍ରି ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

# ଜାତୀୟ ଶକ୍ତି ଉତ୍ତୋଳନ ପାଇଁ ଓଡ଼ିଶା ଦଳ



ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୯।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ମାସ ୧୨ରୁ ୧୬ ପର୍ଯ୍ୟନ୍ତ ନାଗପୁରରେ ହେବାକୁଥିବା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ୧୬ ଜଣିଆ ଦଳ ଭାଗନେବ। କୋଚ୍ ସମରେନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ୯ ମହିଳା ଓ ୩ଜଣ ପୁରୁଷ ସିନିୟର ଓ ବରିଷ୍ଠ ବିଭାଗରେ ଭାଗ ନେବେ। ସେମାନେ ହେଲେ ସୁଷମା ରାୟ, ଅନୁପମା ସ୍ୱାଇଁ, ପ୍ରଭାତି ସିଂ, ଦେବୀ ସିଂ, ସ୍ୱାଗତିକା ଖଟେଇ, ତନୟା ପଣ୍ଡା, ନଗ୍‌ମା ଆରା ବେଗମ, ଅନୀତା ବେହେରା, ପ୍ରତିମା ରଥ, ସଙ୍କେତ ମହାପାତ୍ର, ଅଭିଷେକ ମହନ୍ତ, ଦେବାଶିଷ ମହାନ୍ତି, ରାକେଶ ଶତପଥୀ, ଦୀପକ ନାୟକ, ସୁଜିତ କୁମାର ଗିରି ଓ ନାରାୟଣ ସେଠୀ। ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଗୌରୀ ମହାନ୍ତି ଓ କୋଷାଧ୍ୟକ୍ଷ ପ୍ରଦୀପ ପାତ୍ର ପ୍ରମୁଖ ଦଳର ଶୁଭକାମନା କରିଛନ୍ତି।







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.
PANIKOILI: 9078076450.

*Offer includes consumer offer, exchange bonus, 2 ka 4 offer and institutional offer or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. #Gold voucher is applicable on select models/variants only.#Test Result of Rule 115 of CMVR, 1989. (CMVR is an acronym for Central Motor Vehicles Rules, 1989). Mileage mentioned is for Vxi(O) AGS & Vxi+ (O) AGS. **For details on functioning of safety features including Air Bag, kindly refer to the Owner's Manual. Creative Visualization. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st Oct, 2022.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଯୁବକଙ୍କ ଆତ୍ମହତ୍ୟା

ରଣପୁର,୯।୧୦(ସ୍ୱ.ପ୍ର.): ରଣପୁର ପୌରାଞ୍ଚଳର ୨ନଂ.ୱାର୍ଡର ସନ୍ତୋଷ କୁମାର ବେହେରା(୨୮) ରବିବାର ସନ୍ଧ୍ୟାରେ ଘର ସମ୍ମୁଖ ବରଗଛରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ପାରିବାରିକ କଳହକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହିଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ରଣପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।



## ସଂକ୍ଷେପରେ

### ମା'ମଙ୍ଗଳାଙ୍କ ଝାମୁଯାତ୍ରା

ଦଶପଲ୍ଲା,୯।୧୦(ଡି.ଏନ.ଏ.): ନୟାଗଡ଼ ଜିଲା ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର ୮ ନଂ. ଜୋନ ପଟାମାଳଠାରେ ମା'ମଙ୍ଗଳାଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ,ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ,ଭାଇସ ଚେୟାରମ୍ୟାନ୍ କିଶୋର ଚନ୍ଦ୍ର ଦାସ, ଦଶପଲ୍ଲା ବ୍ଲକ ବିଜେଡି ସଭାପତି ସୁଦାମ ନାୟକଙ୍କ ସମେତ ବହୁ କାଉନସିଲର ଏବଂ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ଗ୍ରାମର ମୁଖିଆ ଯଦୁନାଥ ନାଏକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

### ପୁରାତନ ସହପାଠୀଙ୍କ ବନ୍ଧୁମିଳନ

ଖଣ୍ଡପଡ଼ା,୯।୧୦(ସ୍ୱ.ପ୍ର.): ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯୭୨-୭୩ ମାଟ୍ରିକ୍ ସହପାଠୀଙ୍କ ଏକ ବନ୍ଧୁମିଳନ ରବିବାର ସ୍ଥାନୀୟ ମା' ଉମାଦେବୀ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହପାଠୀ ତଥା ବିଶିଷ୍ଟ କ୍ରୀଡ଼ାବିତ୍ ଭିକାରୀ ଖଣ୍ଡାୟତ ଓ ଖବରଦାତା ବିନାୟକ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ସହପାଠୀ ଯୋଗଦେଇ ଭାବର ଆଦାନପ୍ରଦାନ କରିବା ସହ ପୁରାତନ ସ୍ମୃତିକୁ ମନେପକାଇଥିଲେ। ବିନାୟକ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପରଲୋକଗତ ସହପାଠୀ ନିତ୍ୟାନନ୍ଦ ପଣ୍ଡା, ବାସୁଦେବ ଦାସ, ବାସୁଦେବ ସାହୁ, ଶରତ କୁମାର ସାହୁ, ଅର୍ଜୁନ ବେହେରାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ ଅଧାପକ ଜଗଦୀଶ ମହାପାତ୍ର, ବିଜୟ କୁମାର ମିଶ୍ର, ବୈକୁଣ୍ଠନାଥ ରାଜ ଓ ନାରାୟଣ ଦାସ ପ୍ରମୁଖ ସହପାଠୀମାନେ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନଙ୍କୁ ଅବଗତ କରିବା ପାଇଁ କେତେଜଣ ସହପାଠୀ ମତ ଦେଇଥିଲେ । ଉପସ୍ଥିତ ସମସ୍ତ ସହପାଠୀ ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିଲେ।

### ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା

ନୂଆଗାଁ,୯।୧୦(ଡି.ଏନ୍.ଏ.): ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଧୀନ ନୂଆଗାଁ ବ୍ଲକରେ ରବିବାର ବିଜୁ ଜନତା ଦଳ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ନୂଆଗାଁ ବ୍ଲକ ଡାକ ବଙ୍ଗଳାଠାରୁ ବାହାରି ଥିବା ଏହି ଶୋଭାଯାତ୍ରା ପ୍ରଥମେ ଖାଲମତା ଅଭିମୁଖେ ଯାଇଥିବା ବେଳେ ସେଠାରୁ ଫେରି ନୂଆଗାଁ ବଜାର ଦେଇ ବ୍ଲକ ପର୍ଯ୍ୟନ୍ତ ଯାଇଥିଲା । ସେଠାରୁ ଫେରି ନୂଆଗାଁ ପିତାବଳୀ ନିକଟରେ ଥିବା ମଣ୍ଡପରେ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା , ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କ ସମେତ ବହୁ ଆଗ ଧାଡ଼ିର କର୍ମୀ ଯୋଗ ଦେଇଥିଲେ । ସରକାରଙ୍କ ଯୋଜନାକୁ ଲୋକାଭିମୁଖୀ କରି ବିଜୁ ଜନତା ଦଳକୁ ମଜଭୁତ କରିବା ସହ ବିଜୁ ଜନତା ଦଳରେ ନୂତନ ସଭ୍ୟ ଯୋଡିବାର ପ୍ରୟାସ କରିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ ।

# ମହିଳା ସ୍ୱାବଲମ୍ବୀ ଯୋଜନା ସ୍ଥାଣୁ

**ନୟାଗଡ଼ ଅଫିସ,୯।୧୦**

- ସହଭାଗିତା ବଢ଼ିବା ପାଇଁ ସଚେତନତା ଅଭାବ
- ବିଭିନ୍ନ କୃଷି ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଉନି

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ବିଭିନ୍ନ କୃଷି ଯୋଜନାରେ ମହିଳାମାନଙ୍କୁ ସହଭାଗିତା କରିବାକୁ ସରକାର ପଦକ୍ଷେପ ନେଇଛନ୍ତି । ହେଲେ ସଚେତନତା ଅଭାବରୁ ବିଭିନ୍ନ କୃଷି ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଂଖ୍ୟା ବଢୁନି। ବିଭିନ୍ନ କୃଷି ଯୋଜନାରେ କାହିଁକି ନୟାଗଡ଼ ଜିଲାରେ ଏହି ଗୋଷ୍ଠୀଙ୍କ ସହଭାଗିତା ବଢୁନି ତା'ର ଠିକ୍ ସମୀକ୍ଷା କରାଯାଉ ନ ଥିବା ଅଭିଯୋଗ ହୋଇଆସୁଛି । କୃଷି ବିଭାଗ ଯଦି ଏହାକୁ ଅଣଦେଖା କରେ ତେବେ ଆଗାମୀ ଦିନରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ କରାଯାଉଥିବା ଯୋଜନା କେବଳ କାଗଜକଲମରେ ସଫଳ ହେବ ବୋଲି ମତ ପ୍ରକାଶ ପାଇଛି ।

ଜିଲାରେ ୨୦୨୧-୨୨ ଆର୍ଥିକ ବର୍ଷରେ ସେହିଭଳି କୃଷି ଯାନ୍ତ୍ରୀକରଣ ଯୋଜନାରେ ୫ଟି ମୁଢ଼ିକଳ ବସାଇବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା । ସେଥିମଧ୍ୟରୁ ୨ଟି କଳ ସ୍ଥାପନ ହୋଇଛି । ସେହିପରି ୫ ଚୁଡ଼ାକଳ ବଦଳରେ ୨, ୭ ଧାନକଳ ବଦଳରେ ଗୋଟିଏ, ୫ ବିହନ ବିଶୋଧକ ୟୁନିଟ୍ ବଦଳରେ ଗୋଟିଏ ପ୍ରତିଷ୍ଠା ହୋଇଛି । ଆତ୍ମା ଯୋଜନାର ସିଡ୍ ମନି ଯୋଜନାରେ ୪୦ ସ୍ଥାନରେ ୨୩ଟି, ୪୦ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ବଦଳରେ ୨୩ଟି, ୭ ଇନ୍‌ଫର୍ମେଶନ ଏଜୁକେଶନ କମ୍ୟୁନିକେଶନ(ଆଇଇସି) କାର୍ଯ୍ୟକ୍ରମ ବଦଳରେ ଗୋଟିଏ ହୋଇଛି । ବଳରାମ ଯୋଜନାରେ ୧୨ ମିଳିତ ଦେୟ ଗୋଷ୍ଠୀ(ଜେଏଲ୍‌ଜି)ଗଠନ ସ୍ଥାନରେ ମାତ୍ର ଗୋଟିଏ ହୋଇଛି। ତେବେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନରେ ଲକ୍ଷ୍ୟଧାର୍ଯ୍ୟ ପୂରଣ କରି ସଫଳତାର ଡିଣ୍ଡିମ ପିଟିଛି। ଏଥିରେ ୫ ଡାଲିକଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କରିଥିବା କୁହାଯାଇଛି। ଅନ୍ୟପକ୍ଷେ ୨୦୨୨-୨୩ ଆର୍ଥିକ ବର୍ଷରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନରେ ଡାଲିକଳ ୧୦ଟି କରିବାକୁ ଥିବାବେଳେ ମାତ୍ର ୩ଟି ହୋଇଛି । ସେହିଭଳି କୃଷି ଯାନ୍ତ୍ରୀକରଣ କାର୍ଯ୍ୟକ୍ରମରେ ମୁଢ଼ିକଳ ୪ ସ୍ଥାନରେ ୨, ଚୁଡ଼ାକଳ ୪ ସ୍ଥାନରେ ୧, ଧାନକଳ ୧୬ ସ୍ଥାନରେ ୫, ବିହନ ବିଶୋଧକ କାର୍ଯ୍ୟକ୍ରମ ୮ ସ୍ଥାନରେ ୨ଟି ହୋଇଛି । ଆତ୍ମା ଯୋଜନାରେ ଦକ୍ଷତା ବୃଦ୍ଧି ତାଲିମ ୧୨ଟି ସ୍ଥାନରେ ହେବା କଥା, ଯାହା ଆଦୌ ହୋଇନାହିଁ। ଆଇଇସି କାର୍ଯ୍ୟକ୍ରମ ୧୦ରୁ ମାତ୍ର ୪ଟି ହୋଇଛି। ତେବେ ବଳରାମ ଯୋଜନାରେ ୪୮ଟି ଜେଏଲ୍‌ଜି ଗଠନ କରିବାକୁ ଥିବାବେଳେ ମାତ୍ର ୭ଟି ହୋଇଛି । କୃଷି ବିଭାଗ ରିପୋର୍ଟକୁ ଅନୁଧ୍ୟାନ କଲେ ସଚେତନତା ଠିକ୍‌ରେ କରାଯାଉ ନ ଥିବା ପରିଲକ୍ଷିତ ହେଉଛି। ଏନେଇ ଗଣିଆର ସୌଦାମିନୀ ପ୍ରଧାନ ନାମ୍ନୀ ଜଣେ ମହିଳା ଚାଷୀ କୁହନ୍ତି, କୃଷି ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ସହଭାଗିତା କରାଯାଇ କାର୍ଯ୍ୟକ୍ରମ କରାଯାଉଛି। ହେଲେ ଆମ ଅଞ୍ଚଳର ଚାଷୀ ଏନେଇ ଅଜଣା। ସରକାରଙ୍କ କ'ଣ ଯୋଜନା ଅଛି, କେଉଁମାନେ ଏଥିରେ ଭାଗ ନେଇପାରିବେ ସେ ସମ୍ପର୍କରେ ସଚେତନ କରାଯିବା ଦରକାର। ହେଲେ କୃଷି ବିଭାଗ କେବଳ ଲକ୍ଷ୍ୟ ଧାର୍ଯ୍ୟ ପାଇଁ ପ୍ରଚେଷ୍ଟା କରୁଥିବାରୁ ପ୍ରକୃତ ଚାଷୀ ଯୋଜନା ସମ୍ପର୍କରେ ଜାଣିପାରୁନାହାନ୍ତି । ଓଡ଼ଗାଁର ସସ୍ମିତା ସାହୁ କୁହନ୍ତି, ଆମେ ସ୍ୱୟଂ ସହାୟିକା ଗୋଷ୍ଠୀ କରିଛୁ। ହେଲେ ଆମକୁ ବିଭିନ୍ନ ଯୋଜନାରେ ସହଭାଗିତା କରିବାକୁ କୃଷି ବିଭାଗ ପକ୍ଷରୁ କୁହାଯାଇନି। ଆମ ଅଞ୍ଚଳର ବହୁ ମହିଳା ବିଭିନ୍ନ କାର୍ଯ୍ୟ କରିବାକୁ ଆଗ୍ରହୀ ଥିଲେ ମଧ୍ୟ ସେମାନେ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ ହୋଇପାରୁନାହାନ୍ତି। ନୟାଗଡ଼ର ମିନି ସ୍ୱାଇଁ, ଦଶପଲ୍ଲାର କ୍ଷଣପ୍ରଭା ପ୍ରଧାନ, ରଣପୁରର ସୀତା ସାହୁ କୁହନ୍ତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ବିଭିନ୍ନ କୃଷି ଯୋଜନାରେ ମହିଳାମାନଙ୍କୁ ସହଭାଗିତା କରିବାକୁ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ । ହେଲେ ଏହା ତଳସ୍ତର ଲୋକ ଜାଣିପାରୁନାହାନ୍ତି। ଏ ନେଇ ବିଭାଗ ପକ୍ଷରୁ ସଚେତନ କରାଯାଉନାହିଁ କହି କ୍ଷୋଭ ପ୍ରକାଶ କରିଥିଲେ । ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର କୁହନ୍ତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ବିଭିନ୍ନ କୃଷି ଯୋଜନାରେ ମହିଳାମାନଙ୍କୁ ସହଭାଗିତା କରିବା ଲାଗି ସରକାର ନେଇଥିବା ପଦକ୍ଷେପକୁ ସଫଳ କରିବା ପାଇଁ ଚେଷ୍ଟା ଜାରି ରହିଛି। କୃଷି ବିଭାଗ ଏନେଇ ସଚେତନ କରାଇ କାର୍ଯ୍ୟକ୍ରମ ଲୋକାଭିମୁଖୀ କରିବାକୁ ପ୍ରଚେଷ୍ଟା ଜାରି ରଖିଛି।

# ଯକ୍ଷ୍ମାରେ ପୀଡ଼ିତ ଶିଶୁଙ୍କ ଘରେ ପହଞ୍ଚିଲା ଡାକ୍ତରୀ ଟିମ୍



ଡାକ୍ତରୀ ଟିମ୍ ବିଶ୍ୱରଞ୍ଜନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି ।

**ନୂଆଗାଁ,୯।୧୦(ଡି.ଏନ୍.ଏ.)**

**ଧରିତ୍ରୀରେ ଖବର ପ୍ରକାଶ ପରେ ତତ୍ପରତା**

୬ ବର୍ଷର ମା'ଛେଉଣ୍ଡ ଆଦିବାସୀ ଶିଶୁ ବିଶ୍ୱରଞ୍ଜନ ଯକ୍ଷ୍ମାରେ ପୀଡ଼ିତ ହୋଇ କଷ୍ଟ ପାଉଛନ୍ତି । ଅର୍ଥାଭାବରୁ ତାଙ୍କର ଉଚ୍ଚତର ଚିକିତ୍ସା ହୋଇପାରୁନାହିଁ । ଏ ସଂକ୍ରାନ୍ତରେ ୭।୧୦।୨୦୨୨ ଧରିତ୍ରୀରେ ଯକ୍ଷ୍ମାରେ ପୀଡ଼ିତ ଶିଶୁଙ୍କ ଚିକିତ୍ସା ପାଇଁ ଅର୍ଥାଭାବ ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଶନିବାର ଏକ ଡାକ୍ତରୀ ଦଳ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ଜାକେଡା ଗ୍ରାମରେ ପହଞ୍ଚି ବିଶ୍ୱରଞ୍ଜନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆବଶ୍ୟକ ଚିକିତ୍ସା ସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛି । ବିଶ୍ୱରଞ୍ଜନଙ୍କ ବାପା ସୁବାସ ପ୍ରଧାନଙ୍କ ସହ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସତୀଶ ନିବେଦନ ଓ ଯକ୍ଷ୍ମାରୋଗର ବରିଷ୍ଠ ଚିକିତ୍ସକ ଡା. ବିଶ୍ୱରଞ୍ଜନ ଦଳେଇ ଆଲୋଚନା କରିଥିଲେ। ବିଶ୍ୱରଞ୍ଜନ ଯକ୍ଷ୍ମାରେ ପୀଡ଼ିତ ହେବା ବାବଦରେ ସେମାନେ ଆଗରୁ ଅବଗତ ଥିଲେ । ତାଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଥିଲା। କିନ୍ତୁ ପରିବାର ଲୋକଙ୍କ ଅସହଯୋଗ ଯୋଗୁ ଚିକିତ୍ସାରେ ବାଧା ସୃଷ୍ଟି ହୋଇଥିଲା। ଏବେ ସରକାରଙ୍କ ତରଫରୁ ବିଶ୍ୱରଞ୍ଜନଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଏହି ଡାକ୍ତରୀ ଟିମ୍ ପ୍ରତିଶ୍ରୁତି ଦେଇଛି । ଏଥିପାଇଁ ପରିବାର ଲୋକେ ପୂର୍ଣ୍ଣ ସହଯୋଗ କରିବା ଆବଶ୍ୟକ ବୋଲି ଡା. ସତୀଶ କହିଛନ୍ତି । ମଙ୍ଗଳବାର ଭୁବନେଶ୍ୱରର ଏକ ଡାକ୍ତରଖାନାକୁ ନେବା ପାଇଁ ପ୍ରସ୍ତୁତ ହେବାକୁ ପରିବାର ଲୋକଙ୍କୁ ଏହି ଡାକ୍ତରୀ ଟିମ୍ କହିଛି ।

ସୂଚନାଯୋଗ୍ୟ, ୩ ମାସ ତଳେ ବିଶ୍ୱରଞ୍ଜନଙ୍କୁ ଜ୍ୱର ହୋଇଥିଲା । ପରିବାର ଲୋକେ ତାଙ୍କୁ ନୂଆଗାଁ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଦେଇଥିଲେ । ହେଲେ ଜ୍ୱର ଭଲ ହୋଇ ନ ଥିଲା। ଏହାପରେ ତାଙ୍କୁ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ୧୦ ଦିନ ରଖି ଚିକିତ୍ସା କରାଯାଇଥିଲା। ହେଲେ ଜ୍ୱର ଭଲ ହେବା ବଦଳରେ ବଢ଼ିଥିଲା। ଶେଷରେ ପରିବାର ଲୋକେ ତାଙ୍କୁ କଟକ ଶିଶୁଭବନକୁ ନେଇଥିଲେ । ସେଠାରେ ରକ୍ତ ପରୀକ୍ଷା ପରେ ବିଶ୍ୱରଞ୍ଜନ ଯକ୍ଷ୍ମାରେ ଆକ୍ରାନ୍ତ ହୋଇଥିବା ଡାକ୍ତରମାନେ କହିଥିଲେ । ସେଠାରେ ଶିଶୁଭବନ ଡାକ୍ତର କିଛିଦିନ ପାଇଁ ଔଷଧ ଦେଇ ତାଙ୍କୁ ଗାଁକୁ ପଠାଇ ଦେଇଥିଲେ।

### ଖଣ୍ଡପଡ଼ାରେ ଗୋପବନ୍ଧୁଙ୍କ ଜୟନ୍ତୀ

**ଖଣ୍ଡପଡ଼ା,୯।୧୦(ସ୍ୱ.ପ୍ର.)**

ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଖଣ୍ଡପଡ଼ାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପଣ୍ଡିତ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଂଘର ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଖବରଦାତା ଭବାନୀ ଶଙ୍କର ସିଂହ ସାମନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର ଶିକ୍ଷୟିତ୍ରୀ,ଶିକ୍ଷକମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

### ଖଣ୍ଡପଡ଼ାରେ ଗଜଲକ୍ଷ୍ମୀ ପୂଜା

**ଖଣ୍ଡପଡା,୯।୧୦(ସ୍ୱ.ପ୍ର.)**

ରବିବାରଠାରୁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଣ୍ଡପଡା ରଥଗଡା ଓ ବଜାର ସମେତ ବାଣପୁର, ବସନ୍ତ ପୁର, ଜଗନ୍ନାଥ ପ୍ରସାଦ, ମଙ୍ଗଳପୁର, ବାହାଡା,ମର୍ଦ୍ଦରାଜପୁର, ବନମାଳୀପୁର, ବରକୋଳିବନ୍ଧ, ବେଣାଗାଡିଆ ଏବଂ ସିଧାମୂଳା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି । ସନ୍ଧ୍ୟାପରଠାରୁ ପୂଜା ମଣ୍ଡପରେ ଲୋକଙ୍କ ଭିଡ ଲାଗି ରହିଛି । ପାରମ୍ପରିକ ରୀତି ଅନୁଯାୟୀ ମା'ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସହ ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ ଓ ସନ୍ଧ୍ୟା ଆଳତି ଶେଷ ହୋଇଛି । ବେଣାଗାଡିଆରେ ୩ ଦିନ ବ୍ୟାପୀ ମା'ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି । ଖଣ୍ଡପଡ଼ା ସହରାଞ୍ଚଳର ୩ ପୂଜା ମଣ୍ଡପ ସମେତ ବିଭିନ୍ନ ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମନୋରଞ୍ଜନ



@ ବିକାଶ



@ ଆଲୋକ



@ ସୌନ୍ଦର୍ଯ୍ୟ



@ ସୁଜିତ୍



@ ଚନ୍ଦନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁମାରପୂର୍ଣ୍ଣିମୀ ପାଇଁ ଗାଁ, ସହର ଉତ୍ସବମୁଖର

**ଖଣ୍ଡପଡ଼ା, ୯।୧୦(ସ୍ୱ.ପ୍ର.)**

ରବିବାର ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ପାଳିତ ହୋଇଛି କୁମାର ଉତ୍ସବ ବା କୁମାର ପୂର୍ଣ୍ଣିମା । କୁଆଁରୀ ଝିଅମାନଙ୍କ ଏହା ବହୁ ପ୍ରତୀକ୍ଷିତ ପର୍ବ । ଏହାକୁ ଜହ୍ନିଓଷା ଭାବେ କୁମାରୀମାନେ ଭାଦ୍ରବ ପୂର୍ଣ୍ଣିମୀଠାରୁ ଆଶ୍ୱିନ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ପାଳନ କରିଥାନ୍ତି । କୁମାର ପୂର୍ଣ୍ଣିମୀରେ ଏହି ପର୍ବ ଉଦ୍‌ଯାପିତ ହୋଇଥାଏ । ଏହି ଏକ ମାସ କୁମାରୀମାନେ ଆମିଷଠାରୁ ଦୂରରେ ରହି ଜହ୍ନି ନ ଖାଇ ତୁଳସୀ ଚଉରା ମୂଳେ ଓଷା ପାଳନ କରିଥାନ୍ତି । କୁହାଯାଏ କୁମାର ପୂର୍ଣ୍ଣିମୀ ତିଥିରେ ଜହ୍ନ ଅନ୍ୟ ଦିନ ଅପେକ୍ଷା ଅଧିକ ଗୋଲ ଓ ସୁନ୍ଦର ଦେଖାଯାଏ । ଏହି ଜହ୍ନକୁ ଦେଖି ସୁନ୍ଦର ତଥା ଗୁଣବାନ୍ ସ୍ୱାମୀଟିଏ ପାଇବା ପାଇଁ କୁଆଁରୀମାନେ କାମନା କରିଥାନ୍ତି ।

ରବିବାର ଜହ୍ନିଓଷାର ଉଦ୍‌ଯାପନୀ ଦିବସରେ ନୟାଗଡ଼ ଜିଲାର ଖଣ୍ଡପଡ଼ା, ବେଣାଗାଡ଼ିଆ, କଣ୍ଟିଲୋ, ପଥରଚକଡ଼ା, ଧାନଚେଙ୍ଗଡ଼ା, ମାଧପୁର, ବାଣପୁର, ସିଧାମୂଳା, ଖଳିସାହି, ମଙ୍ଗଳପୁର, କୋସକା, କିଆଝର ଆଦି ଅଞ୍ଚଳର ବିଭିନ୍ନ ସାହି ବସ୍ତିରେ କୁମାରୀମାନେ ଖୁବ୍ ଧୁମ୍‌ଧାମରେ ଏହି ଓଷା ପାଳନ କରିଛନ୍ତି। ଭୋରୁ କୁମାରୀମାନେ ଚଉରାମୂଳେ ପୂଜାର୍ଚ୍ଚନା କରିଥିଲେ । ଚାନ୍ଦ ଦେଖି କୁମାରୀମାନେ ଚାନ୍ଦପୂଜା ଆରମ୍ଭ କରିଥିଲେ । ରାଣୀଛେଲ୍ଲୀ ପଞ୍ଚାୟତର ମଙ୍ଗଳପୁର ଗ୍ରାମରେ ଏହି ଚାନ୍ଦପୂଜା ନିଆରା ଢଙ୍ଗରେ ପାଳନ କରାଯାଏ । ଚାନ୍ଦପୂଜା ପରେ ଝିଅମାନଙ୍କ ଝୁଣାମରା ଦୃଶ୍ୟ ଦେଖଣାହାରିଙ୍କୁ ଆକୃଷ୍ଟ କରିଥାଏ । ଏହି ଦୃଶ୍ୟ ଉପଭୋଗ କରିବାକୁ ମଙ୍ଗଳପୁର ଓ ଏହା ଆଖପାଖ ଅଞ୍ଚଳର ବହୁ ଲୋକ ସମାଗମ ହୋଇଥିଲେ ।



କୁମାର ପୂର୍ଣ୍ଣିମାରେ ଯୁବତୀମାନେ ପୂଜାର୍ଚ୍ଚନା କରୁଛନ୍ତି ।

# କପର୍ଦ୍ଦି ଖେଳରେ ହାରିଲେ ନୀଳମାଧବ

**ଖଣ୍ଡପଡ଼ା,୯।୧୦(ସ୍ୱ.ପ୍ର.)**

ରବିବାର ପବିତ୍ର କୁମାର ପୂର୍ଣ୍ଣିମା ତିଥିରେ ପରମ୍ପରା ଅନୁସାରେ ନୀଳମାଧବ ଜୀଉଙ୍କ ପୀଠରେ ମା'ଲକ୍ଷ୍ମୀଙ୍କ ସହିତ ପ୍ରଭୁ ଶ୍ରୀ ନୀଳମାଧବ ଜୀଉ କପର୍ଦ୍ଦି(ଜୁଆ)ଖେଳରେ ପରାଜିତ ହୋଇଥିବା ପ୍ରଥାକୁ ବହୁ ଶ୍ରଦ୍ଧାଳୁ ଉପଭୋଗ କରିଛନ୍ତି । ସେହିପରି ନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ସନ୍ଧ୍ୟାରେ ଗ୍ରାମ ବିଜେ କରିଥିଲେ । ଶ୍ରୀ ନୀଳମାଧବ ଜୀଉଙ୍କ ସମସ୍ତ ନୀତିକାନ୍ତି ଏବଂ ସକାଳ ଧୂପ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ସନ୍ଧ୍ୟାରେ ସୁଦର୍ଶନଙ୍କୁ ବିମାନରେ ବିଜେ କରାଯାଇ ଘଣ୍ଟ, ଘଣ୍ଟା, କାହାଳି, ମୃଦଙ୍ଗ ଆଦି ବାଜଣା ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା । କଥିତ ଅଛି, ବର୍ଷାଋତୁ ପରେ ଲୋକେ ଝାଡ଼ା, ଜ୍ୱର ଆଦି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି । ଏସବୁ ରୋଗରୁ ମୁକ୍ତି ତଥା ଲୋକଙ୍କୁ ସୁରକ୍ଷା ଦେବା ଲାଗି ଏଠାରେ ଶ୍ରୀ ନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନଙ୍କୁ ଗ୍ରାମ ପରିକ୍ରମା କରିବା ପରମ୍ପରା ବହୁ ପୂର୍ବରୁ ପ୍ରଚଳିତ । ଏହି ପର୍ବ ପରେ ଶ୍ରୀ ଜୀଉଙ୍କ କପର୍ଦ୍ଦି(କଉଡ଼ି) ପୂଜା ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ବଡ଼ସିଂହାର ସମୟରେ ଏହି କପର୍ଦ୍ଦି ପୂଜାର ବିଧି ରହିଛି । ଏହାପରେ ଠାକୁରଙ୍କ ଜୁଆଖେଳ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀ ଜୀଉଙ୍କ ମାଧ୍ୟମ ପୂଜାରୀ ରାସେଶ୍ୱର ମିଶ୍ର ଓ ପତ୍ରୀ ହୃଷୀକେଶ ମିଶ୍ରଙ୍କ ମଧ୍ୟରେ ଜୁଆଖେଳ ସମ୍ପନ୍ନ ହୋଇଥିଲା । ସୂଚନାଯୋଗ୍ୟ, ଏହି ଖେଳ ଲାଗି ଶ୍ରୀଜୀଉଙ୍କ ୨୧ଟି ରୁପାର କପର୍ଦ୍ଦି ରହିଛି । ଖଣ୍ଡପଡ଼ାର ବିଭିନ୍ନ ଅଞ୍ଚଳରେ ପୂଜା ପାଉଥିବା ଠାକୁରଙ୍କ ଏହି ନୀତିକୁ ଅନୁସରଣ କରି ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ଯୁବକ,ବୟସ୍କ ବ୍ୟକ୍ତି ଅହୋରାତ୍ର ଜୁଆ ଖେଳିଥାଆନ୍ତି । ଆଜିର ଦିନଟି ଜୁଆଖେଳ ପାଇଁ ପରମ୍ପରା ରହିଥିବାରୁ ଆମେ ଖେଳୁଛୁ ବୋଲି ଅନେକ ଯୁବକ ମତବ୍ୟକ୍ତ କରିଛନ୍ତି ।



**ଆୟୁଧ ସୁଦର୍ଶନଙ୍କ ଗ୍ରାମ ପରିକ୍ରମା**

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମିଳିଲା ମୃତଦେହ

**ଚଣ୍ଡିଖୋଲ/ଛତିଆ, ୯।୧୦ (ଡି.ଏନ.ଏ.):** ୩ ଦିନ ଧରି ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ଓଲର ଗ୍ରାମର ଭାଗ୍ୟଧର ବେହେରା(୪୦)। ରବିବାର ୧୬ନଂ.ଜାତୀୟ ରାଜପଥର ହନୁମାନ ହୋଟେଲ ପଛପଟେ ଥିବା ଜୋର ମଧରେ ତାଙ୍କ ମୃତଦେହ ଭାସୁଥିଲା। ଖବର ପାଇ ବୈରୀ ଥାନା ଅଧିକାରୀ ସଂଘମିତ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଭାଗ୍ୟଧର ଘରୁ ସାଇକେଲ ନେଇ ଆସିଥିବା ବେଳେ ଆଉ ଫେରି ନ ଥିଲେ। ଫଳରେ ତାଙ୍କ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କୁ ପାଇ ନ ଥିଲେ। ଶେଷରେ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ବଡ଼ଚଣା ଓ ଛତିଆ ମଧ ସ୍ଥଳ ହନୁମାନ ହୋଟେଲ ନିକଟରେ ସାଇକେଲ ଥିବା ଦେଖି ଖୋଜାଖୋଜି କରିବା ପରେ ମୃତଦେହ ମିଳିଥିଲା। ଏ ନେଇ ବୈରୀ ଥାନାରେ ଏକ ମାମଲା ନଂ.୮/୨୨ ରୁଜୁ ହୋଇଛି।

### ବଜ୍ରପାତରେ ଟ୍ରାନ୍ସଫର୍ମର ଜଳିଗଲା

**ଯାଜପୁର ଅଫିସ,୯।୧୦(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ କାଏମା ପଞ୍ଚାୟତରେ ରବିବାର ମଧାହ୍ନରେ ବଜ୍ରପାତ ଘଟି ଏକ ଟ୍ରାନ୍ସଫର୍ମର ଜଳିଯାଇଛି। କାଏମା ବଜାର ଉପରେ ୩ଟି ଟ୍ରାନ୍ସଫରମର ଲାଗିଥିବା ବେଳେ ସେଥିରୁ ଗୋଟିଏ ଶହେ କେଭିର ଟ୍ରାନ୍ସଫରମର ପୋଡି ଯାଇଥିବା ସେଠାକାର ବିଦ୍ୟୁତ୍ କର୍ମଚାରୀ ସୂଚନା ଦେଇଛନ୍ତି। ଫଳରେ କାଏମା ବଜାରର ଅଧାରୁ ଅଧିକ ବ୍ୟବସାୟୀ ଓ ସ୍ଥାନୀୟ ଗ୍ରାମର ଶହେରୁ ଅଧିକ ପରିବାର ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ସୋମବାର ଏସ୍‌ଡିଓ ଏହାର ତଦନ୍ତ କରିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଚିଠି କରିବେ ବୋଲି ସୂଚନା ଦେଇଛନ୍ତି। ତେବେ ଲୋକେ ଅନ୍ଧାରରେ ରହିଥିବାରୁ ଶୀଘ୍ର ଏହାର ମରାମତି କରିବାକୁ ଦାବି କରିଛନ୍ତି।

### ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

**ବ୍ରହ୍ମବରଦା,୯।୧୦(ଡି.ଏନ.ଏ.):** ରସୁଲପୁର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତସ୍ଥିତ ଖଣ୍ଡାସ ଛକ ଉତ୍କଳମଣି କ୍ଲବ ଆନୁକୂଲ୍ୟରେ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ପୂର୍ବତନ ସଭାପତି ଇନ୍ଦ୍ରମଣି ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପାଢ଼ୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ କାମଦେବ ଶତପଥୀ, ସମ୍ମାନିତ ଅତିଥିଭାବେ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ, ଅଧାପିକା ବନଲତା ଲେଙ୍କା, ଶିଶୁ ସାହିତ୍ୟିକ ନିମାଇଁ ଚରଣ ଦାସ ଓ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉତ୍କଳମଣି କ୍ଲବ ଓ ମଙ୍ଗରାଜପୁରର ଯୁବନେତା ହିମାଂଶୁ ନାୟକଙ୍କ ତରଫରୁ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। କ୍ଲବ ସଭାପତି ନିରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଧୀରେନ ମାହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରମୋଦ ମଳିକ, ସମ୍ପାଦକ ଅହିଂଶୁ ନାୟକ, କୋଷାଧକ୍ଷ ଦୀପକ ପାଣ୍ଡେ ସହଯୋଗ କରିଥିଲେ।

# ଭଙ୍ଗା ଆଜବେଷ୍ଟସ୍ ତଳେ କୋମଳମତି ଶିଶୁ

**ଯାଜପୁର ଅଫିସ/ପ୍ରୀତିପୁର (ଡି.ଏନ.ଏ.) ୯।୧୦**

ଯାଜପୁର ଜିଲାରେ ୨୬୦୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କେନ୍ଦ୍ର ରହିଛି । ସେଥିରୁ କେତେକ କେନ୍ଦ୍ର ଅତି ପୁରାତନ କ୍ଲବ ଘର ଓ ସ୍କୁଲ ତଥା ଅଙ୍ଗନୱାଡି କର୍ମୀଙ୍କ ଘରେ ଚାଲିଛି । ସେଥିମଧ୍ୟରୁ ଅଧିକାଂଶ ଅତି ବିପଦସଙ୍କୁଳ ବୋଲି ଅଭିଭାବକମାନେ କହିଛନ୍ତି । ସେଥିପାଇଁ ସେମାନେ ନିଜ ପିଲାମାନଙ୍କୁ ସେହି କେନ୍ଦ୍ରକୁ ପଠାଇବାକୁ ନାରାଜ ହେଉଛନ୍ତି। ସେଥିମଧ୍ୟରୁ ବିଞ୍ଝାରପୁର ବ୍ଲକରେ ନିଜସ୍ୱ ଗୃହ ନ ଥିବା ୧୪୧ଟି କେନ୍ଦ୍ରର ଦୟନୀୟ ସ୍ଥିତିକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ବ୍ଲକର କପିଳା ପଞ୍ଚାୟତ ସାମଲସାହିରେ ଏକ ଭଙ୍ଗା ଆଜବେଷ୍ଟସ ସ୍କୁଲ ବାରଣ୍ଡାରେ କୁନି କୁନି ପିଲାମାନେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି।

ବିଞ୍ଝାରପୁର ବ୍ଲକର ୨୯ ପଞ୍ଚାୟତରେ ମୋଟ ୨୯୫ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ମାତ୍ର ୧୫୪ କେନ୍ଦ୍ରର ନିଜସ୍ୱ ଘର ରହିଛି। ୪୮ କେନ୍ଦ୍ରର ଗୃହ ନିର୍ମାଣାଧୀନ ଅବସ୍ଥାରେ ରହିଥିବାବେଳେ ୧୮ କେନ୍ଦ୍ର ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ ହୋଇପାରୁ ନାହିଁ। ଏହି ୨୯୫ କେନ୍ଦ୍ରରେ ୭୧୮୮ ଜଣ ୬ ମାସରୁ ୩ ବର୍ଷର ଶିଶୁଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି । ୬୯୬୪ ଜଣ ୩ ବର୍ଷରୁ ୬ ବର୍ଷ ବୟସ୍କ ଶିଶୁଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଏହି କେନ୍ଦ୍ରଗୁଡିକୁ ପରିଚାଳନା ନିମନ୍ତେ ୧୩ ଜଣ ସୁପରଭାଇଜର ନିଯୁକ୍ତି ପାଇଛନ୍ତି। ସେଥିମଧ୍ୟରୁ ଜରି, ଫତେପୁର, ଜଗନ୍ନାଥପୁର ଓ ପ୍ରୀତିପୁର ସେକ୍ଟରର ସୁପରଭାଇଜର ପଦ ଖାଲି ରହିଛି। ଏହା ବ୍ୟତୀତ ୪ କେନ୍ଦ୍ରର କର୍ମୀ ଓ ୩ କେନ୍ଦ୍ରର ହେଲପର ପଦ ଖାଲି ରହିଛି। ଅପରପକ୍ଷେ ସରକାରଙ୍କ ତରଫରୁ ପ୍ରତ୍ୟେକ କେନ୍ଦ୍ରରେ ରନ୍ଧାଖାଦ୍ୟ ପ୍ରସ୍ତୁତ ନିମନ୍ତେ ଗ୍ୟାସ ସିଲିଣ୍ଡର ଓ ଚୂଲା କିଣିବାକୁ ୭ ହଜାର ୫ଶହ ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ଅଦ୍ୟାବଧି ଅଧିକାଂଶ କେନ୍ଦ୍ରରେ ଉପରୋକ୍ତ ସାମଗ୍ରୀ କିଣାଯାଇ ନ ଥିବା ଅଭିଯୋଗ ହୋଇଛି।

ରାଜ୍ୟ ଓ କେନ୍ଦ୍ର ସରକାର ପ୍ରାଥମିକ ଶିକ୍ଷାର ବିକାଶ ସହିତ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ନିମନ୍ତେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଙ୍ଗନୱାଡି କେନ୍ଦ୍ରର ବ୍ୟବସ୍ଥା କରିଛନ୍ତି। ଏହି କେନ୍ଦ୍ରରେ ଗର୍ଭସ୍ଥ ଶିଶୁଠାରୁ ଆରମ୍ଭ କରି ୬ ବର୍ଷ ହେବା ପର୍ଯ୍ୟନ୍ତ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଏଥି ସହିତ ୩ ବର୍ଷ ପରଠାରୁ ୬ ବର୍ଷ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା ପ୍ରଦାନ ଏହି କେନ୍ଦ୍ର ମାଧ୍ୟମରେ କରାଯିବାର ବ୍ୟବସ୍ଥା ରହିଛି। ମାତ୍ର କେତେକ କ୍ଷେତ୍ରରେ


ବିଞ୍ଝାରପୁର ବ୍ଲକ୍ କପିଳା ପଞ୍ଚାୟତ ସାମଲସାହିରେ ଏକ ଭଙ୍ଗା ଆଜବେଷ୍ଟସ ସ୍କୁଲ ବାରଣ୍ଡାରେ ପିଲା ପାଠ ପଢୁଛନ୍ତି।

ସରକାରୀ ଅଧିକାରୀଙ୍କ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ଯୋଜନାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରୁ ନ ଥାବ ମତ ପ୍ରକାଶ ପାଇଛି । ଏହାର ଉଦାହରଣ ଯାଜପୁର ଜିଲା ଅଧୀନ ବିଞ୍ଝାରପୁର ବ୍ଲକ୍‌ର ବିଭିନ୍ନ କେନ୍ଦ୍ରରେ ଦେଖିବାକୁ ମିଳିଛି। ଉକ୍ତ ବ୍ଲକ୍ ଅଧୀନ ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରରେ ନିଜର ସ୍ଥାୟୀ ଗୃହ ନାହିଁ । ଯେଉଁମାନଙ୍କ ଗୃହ ରହିଛି ସେମାନଙ୍କ ମଧ୍ୟରୁ କାହାର ବିଦ୍ୟୁତ୍ ସଂଯୋଗ ନାହିଁ ତ କାହାର ଶୌଚାଳୟ ନାହିଁ । ଏପରି କି ରୋଷେଇ ଘର ଏବଂ ପିଇବା ପାଣିର ବ୍ୟବସ୍ଥା ନାହିଁ। ଫଳରେ ପ୍ରାଥମିକ ଶିକ୍ଷାର ଏଣ୍ଟୁଡିଶାଳ କୁହାଯାଉଥିବା ଏହି କେନ୍ଦ୍ରମାନଙ୍କୁ ଶିଶୁମାନେ ଆସିବାକୁ ଅମଙ୍ଗ ହେଉଛନ୍ତି। ସୂଚନାଯୋଗ୍ୟ, ୨୦୧୨ ଜୁଲାଇ ପ୍ରଥମ ସପ୍ତାହରେ ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ସୁଆଁସାହି ପ୍ରାଥମିକ ସ୍କୁଲ ପରିସରରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରର କାନ୍ଥ

### ଯାଜପୁର ଜିଲାରେ ୨୬୦୦ ଅଙ୍ଗନୱାଡି କେନ୍ଦ୍ର

ଭାଙ୍ଗି ୭ କୋମଳମତି ଶିଶୁଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ୫ଜଣ ଗୁରୁତର ଆହତ ହୋଇଥିଲେ । ଏହି ଘଟଣା ପରେ ସରକାର ଚେଇଁ ଉଠିଥିଲେ । ଏହାପରେ ବିପଦସଙ୍କୁଳ କେନ୍ଦ୍ରଗୁଡିକୁ ଚିହ୍ନଟ କରିବାକୁ ସରକାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ଷାଋତୁରେ କଚା କିମ୍ବା ବିପଦସଙ୍କୁଳ ଘରେ ଅଙ୍ଗନୱାଡି କେନ୍ଦ୍ର ନ ଚଳାଇବାକୁ ସମସ୍ତ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ଯେଉଁଠି ଘର ନାହିଁ ସେଇଠି ଅବା ଖୋଲା ଆକାଶ ତଳେ ସେହି ଛୋଟ ଛୋଟ ପିଲାମାନଙ୍କୁ ନେଇ ପ୍ରିସ୍କୁଲ ଚଳାଇବା ଏବଂ ପୁଷ୍ଟିକର ଖାଦ୍ୟ ବଣ୍ଟନ କରିବାକୁ ଅଙ୍ଗନୱାଡି କର୍ମୀମାନେ ବାଧ୍ୟ ହେଉଛନ୍ତି ।

ଏ ସମ୍ପର୍କରେ ବିଞ୍ଝାରପୁର ସିଡିପିଓ ରୁକ୍ମଣୀ ସାହୁଙ୍କୁ ପଚାରିବାରୁ ମିଳିଥିବା ଟଙ୍କାରେ ୨ ଗ୍ୟାସ୍ ସିଲିଣ୍ଡର ଓ ଚୂଲା କିଣିବା ସମ୍ଭବ ହେଉନାହିଁ। ତେଣୁ ଆବଶ୍ୟକ ଅର୍ଥ ସରକାର ଯୋଗାଇଦେଲେ ସେହି ସାମଗ୍ରୀ କିଣାଯିବ। ତେବେ ତାଙ୍କ ଅଧୀନରେ ଥିବା ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ କୌଣସି କେନ୍ଦ୍ର ବିପଦ ସଙ୍କୁଳ ଅବସ୍ଥାରେ ନାହିଁ ବୋଲି ସେ କହିଛନ୍ତି।



ବିଧାୟକଙ୍କ ସହ କର୍ମୀମାନେ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରୁଛନ୍ତି।

# କୋରେଇ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପାଣିକୋଇଲି,୯।୧୦ (ଡି.ଏନ.ଏ.)**

କୋରେଇ ବିଜୁ ଜନତା ଦଳ ପକ୍ଷରୁ ରବିବାର ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା କରଦା ପଞ୍ଚାୟତର କରଦା ହରିହାଟ ପଡ଼ିଆରୁ ଆରମ୍ଭ ହୋଇ ଭକଣ୍ଡରୀ ସମବାୟ ସମିତି ପରିସରରେ ଶେଷ ହୋଇଥିଲା। ଏହାକୁ କୋରେଇ ବିଧାୟକ ଅଶୋକ କୁମାର ବଳ ଉଦ୍‌ଘାଟନ କରିଥିଲେ। ଜିଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ, ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଯେନା, ବ୍ଲକ୍ ଅଧକ୍ଷା ଜୟନ୍ତୀ ଦଳାଇ, ଉପାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, କରଦା ସମିତିସଭ୍ୟା ପଙ୍କଜିନୀ ସାହୁ, ସରପଞ୍ଚ ଅନିମା ମଲିକ, ଗଣେଶ ସାହୁ, ଜିଲା ପରିଷଦ ସଭ୍ୟ ଉମାକାନ୍ତ ମାଝି ଓ ସସ୍ମିତା ତରାଇ, ଜିଲା ଯୁବ ସଭାପତି ପ୍ରତାପ ମହାନ୍ତି, ବ୍ଲକ ଯୁବ ସଭାପତି ସୌଭାଗ୍ୟ ମହାନ୍ତି, ସୁଧାଂଶୁ ବରାଳ, ତାରକେଶ୍ୱର ମହାନ୍ତି, ସନ୍ତୋଷ ବେହେରା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସଭାପତି, ଯୁବ ସଭାପତି, ମହିଳା ସଭାପତି, ଛାତ୍ର ସଭାପତିଙ୍କ ସମେତ ଶତାଧିକ ମହିଳାପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଏକାଧିକ ବିଲ୍ କରି ଅର୍ଥ ଆତ୍ମସାତ୍

**ଯାଜପୁର ସଦର,୯।୧୦(ଡି.ଏନ୍.ଏ)**

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କଲ୍ୟାଣ ମଣ୍ଡପ ନିର୍ମାଣ

ଯାଜପୁର ଜିଲା ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ପରିସର କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)ରେ ଏକାଧିକ ବିଲ କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଶ୍ରମିକଙ୍କ ନାମରେ ଜାଲ ମଷ୍ଟରରୋଲ ପ୍ରସ୍ତୁତ ହୋଇ ମେଶିନରେ କାମ କରି ବିଭାଗୀୟ କର୍ମଚାରୀ ମାଲାମାଲ ହୋଇଛନ୍ତି। ତେବେ ଏହି ଅଭିଯୋଗକୁ ପଞ୍ଚାୟତ କର୍ତ୍ତୃପକ୍ଷ ଖଣ୍ଡନ କରିବା ସହ ଆଇନ ଅନୁଯାୟୀ କାମ ଚାଲିଥିବା ପ୍ରକାଶ କରିଛନ୍ତି।

ସରକାର ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ବାର୍ଷିକ ଶହେ ଦିନର କାମ ଦେବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଶ୍ରମିକମାନେ ଆବେଦନ କରିବା ସତ୍ତ୍ୱେ କାମ ନ ମିଳିଲେ ଦାୟିତ୍ୱରେ ଥିବା ଅଧିକାରୀ ଜରିମାନ ଦେବାର ବ୍ୟବସ୍ଥା ରହିଛି। ମାତ୍ର କେତେକ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ଅସାଧୁ ମେଣ୍ଟ ଯୋଗୁ ଏହି ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଶ୍ରମିକମାନଙ୍କ ବଦଳରେ ମେଶିନରେ କାମ କରିବା, ଜାଲ ମଷ୍ଟରରୋଲ ମାଧ୍ୟମରେ ଶ୍ରମିକଙ୍କ ନାମରେ ଅର୍ଥ ଆତ୍ମସାତ୍ କରିବା, ଗୋଟିଏ କାର୍ଯ୍ୟକୁ ନାମ ବଦଳାଇ ଏକାଧିକ ଥର ଅର୍ଥ ଉଠାଣ କରିବା ବଳି ବହୁ ଅଭିଯୋଗ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ବର୍ଷରେ ୨ ଥର ପଞ୍ଚାୟତ ଓ ବ୍ଲକସ୍ତରରେ ସାମାଜିକ ସମୀକ୍ଷାର ବ୍ୟବସ୍ଥା ରହିଥିବାବେଳେ ତାହା ମଧ କାଗଜ ପତ୍ରରେ ସୀମିତ ରହୁଛି। ଫଳରେ ଏହି ଯୋଜନା କେତେକ କ୍ଷେତ୍ରରେ ଲକ୍ଷ୍ୟ ଭ୍ରଷ୍ଟ ହେଉଛି, ଯାହାର ଉଦାହରଣ ଦଶରଥପୁର ବ୍ଲକ ଅଧୀନ ଖଣ୍ଡରା ପଞ୍ଚାୟତରେ ଦେଖିବାକୁ ମିଳିଛି ।

ଜିଲା ସଦର ମହକୁମା ତଥା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨ କିମି ଦୂର ଉକ୍ତ ପଞ୍ଚାୟତସ୍ଥ କାର୍ଯ୍ୟାଳୟ ପରିସରରେ ଥିବା କଲ୍ୟାଣ ମଣ୍ଡପ ପରିସର ଉନ୍ନତିକରଣ ନାମରେ ଏକାଧିକ ଥର ବିଲ୍ ଉଠାଣ ହୋଇଥିବା ଅଭିଯୋଗ ହେଉଛି। ୨୦୧୯-୨୦ରେ ୱାର୍କ କୋଡ୍ ନଂ. ୨୪୨୦୦୦୬୦୦୭/ଏଭି/୧୦୩୮୫୮୦୯ ରେ କଲ୍ୟାଣ ମଣ୍ଡପ ପରିସର ଉନ୍ନତିକରଣ କାର୍ଯ୍ୟ କରାଯିବା ସହିତ ଏହି କାମରେ ୪୧୬ ଜଣ ଶ୍ରମିକ ନିୟୋଜିତ ହୋଇଥିବା ଦର୍ଶାଯାଇଛି। ଏଥିରେ ୮୬ ହଜାର ୧୧୨ ଟଙ୍କା ବିଲ୍ ହୋଇଥିଲା। ପୁଣିଥରେ ୨୦୨୦-୨୧ରେ କଲ୍ୟାଣ ମଣ୍ଡପ ପରିସର ଉନ୍ନତିକରଣ ନିମନ୍ତେ ୱାର୍କ କୋଡ ନଂ.୨୪୨୦୦୦୬୦୦୭/ଏଭି/୧୦୪୫୦୨୫୨ ରେ ୧୮୯୨ ଜଣ ଶ୍ରମିକ ନିୟୋଜିତ ହୋଇଥିବା ଦର୍ଶାଯିବା ସହିତ ୪ ଲକ୍ଷ ୩୫ ହଜାର ୪୨୧ ଟଙ୍କା ବିଲ୍ ହୋଇଥିଲା। ସେହିପରି ୨୦୨୨-୨୩ ରେ କଲ୍ୟାଣ ମଣ୍ଡପ ପରିସର ଉନ୍ନତିକରଣ ନିମନ୍ତେ ୱାର୍କ କୋଡ ନଂ. ୨୪୨୦୦୦୬୦୦୭/ଏଲଡି/୧୦୬୮୪୧୨୫ ରେ ୮୧୩ ଜଣ ଶ୍ରମିକ କାର୍ଯ୍ୟ କରିଥିବା ଦର୍ଶାଯିବା ସହିତ ୧ ଲକ୍ଷ ୭୮ ହଜାର ୨୬୬ ଟଙ୍କା ବିଲ୍ ହୋଇଛି। ମାତ୍ର ଗ୍ରାମ ପଞ୍ଚାୟତ କିମ୍ବା କଲ୍ୟାଣ ମଣ୍ଡପ ପରିସରରେ ମାଟି କାମ କରିବା ପାଇଁ ସ୍ଥାନର ଅଭାବ ରହିଥିବାବେଳେ କଲ୍ୟାଣ ମଣ୍ଡପର ପାର୍ଶ୍ୱରେ ଚଳିତ ବର୍ଷ ୫୦ରୁ ୬୦ ଟ୍ରାକ୍ଟର ୫ମାଟି ପକାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏହି କାମରେ ପ୍ରକୃତରେ କୌଣସି ଶ୍ରମିକ ନିୟୋଜିତ ହୋଇ ନ ଥିଲେ । ଶ୍ରମିକଙ୍କ ନାମରେ ଜାଲ ମଷ୍ଟରରୋଲ ପ୍ରସ୍ତୁତ କରି ଅର୍ଥ ଆତ୍ମସାତ୍ କରାଯାଇଥିବା ପଞ୍ଚାୟତବାସୀଙ୍କ ତରଫରୁ ଅଭିଯୋଗ ହୋଇଛି। ତେଣୁ ପଞ୍ଚାୟତରେ ଚାଲିଥିବା ଏଭଳି ଅନିୟମିତତା ସମ୍ପର୍କରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜନସାଧାରଣ ଦାବି କରିଛନ୍ତି ।

### ନିଉ ସିଆରିଆ କଲୋନୀରେ ମହମ୍ମଦଙ୍କ ଜୟନ୍ତୀ

**କଳିଙ୍ଗନଗର,୯।୧୦ (ଡି.ଏନ.ଏ.)**

କଳିଙ୍ଗନଗରର ନିଉ ସିଆରିଆ କଲୋନୀ ତ୍ରିଜଙ୍ଗାରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୭ଟାରୁ ମୁସଲିମ ସମ୍ପ୍ରଦାୟର ଲୋକେ ଅଲିଆ ମସଜିଦରେ ପହଞ୍ଚିଥିଲେ। ପରେ ସେଠାରୁ ଏକ ଶୋଭାଯାତ୍ରାରେ ଗାଁ ଓ ଦାନଗଦି ବଜାର ପରିକ୍ରମା କରି ମହାପୁରୁଷ ମହମ୍ମଦଙ୍କ ବାର୍ତ୍ତା ପ୍ରଚାର କରିଥିଲେ। ପରେ ଶୋଭାଯାତ୍ରା ଗସିଆ ମସଜିଦଠାରେ ପହଞ୍ଚିଥିଲା। ସେଠାରେ ସମୂହ ନମାଜ ପାଠ କରାଯାଇଥିଲା। ଭାଇଚାରା ରକ୍ଷା କରି ଶତାଧିକ ମୁସଲିମ ସମ୍ପ୍ରଦାୟ ଲୋକେ ଏକତ୍ରିତ ହୋଇ ଏହି ପର୍ବକୁ ବେଶ ଉତ୍ସାହର ସହିତ ପାଳନ କରିଥିଲେ ।

### ଉତ୍କଳମଣିଙ୍କ ଜୟନ୍ତୀ ପାଳିତ

**ଧର୍ମଶାଳା,୯।୧୦ (ଡି.ଏନ.ଏ.)**

ଧର୍ମଶାଳା ସଂସ୍କୃତି ପରିଷଦ ଓ ଉତ୍କଳମଣି ଗୋପବନ୍ଧୁ ସେବା ସଂଘ ଜାରକା ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ ସିଭିକ ସେଣ୍ଟର ପରିସରରେ ରବିବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍ସବକୁ ଅବସରପ୍ରାପ୍ତ ପ୍ରଫେସର ଡ. ନଟବର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ତଥା ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ପ୍ରଫେସର ଶତପଥୀ ପ୍ରତ୍ୟେକ ଓଡ଼ିଆଙ୍କ ବୁନିଆଦି ଓ ସ୍ୱାଭିମାନ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ଜେନା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ପ୍ରବୋଧ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପବନ୍ଧୁଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ସାଇକୃପା, ଋତୁପର୍ଣ୍ଣା ଓ ସମ୍ପୂର୍ଣ୍ଣା ତ୍ରିପାଠୀ ଗାନ କରିଥିଲେ। ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ମାଧୁରୀ ଶତପଥୀ, ମିନତି ସାହୁ ଓ ତପନ କିଶୋର ଷଡ଼ଙ୍ଗୀ ଭଜନ ପରିବେଷଣ କରିଥିଲେ। ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି, ପ୍ରଶଂଶା ପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସହସମ୍ପାଦକ ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

# ଚାଷୀ ଶୂନ୍ୟ କୃଷକ ପରିବା ହାଟ

**ରସୁଲପୁର,୯।୧୦(ଡି.ଏନ.ଏ.)**

- ଆମଦାନୀ ପରିବାରେ ଚାଲିଛି ଦୈନିକ ପରିବା ପରିବହନ କେନ୍ଦ୍ର
- ବ୍ୟବସାୟୀ କରୁଛନ୍ତି ଦର ନିୟନ୍ତ୍ରଣ
- ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗସ୍ଥିତ ବିଜୁ ପରିବା ପରିବହନ କେନ୍ଦ୍ର ନାମରେ ଦୈନିକ କୃଷକ ପରିବାହାଟ ବସୁଛି। ହେଲେ ଏହି ପରିବାହାଟ ଏବେ ଚାଷୀଶୂନ୍ୟ ହୋଇପଡ଼ିଛି। ଫଳରେ ହାଟଟି ବ୍ୟବସାୟୀଙ୍କ ଦ୍ୱାରା ବାହାରୁ ଆମଦାନୀ କରାଯାଉଥିବା ପରିବାରେ ଚାଲିଛି। ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ କାଁଭାଁ ହାଟକୁ ଆସୁଛି। ହେଲେ ସେମାନଙ୍କୁ ବ୍ୟବସାୟୀ ହାଟରେ ପ୍ରବେଶ କରିବାକୁ ଦେଉନାହାନ୍ତି। ବାଟରୁ ସେମାନଙ୍କଠାରୁ ପରିବା କିଣି ଆଣି ହାଟରେ ବିକ୍ରି କରି ଲାଭାବାନ ହେଉଛନ୍ତି। ତେଣୁ ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଗଲେ ଚାଷୀଙ୍କୁ ଉଚିତ ମୂଲ୍ୟ ମିଳିବ ବୋଲି କୁହାଯାଉଛି।

ରସୁଲପର ବ୍ଲକ ଅଧୀନ ବାରବାଟୀ, ଓଡ଼ିଶୋ, କଲଣ, ଜାବରା, ଶ୍ରୀବନ୍ତପୁର, ରାଜେନ୍ଦ୍ରପୁର, ପ୍ରଥମାଖଣ୍ଡି, ବଡ଼କଇଞ୍ଚ, ଗନ୍ଧଣ, ଟିକରପଡ଼ା, ଭୋଟକା, ରସୁଲପୁର ଓ ଧର୍ମଶାଳା ବ୍ଲକ ଅଧୀନ ମଙ୍ଗଳପୁର, ଚୋରମୁହାଁ, କବାଟବନ୍ଧ, ମର୍ଜିତାପୁର, ରାଇଛନ୍ଦା, ଦେଓଦା, ଜେନାପୁର, ପନ୍ତୁରୀ, ଜାରକା, କୁମାରୀ ଆଦି ପଞ୍ଚାୟତ ପରିବା ଉତ୍ପାଦନ କ୍ଷେତ୍ରରେ ବିଶେଷ ଅବଦାନ ରହିଛି। ଏସବୁ ପଞ୍ଚାୟତ ମଧ୍ୟରୁ କେତେକ ବ୍ରାହ୍ମଣୀ ଓ ଆଉ କେତେକ ଖରସ୍ରୋତା ନଦୀ ଅବବାହିକାରେ ଅବସ୍ଥିତ ରହିଛି। ନଦୀ ଅବବାହିକାରେ ଅବସ୍ଥିତ ପଞ୍ଚାୟତଗୁଡ଼ିକ ମଧ୍ୟରୁ ୧୦ହଜାର ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ନଦୀ କୂଳ ଓ ପଠାରେ ଅବସ୍ଥିତ। ଏସବୁ ଜମିରେ ଅଧିକ ପରିମାଣର ବିଭିନ୍ନ କିସମର ପନିପରିବା ଚାଷ ହେଉଛି। ଅଞ୍ଚଳର ଚାଷୀ ସେମାନଙ୍କ ଉତ୍ପାଦିତ ପନିପରିବାକୁ ବିକ୍ରି ପାଇଁ ଓଡ଼ଙ୍ଗ ପରିବାହାଟ ଉପରେ ନିର୍ଭର କରୁଛନ୍ତି। ଖରିଫ ଋତୁ ଶେଷ ଆଡକୁ ବର୍ଷାଦିନିଆ ଫସଲ ଭାବେ ଜହ୍ନି, କାକୁଡି, ଝୁଡ଼ଙ୍ଗ, କଖାରୁ, ଛଚିନ୍ଦ୍ରା, ପୋଟଳ, କଲରା ଆଦି ପରିବା ଫସଲ ଚାଷ କରାଯାଇଥିଲା। ପ୍ରତିକୂଳ ପାଣିପାଗ ଓ ବର୍ଷାରେ ଅନିୟମିତତା ଯୋଗୁ ବହୁ ପରିବା ଫସଲ ନଷ୍ଟ ହୋଇଗଲା। କାଁଭାଁ ବଞ୍ଚିଛି। ସେଥିରୁ ଉତ୍ପାଦନ ହେଉଥିବା ପରିବା ହାଟକୁ ଆସିପାରୁ ନାହିଁ। ପରିବା ଉତ୍ପାଦନର ନିଅଣ୍ଟିଆ ସ୍ଥିତି ଯୋଗୁଁ ଏବେ ବ୍ୟବସାୟୀ ଗାଁଗଣ୍ଡା ବୁଲି ପରିବା ସଂଗ୍ରହ କରୁଛନ୍ତି। କେତେକ ଚାଷୀ କ୍ଷେତରୁ ତୋଳିଥିବା ପରିବାକୁ ନେଇ ହାଟକୁ ଆସୁଥିବାବେଳେ ବାଟ ଓଗାଳୁଛନ୍ତି ବ୍ୟବସାୟୀ। ଚାଷୀଙ୍କ ଲାଭ ବ୍ୟବସାୟୀଙ୍କ ପକେଟକୁ ଯାଉଛି। ଏହାଛଡ଼ା ବ୍ୟବସାୟୀ ରାଜ୍ୟର ବିଭିନ୍ନ ଜିଲା ଓ ବାହାର ରାଜ୍ୟର ରାଞ୍ଚି, ନାଗପୁର, ନାଶିକ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ବେଙ୍ଗାଲୁର ଆଦି ସ୍ଥାନରୁ ପନିପରିବା ଆମଦାନୀ କରୁଛନ୍ତି। ତାହା ଏଠାରେ ବିକ୍ରି ହେଉଛି। ବ୍ୟବସାୟୀ ବାହାର ରାଜ୍ୟର ପନିପରିବାକୁ ଚଢା ଦରରେ ବିକ୍ରିକରି ଲାଭାବନ ହେଉଥିବା ବେଳେ ଖାଉଟିଙ୍କ ଉପରେ ଦରଦାମ୍ ବୋଝ ବଢିବାରେ ଲାଗିଛି। କୃଷକ ପରିବା ପରିବହନ କେନ୍ଦ୍ରର ଦରକୁ ବ୍ୟବସାୟୀ ନିୟନ୍ତ୍ରଣ କରୁଛନ୍ତି। ତେଣୁ ନିୟନ୍ତ୍ରିତ ବଜାର କମିଟି, ହାଟ ପରିଚାଳନା କମିଟି ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ କରିବା କ୍ଷେତ୍ରରେ ପ୍ରାଧାନ୍ୟ ଦେବାକୁ ଚାଷୀ ଓ ଚାଷୀ ସଙ୍ଗଠନର ପକ୍ଷରୁ ଦାବି କରାଯାଇଛି।


ହାଟରେ ପରିବା ବିକ୍ରି କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଅକ୍ଟୋବର, ୨୦୨୨



# ନୟାଗଡ଼ରେ ମା’ ଗଜଲକ୍ଷ୍ମୀ


ନୂଆଗାଁ ପୋଖରୀ ସାହି


ଜୁବ୍‌ଲି ମାର୍କେଟ


ନୟାଗଡ଼ ପୁରୁଣା ସହର


ଦଶପଲ୍ଲା ତଳବଜାର


କଷ୍ଟିଲୋ


ପାର୍କଲେନ୍


ରାଜାବଗିଚା


କଚେରୀବଜାର


ଓମେନ୍ସ କଲେଜ ଲେନ୍

## ଗଜଲକ୍ଷ୍ମୀ ପୂଜା ପାଇଁ ଝଲସୁଛି ନୟାଗଡ଼

**ନୟାଗଡ଼ ଅଫିସ,୯।୧୦:** ମା’ଦୁର୍ଗାଙ୍କ ବିଦାୟ ପରେ ଧରାବତରଣ କରିଛନ୍ତି ଧନଦାତ୍ରୀ ମହାଲକ୍ଷ୍ମୀ । ମା’ଲକ୍ଷ୍ମୀଙ୍କ ଆଗମନରେ ନୟାଗଡ଼ ସଦର ମହକୁମା ସମେତ ଜିଲାର ୮ ବ୍ଲକ ଓ ୫ ସହରାଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି । ସବୁଠି ଚାଲିଛି ଧନ ଓ ଐଶ୍ବର୍ଯ୍ୟର ଦେବୀ ମା’ଲକ୍ଷ୍ମୀଙ୍କ ଆବାହନ । ମନ୍ତ୍ର, କର୍ମକାଣ୍ଡରେ ପୂଜା ମଣ୍ଡପ ପ୍ରକମ୍ପିତ । ନୟାଗଡ଼ ମ୍ୟୁନିସିପାଲିଟିର ରାଜବଗିଚା ଲକ୍ଷ୍ମୀବଜାର, ପାର୍କ ଲେନ, କଚେରୀ ବଜାରରେ ସାର୍ବଜନିନୀ ଗଜଲକ୍ଷ୍ମୀ ମେଢ଼, ଜବୁଲି ମାର୍କେଟ, ଆରଏମ୍‌ସି ମାର୍କେଟ, ଓମେନ୍ସ କଲେଜ ଲେନରେ ମା’ଗଜଲକ୍ଷ୍ମୀ ପୂଜା କମିଟି ଓ ପାଟଚଣ୍ଡୀ ମନ୍ଦିର କଲୋନୀ ପକ୍ଷରୁ ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି । ସେହିପରି ନୟାଗଡ଼ ସହରର ପୁରୁଣାସହର ସ୍ଥିତ ଜଗନ୍ନାଥ ମନ୍ଦିର ପାଖରେ ଶ୍ରୀ ଭଗବତ ଜୀଉଙ୍କ ଘରେ ଅନୁରୂପ ଭାବେ ଗଜଲକ୍ଷ୍ମୀ ମେଢ଼ ହୋଇଛି । ନୟାଗଡ଼ ବ୍ଲକର ବାଉଁଶିଆପଡା ଜଗନ୍ନାଥସାହି, ଗମ୍ଭାରଡିହିର ଦେଉଳି, ଲାଉସେଣା, ଗୋବିନ୍ଦପୁର, ଶୁକଳଗାଡିଆ, ଖେଡପଡା, ଗୋଡିସାହି, ଖମାରସାହି, ସାନପଣ୍ଡୁସରରେ ଅନୁରୂପ ଭାବେ ମେଢ଼ରେ ମା ପୂଜା ପାଉଛନ୍ତି । ତେବେ ବର୍ଷ ପୂଜାର ମଜା ଛଡାଇ ନେଇଛି । ନୂଆଗାଁ ବ୍ଲକର ଆଖପାଖ ଅଞ୍ଚଳ ଗଜଲକ୍ଷ୍ମୀ ପୂଜାକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି । ନୂଆଗାଁ ବ୍ଲକର ବାହାଡାଝୋଲା, ନୂଆଗାଁ ବଡସାହି ଓ ପୋଖରୀସାହି, ନୂଆଗାଁ ବ୍ଲକ ଛକରେ ପୂଜା ହେଉଛି । ବର୍ଷା ସତ୍ତ୍ୱେ ପୂଜାକୁ ଉପଭୋଗ କରୁଛନ୍ତି ଭକ୍ତ । ଦଶପଲ୍ଲା ବ୍ଲକ ଓ ଦଶପଲ୍ଲା ଏନଏସିର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ମହା ସମାରୋହରେ ପାଳିତ ହୋଇଛି । ମେଡିକାଲ ଛକ ସ୍ଥିତ ଲକ୍ଷ୍ମୀବଜାର, ସାତପାଟଣାସ୍ଥିତ ଲକ୍ଷ୍ମୀବଜାର କୁଆଁରିଆଁ ଛକରେ ଭିଡ ଅଧିକ ଦେଖା ଦେଇଛି । ଏ ଅବସରରେ ସଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି ।

# ହବିଷିଆଳିଙ୍କ ପାଇଁ ଷ୍ଟେଶନରେ ଭିଡ଼

ନୟାଗଡ଼ ଅଫିସ,୯।୧୦

ସୋମବାର କାର୍ତ୍ତିକ ମାସର ପ୍ରଥମ ଦିନ । ଏଣୁ ମାସ ଆରମ୍ଭ ନ ହେଉଣୁ ପୁରୀ ଯିବା ପାଇଁ ନୟାଗଡ଼ ଟାଉନ ଷ୍ଟେଶନରେ ହବିଷିଆଳି ଓ ବନ୍ଧୁ ପରିଜନଙ୍କ ଭିଡ଼ ରବିବାର ପରିଲକ୍ଷିତ ହୋଇଥିଲା । ଆଗାମୀ ଦିନରେ ଏହି ଭିଡ଼ ଆହୁରି ଅଧିକ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଏକାଧିକ ଟ୍ରେନ ଚଳାଚଳର ଆବଶ୍ୟକତା ରହିଛି । ନୟାଗଡ଼ରୁ ସକାଳୁ ମାତ୍ର ଦୁଇଟି ଟ୍ରେନ ଚଳାଚଳ କରୁଛି । ସକାଳ ୬ଟା ୪୫ରେ ଟ୍ରେନ ନଂ-୧୮୪୨୪ ସେବା ଏକ୍ସପ୍ରେସ ନୟାଗଡ଼ ଟାଉନରୁ ଭୁବନେଶ୍ୱର ଯାଉଥିବା ବେଳେ ଅନ୍ୟ ଟ୍ରେନଟି (ନଂ-୦୮୪୨୪) ନୂଆଗାଁ ରୋଡ଼ରୁ ପୁରୀ ଅଭିମୁଖେ ସକାଳ ୬ଟା ୩୦ରେ ନୂଆଗାଁରୁ ବାହାରି ନୟାଗଡ଼ରେ ୭.୧୦ରେ ପହଞ୍ଚି ୭.୧୨ରେ ପୁରୀ ଯାଉଛି । ଅନ୍ୟପକ୍ଷରେ ଯାତ୍ରୀମାନେ ଏବେ ବସ ପରିବର୍ତ୍ତେ ଟ୍ରେନରେ ଯିବା ପାଇଁ ଅଧିକ ପସନ୍ଦ କରୁଛନ୍ତି । ନୟାଗଡ଼ରୁ ଭୁବନେଶ୍ୱର ଯିବା ପାଇଁ ବସରେ ୧୨୦ରୁ ୧୫୦ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଟ୍ରେନରେ ମାତ୍ର ୪୫ଟଙ୍କାରେ ଭୁବନେଶ୍ୱର ଯାଇ ହେଉଛି । ସେହିପରି ଦଶପଲ୍ଲା ନୂଆଗାଁ ଅଞ୍ଚଳରୁ ପୁରୀ ଯାଉଥିବା ଯାତ୍ରୀମାନେ ୨୦୦ରୁ ୨୫୦ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ନାନା ଅସୁବିଧାରେ ପୁରୀ ଯାଉଥିବା ବେଳେ ଟ୍ରେନରେ ମାତ୍ର ୫୫/୬୦ ଟଙ୍କାରେ ଆରାମରେ ପୁରୀ ଯାଇ ହେଉଛି । ଏଣୁ ନୂଆଗାଁରୁ ବାହାରୁଥିବା ଟ୍ରେନରେ ନୂଆଗାଁ ଅଞ୍ଚଳ ସମେତ ଦଶପଲ୍ଲା,ବାଣିଗୋଚ୍ଛା,ଟାକରା,ମଧ୍ୟଖଣ୍ଡ ଓ ଆଖପାଖ ଅଞ୍ଚଳର ଲୋକମାନେ ଭିଡ଼ ଜମାଇଥାନ୍ତି । ଏହି ସବୁ ରୁଟରେ ଅଧିକ ଟ୍ରେନ ଚଳାଚଳ କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଉଥିବା ବେଳେ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଗତ ରବିବାର ନୟାଗଡ଼ ଟାଉନ ଷ୍ଟେଶନଠାରେ ଧାରଣା ଦିଆଯାଇଥିଲା । ନୟାଗଡ଼ରୁ ଭୁବନେଶ୍ୱର, ପୁରୀ,କଟକ,ବାଲେଶ୍ୱର


ପୁରୀ ଯିବା ପାଇଁ ନୟାଗଡ଼ ଷ୍ଟେଶନରେ ଯାତ୍ରୀଙ୍କ ଭିଡ଼ ।

### କମ୍ ଖର୍ଚ୍ଚରେ ଯାତାୟତ ସୁବିଧା ନେଉଛନ୍ତି ଯାତ୍ରୀ

ଆଦି ସ୍ଥାନକୁ ଆହୁରି ଅଧିକ ଟ୍ରେନ ଚଳାଚଳର ଅବଶ୍ୟକତା ରହିଛି । ସେହିପରି କଲିକତା,ବିଶାଖାପାଟଣା, ଖଡ଼ଗପୁର ଆଦି ବାହାର ରାଜ୍ୟକୁ ଜିଲାରୁ ବହୁ ଲୋକ ବିଭିନ୍ନ କାର୍ଯ୍ୟରେ ଯିବା ଆସିବା କରୁଥିବା ବେଳେ ସ୍ଥଗିତ ରହିଥିବା ନୟାଗଡ଼-ଖଡ଼ଗପୁର ଟ୍ରେନକୁ ପୁନର୍ବାର ଚାଲୁ କରିବା ସହିତ ଏହି ରୁଟରେ ନୂଆ ଟ୍ରେନ ଚଲାଇବା ପାଇଁ ନାଗରିକ ମଞ୍ଚ ଦାବି କରିଥିଲା । ମାତ୍ର ଏ ପର୍ଯ୍ୟନ୍ତ ରେଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଧିରେ ଧିରେ ଲୋକଙ୍କ ଟ୍ରେନରେ ଯାତ୍ରା କରିବା ପାଇଁ ଆଗ୍ରହ ବଢୁଥିବା ବେଳେ ରେଳ ବିଭାଗ ଲୋକଙ୍କ ସୁବିଧା ଏବଂ ଆବଶ୍ୟକତାକୁ ହୃଦୟଙ୍ଗମ କରି ଅଧିକ ଟ୍ରେନ ଚଳାଚଳର ସୁବନ୍ଦୋବସ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଗଜଲକ୍ଷ୍ମୀ ପୂଜାରେ ରୋଗୀଙ୍କୁ ଫଳ ବଣ୍ଟନ

ଦଶପଲ୍ଲା,୯।୧୦(ଡି.ଏନ୍.ଏ.)

ରବିବାର ପବିତ୍ର ଗଜଲକ୍ଷ୍ମୀ ପୂଜା ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ ଅବସରରେ ଦଶପଲ୍ଲା ରୋଟାରୀ କ୍ଲବ୍ ତରଫରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ୍ ବଣ୍ଟନ କରାଯାଇଛି । ଏହି ଅବସରରେ ରୋଟାରିଆନ୍ ସନ୍ତୋଷ କୁମାର ସାହୁ, ଶିବକୁମାର ଅଗ୍ରୱାଲ୍ , ସୁନୀଲ୍ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ । ପରେ ସେମାନେ ରୋଗୀମାନଙ୍କ ଆରୋଗ୍ୟ କାମନା କରିଥିଲେ ।

## ଅକ୍ଟୋବର ୧୪ ଚାଷୀ ସମାବେଶ ସଫଳ କରିବାକୁ ଆହ୍ୱାନ

ନୟାଗଡ଼ ଅଫିସ,୯।୧୦

ଅକ୍ଟୋବର ୧୪ରେ ଭୁବନେଶ୍ୱରରେ ଚାଷୀ ସମାବେଶ ହେବ । ଏହି ସମାବେଶକୁ ସଫଳ କରିବାକୁ ରବିବାର ନୟାଗଡ଼ ବ୍ଲକର ଚମ୍ପତିପୁରରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲା ସଂଯୋଜକ ରଣଜିତ ଦଳବେହେରା, ଚମ୍ପତିପୁର ଚାଷୀନେତା ଧିରେନ ଦାସ, କଦଳୀବସ୍ତର ଗୋପିନାଥ ବେହେରା ପ୍ରମୁଖ ଏହି ସମାବେଶକୁ ପରିଚାଳନା କରିଥିଲେ । ୧୯ ଦଫା ଦାବି ପୂରଣ ନେଇ ୧୦ଦିନ ଧରି ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ । ଏଥିପାଇଁ ନୟାଗଡ଼ ଜିଲାରେ ଏକ ୨୦ ଜଣିଆ ଦଳ ଗଠନ କରାଯାଇଛି । ଏହି ଦଳ ଜିଲାର ବିଭିନ୍ନ ବ୍ଲକ୍‌ରେ ବୁଲି ଗତ ସେପ୍ଟେମ୍ବର ୧୯ରୁ ଚାଷୀ ସତ୍ୟାଗ୍ରହ ନେଇ ପ୍ରଚାର କରୁଛନ୍ତି । ଗାଁ ଗାଁରେ ସଭା କରାଯାଇ ଚାଷୀ ସଙ୍ଗଠନକୁ ସୁଦୃଢ଼ କରାଯାଉଛି । । ପ୍ରାଇସ୍, ପ୍ରେଷ୍ଟିଜ ଓ ପେନଶନ ଦାବିରେ ଚାଷୀମାନେ ସେମାନଙ୍କ ଆନ୍ଦୋଳନ ୧୨ ବର୍ଷ ହେଲା କରି ଆସୁଛନ୍ତି ।

## ଜେଲ ଗଲେ ଦୁଇ ଅଭିଯୁକ୍ତ

ନୟାଗଡ଼ ଅଫିସ,୯।୧୦

ଚୋରି ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଇଟାମାଟି ଥାନା ଲାଠିପଡ଼ା ଗାଁର ଚନ୍ଦନ ବେହେରା(୨୫) ଓ ଦୀପକ ବେହେରା(୩୦)ଙ୍କୁ ନୟାଗଡ ସବ୍‌ଜେଲକୁ ରବିବାର ପଠାଇ ଦିଆଯାଇଛି । ପୋଲିସ ସୂଚନା ଅନୁସାରେ ଗତ ୨ ତାରିଖ ରାତିରେ ଜେମାଦେଇପୁରପାଟଣା ଗାଁର ସୁଦର୍ଶନ ସାହୁଙ୍କ ରାଜପାଟଣା ବଜାରର ମିଠା ଦୋକାନରେ ପଶି ଉଭୟ ୩୫ ହଜାର ଟଙ୍କା ଲୁଟି ନେଇଥିଲେ । ସୁଦର୍ଶନଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୫୭/୨୨) ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

## ପୁରାତନ ପୋଖରୀର ନିର୍ମାଣାଧୀନ କାର୍ଯ୍ୟ ଭୁଶୁଡ଼ିଲା

ଦାରିଙ୍ଗବାଡ଼ି,୯।୧୦(ଡି.ଏନ୍.ଏ)

ଦାରିଙ୍ଗବାଡ଼ିର ସର୍ବପୁରାତନ ପୋଖରୀରେ ନିର୍ମାଣାଧୀନ କାର୍ଯ୍ୟ ଭୁଶୁଡ଼ିଯାଇଛି। ଅତି ନିମ୍ନମାନର କାର୍ଯ୍ୟ କରାଯାଉଥିବାରୁ ଭୁଶୁଡ଼ି ଯାଇଥିବା ଗ୍ରାମର ଓକିଲ ପ୍ରଦୀପ ସାହୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ଏ ନେଇ ପ୍ରଶାସନକୁ ଅବଗତ କରାଯାଇଥିଲା, ହେଲେ କେହି ଶୁଣିବା ପରିବର୍ତ୍ତେ ସେଠାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ, କିନ୍ତୁ ଏବେ ତାହା କୌଣସି କାର୍ଯ୍ୟକୁ ଆସିଲା ନାହିଁ ବୋଲି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗତ କିଛି ବର୍ଷ ତଳେ ଉକ୍ତ ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏବେ ଦୁଇଟି ପର୍ଯ୍ୟାୟରେ ୧୫ ଲକ୍ଷ ଟଙ୍କା ଅନୁଦାନରେ କାର୍ଯ୍ୟ କରାଯାଉଥିଲା। ପ୍ରଥମ ପର୍ଯ୍ୟାୟରେ ୫ଲକ୍ଷ ଟଙ୍କା ଅନୁଦାନରେ ଫେବର ବ୍ଲକ ପକାଯିବା ସହ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ହେଲେ ବର୍ଷା ଯୋଗୁ ଏବେ ଉକ୍ତ କାର୍ଯ୍ୟ ଧୋଇଯିବା ସହ ଏହା ନିମ୍ନକାର୍ଯ୍ୟ କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ଧୀରେନ ସେଠୀ କହିଛନ୍ତି, ପୂର୍ବରୁ କରାଯାଇଥିବା ପୁରୁଣା ପୋଖରୀ ୱାଲ୍ ଉପରେ ଫେବର ପଡିଥିଲା। ଉକ୍ତ ୱାଲ ଭୁଶୁଡ଼ିବା କାରଣରୁ ଏଭଳି ପରିସ୍ଥିତି ହୋଇଛି ବୋଲି ସେ କହିଛନ୍ତି।


ଭୁଶିଡ଼ି ପଡ଼ିଥିବା ଫେବର ବ୍ଲକ।

## ସଂକ୍ଷେପରେ

### ଜୀବନ ବିନ୍ଦୁ ପାଇଁ ପ୍ରସ୍ତୁତି ବୈଠକ

**କାଳିଆପାଣି,୯।୧୦(ଡି.ଏନ.ଏ.):** ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଓ ସୁକିନ୍ଦା ଖଣି ଅଞ୍ଚଳର ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ ରକ୍ତଦାନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୨ ପର୍ଯ୍ୟନ୍ତ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ଖଣି ଅଞ୍ଚଳରେ ମଧ ବହୁ କାର୍ଯ୍ୟକ୍ରମ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅକ୍ଟୋବର ୧୬ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସରେ ଏକ ସ୍ୱେଚ୍ଛାକୃତ ଦାନ ଶିବିର ଅନୁଷ୍ଠିତ ନିମନ୍ତେ ସ୍ଥିର କରାଯାଇଥିଲା। ଶ୍ରମିକ ନେତା ନାରାୟଣ ଚନ୍ଦ୍ରଧୀରଙ୍କ ଅଧକ୍ଷତାରେ ସୁକିନ୍ଦା ବ୍ଲକ୍ ଅଧକ୍ଷ ଦିବ୍ୟରଞ୍ଜନ ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦସଭ୍ୟା ଜେମା ଚାଖି, ବ୍ଲକ୍ ଉପାଧକ୍ଷା ଭାଗ୍ୟଶ୍ରୀ ରାଉତ, ଆଇନଜୀବୀ ବିବେକାନନ୍ଦ ବୋଷ, ପୂର୍ବତନ ବ୍ଲକ୍ ଅଧକ୍ଷା ଭଗବତୀ ମହାନ୍ତ, ବ୍ଲକ ଉପସଭାପତି ପ୍ରଭାତ ପ୍ରଧାନ, ସ୍ଥାନୀୟ ଜନପ୍ରତିନିଧି, ବିଜେଡି ସଂଗଠକ ଓ ବହୁ ନାରୀନେତ୍ରୀ ବୈଠକରେ ଉପସ୍ଥିତ ଥିଲେ।

### ଦାଦାବଟି ମାଗି ଯୁବକ ଗିରଫ

**କଟକ ଅଫିସ,୯।୧୦:** ଦାଦାବଟି ମାଗିବା ଅଭିଯୋଗରେ ଜଣେ ଯୁବକଙ୍କୁ ଲାଲବାଗ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ କନିକା ଛକରେ ରହୁଥିବା ଗଞ୍ଜାମ ଜିଲା ବିଜିପୁର କାଲୁଆସାହିର ଆଶିଷ ଭୂୟାଁ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ଥାନା କଲ୍ୟାଣପୁରର ସୁବାସ ବେହେରା ରବିବାର ନିଜ କାର୍ଯ୍ୟରେ ବାଲୁବଜାର ଆସିଥିଲେ। ସେହି ସମୟରେ ଆଶିଷ ଏକ ପାଇପ ଧରି ସୁବାସଙ୍କ ନିକଟକୁ ଆସି ଗାଳିଗୁଲଜ କରିବା ସହ ଦାଦାବଟି ମାଗିଥିଲେ। ସୁବାସ ମନା କରିବାରୁ ଜୀବନରୁ ମାରିଦେବାକୁ ସେ ଧମକ ଦେଇଥିଲେ। ଏଥିସହ ଆଶିଷ ଏକ ଧକ୍କା ମାରି ସୁବାସଙ୍କୁ ତଳେ ପକାଇଦେବା ସହ ହାତରେ ଧରିଥିବା କଳା ପାଇପରେ ପିଟିଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ପହଞ୍ଚି ସୁବାସଙ୍କୁ ଉଦ୍ଧାର କରିଥିଲେ।

### ଦେବୀ ନଦୀରୁ ଅଚିହ୍ନା ଯୁବତୀଙ୍କ ମୃତଦେହ ଜବତ

**ନିଆଳି, ୯।୧୦(ଡି.ଏନ୍.ଏ.):** ନିଆଳି ଥାନା ଅନ୍ତର୍ଗତ ଦେବୀ ନଦୀର ତିହୁଡି ଆଠମାଣିଆ ଘାଇ ନିକଟରୁ ଜଣେ ଅଚିହ୍ନା ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତଦେହ ଭାସୁଥିବା ଗ୍ରାମବାସୀ ଶନିବାର ଦେଖି ପୋଲିସକୁ ଖବର ଦେଇଥିଲେ। ମୃତ ଯୁବତୀଙ୍କ ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଗତମାସ ୧୨ ତାରିଖରୁ ଏହି ଥାନା ପୋଖରୀଗାଁ ଗଣ୍ଡକୂଳ ଗ୍ରାମର ସନ୍ତୋଷ ରାଉତଙ୍କ ଝିଅ ପ୍ରମୋଦିନୀ ରାଉତ(୨୪) ନିଖୋଜ ହୋଇଯାଇଛନ୍ତି। ଏ ନେଇ ୧୩ ତାରିଖରେ ନିଆଳି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୯/୨୨) ରୁଜୁକରି ତଦନ୍ତ ଚଳାଇଛି। ରବିବାର ଉକ୍ତ ମୃତଦେହ ଚିହ୍ନଟ ପାଇଁ ତାଙ୍କ ପରିବାର ଓ ବନ୍ଧୁବାନ୍ଧବ ଆସିଥିଲେ। ହେଲେ ମୃତଦେହ ପଚିଯାଇଥିବାରୁ ଚିହ୍ନଟ କରିପାରି ନ ଥିଲେ। ଏହାର ଡିଏନ୍ଏ ଟେଷ୍ଟ କରିବା ପାଇଁ ସେମାନେ ଦାବି କରିଥିଲେ। ପୋଲିସ ସ୍ଥାନୀୟ ମାଜିଷ୍ଟ୍ରେଟ୍ ବିଦ୍ୟାଧର ପତିଙ୍କ ଉପସ୍ଥିତିରେ ନିଆଳି ଶ୍ମଶାନରେ ମୃତଦେହ ପୋତି ଦେଇଥିଲା।

### ବଳଦ ଚାଲାଣବେଳେ କାର୍ ଦୁର୍ଘଟଣାଗ୍ରସ୍ତ
#### ୨ ବଳଦ ଉଦ୍ଧାର, ୨ ଗିରଫ

**ମଙ୍ଗୁଳି, ୯।୧୦(ଡି.ଏନ୍.ଏ.):** ବେଆଇନ ବଳଦ ଚାଲାଣ ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଜଗତ୍‌ପୁର ପୋଲିସ ଗିରଫ କରିଛି। ସେମାନେ ହେଲେ କଟକ ଲାଲବାଗ ଥାନା ଅଧୀନ ଓଡ଼ିଆ ବଜାର ଅଞ୍ଚଳର ଚାଳକ ମନୋଜ ରାମ ଓ ନଦିମ ଖାନ୍। ଅଭିଯୁକ୍ତ ଦ୍ୱୟ ଆଠଗଡରୁ ବଳଦ ଚୋରି କରି ଓଡ଼ିଆ ବଜାରକୁ ନେଉଥିଲେ। ହେଲେ ଶନିବାର ବିଳମ୍ବିତ ରାତିରେ ଜଗତ୍‌ପୁର ଥାନା ଗୋଲେଇ ଛକ ନିକଟ ଫୁଟ୍‌ପାଥରେ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ପହଞ୍ଚି କାର ଭିତରେ ବଳଦ ଦୁଇଟିକୁ ଅତି ଦୟନୀୟ ଭାବେ ବନ୍ଧା ଯାଇଥିବା ଦେଖିବାକୁ ପାଇଥିଲେ। ସେଠାରୁ ଅଭିଯୁକ୍ତ ଦ୍ୱୟ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଲୋକମାନେ କାବୁ କରିଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ ଥାନାକୁ ନେବା ସହ ବଳଦ ଦୁଇଟିକୁ ଜଗତ୍‌ପୁର ନୂତନ ଶିଳ୍ପାଞ୍ଚଳସ୍ଥିତ ଅନ୍ନପୂର୍ଣ୍ଣା ଗୋଶାଳାକୁ ପଠାଇଥିଲା।

# ସଦାନନ୍ଦପୁର ଗାଁରେ କୋଠି ପ୍ରତିଯୋଗିତା

## ୧୫୦ବର୍ଷର ପୁରୁଣା ପରମ୍ପରା ବଞ୍ଚାଇବାକୁ ପ୍ରୟାସ

**ରସୁଲପୁର, ୯।୧୦ (ଡି.ଏନ.ଏ.)**

ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ସଦାନନ୍ଦପୁର ଗାଁରେ ୧୫୦ବର୍ଷର ପୁରୁଣା ପରମ୍ପରା ପାଳିତ ହେଉଛି। ଏହି ପାରମ୍ପରିକ ପ୍ରଥାନୁଯାୟୀ ଗାଁ ଦାଣ୍ଡରେ କଇଁଫୁଲ କୋଠି ପ୍ରତିଯୋଗିତା ଦେଖିବାକୁ ମିଳିଛି। ଏହି ପରମ୍ପରା ବହୁ ପୁରୁଣା ହେଲେ ବି ଗାଁର କୁଆଁରୀମାନେ ନିଆରା ଢଙ୍ଗରେ ପର୍ବକୁ ପାଳନ କରୁଛନ୍ତି।

ଗାଁର ବର୍ଷିୟାନଙ୍କ କହିବା ଅନୁଯାୟୀ, ଇନ୍ଦୁପୂର୍ଣ୍ଣିମାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ପର୍ବ ପାଳନର ପରମ୍ପରା ରହି ଆସୁଛି। ଅଧୁନା ଏହାକୁ ୭ଦିନ ଧୁମ୍ ଧାମରେ ପାଳନ କରାଯାଉଛି। ପୂର୍ଣ୍ଣିମାର ସପ୍ତାହକ ପୂର୍ବରୁ କୁଆଁରୀ ଝିଅମାନେ ବ୍ରତ ରଖିବା ସହ ଘର ଆଗରେ ମା' ବୃନ୍ଦାବତୀଙ୍କ ନିକଟରେ ପୂଜା ଅର୍ଚ୍ଚନା କରନ୍ତି। କଇଁଫୁଲ ପାଖୁଡ଼ାରେ କୋଠି ପ୍ରସ୍ତୁତ କରି ଖଇ, ନଡ଼ିଆ ଓ ତାଳଗଜା ଆଦି ଶୁଭ୍ର ଫଳ ଭୋଗ ଲଗାନ୍ତି। ଚଉଁରା ମୂଳରେ ଛୋଟଛୋଟ କୋଠି କୁଆଁର ପୁନେଇଁ ପୂର୍ବଦିନ ଗାଁଦାଣ୍ଡରେ ବଡ଼ ଆକାରରେ ଶୋଭା ପାଇଥାଏ। ପୂର୍ବଭଳି ଏବେ କଇଁଫୁଲ ସେତେଟା ଉପଲବ୍ଧ ହେଉନାହିଁ। ଗାଁ ଗଡ଼ିଆ ପୋଖରୀ ହ୍ରାସ ପାଉଥିବାରୁ କଇଁଫୁଲର ଅଭାବ ପରିଲକ୍ଷିତ ହେଉଛି। ତେଣୁ କଇଁଫୁଲ ସ୍ଥାନରେ ଏବେ ରାସାୟନିକ ରଙ୍ଗରେ କୋଠି ପ୍ରସ୍ତୁତ କରାଯାଉଛି। କଇଁଫୁଲ ପାଖୁଡ଼ାରେ ବିଭିନ୍ନ ଛାନ୍ଦର କୋଠି ପ୍ରସ୍ତୁତ କରାଯିବା ସହ ପୌରାଣିକ ଗାଥାକୁ ବଖାଣୁଥିବା, ଓଡ଼ିଶାର ଗର୍ବଗୌରବକୁ ସୂଚାଉଥିବା ଚିତ୍ରକୁ କୋଠି ଜରିଆରେ ବଖାଣିବାର ବିଶେଷ କଳା କୁଆଁରୀଙ୍କ ପାଖରେ ରହିଛି। ଏହି ପରମ୍ପରା କୁଆଁରୀମାନଙ୍କୁ ଓଡ଼ିଶୀ ଛାନ୍ଦ, ମହାଭାରତର ମହାସମର, ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ଭଳି ପୁରୁଣା କାଳିଆ ଜିନିଷକୁ ଅତି ନିଖୁଣ ଭାବରେ ଆଙ୍କି ଥାଆନ୍ତି। କୋଠିସ୍ଥଳରେ ପୂଜାର୍ଚ୍ଚନା କରିବା ସହ କୁଆଁରୀମାନେ ଚାନ୍ଦ ବନ୍ଦାଇ ସୁନ୍ଦର ବୈବାହିକ ଜୀବନ ଅତିବାହିତ କରିବାର କାମନା କରିଥାଆନ୍ତି। ଏଥିସହ ପ୍ରଭୁ କାର୍ତ୍ତିକେୟଙ୍କୁ ପୂଜା କରି ତାଙ୍କ ଭଳି ସୁନ୍ଦର ବର ପ୍ରାପ୍ତି ହେବା କାମନା ରହିଥାଏ। ଏହାଛଡ଼ା ଗାଁରେ ପାଳଭୂତର ନିଆରା ପରମ୍ପରାକୁ ପାଳନ କରାଯାଇଥାଏ। ଯୁବକମାନେ ପାଳ କୁଟାରେ ନିଜକୁ ସଜାଇ ଭୂତ ବେଶ ହୋଇଥାଆନ୍ତି। କୁଆଁରୀଙ୍କୁ ଡରାଇବା ପାଇଁ ଭୂତ ବେଶରେ ଗାଁ ଦାଣ୍ଡରେ ପରିକ୍ରମା କରିଥାଆନ୍ତି। ଏହାକୁ ଉପଭୋଗ କରିବାକୁ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରୁ କଳାପ୍ରେମୀ ଗାଁ ଦାଣ୍ଡରେ ରୁଣ୍ଡ ହୁଅନ୍ତି। ଜହ୍ନ ଆଲୁଅରେ କୋଠିଗୁଡିକ ଝଲସି ଉଠିବା ସହ ଗାଁ ଦାଣ୍ଡରେ ଅଙ୍କା ଯାଇଥିବା ୫୦ରୁ ଊର୍ଦ୍ଧ୍ୱ କୋଠିର ଅପୂର୍ବ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର ହୋଇପାରିଛି। ପରମ୍ପରାକୁ ବଜାଇ ରଖିବା ପାଇଁ ଜାରି ରହିଥିବା ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।




ଗାଁ ଦାଣ୍ଡରେ କୁମାରୀମାନେ ଆଙ୍କିଥିବା ବିଭିନ୍ନ କଇଁଫୁଲ କୋଠି।

### ସ୍ୱାସ୍ଥ୍ୟକେନ୍ଦ୍ର ପଛପଟୁ ମିଳିଲା ନବଜାତ ଶିଶୁକନ୍ୟା ମୃତଦେହ

**ଚଣ୍ଡିଖୋଲ,୯।୧୦(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଦାସର୍ବଦା ଚର୍ଚ୍ଚାରେ ରହି ଆସିଛି। ରୋଗୀଙ୍କ ସମ୍ପର୍କୀୟଙ୍କୁ ମାଡ଼ ମାରିବା ଘଟଣା ହେଉ କିମ୍ବା ପ୍ରସୂତିଙ୍କ ମୃତ୍ୟୁ, ବିଭିନ୍ନ ସମୟରେ ଏଠି ଅଘଟଣ ଘଟି ଚାଲିଛି। ଏହିକ୍ରମରେ ରବିବାର ଏକ ମୃତ ଶିଶୁକନ୍ୟା ମେଡିକାଲ ପଛ ପଟରୁ ମିଳିବା ପୁଣି ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହି ମୃତ ଶିଶୁକନ୍ୟା କେଉଁଠୁ ଆସିଲା ସେ ସମ୍ପର୍କରେ କେହି କିଛି କହି ପାରୁ ନ ଥିବାରୁ ଚର୍ଚ୍ଚା ଜୋର ଧରିଛି। ସୂଚନା ମୁତାବକ, ମେଡିକାଲ ପଛ ପଟେ ଏକ ନବଜାତ ମୃତ ଶିଶୁ କନ୍ୟା ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ମେଡିକାଲକୁ ଖବର ଦେଇଥିଲେ। ମେଡିକାଲ କର୍ମଚାରୀ ଯାଇ ଦେଖିଲାବେଳକୁ କପଡ଼ାରେ ମୃତ ଶିଶୁ ଗୁଡା ହୋଇ ପଡ଼ିଛି। ତେବେ କିଏ ଏହାକୁ ପକାଇଛି ସେଥିନେଇ ମୁହଁ ଖୋଲିବାକୁ କେହି ରାଜିନୁହନ୍ତି। ଏ ସମ୍ପର୍କରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଶ୍ମିରଞ୍ଜନ ପଶାୟତ କହିଛନ୍ତି, କେହି ମୃତ ଶିଶୁ କନ୍ୟା ଜନ୍ମ କରିବା ପରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ତେବେ ମୃତ ଶିଶୁକନ୍ୟାକୁ ସଂସ୍କାର ନ କରି ପାଚେରି ପଛ ପଟେ ଫୋପାଡ଼ି ଦେବାକୁ ନେଇ କିଛି ସମୟ ଉତ୍ତେଜନା ଦେଖାଯାଇଥିଲା। ପୂର୍ବରୁ ଏଠାରେ ପ୍ରସୂତି ୱାର୍ଡରେ ସାଧାରଣ ଲୋକ ପଶି ଚିକିତ୍ସା କରିବା, ଡାକ୍ତରଙ୍କ ସରଞ୍ଜାମ ଅନ୍ୟମାନେ ବ୍ୟବହାର କରିବା, ଅବହେଳା କାରଣରୁ ରୋଗୀଙ୍କ ମୃତ୍ୟୁହେବା ଓ ସେଥିପାଇଁ ଡାକ୍ତର ଏବଂ ନର୍ସଙ୍କ ବଦଳି ଘଟଣା ମନରୁ ଲିଭି ନ ଥିବା ବେଳେ ପୁନର୍ବାର ଏ ଭଳି ଘଟଣା ମେଡିକାଲ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଯାଜପୁର ସହରରେ ହଜରତ୍ ମହମ୍ମଦଙ୍କ ଜୟନ୍ତୀ

**ଯାଜପୁର ଟାଉନ,୯।୧୦(ଡି.ଏନ.ଏ.)**

ଇସ୍‌ଲାମ୍ ଧର୍ମର ପ୍ରବଚକ ହଜରତ୍ ମହମ୍ମଦଙ୍କ ଜୟନ୍ତୀ ରବିବାର ଯାଜପୁର ସହରରେ ମହାସମାରୋହରେ ପାଳିତ ହୋଇଯାଇଛି। ସହରର ପ୍ରାୟ ୨୦ଟି କମିଟିର ହଜାରହଜାର ମୁସଲମାନ ଭାଇ ଓ ଛୋଟ ପିଲା ଏହି ଉତ୍ସବରେ ଯୋଗ ଦେଇଥିଲେ। କମିଟିଗୁଡିକ ଯାଜପୁର ସହରସ୍ଥ କୁସୁମା ରୋଡ ନିକଟରୁ ବାହାରି ଏକ ଆକର୍ଷଣୀୟ ଶୋଭାଯାତ୍ରାରେ ପ୍ରଜ୍ଞାପନ ମେଢ଼ସହ ଇସ୍‌ଲାମ ଧର୍ମୀୟ ଧ୍ୱନୀଦେଇ ମେଡିକାଲଛକ, ମାର୍କେଟଛକ, ବଡବଜାର, ଗରିଆପୁର, କବରଖାନା, ତାରାମଦନ, ଟାଉନହଲଛକ, ରେଡକ୍ରସଛକ, କିଆନାଳିକୂଳ ଓ ଶେଷରେ ଗାନ୍ଧିଛକ ନିକଟରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ଅଞ୍ଜୁମନ୍-ଗାଜି-ଏ ମିଲ୍ଲତ୍ ଗାନ୍ଧିଛକ, ଫଏଜାନେ କମିଟି, ନହରାପୁର, ଦାୱାତ୍-ଏ-ଇସ୍‌ଲାମ୍, ତାରାମଦନ, ଗରିଆପୁର, ତାଜୁସରିୟା କମିଟି, ତାରାମଦନ, ଦେବୀଦ୍ୱାର ଓ ଆଙ୍କୁଲା, ଅଡ଼ଙ୍ଗ, ଧନୀପୁର, ଜୋଡିକୁଅଛକ, ସାନବଜାର ଓ ଦିୱାନନଗର ଆଦି ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଯାଜପୁର ପୌରପାଳିକାର ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ, ପୌର ଉପାଧକ୍ଷ ସନ୍ତୋଷ ମଲ୍ଲିକ, କର୍ଣ୍ଣାଟକେଶରୀ ଦାସ ପ୍ରମୁଖ ଯୋଗଦେଇ ମୁସଲିମସମ୍ପ୍ରଦାୟର ଲୋକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅଞ୍ଜୁମନ୍-ଗାଜିଏ-ମିଲ୍ଲତ ପକ୍ଷରୁ ସେକ୍ ଅବ୍‌ଦୁଲ୍ ସଜିଦ(ଚାନ୍ଦ), ହାଇଦର, କାଶିଦ୍, ଜାକିର, ସେଖ୍‌ଅମଜାଦ୍, ସେକ୍ ମୁର୍ତାଜା, ସେକ୍ ଗୋରା, ସୁରଜ୍, ମୈରାଜ, ସିକନ୍ଦର ଖାଁ, ଅନୱାର ଖାଁ, ଆବାସ ଅଲ୍ଲୀ ଖାଁ, ବାସା ଖାଁ, ଜୁଲ୍‌ଫୁକାର, ଅମଜାଦ ଖାଁ, ମଞ୍ଜର ଅଲ୍ଲୀ ଖାଁ, ସମସେର ଖାଁ, ଇନତେୟାଜ ଖାଁ, ଅଜିମୁଦ୍ଦିନ ଖାଁ, ସାହାବାଜ ଖାଁ ଓ ସୋହେଲ ଖାଁ ପ୍ରମୁଖ ଶୋଭାଯାତ୍ରାରେ ଭାଗ ନେଇଥିଲେ।



ମହମ୍ମଦଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି

**ସିଂହପୁର,୯।୧୦(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରଠାରେ ଏକବର୍ଷ ତଳେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ଦୀର୍ଘ ପ୍ରତିକ୍ଷା ପରେ ଡାକ୍ତରଖାନା ଖୋଲାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଦେଖାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏଠାରେ ସ୍ଥାୟୀ ଡାକ୍ତର ନ ଥିବାରୁ ଲୋକେ ହିନସ୍ତା ଭୋଗୁଛନ୍ତି। ତେଣୁ ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତ ପାଇଁ ଦାବି ହୋଇଛି। ୭ତାରିଖରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶୁଭାଶିଷ ମହାରଣା ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯକ୍ଷ୍ମାମୁକ୍ତ କାର୍ଯ୍ୟକ୍ରମରେ ଆସିଥିଲାବେଳେ ବରିଷ୍ଠ ନାଗରିକ ମଞ୍ଚ ଓ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠାର ମୁଖ୍ୟ ସହଯୋଗୀମାନେ ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତି କରିବାକୁ ତାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ମହାରଣା ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।



ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

# ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଯାଜପୁର ଅଫିସ/ଧର୍ମଶାଳା, ୯।୧୦ (ଡି.ଏନ.ଏ.)**

ଯାଜପୁର ଜିଲା ପ୍ରଶାସନ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଜିଲା ସ୍କୁଲ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହ ତାଙ୍କ ସେବା, ପରୋପକାର ଓ ସଂଗ୍ରାମ ସମ୍ପର୍କରେ ଅନୁପ୍ରାଣିତ କରିବାକୁ ଆହ୍ୱାନ କରିଥିଲେ। ଯାଜପୁର ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ଜେନା, ଖବରଦାତା ଆଦିତ୍ୟ ମେକାପଙ୍କ ସମେତ ଲୋକ ସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ, ଜିଲା ସ୍କୁଲର ଶିକ୍ଷକ ଏବଂ ସ୍ଥାନୀୟ ପ୍ରେସ କ୍ଲବର ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ।

**ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ:** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଏକ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି କୋରାଇର ବିଧାୟକ ଅଶୋକ କୁମାର ବଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ କୁଶଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିଲେ। ଏହି ଉତ୍ସବରେ ଖବରଦାତା ଚିନ୍ତାମଣି ପାଢୀ ଓ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶିବଚରଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବ ପ୍ରାରମ୍ଭରେ ମହାବିଦ୍ୟାଳୟର ପରିସରରେ ଥିବା ଭଗବାନ ବ୍ୟାସଦେବ, ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, ସ୍ୱାମୀ ବିବେକାନନ୍ଦ, ମଧୁସୁଦନ ଓ ନୂତନ ଭାବେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ, ମଧୁସୁଦନ ଓ ନୂତନ ଭାବେ ସ୍ଥାପିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାବିଦ୍ୟାଳୟର ଅଧାପିକା ଅଧାପକ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଅର୍ଥନୀତି ଅଧାପକ ସନାତନଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ:** ଚୋରଦାସ୍ଥିତ ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ସମ୍ପାଦକ ଚନ୍ଦ୍ରମଣି ସାମଲଙ୍କ ଆବାହକତ୍ୱରେ ସଭାପତି ଉପେନ୍ଦ୍ରନାଥ ବେଉରିଆଙ୍କ ଅଧକ୍ଷତାରେ ଉତ୍କଳମଣୀଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦୟବଟର ସମ୍ପାଦକ ଦୁଷନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚର ଉପ-ସଭାପତି ନୃସିଂହ ଚରଣ ପରିଡ଼ା, ଯୋଗଗୁରୁ ବଟକୃଷ୍ଣ ପ୍ରଧାନ, ମଞ୍ଚର ବରିଷ୍ଠ କାର୍ଯ୍ୟକର୍ତ୍ତା ଶଙ୍କର୍ଷଣ ସାହୁ, ଭାଗ୍ୟଧର କର, ଲମ୍ବୋଦର ମଲ୍ଲିକ, ସନାତନ ମଲ୍ଲିକ, ଶିକ୍ଷାବିତ୍ ନିକୁଞ୍ଜ ବିହାରୀ ଧଳ, ଅରୁଣା ଖଡ଼ାଇ, କମଳିନୀ ସାମଲ, କୈଳାସ ବେହେରା ପ୍ରମୁଖ ଯୋଗ ଦେଇ ପଣ୍ଡିତ ଦାଶଙ୍କର ସ୍ମୃତିଚାରଣ କରିଥିଲେ।

**ଶହୀଦ ଭଗତ ସିଂ ଯୁବକ ସଂଘ:** ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ

## ବିଭିନ୍ନ ସ୍ଥାନରେ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ

ସମସ୍ତ ସମାଜସେବୀଙ୍କ ଆଦର୍ଶ ବୋଲି କହିବା ସହିତ ଆଜିର ଯୁବ ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସଂଘର ଉପଦେଷ୍ଟା ନାରାୟଣଚନ୍ଦ୍ର ନାୟକ, ବରିଷ୍ଠ ଖବରଦାତା ନିତ୍ୟାନନ୍ଦ ମହାଳିକ, ମୋହନ ଜେନା, ହେମନ୍ତ ନାୟକ, ମାନସ ରାଉତ, ରମେଶ ବିଶ୍ୱାଳ, ଚିନ୍ତାମଣି ମଲ୍ଲିକ, ମଧୁସୂଦନ ବାରିକ, ମଳୟ ବିଶ୍ୱାଳ, ଦୀପକ ଦାଶ, ମନ୍ମଥ ରାଉତ, ପରୀକ୍ଷିତ ମଲ୍ଲିକ, ବିଜୟ ନନ୍ଦୀ, ଭଗବାନ ପଣ୍ଡା, ଅଭିଳାଷ ମହାନ୍ତି, ହେମନ୍ତ ଧୀର ପ୍ରମୁଖ ଉପସ୍ଥିତ ଥିଲେ।

ଧର୍ମଶାଳା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ବିଜୟ କୁମାର ଶତପଥୀ ଯୋଗଦେଇ ଉତ୍କଳମଣି ସେବା, ସାହିତ୍ୟ ଓ ସମର୍ପଣର ସଙ୍ଗମ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଲେଖକ ସମ୍ମେଳନ ସଭାପତି ଡା. ରୁଦ୍ର ନାରାୟଣ ପୃଷ୍ଟି, ସମ୍ମାନିତ ବକ୍ତା ମଧୁପୁର କଲେଜର ପ୍ରାଧାପକ ଡ. ତୁହିନାଂଶୁ ରଥ ଓ ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧକ୍ଷ ମହେଶ୍ୱର ପାଢ଼ୀ ଯୋଗ ଦେଇଥିଲେ। ସମ୍ପାଦକ ହୃଷୀକେଶ ସାମଲ ସୂଚନା ପ୍ରଦାନ କରିଥିବା ବେଳେ ପ୍ରତାପରୁଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ବ୍ରଜକିଶୋର ଦାଶ ଧନ୍ୟବାଦ ଦେଇଥିଲେ।

ସେହିପରି ପ୍ରଗତିଶୀଳ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଆଦିତ୍ୟ ମାହୁନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. କାମଦେବ ଶତପଥୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧାପକ ରାଧାଶ୍ୟାମ ସାହୁ, ସମ୍ମାନିତ ଅତିଥି ମାନସ ରଞ୍ଜନ ଜେନା ଓ ମାନସ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ଦେବବ୍ରତ ରାଉତ ଅତିଥି ପରିଚୟ ଦେଇଥିବା ବେଳେ ସାମାଜିକ କର୍ମୀ ନିରଞ୍ଜନ ଖିଲାର ସୂଚନା ପ୍ରଦାନ କରିଥିଲେ। ଶେଷରେ ସହସମ୍ପାଦକ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

ସେହିପରି ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭରତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅରୁଣ କୁମାର ସ୍ୱାଇଁ, ଚକ୍ରଧର ସାହୁ, ସୁଶାନ୍ତ ସାହୁ, ରଜତ ସାହୁ ଓ ସରୋଜ ପଲେଇ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ଜାରକାସ୍ଥିତ ଗୋପବନ୍ଧୁ ଛକ ପ୍ରତିମୂର୍ତ୍ତି ନିକଟରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଛି। ଗୋପବନ୍ଧୁ ସ୍ମୃତି କମିଟି ସଭାପତି କିଶାନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସମର୍ଥ ସଭାପତି କାହ୍ନୁଚରଣ ଦାଶ, କୃଷକ ନେତା ବଟକୃଷ୍ଣ ପରିଡ଼ା, ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ, ଅଧାପକ ପ୍ରଶାନ୍ତ କୁମାର ସାହୁ, ଗାନ୍ଧିବାଦୀ ନେତା ଲକ୍ଷ୍ମୀଧର ନାୟକ ଓ ନରୋତ୍ତମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ରମେଶ ରାଉତ, ଅସହାୟ ବନ୍ଧୁ ପରିବାର ପକ୍ଷରୁ ସଭାପତି କିଶୋର ସାହୁ, ସମ୍ପାଦକ ଗଣେଶ୍ୱର ନାୟକ, କୋଷାଧକ୍ଷ ପୀତବାସ ନାୟକ, ସଦସ୍ୟା କାଦମ୍ବିନୀ ମିଶ୍ର, ତପନ ସାହୁ, ଅଜୟ ସେଠୀ, କୈଳାସ ମହାନ୍ତି, ନାରାୟଣ ପଣ୍ଡା ଓ କପିଳେଶ୍ୱର ରଣା ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟକରିବା ସହ ଚାରାରୋପଣ କରିଥିଲେ। ସଦସ୍ୟ ଦେବାଶିଷ ପରିଡ଼ା ଧନ୍ୟବାଦ ଦେଇଥିଲେ।



ଯାଜପୁର ଜିଲା ସ୍କୁଲ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଅକ୍ଟୋବର, ୨୦୨୨



# ସାଢ଼େ ୮ ବର୍ଷରେ ୮୧୫ ଲୋକ, ୬୬୯ ହାତୀ ମୃତ

## ମଣିଷ-ହାତୀ ଲଢ଼େଇ, ଭାଗଚାଷୀଙ୍କ ଜୀବନ ଗଲା

**ବାବୁଲା ପ୍ରଧାନ**
**ଭଞ୍ଜନଗର,୯।୧୦(ଡି.ଏନ୍.ଏ.)**

ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ଯୋଗୁ ଜଙ୍ଗଲ ଉପରେ ଲୋକଙ୍କ ଆବଶ୍ୟକତା ବଢ଼ିଲା। ଏହାଦ୍ୱାରା ଜଙ୍ଗଲ କ୍ଷୟ ହେଲା। ଫଳରେ ହାତୀ ସମେତ ଅନ୍ୟାନ୍ୟ ବନ୍ୟପ୍ରାଣୀ ଗାଁମୁହାଁ ହେଉଛନ୍ତି। ଯାହାଦ୍ୱାରା ହାତୀ ମଣିଷ ମଧ୍ୟରେ ଅଧିକାଂଶ ସମୟ ଲଢ଼େଇ ହେଉଛି। ଏହି କ୍ରମରେ ୨୦୧୪ ଏପ୍ରିଲ ପହିଲାରୁ ରବିବାର ସୁଦ୍ଧା ରାଜ୍ୟରେ ହାତୀ ମଣିଷ ଲଢ଼େଇ ହୋଇ ୮୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭୪୯ ଆହତ ହୋଇଛନ୍ତି। ସେଥିମଧ୍ୟରୁ ଗଞ୍ଜାମ ଜିଲାରେ ଏହି ସମୟ ମଧ୍ୟରେ ୧୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୫ ଆହତ ହୋଇଛନ୍ତି। ଏଥିସହ ୬୬୯ ହାତୀ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ୨୦୧୭ ହାତୀଗଣନା ଅନୁସାରେ ରାଜ୍ୟରେ ୧୯୭୬ ହାତୀ ଅଛି। ବିଗତ ୫ ବର୍ଷ ହେବ ରାଜ୍ୟରେ ହାତୀଗଣନା ହୋଇ ନ ଥିବା ବେଳେ ବର୍ତ୍ତମାନ ହାତୀ ଜନ୍ମ ଏବଂ ମୃତ୍ୟୁ ଯୋଗୁ ଏହି ସଂଖ୍ୟା ବଦଳିବ। ଏଭଳି ସ୍ଥିତିରେ ଶନିବାର ରାତିରେ ଗଞ୍ଜାମ ଜିଲା ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ କ୍ଷେତମୁଣ୍ଡାଳିରେ ହାତୀପଲ ଆକ୍ରମଣରେ ଜଣେ ଭାଗଚାଷୀ ପବିତ୍ର ପାତ୍ର (୪୦)ଙ୍କ ମୃତ୍ୟୁ ଘଟିଛି। ବନ ବିଭାଗ କର୍ମଚାରୀ ପହଞ୍ଚି ପବିତ୍ରଙ୍କ ମୃତଦେହ ଜବତ କରିଥିଲେ। ଏଥିସହ ହାତୀପଲକୁ ଜଙ୍ଗଲକୁ ଘଉଡ଼ାଇଥିଲେ। ପ୍ରକାଶ ଯେ, ରାତିରେ ପବିତ୍ରଙ୍କ ସମେତ ଗ୍ରାମର ଦୃତିକୃଷ୍ଣ ପ୍ରଧାନ, ସଞ୍ଜିତ ପ୍ରଧାନ, କିଶୋର ଚନ୍ଦ୍ର ପ୍ରଧାନ, ଧୋବା ଆଳତିଆ, ରମେଶ ଆଳତିଆ ପ୍ରମୁଖ ୬ ଜଣ ମିଶି ଜମିରୁ ହାତୀ ଘଉଡ଼ାଇବାକୁ ଯାଇଥିଲେ। ରାତି ପ୍ରାୟ ୯ଟା ୪୦ରେ ୧୭ଟି ହାତୀ ବାରଦଣ୍ଡାରୁ କ୍ଷେତମୁଣ୍ଡାଳି ଅଭିମୁଖେ ଆସି ପବିତ୍ରଙ୍କ ସମେତ ଅନ୍ୟମାନଙ୍କ ଜମିରେ ଫସଲ ଖାଉଥିଲା। ତେଣୁ ସେମାନେ ହାତୀଙ୍କୁ ଘଉଡ଼ାଇଥିଲେ। ଏହି ସମୟରେ ହାତୀପଲ ସେମାନଙ୍କୁ ଓଲଟା ଗୋଡ଼ାଇଥିଲା। ଫଳରେ ସମସ୍ତେ ପ୍ରାଣବିକଳରେ ଦୌଡ଼ିଥିଲେ। କିନ୍ତୁ ପବିତ୍ର କିଛି ବାଟ ଦୌଡ଼ି ଯିବା ପରେ ତଳେ ପଡ଼ିଯାଇଥିଲେ। ଏହିସମୟରେ ହାତୀପଲ ପବିତ୍ରଙ୍କୁ ଗୋଡ଼ରେ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଅକ୍ଟୋବର ୨ରୁ ୮ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ସପ୍ତାହ ଚାଲିଥିବା ବେଳେ ଅନ୍ୟପଟେ ହାତୀ ଆକ୍ରମଣରେ ଜଣେ ଭାଗଚାଷୀଙ୍କ ମୃତ୍ୟୁ ଚିନ୍ତାଜନକ ହୋଇପଡ଼ିଛି। ଗଞ୍ଜାମ ଜିଲାରେ ହାତୀ ଆକ୍ରମଣରେ ଦିଗପହଣ୍ଡି ରେଞ୍ଜ୍ ସିଙ୍ଗିପୁରରେ ୧୫ ଜୁନ୍ ୨୦୨୧ରେ ୨ଜଣ ଏବଂ ଜଗନ୍ନାଥପ୍ରସାଦ ରେଞ୍ଜ୍ ଜିଲିବାରେ ୧୦ ଜୁନ୍ ୨୦୨୧ରେ ଜଣେ ମୃତ୍ୟୁବରଣ କରିଛନ୍ତି। ସେହିଭଳି ଗାଲେରୀ ରେଞ୍ଜ୍ ନୂଆଁପଲ୍ଲୀରେ ୨୭ ଡିସେମ୍ବର ୨୦୨୦ରେ ୨ଜଣ ମୃତ୍ୟୁବରଣ କରିଛନ୍ତି। ଆସିକା ରେଞ୍ଜ୍ ଶୋଭଚନ୍ଦ୍ରପୁରରେ ୧୩ ଏପ୍ରିଲ ୨୦୧୯ରେ ଜଣେ, ଦିଗପହଣ୍ଡି ରେଞ୍ଜ୍ ସାନଦାଣ୍ଡସାହିରେ ୨୧ ଜାନୁଆରୀ ୨୦୨୦ରେ ଜଣେ, ୨୨ ଡିସେମ୍ବର ୨୦୧୮ରେ ଏହି ରେଞ୍ଜ୍‌ର ଚୁଡ଼ଙ୍ଗପୁରରେ ଜଣେ, ତାରସିଂ ରେଞ୍ଜ୍‌ର ଶିଶୁଲୁଣ୍ଡାରେ ୩୦ ଏପ୍ରିଲ ୨୦୧୭ରେ ଜଣେ ମୃତ୍ୟୁବରଣ କରିଛନ୍ତି। ୨୦୧୬-୧୭ ଆର୍ଥିକ ବର୍ଷରେ ଜଣେ ମଧ୍ୟ ମୃତ୍ୟୁବରଣ କରିନାହାନ୍ତି। ଖଲ୍ଲିକୋଟ ରେଞ୍ଜ ପାଳଧୁଆଳି ଗାଁରେ ୩ ଜୁନ୍ ୨୦୧୫ରେ ଜଣେ, ସୋରଡ଼ା ରେଞ୍ଜ ବଡ଼ଗୋଛାରେ ୮ ନଭେମ୍ବର ୨୦୧୫ରେ ଜଣେ, ଖଲ୍ଲିକୋଟ ରେଞ୍ଜ ଗୁରୁଣ୍ଡିରେ ୨୦ ଜାନୁଆରୀ ୨୦୧୬ରେ ଜଣେ ମୃତ୍ୟୁବରଣ କରିଛନ୍ତି । ୪ ମାର୍ଚ୍ଚ ୨୦୧୫ରେ ଦିଗପହଣ୍ଡି ରେଞ୍ଜ ଧର୍ମପୁର ଗ୍ରାମରେ ଜଣେ, ସୋରଡ଼ା ରେଞ୍ଜ ଢେପାପଲ୍ଲୀ ଗାଁରେ ୧୯ ମାର୍ଚ୍ଚ ୨୦୧୫ରେ ଜଣେ ମୃତ୍ୟୁବରଣ କରିଛନ୍ତି। ରାଜ୍ୟର ଢେଙ୍କାନାଳ, ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ହାତୀ ମଣିଷ ଲଢ଼େଇ ବଢ଼ୁଛି। ସେହି ଅନୁପାତରେ ଗଞ୍ଜାମ ଜିଲାରେ କମ୍ ଅଛି। କର୍ଣାଟକ, ଆସାମ, କେରଳ, ତାମିଲନାଡୁ ରାଜ୍ୟରେ ଓଡ଼ିଶାଠାରୁ ଅଧିକ ହାତୀ ଥିଲେ ମଧ୍ୟ ଓଡ଼ିଶା ଅପେକ୍ଷା ସେଠାରେ ମୃତ୍ୟୁହାର କମ୍। ରାଜ୍ୟରେ ଲୋକେ ହାତୀ ଘଉଡ଼ାଇବାକୁ ଯିବା ସମୟରେ ସଚେତନତା ଅଭାବରୁ ବିପଦରେ ପଡୁଛନ୍ତି। ଏନେଇ ବରିଷ୍ଠ ପରିବେଶବିତ୍ ରଞ୍ଜିତ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ରାଜ୍ୟରେ ପାରମ୍ପରିକ ହାତୀ କରିଡର କ୍ଷତିଗ୍ରସ୍ତ ହେଉଥିବା ଯୋଗୁ ହାତୀମାନେ ସୁରକ୍ଷିତ ଭାବେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାଇପାରୁନାହାନ୍ତି । ତେଣୁ ସେମାନେ ଗୋଟିଏ ଜଙ୍ଗଲରେ ଆବଦ୍ଧ ହୋଇ ଅଧିକାଂଶ ଦିନ ରହିବା ଯୋଗୁ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି । ଏହି ସମୟରେ ମଣିଷ ଓ ହାତୀ ମଧ୍ୟରେ ଲଢ଼େଇ ହେଉଛି। ଏଥିଲାଗି କରିଡରଗୁଡ଼ିକର ପୁନରୁଦ୍ଧାର ହେବାର ଆବଶ୍ୟକତା ରହିଛି । ଏଥିସହ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିଲେ ହାତୀ ମଣିଷ ଲଢ଼େଇ କମିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

**ଭଞ୍ଜନଗର,୯।୧୦(ଡି.ଏନ୍.ଏ):** ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ତାରସି ରେଞ୍ଜ କ୍ଷେତମୁଣ୍ଡାଳି ଗ୍ରାମରେ ଶନିବାର ରାତିରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତାରସି ରେଞ୍ଜ କ୍ଷେତମୁଣ୍ଡାଳି ଗ୍ରାମର ଚାଷୀ ପବିତ୍ର ପାତ୍ର (୪୦)। ରାତିରେ ହାତୀପଲ କ୍ଷେତମୁଣ୍ଡାଳି ଅଞ୍ଚଳରେ ଧାନ ଫସଲ ଖାଉଥିଲେ। ତେଣୁ ଚାଷୀମାନେ ଫସଲ ରକ୍ଷା କରିବାକୁ ଯାଇ ହାତୀ ଘଉଡାଇବାକୁ ଯାଇଥିଲେ। ଏହି ସମୟରେ ହାତୀପଲ ଲୋକଙ୍କୁ ଗୋଡାଇ ଥିଲେ। ସମସ୍ତେ ଦୌଡ଼ି ପଳାଇଥିବା ବେଳେ ପବିତ୍ର ଦୌଡି ନପାରି ତଳେ ପଡିଯାଇଥିଲେ। ଏହାପରେ ଏକ ହାତୀ ପବିତ୍ରଙ୍କୁ ଦଳି ଦେଇଥିଲା। ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପବିତ୍ରଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ପବିତ୍ରଙ୍କୁ ମୃତ ଘୋଷଣା କରିଥିଲେ। ଡିଏଫ୍ଓ ସୁଦର୍ଶନ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ଗଞ୍ଜାମ ସହରରେ ଲକ୍ଷ୍ମୀ ପୂଜା ଆରମ୍ଭ

**ଗଞ୍ଜାମ,୯।୧୦(ଡି.ଏନ୍.ଏ.):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କୁମାରପୂର୍ଣ୍ଣମୀ ଉପଲକ୍ଷେ ଗଞ୍ଜାମ ସହର ବଡ଼ ବଜାରଠାରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ରବିବାର ଆରମ୍ଭ ହୋଇଛି। ବଜାର ବଣିକ ସଂଘ ପକ୍ଷରୁ ଏହାର ଆୟୋଜନ କରାଯାଇଛି। ପ୍ରବଳ ବର୍ଷା ସତ୍ତ୍ୱେ ଅସ୍ଥାୟୀ ମଣ୍ଡପରେ ପୂଜା ପାଉଛନ୍ତି ମା’ ଗଜଲକ୍ଷ୍ମୀ। ଏଥିପାଇଁ ଉତ୍ସବମୁଖର ହୋଇ ଉଠିଛି ସହର। ବଜାର ସାରା ଆଲୋକମାଳାରେ ଝଲସି ଉଠିଛି ବଜାର। ତୁହାକୁତୁହା ବର୍ଷା ହୋଇଥିଲେ ମଧ ମା’ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ବଡ଼ ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ସମ୍ପାଦକ କାହ୍ନୁଚରଣ ପଣ୍ଡା, କୋଷାଧକ୍ଷ ଜି. ରାମଦାସ ରେଡ୍ଡୀ, ଉପସଭାପତି ଗଣେଶ ପଟ୍ଟନାୟକ, ବରିଷ୍ଠ ବ୍ୟବସାୟୀ ରମେଶ ଚନ୍ଦ୍ର ମହାପାତ୍ର, ଜଗୁ ରେଡ୍ଡୀ, ଅନି ପଟ୍ଟନାୟକ ପ୍ରମୁଖ ଏହାର ପରିଚାଳନା କରୁଥିବା ବେଳେ ସମସ୍ତ ବ୍ୟବସାୟୀ ସହଯୋଗ କରିଛନ୍ତି। ମା’ଙ୍କ ଏହି ପୂଜା ୯ ଦିନ ଧରି ପାଳିତ ହେବ ବୋଲି ବଣିକ ସଂଘ ପକ୍ଷରୁ କୁହାଯାଇଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୧୧ ଗିରଫ

**ଧରାକୋଟ,୯।୧୦(ଡି.ଏନ୍.ଏ.):** ଧରାକୋଟ ପୋଲିସ ମୁଣ୍ଡମରାଇ, ଦଶମାଇଲି ଓ ଜଗମୋହନ ଗ୍ରାମର ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୧ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ନଗଦ ୩୨ ହଜାର ଟଙ୍କା ଜବତ କରାଯାଇଛି। ଥାନାଧିକାରୀ ମମତା ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ସମ୍ପ୍ରତି ପାର୍ବଣ ଋତୁ ପାଳନ ଅବସରରେ ଗଞ୍ଜାମ ଜିଲାରେ ତାସ ଖେଳରେ ସମସ୍ତେ ମଜ୍ଜି ରହିଥିବା ବେଳେ କିଛି ବ୍ୟକ୍ତି ଜୁଆ ଖେଳି ସର୍ବସ୍ୱାନ୍ତ ହେଉଥିବାରୁ ପାରିବାରିକ ଅଶାନ୍ତି ଦେଖାଦେଇଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ପୋଲିସ ତରଫରୁ ଚଢ଼ାଉ ଜାରି ରହିଥିବା ଦେଖାଯାଇଛି।

### ଆଖି ଅବୁଝାକୁ ଲୁହ ଅବୁଝା ମଞ୍ଚସ୍ଥ

**ପାତ୍ରପୁର,୯।୧୦(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ବି. ନୂଆଗାଁ ଗ୍ରାମର ବ୍ରାହ୍ମଣ ସାହିରେ ଦୁର୍ଗାପୂଜା ଅବସରରେ ଜୟଦୁର୍ଗା ନାଟ୍ୟ ସଂସଦର ୭୭ତମ ଅବଦାନ ‘ଆଖି ଅବୁଝାକୁ ଲୁହ ଅବୁଝା’ ନାଟକ ମଞ୍ଚସ୍ଥ ହୋଇଯାଇଛି। ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକା ଉଷା ଦେବୀଙ୍କ ପୁତ୍ର ତଥା ଯୁବ ସଙ୍ଗଠକ ଶ୍ରୀରୂପ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନିଲ କୁମାର ଦାସ, ଡିମ୍ବେଶ୍ୱ ରେଡ୍ଡୀ, ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ରାଉଳ ଅତିଥି ଭାବେ ଯୋଗଦେଇଥିଲେ। ନାଟକ ମଞ୍ଚସ୍ଥ ପୂର୍ବରୁ ଗ୍ରାମର ଯୁବ ସ୍ୱେଚ୍ଛାସେବୀ ଉମା ଶଙ୍କର ପାଢ଼ୀ ଓ ଅମିତ ପାଢ଼ୀଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନାଟକର ବିଭିନ୍ନ ଭୂମିକାରେ ସୀମାଞ୍ଚଳ ପଣ୍ଡା, ଚେତନ ରାଉଳ, ମୁନା କିଶୋର ପାଢୀ, ପ୍ରେମାନନ୍ଦ ବାଡ଼ତ୍ୟା, ନାରୀ ଭୂମିକାରେ ବିଦ୍ଦୁ, ରୂପା, ମିତୁ, ବେବି ଭାଗ ନେଇଥିଲେ। ନାଟକକୁ ଅରୁଣ ଓ ସାଥୀ ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଶବ୍ଦ ଓ ଆଲୋକ ମହାବୀର ଚିତ୍ରାଳୟ, ରୋମିଓ ଡ୍ୟାନ୍ସ ଗ୍ରୁପ୍ ସହଯୋଗ କରିଥିବା ବେଳେ ନୀଳାଞ୍ଚଳ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

# ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଧରାକୋଟ,୯।୧୦(ଡି.ଏନ୍.ଏ.)**

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତ ଅନ୍ତର୍ଗତ ବାଖରକଟା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୫ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସ, ସୁଭାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ, ହରିହର ମର୍ଦ୍ଦରାଜ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ଧରାକୋଟ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଉପାଧକ୍ଷ ମନୋଜ ସାହୁ, ଜିଲା ପରିଷଦ ସଭ୍ୟ ଟୁକୁନା ଗୌଡ଼, ସରପଞ୍ଚ ଗୀତା ନାୟକ, ସମିତି ସଭ୍ୟ ସୁଜାତା ଜେନା, ନାଏବ ସରପଞ୍ଚ ସଚ୍ଚିଦାନନ୍ଦ ତ୍ରିପାଠୀଙ୍କ ସହ ଉତ୍କଳ ସ୍ୱାଭିମାନ ମଞ୍ଚ ଦକ୍ଷିଣ ଓଡ଼ିଶା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ପ୍ରଭାକର ତ୍ରିପାଠୀ, ଖଲ୍ଲିକୋଟ ଏନ୍‌ଏସି ଅଧକ୍ଷ ନିରଞ୍ଜନ ବେହେରା, ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା, ଜିଲା ଉପଦେଷ୍ଟା ହୟଗ୍ରୀବ ତ୍ରିପାଠୀ, ଅଧାପକ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ସାମ୍ବାଦିକ ହୃଦାନନ୍ଦ ଜେନାଙ୍କ ସଂଯୋଜନାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣ ଓଡ଼ିଶା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ, ଗୋପୀନାଥ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ଯୋଗେନ୍ଦ୍ର ସେଠୀ ଓ ଦିଲୀପ ସେଠୀ ଛାତ୍ରୀଛାତ୍ରମାନଙ୍କୁ ନେଇ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗ୍ରାମର ପରିଚାଳନା କମିଟି ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଘୁମୁସରର ସ୍ୱରର ପୂର୍ଣ୍ଣିମା ସାହିତ୍ୟ ଆଲୋଚନାଚକ୍ର




ମଞ୍ଚାସୀନ ଅତିଥି।

**ବାଲିପଦର,୯।୧୦**

ଘୁମୁସର ପ୍ରତାପ ଧନଞ୍ଜୟପୁର ଶାସନଠାରେ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସର ସ୍ୱର ପକ୍ଷରୁ ୧୧୬ତମ ପୂର୍ଣ୍ଣିମା ସାହିତ୍ୟ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା ଧନଞ୍ଜୟ ପାଠାଗାରରେ ସଭାପତି ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲେଖକ ସୋମନାଥ ନାୟକ, କବି ସୁକୁମାର ବିଶ୍ୱାଳ, ନେତାଜୀ ବିଷୋୟୀ, ଅନନ୍ତ କର, ଗୌରୀ ଶଙ୍କର ମିଶ୍ର, ଅଧାପକ କାଳୁଚରଣ ନାୟକ, ଖଲି ପରିଡ଼ା ଓ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଗଞ୍ଜାମର ଐତିହ୍ୟ ପରମ୍ପରା ଓ ସଂସ୍କୃତିର ରୋମନ୍ଥନ କରିଥିଲେ। ଏହି ଅବସରରେ ବରିଷ୍ଠ ଗାଳ୍ପିକ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରାଧାପକ ଡକ୍ଟର ଦାଶରଥି ଭୂୟାଁଙ୍କୁ ଘୁମୁସରର ସ୍ୱର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଡ.ପଞ୍ଚାନନ ନାହାକ, ପୂର୍ଣ୍ଣଚନ୍ଦ୍ର ଭୋଳ, ଶ୍ରୀଧର ମିଶ୍ର, ଅଜୟ ପ୍ରସାଦ ଷଢଙ୍ଗୀ, ନିରଞ୍ଜନ ଖାଡଙ୍ଗା, ପୂର୍ଣ୍ଣଚନ୍ଦ୍ର ଖଡଙ୍ଗା, ହିମାଂଶୁ ଶେଖର ମିଶ୍ର, ବସନ୍ତ ବିଷୋୟୀ, ରମାକାନ୍ତ ରାଉତ କବିତା ପାଠ କରିଥିବା ବେଳେ ଉକ୍ତ ବ୍ରାହ୍ମଣ ଶାସନର ପାଞ୍ଚଜଣ ପଣ୍ଡିତ ମଧୁସୂଦନ ଷଡ଼ଙ୍ଗୀ, ଜବାହରଲାଲ୍ ଖାଡଙ୍ଗା, ଶିବ ପ୍ରସାଦ ରଥ, ସୁବାସ ଚନ୍ଦ୍ର ଷଢଙ୍ଗୀ, ସଦାଶିବ ଷଡ଼ଙ୍ଗୀଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଇ.ନୀଳାଞ୍ଚଳ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବୃଦ୍ଧଙ୍କ ମୃତଦେହ ଠାବ, ମୃତ୍ୟୁର କାରଣ ଅସ୍ପଷ୍ଟ

**ଗୋପାଳପୁର,୯।୧୦(ଡି.ଏନ.ଏ.)**

ଗୋଳନ୍ଥରା ଅଞ୍ଚଳର ଏକ ପୋଖରୀରୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଠାବ କରିଛି। ମୃତ ବ୍ୟକ୍ତି ଜଣକ ବ୍ରହ୍ମପୁର ମହାନଗର ବାପୁଜି ନଗର ଷଷ୍ଠ ଗଳିର ଗୁଞ୍ଜମାଳି ପଟ୍ଟନାୟକ। ପ୍ରାଥମିକ ତଦନ୍ତରୁ ପୋଲିସ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରୁଛି। ଗୁଞ୍ଜମାଳି କିଛି ମାସ ତଳେ ଗୋଳନ୍ଥରା ଥାନାଧିନ ଅଟୋନଗର ଅଞ୍ଚଳରେ ହୋଟେଲ କରିଥିଲେ। ବ୍ୟବସାୟ ନହେବା ଫଳରେ ପରବର୍ତ୍ତୀ ସମୟରେ ଉକ୍ତ ହୋଟେଲକୁ ଅନ୍ୟ ଜଣଙ୍କୁ ଗୁଞ୍ଜ ହସ୍ତାନ୍ତର କରିଥିଲେ। ହୋଟେଲ ହସ୍ତାନ୍ତର ବାବଦୀୟ ଟଙ୍କା ଗୁଞ୍ଜଙ୍କୁ ଦେବା ପାଇଁ ଚୁକ୍ତି ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଉକ୍ତ ଟଙ୍କା ଗୁଞ୍ଜ ପାଇପାରିନଥିଲେ। ଏନେଇ ବିଭିନ୍ନ ସମୟରେ ଗୁଞ୍ଜ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗତ ୭ରେ ଘରେ ଏକ ଭୋଜି ଅଛି କହି ଗୁଞ୍ଜ ବାହାରିଥିଲେ। ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ ପାଇନଥିଲେ। ରବିବାର ହଳଦିଆପଦର ନିକଟସ୍ଥ ଗୁଡ଼ିଆ ପୋଖରୀରୁ ପୋଲିସ ଗୁଞ୍ଜମାଳିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ହୋଟେଲର ରାତ୍ରି ଜଗୁଆଳି କର୍ମୀଙ୍କୁ ସୁଇସାଇଡ ନୋଟ, ଚଷମା, ମୋବାଇଲ ଦେଇ ଗୁଞ୍ଜ ଚାଲିଯାଇଥିଲେ ବୋଲି ପୋଲିସ ତଦନ୍ତରେ ଜାଣିବାକୁ ପାଇଛି। ପୋଲିସ ସୁଇସାଇଡ ନୋଟ, ମୋବାଇଲ ଓ ଚଷମାକୁ ଜବତ କରିଛି। ଉକ୍ତ ସୁଇସାଇଡ୍ ନୋଟରେ ୩ ଜଣଙ୍କ ନାଁ ଉଲ୍ଲେଖ ରହିଛି। ମୋର ସ୍ୱାମୀଙ୍କୁ ଉକ୍ତ ତିନିଜଣ ଟଙ୍କା ନଦେଇ ମାନସିକ ନିର୍ଯାତନା ଦେଉଥିବାରୁ ସେ ଜୀବନ ହାରିଲେ ବୋଲି ଗୁଞ୍ଜଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୬୫/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଜବତ ମୃତଦେହର ପରିଚୟ ମିଳିଲା

**ପାରଳାଖେମୁଣ୍ଡି,୯।୧୦(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିଠାରେ ଚଳିତ ମାସ ୫ ତାରିଖରେ ପୋଲିସ ସ୍ଥାନୀୟ ସୁବାଷ ନଗର ରାସ୍ତାରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ଶବ ସଂରକ୍ଷିତ ଗୃହରେ ରଖିଥିଲା। ଏହି ଖବର ଚାରିଆଡେ ପ୍ରଚାର ହେବା ପରେ ମୃତ ବ୍ୟକ୍ତିର ପରିଚୟ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଯାଜପୁର ଗ୍ରାମର ପନ୍ନା ସଇଂସା ବୋଲି ଜଣାପଡ଼ିଛି। ପରିବାର ଲୋକେ ଚିହ୍ନଟ କରିବା ପରେ ପୋଲିସ ମୃତଦେହ ହସ୍ତାନ୍ତ କରିଛି।

## ଗୋଷାଣୀନୂଆଗାଁ ମା’କାଳୁଆ ଯାତ୍ରା ଉଦ୍‌ଯାପିତ

### ନିଜସ୍ୱ ମନ୍ଦିରକୁ ବାହୁଡ଼ିଲେ ଠାକୁରାଣୀ

**ବ୍ରହ୍ମପୁର ଅଫିସ,୯।୧୦**

ବ୍ରହ୍ମପୁର ଗୋଷାଣୀନୂଆଗାଁର ପ୍ରସିଦ୍ଧ ମା’ କାଳୁଆ ଠାକୁରାଣୀ ଯାତ୍ରା ରବିବାର କୁମାର ପୂର୍ଣ୍ଣିମା ରାତିରେ ଉଦ୍‌ଯାପିତ ହୋଇଛି। ଯାତ୍ରା ଗତ ମହାଳୟା ଅମାବାସ୍ୟାରୁ ଆରମ୍ଭ ହୋଇ ୧୫ ଦିନ ଧରି ଚାଲିଥିଲା। ବିଭିନ୍ନ ସନ୍ଧ୍ୟାରେ ସବୁ ସାହିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗୁ ସମଗ୍ର ଅଞ୍ଚଳ କମ୍ପୁଥିଲା। ମା’ ନିଜସ୍ୱ ମନ୍ଦିରରୁ ଆସି ବଡ଼ ସାହିସ୍ଥ କାଳୁଆ ମଣ୍ଡପରେ ବିଜେ କରିଥିଲେ। ସାହି ବାସିନ୍ଦାମାନେ ସେଠାରେ ଆମିଷ ଭୋଗ ଲଗାଉଥିଲେ। ମନ୍ଦିରରୁ ଆସିବା ରାତିରେ ମା’ କାଳୁଆ ଗୋଷାଣୀନୂଆଗାଁର ୭୦ରୁ ଅଧିକ ସାହି ବୁଲି ବୁଲି ମଣ୍ଡପକୁ ଆସିଥାନ୍ତି। ସମସ୍ତଙ୍କ ଦାଣ୍ଡ ଦୁଆରେ ମହିଳାମାନେ ପୂଜାର୍ଚ୍ଚନା ସହ ମା’ଙ୍କ ପ୍ରିୟ ଗଇଁଠା ଖିରି ଭୋଗ ଲଗାଇଥାନ୍ତି।

ଯାତ୍ରା କମିଟି ସଭାପତି ଜଗନ୍ନାଥ ଚୌଧୁରୀ, କର୍ପୋରେଟର ନୀଳକଣ୍ଠ ସାହୁ ଓ ଧୀରେଶ ସାବତଙ୍କ ସମେତ ଅନ୍ୟମାନେ ତଦାରଖ କରୁଥିଲେ। ପ୍ରଚଳିତ ପ୍ରଥା ପ୍ରକାରେ ଗୋଷାଣୀନୂଆଗାଁ ଶେଷରେ ଥିବା ଅନୁସୂଚିତ ଜାତି ବହୁଳ ଅଞ୍ଚଳରେ ମା’ଙ୍କୁ ବଳି ଭୋଗ ଲଗାଯାଇଥିଲା। ମନ୍ଦିରରେ ହୋମ ଓ ଚଣ୍ଡୀପାଠ ପରେ ଘଟରୁ ୧୫ ଦିନ ଧରି ସତେଜ ଥିବା ଫୁଲମାଳ ବିଗ୍ରହରେ ସ୍ଥାପନ କରାଯାଇ ଘଟ ବିସର୍ଜନ କରାଯାଇଥିଲା। ଫଳରେ ଚଳିତ ବର୍ଷର କାଳୁଆ ଯାତ୍ରା ସମାପନ ହୋଇଥିଲା।



ମା’ କାଳୁଆ ।

# ବେସରକାରୀ ସ୍ୱାସ୍ଥ୍ୟସେବା ପାଇ ଭଲ ହେଉଛନ୍ତି ଲୋକେ

## ସରକାରୀ ଚିକିତ୍ସା ସୁବିଧା ଅପହଞ୍ଚ

**କୋଟଗଡ,୯।୧୦(ଡି.ଏନ.ଏ.)**

ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ବିଭିନ୍ନ ଯୋଜନା କରୁଛନ୍ତି । କିନ୍ତୁ ଏଭଳି କେତେକ ଜିଲା ଅଛି ଯେଉଁଠାରେ ଲୋକେ ସରକାରୀ ଡାକ୍ତରଖାନାକୁ ଗଲେ ମଧ ଠିକ୍ ଭାବେ ସେବା ପାଇପାରୁ ନାହାନ୍ତି। ଫଳରେ ଲୋକେ ବେସରକାରୀ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏଭଳି ଦେଖିବାକୁ ମିଳିଛି କନ୍ଧମାଳ ଜିଲା କୋଟଗଡ ବ୍ଲକ ଦୁର୍ଗମ ଅଞ୍ଚଳ ଶ୍ରୀରାମପୁର ଓଡ଼ିଆ ସାହିରେ। ଡାକ୍ତର ଅନିମେଶ ରାୟ ଲୋକଙ୍କୁ ଦୀର୍ଘ ୧୫ବର୍ଷ ଧରି ସେବା ଯୋଗାଇ ଆସୁଛନ୍ତି। ଏହି ବେସରକାରୀ ଚିକିତ୍ସା କେନ୍ଦ୍ର ଉପରେ ଯୁବାଗୁଡା, ଶ୍ରୀରାମପୁର ଏବଂ ଓରା ଆଦି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ଏଠାରୁ ସରକାରୀ ଡାକ୍ତରଖାନା ୪୦କି.ମି. ଦୂରରେ ଥିବା ଏବଂ ଗମନାଗମନ ସୁବିଧା ଠିକ୍ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି । ଫଳରେ ଲୋକେ ଏଠାରୁ ଭଲ ସେବା ପାଉଥିବା ଅଞ୍ଚଳର ନିମନ୍ତ ଉଠାଣସିଂ, ଗୋକୁଳ ପାତ୍ର ଓ ନୀଳମଣି ପ୍ରଧାନୀ ପ୍ରମୁଖ କହିଛନ୍ତି।

# ମୃତକଙ୍କ ପରିବାରକୁ ଭେଟିଲେ ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ଗର୍ଭବତୀ ଛାତ୍ରୀ ମୃତ୍ୟୁ ଘଟଣା

**ଫୁଲବାଣୀ ଅଫିସ/ଜି.ଉଦୟଗିରି,୯।୧୦**

କନ୍ଧମାଳଜିଲା ବେଲଘରଗ୍ରାମପଞ୍ଚାୟତର ଏକ ଆବାସିକ ଉଚ୍ଚ ବାଳିକା ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ମୃତ ଶିଶୁ ଜନ୍ମ ପରେ ଗୁରୁବାର ଛାତ୍ରୀଙ୍କ ମଧ ମୃତ୍ୟୁ ଘଟିଥିଲା। ସନ୍ତାନ ପ୍ରସବ ଏବଂ ପରେ ମା ଓ ଶିଶୁଙ୍କ ମୃତ୍ୟୁ ଘଟଣାର ଅନୁଧ୍ୟାନ କରିବା ପାଇଁ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଦିନିକିଆ ବେଲଘର ଗସ୍ତ କରି ଫେରିଛନ୍ତି। ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ସଭାପତି ସ୍ମୃତିରେଖା ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସୁରମା ପାଢୀଙ୍କ ନେତୃତ୍ୱରେ ଏକ ଟିମ ରବିବାର ଦିନିକିଆ ବେଲଘର ଗସ୍ତ କରିଥିଲେ। ଏହି ଟିମ ସକାଳୁ ବେଲଘରର ରାଙ୍ଗପାରୁ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ମୃତ ଛାତ୍ରୀଙ୍କ ପରିବାରକୁ ଭେଟିଛନ୍ତି। ଏଥିସହିତ ବେଲଘର ଥାନାରେ ବାଲିଗୁଡ଼ା ଏସ୍‌ଡିପିଓ ଓ ଜଣେ ଅତିରିକ୍ତ ଏସ୍‌ପିଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାପରେ ଜି.ଉଦୟଗିରି ଗସ୍ତ କରି ଛାତ୍ରୀ ଜଣକ ରହିଥିବା ସେବାସଦନ ଓ ଡାକ୍ତରଖାନା ଯାଇ ଘଟଣାର ଅନୁଧ୍ୟାନ କରିବେ। ଏହା ପରେ ଫୁଲବାଣୀ ଜିଲାପାଳଙ୍କ ସହ ଏ ନେଇ ଆଲୋଚନା କରିବା ପରେ ସେଠାରେ ଏକ ଖବରଦାତା ସମ୍ମିଳନୀର ଅନୁଷ୍ଠିତ କରିବାର କାର୍ଯ୍ୟକ୍ରମ ରହିଛି। ଘଟଣାରେ ଜିଲା ପ୍ରଶାସନର ସମ୍ପୂର୍ଣ୍ଣ ଅବହେଳା କାରଣରୁ ଏଭଳି ଘଟଣା ଘଟିଛି। ଏହାକୁ ଭାଜପା ଦୃଢ଼ ନିନ୍ଦା କରୁଛି। ମୃତ ଛାତ୍ରୀଙ୍କୁ ନ୍ୟାୟ ଦେବାସହ ଘଟଣାର ଠିକ ତଦନ୍ତ ପାଇଁ ଭାଜପା ଦାବି କରିଛି । ଅନ୍ୟପଟେ ଘଟଣାରେ ପ୍ରଶାସନ ପକ୍ଷରୁ ରାଙ୍ଗାପାରୁ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ମେଟ୍ରନଙ୍କୁ ନିଲମ୍ବନ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷକ, ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡାଣ୍ଟ ଓ ଏଏନ୍‌ଏମ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି।

# ଡେଙ୍ଗୁ ନିରାକରଣ ସଚେତନତା ବୈଠକ

**ଆର.ଉଦୟଗିରି, ୯।୧୦ (ଡି.ଏନ.ଏ.)**

ଗଜପତି ଜିଲା ମୋହନାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଏହାର ପ୍ରତିକାର ପାଇଁ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଦୀପ କୁମାର ପାତ୍ର, ଜିଲା ପବ୍ଲିକ୍ ହେଲଥ୍ ଅଫିସର ଡ. ମୁବାରକ ଅଲ୍ଲି, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ସିଦ୍ଧାର୍ଥ ଶଙ୍କର ଦାଶ ମୋହନାରେ ପହଞ୍ଚିଥିଲେ। ସ୍ଥାନୀୟ ବିଡିଓ ତପସ୍ୱିନୀ ହାଁସଦା, ମୋହନା ସରପଞ୍ଚ ସୁନିତା ମଳିକ, ସମିତିସଭ୍ୟ ବାଳକୃଷ୍ଣ ମଳିକ, ଡ.ଅଲ୍ଲି, ପରାମର୍ଶଦାତା ଦାଶଙ୍କ ସମେତ ଏମ୍‌କେସିଜି ଯୁବକ ସଂଘ କର୍ମକର୍ତ୍ତା, ଖବରଦାତାମାନେ ମିଳିତ ଭାବେ ଅଧିକାରୀମାନଙ୍କ ନିକଟରେ ଡ୍ରେନ୍ ଓ ରାସ୍ତାଘାଟର ଶୋଚନୀୟ ଅବସ୍ଥା ଏବଂ ଡେଙ୍ଗୁ ବ୍ୟାପିବାର ମୁଖ୍ୟ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହା ଉପରେ ଅଧିକାରୀମାନେ ଆଲୋଚନା କରିଥିଲେ। ସମସ୍ତ ଅଧିକାରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଯୁବକ ସଂଘ କର୍ମକର୍ତ୍ତା ଜଗନ୍ନାଥ ମନ୍ଦିର ସାହି, ପାତ୍ର ସାହି, ଖ୍ରୀଷ୍ଟିଆନ ସାହି, ମାଣିକେଶ୍ୱରୀ ସାହି, ବଜାର, ନାରାୟଣ ନଗର, ଥାନା ପରିସର, ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବୁଲି ଦେଖିବା ସହ ପ୍ଲାଷ୍ଟିକ ଡ୍ରମ୍, ଟ୍ରାକ୍ଟର ଟାୟାର ଓ ବକେଟରେ କିଛି ଦିନ ହେଲା ଜମି ରହିଥିବା ପାଣିକୁ ବାହାରେ ଢ଼ାଳିଥିଲେ। ଡେଙ୍ଗୁ ମଶାର ଉତ୍ପତ୍ତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ପରାମର୍ଶଦାତା, ବିଡିଓ, ପବ୍ଲିକ୍ ହେଲଥ୍ ଅଫିସର, ସମିତି ସଭ୍ୟ, ଡାକ୍ତର, ଖବରଦାତା, ଯୁବକ ସଂଘ ସମ୍ପାଦକଙ୍କ ଉପସ୍ଥିତିରେ ଯୁଦ୍ଧକାଳୀନ ଭିତ୍ତିରେ ଡେଙ୍ଗୁ ନିରାକରଣ ନିମନ୍ତେ ପ୍ରତ୍ୟେକ ସାହିରେ ଆବର୍ଜନା କୁଣ୍ଡ ରଖିବା, ଉମ୍ପିଗୃହ ନିର୍ମାଣ, ଡ୍ରେନ୍ ମରାମତି, ବିଭିନ୍ନ ସ୍ଥାନରେ ଜମି ରହିଥିବା ଅଳିଆ ଆବର୍ଜନା ସଫା କରିବା, ଜରୁରୀକାଳୀନ ଚିକିତ୍ସା ପାଇଁ ୨୪ଘଣ୍ଟିଆ ସେବା ଯୋଗାଇବା, ପ୍ରତ୍ୟେକ ସାହିରେ ଅଧିକାରୀମାନଙ୍କ ଉପସ୍ଥିତିରେ ସଭାକରି ଲୋକଙ୍କୁ ସଚେତନ କରାଯିବା, ଡାକ୍ତର ଉପସ୍ଥିତ ରହିବା, ଡାକବାଜି ଯନ୍ତ୍ର ଓ ପ୍ରଚାରପତ୍ର ମାଧ୍ୟମରେ ସଚେତନ କରାଇବା ଉପରେ ଆଲୋଚନା କରାଯାଇଥିଲା।



ବୈଠକରେ ଉପସ୍ଥିତ ଅଧିକାରୀ।